

ମହେଶ ବାବୁଙ୍କ ଫଟୋ ଲିକ୍
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-15 ♦THURSDAY ♦09 JULY 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୧୫ ♦ଗୁରୁବାର ♦୦୯ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ଶାନ୍ତି ଚୁକ୍ତି ରଦ୍ଦ, ପୁଣି ଆକ୍ରମଣ

■ ଅଙ୍କାରା/ୱାସିଂଟନ, ୮।୭ (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ପରିସ୍ଥିତି ଏବେ ଅତି ଭୟାନକ ରୂପ ଧାରଣ କରିବାକୁ ଯାଉଛି। ମାତ୍ର ତିନି ସପ୍ତାହ ପୂର୍ବରୁ ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ଶାନ୍ତି ଚୁକ୍ତି ଏବେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ତୁର୍କୀରେ ଆୟୋଜିତ ନାଟୋ ସମ୍ମିଳନୀରେ ଯୋଗଦେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅତି କ୍ରୋଧିତ ସ୍ୱରରେ ଇରାନ ସହିତ ଶାନ୍ତି ଚୁକ୍ତି ଶେଷ ହୋଇଥିବା ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଯୁଦ୍ଧବିରତି ମଧ୍ୟ ଶେଷ ହୋଇଛି। ଆଜି ରାତିରେ ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ କରାଯିବ ବୋଲି ସେ ପୁଣି ଥରେ ଧମକ ଦେଇଛନ୍ତି। ଏହା ସହିତ ଇରାନ ଉପରେ ଆର୍ଥିକ କଟକଣାକୁ ଅଧିକ ଦୃଢ଼ କରିବାକୁ ଘୋଷଣା କରି ଟ୍ରମ୍ପ କହିଛନ୍ତି ଯେ ଇରାନକୁ ତେଲ ବିକ୍ରି ପାଇଁ ଅନୁମତିକୁ ମଧ୍ୟ ବାତିଲ କରିଦେଇଛି।

ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ, ତାଙ୍କ ପାଇଁ ଏହି ଚୁକ୍ତିର ଆଉ କୌଣସି ମୂଲ୍ୟ ନାହିଁ ଏବଂ ସେ ଇରାନ ସହିତ ଆଉ କୌଣସି ସମ୍ପର୍କ ରଖିବାକୁ ଚାହାଁନ୍ତି ନାହିଁ। ଇରାନର ନେତାମାନଙ୍କୁ ଅତି ଦୁଷ୍ଟ, ନିଷ୍ଠୁର ଏବଂ ମାନସିକ ଅସୁସ୍ଥ ବୋଲି ଅଭିହିତ କରି ଟ୍ରମ୍ପ କହିଛନ୍ତି ଯେ, ସେମାନେ ସମ୍ପୂର୍ଣ୍ଣ ମିଥ୍ୟାବାଦୀ ଏବଂ ଯଦି ସେମାନଙ୍କ ପାଖରେ ପରମାଣୁ ଅସ୍ତ୍ର ଥାନ୍ତା, ତେବେ ସେମାନେ ନିଶ୍ଚିତ ଭାବେ ଏହାର ପ୍ରୟୋଗ କରିସାରନ୍ତେଣି। ଦୁଇ ଦେଶର ପ୍ରତିନିଧିଙ୍କ ମଧ୍ୟରେ ଚାଲିଥିବା ଆଲୋଚନାକୁ ସେ ସମ୍ପୂର୍ଣ୍ଣ ସମୟ ନଷ୍ଟ ବୋଲି କହିଛନ୍ତି। ତେବେ ଆଲୋଚନା ଜାରି ରହିବ ବୋଲି ସେ କହିଛନ୍ତି।

ଟ୍ରମ୍ପଙ୍କ ଧମକ ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ହଠାତ୍ ୬ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ହର୍ମୁଜ ପ୍ରଣାଳୀରେ ଓମାନ ଉପକୂଳ ଦେଇ ଭାରତ ଆସୁଥିବା ଏକ ବାଣିଜ୍ୟିକ ଜାହାଜ ସମେତ ତିନୋଟି ଜାହାଜ ଉପରେ ଇରାନ ଆକ୍ରମଣ କରିବା ପରେ ଏହି ସଙ୍କଟ ତୀବ୍ର ହୋଇଛି। ଏହାର ଜବାବରେ ଆମେରିକା ଗତ ରାତିରେ ଇରାନର ୮୦ରୁ ଅଧିକ ସାମରିକ ଘାଟି, କ୍ଷେପଣାସ୍ତ୍ର କେନ୍ଦ୍ର ଏବଂ ବନ୍ଦର ଉପରେ ପ୍ରଚଣ୍ଡ ବୋମାମାଡ଼ କରିଛି। ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ସପ୍ତାହ ବ୍ୟାପୀ ଚାଲିଥିବା ଅନ୍ତ୍ୟେଷ୍ଟିକ୍ରିୟା ସମୟରେ ହିଁ ଏହି ଆକ୍ରମଣ ହୋଇଛି। ଅପରପକ୍ଷରେ, ଇରାନ ମଧ୍ୟ ଜବାବୀ କାର୍ଯ୍ୟାନୁଷ୍ଠାନ ସ୍ୱରୂପ କୁୱେତ ଏବଂ ବାହରିନରେ ଥିବା ଆମେରିକାର ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରି ଆକ୍ରମଣ କରିଥିବା ଦାବି କରିଛି।



## ହର୍ମୁଜ୍‌ରେ ଭାରତୀୟ ତୈଳ ଜାହାଜକୁ ଫେରାଇଦେଲା ଇରାନ

ହର୍ମୁଜ୍ ପ୍ରଣାଳୀରେ ସାମରିକ ଉତ୍ତେଜନା ମଧ୍ୟରେ ଓମାନ ପ୍ରସ୍ତାବିତ ଅସ୍ଥାୟୀ ଜଳପଥ ବ୍ୟବହାର କରିବାକୁ ଯାଉଥିବା ଏକ ଭାରତୀୟ ତୈଳବାହୀ ଜାହାଜକୁ ଇରାନ ଫେରାଇ ଦେଇଛି। ଇରାନ ନିଜେ ନିର୍ଦ୍ଧାରଣ କରିଥିବା ଜଳପଥ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛି। ଖବର ଅନୁଯାୟୀ, ଓମାନ ଉପକୂଳ ଦେଇ ଯାଉଥିବା ଅସ୍ଥାୟୀ ଜଳପଥରେ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ଜାହାଜକୁ ଇରାନର ସୁରକ୍ଷା ବାହିନୀ (ଆଇଆରଜିସ୍) ବେତାର ବାର୍ତ୍ତା ମାଧ୍ୟମରେ ଫେରିଯିବାକୁ କହିଥିଲା। ଏହି ଅସ୍ଥାୟୀ ଜଳପଥକୁ ଗତ ▶ପୃଷ୍ଠା-୭

## ଦୋହଲିଗଲା ପୁଞ୍ଜିବଜାର

# ବୁଡ଼ିଗଲା ୧୦ ଲକ୍ଷ କୋଟି

■ ମୁମ୍ବଇ, ୮।୭ (ଏଜେନ୍ସି): ବୁଧବାର ଭାରତୀୟ ସେୟାର ବଜାରକୁ ଲାଗିଛି ବଡ଼ ଝଟ୍‌କା। ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧବିରତି ସମାପ୍ତ ହେବାର ଘୋଷଣା ପରେ ଭାରତୀୟ ଇକ୍ୱିଟି ବେଞ୍ଚମାର୍କ ସୂଚକାଙ୍କ ସେନ୍‌ସେକ୍ସ ଏବଂ ନିଫ୍‌ଟି କ୍ରାସ କରିଯାଇଛି। ଏହି ଘୋଷଣା ସହ ଘରୋଇ ପୁଞ୍ଜି ବଜାରରେ ହାହାକାର ସୃଷ୍ଟି ହୋଇଛି। ଫଳରେ ଆଜି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସରେ ୧,୬୭୭.୧୨ ପଏଣ୍ଟ ହ୍ରାସ ଘଟିଛି। ବଜାର ଅସ୍ଥିରତା ମଧ୍ୟରେ ପ୍ରବଳ ବିକ୍ରିବଟା ଯୋଗୁଁ ନିବେଶକଙ୍କ ସମ୍ପତ୍ତିରେ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କା ହ୍ରାସ ଘଟିଛି।

ମଧ୍ୟପ୍ରାଚ୍ୟ ଅସ୍ଥିରତା ମଧ୍ୟରେ ଆଜି ମାତ୍ର ୨୦ ମିନିଟ୍ ମଧ୍ୟରେ ଘରୋଇ ପୁଞ୍ଜି ବଜାରରେ ୧୦୦୦ ପଏଣ୍ଟ ହ୍ରାସ ପାଇଛି। ଏହାଫଳରେ ସେନ୍‌ସେକ୍ସ ଏବଂ ନିଫ୍‌ଟି ଉଭୟରେ ୨%ରୁ ଅଧିକ ହ୍ରାସ ଘଟିଛି। ଅପରାହ୍ନରେ କାରବାର ଶେଷ ବେଳକୁ ସେନ୍‌ସେକ୍ସରେ ୧,୬୭୭.୧୨ ପଏଣ୍ଟ ହ୍ରାସ ଘଟି ୭୬,୫୦୩.୬୦ ପଏଣ୍ଟରେ ବନ୍ଦ ହୋଇଥିବାବେଳେ ନିଫ୍‌ଟିରେ ୫୧୬.୬୫ ପଏଣ୍ଟ ହ୍ରାସ ପାଇ ୨୩,୮୮୨.୦୫ ପଏଣ୍ଟ ସ୍ତର ତଳକୁ ଖସିଯାଇଛି। ଏହାଫଳରେ ବିଏସ୍‌ଇ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜି ପ୍ରାୟ ୪୭୦ ଲକ୍ଷ କୋଟି ଟଙ୍କାକୁ ହ୍ରାସ



## ଅଶୋଧିତ ତେଲ ଛୁଇଁଲା ୮୦ ଡଲାର୍

ପାଇଛି। ଦିନ ଯାକର କାରବାରରେ ସେନ୍‌ସେକ୍ସ ୧୯୦୦ ପଏଣ୍ଟରୁ ଅଧିକ ଖସିଥିବାବେଳେ ନିଫ୍‌ଟିରେ ୫୯୩ ପଏଣ୍ଟ ହ୍ରାସ ହୋଇଛି। ଆଜି ସେନ୍‌ସେକ୍ସର ସମସ୍ତ ଷ୍ଟକ୍ ମୂଲ୍ୟରେ ହ୍ରାସ ଦେଖିବାକୁ ମିଳିଛି। ବୁଧବାର ସକାଳେ ହ୍ରାସ ସହିତ ବଜାର ଖୋଲିଥିବାବେଳେ ଅପରାହ୍ନରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଯୁଦ୍ଧ ବିରତି ସମ୍ପର୍କିତ ବିବୃତ୍ତି ସେୟାର ବଜାରରେ ବଡ଼ ହ୍ରାସ ଘଟାଇଛି। ଏଥିଯୋଗୁ ଆଜି ସମସ୍ତ କ୍ଷେତ୍ରର ନିଫ୍‌ଟି ସୂଚକାଙ୍କ ତଳମୁହାଁ ରହିଥିଲା। ବ୍ୟାଙ୍କିଙ୍ଗ ଏବଂ ଏଫ୍‌ଏମ୍‌ସିଜି ଷ୍ଟକ୍ ସର୍ବାଧିକ ଚାପଗ୍ରସ୍ତ ଥିବାବେଳେ ପିଏସ୍‌ୟୁ ▶ପୃଷ୍ଠା-୭

# ଆଜି ହୀରାକୁଦ ଜଳଭଣ୍ଡାରରୁ ପ୍ରଥମ ବନ୍ୟାଜଳ ନିଷ୍କାସନ

■ ସମ୍ବଲପୁର, ୮।୭ (ସମିସ): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଗତ କେଇଦିନ ହେବ କ୍ରମାଗତ ଭାବେ ବୃଦ୍ଧି ପାଉଛି। ଉପରମୁଣ୍ଡରେ ବର୍ଷା ଓ ଛତିଶଗଡ଼ର କଲମା ବ୍ୟାରେଜ୍‌ର ସମସ୍ତ ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି। ହୀରାକୁଦ ନଦୀବନ୍ଧରେ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରଖିବାକୁ ଥିବାବେଳେ ଗତକାଲିଠାରୁ ତାହା ଏହି ରେଖା ପାରି କରିଛି। ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ଆସନ୍ତାକାଲି ୯ ତାରିଖ ପୂର୍ବାହ୍ଣ ୧୧ଟାରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବାକୁ ନିଷ୍ପତ୍ତି ନେଇଛନ୍ତି। ତଦନୁଯାୟୀ ଡାକବାଜି ଯନ୍ତ୍ର ସାହାଯ୍ୟରେ ହୀରାକୁଦ ଡ୍ୟାମ୍ ଅବବାହିକା ଅଞ୍ଚଳରେ



ଜନସାଧାରଣଙ୍କୁ ସଚେତନ କରାଯାଉଛି। ବନ୍ୟାଜଳ ନିଷ୍କାସନ ସମୟରେ ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ଗତବର୍ଷ ୨୦୨୫ ମସିହା ଜୁଲାଇ ୮ ତାରିଖ ଆଜିର ଦିନରେ ହୀରାକୁଦ ଜଳସ୍ତର ୬୦୭.୮୫ ଫୁଟ୍ ରହିଥିଲା। ଆଜି ବୁଧବାର ୮ ତାରିଖ ସନ୍ଧ୍ୟା ୬ଟା ସମୟରେ ▶ପୃଷ୍ଠା-୭

# 'ପିନାକା'ର ସଫଳ ପରୀକ୍ଷଣ


■ ବାଲେଶ୍ୱର, ୮।୭ (ସମିସ): ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ଆଉ ଏକ ଉଲ୍ଲେଖନୀୟ ସଫଳତା ମିଳିଛି। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥାନ (ଡିଆରଡିଓ) ପକ୍ଷରୁ ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ (ଆଇଟିଆର)ରେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଲଙ୍ଗ ରେଞ୍ଜ ଗାଇଡେଡ୍ ରକେଟ 'ପିନାକା'ର ସଫଳ ପରୀକ୍ଷଣ କରାଯାଇଛି। ଏହି ପରୀକ୍ଷଣ ଦ୍ୱାରା ଦୂରଗାମୀ ଲକ୍ଷ୍ୟ ଭେଦ ପାଇଁ ସଠିକ୍ ଗାଇଡେଡ୍ ରକେଟ ବିକାଶ କ୍ଷେତ୍ରରେ ଭାରତର ସ୍ୱଦେଶୀ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟାର ସାମର୍ଥ୍ୟ ପୁଣିଥରେ ପ୍ରମାଣିତ ହୋଇଛି। ଏହି ପରୀକ୍ଷଣ ସମୟରେ ରକେଟ ବ୍ୟବହାରକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ୬୦ କିଲୋମିଟର ଦୂରତାରେ ଥିବା ଲକ୍ଷ୍ୟ ଭେଦ ପାଇଁ ପ୍ରକ୍ଷେପଣ କରାଯାଇଥିଲା। ପ୍ରକ୍ଷେପଣ ▶ପୃଷ୍ଠା-୭



# ଆଜି ଆସୁଛନ୍ତି ଉପରାଷ୍ଟ୍ରପତି

## ଓଡିଶା ଗଭୀର ସମୁଦ୍ର ମାଛଧରା ମିଶନର କରିବେ ଶୁଭାରମ୍ଭ


■ ଭୁବନେଶ୍ୱର, ୮।୭ (ସମିସ): ଆସନ୍ତାକାଲି ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ଭାରତର ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍। ଭାରତ ସରକାରଙ୍କ ମତ୍ସ୍ୟପାଳନ, ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରାଳୟ ପକ୍ଷରୁ ସ୍ଥାନୀୟ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଗଭୀର



ସମୁଦ୍ରରୁ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ ମତ୍ସ୍ୟଜୀବୀଙ୍କୁ ପ୍ରାଧିକରଣ ପତ୍ର ବଣ୍ଟନ କରିବା ସହ 'ଓଡିଶା ଗଭୀର ସମୁଦ୍ର ମାଛଧରା ମିଶନ'ର ଶୁଭାରମ୍ଭ କରିବେ। ଓଡିଶା ଗଭୀର ସମୁଦ୍ର ମାଛଧରା ମିଶନ କାର୍ଯ୍ୟକାରୀ ହେବା ଦ୍ୱାରା ଓଡିଶାର ମତ୍ସ୍ୟଜୀବୀମାନେ ୩୭୦ କିଲୋମିଟର ସୀମା ମଧ୍ୟରେ ମାଛଧରି ▶ପୃଷ୍ଠା-୭

# ବୁଢାବଲଙ୍ଗରେ ଭାସିଯାଇଥିବା ଯୁବକଙ୍କ ମୃତଦେହ ଉଦ୍ଧାର

■ ବେତନଟୀ, ୮।୭ (ସମିସ): ବୁଢାବଲଙ୍ଗ ନଦୀର ନାଖରା ପୋଲ ନିକଟରେ ଗାଧୋଇବା ସହ ରିଲ୍ସ ଭିଡିଓ କରୁଥିବା ସମୟରେ ନଦୀ ସୁଅରେ ଭାସିଯାଇ ନିଖୋଜ ହୋଇଥିବା ଯୁବକଙ୍କ ମୃତଦେହ ଦୀର୍ଘ ୨୦ ଘଣ୍ଟା ପରେ ମିଳିଛି। ଗତକାଲି ବାଲେଶ୍ୱର ଜିଲ୍ଲାର ପାଞ୍ଚ ଜଣ ଯୁବକ ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ବୁଢ଼ାବଲଙ୍ଗ ନଦୀର ନାଖରା ପୋଲ ତଳେ ଗାଧୋଉଥିବା ସମୟରେ ରିଲ୍ସ ଭିଡିଓ ସୁଟିଙ୍ଗ କରୁଥିଲେ। ଏହି ସମୟରେ ଅସାବଧାନତାବଶତଃ ବାଲେଶ୍ୱର ଜିଲ୍ଲା ବୁଆଁଳ ଅଞ୍ଚଳର ଆକାଶ କୁମାର ଜେନା (ଯୁକ୍ତ ଦୁଇ ଛାତ୍ର) ନଦୀ ସୁଅରେ ଭାସି ଯାଇଥିଲେ। ତୁରନ୍ତ ଖୋଜାଖୋଜି ଆରମ୍ଭ ହୋଇଥିଲା ଏବଂ ଓଡ୍ରାଫ ଓ ଅଗ୍ନିଶମ ବାହିନୀ ଟିମ୍ ▶ପୃଷ୍ଠା-୭



## ୧୪ ଜୁଆଙ୍ଗଙ୍କ ଜୀବନ ଯିବା ପରେ ଚେତିଲେ ସରକାର

# ପ୍ରବାସୀ ଶ୍ରମିକଙ୍କ ହିସାବ ରଖାଯିବ

### ରାଜ୍ୟ ବାହାରେ ଥିବା ଶ୍ରମିକଙ୍କ ସମସ୍ତ ତଥ୍ୟ ସଂଗ୍ରହ ହେଉଛି: ଶ୍ରମମନ୍ତ୍ରୀ

### କାର୍ଯ୍ୟଦକ୍ଷତା ଭିତ୍ତିରେ ଦିଆଯିବ କର୍ମନିଯୁକ୍ତି

### ରାଜ୍ୟସାରା ଦଲାଲ୍ ସକ୍ରିୟ ଥିବା ନେଇ କଲେ ସ୍ୱୀକାର

### ବୈଠକରେ ସୀମିତ ଟାସ୍କଫୋର୍ସ ଭୂମିକା

■ ଭୁବନେଶ୍ୱର, ୮।୭ (ସମିସ): ରାଜ୍ୟରେ କ୍ଷମତାକୁ ଆସିଲେ ଓଡ଼ିଶାକୁ ଦାଦନମୁକ୍ତ କରାଯିବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଥିଲା। ସରକାରକୁ ଆସିବା ପରେ ଏ କ୍ଷେତ୍ରରେ ଏକ ଟାସ୍କଫୋର୍ସ ଗଠନ ବି ହୋଇଥିଲା। ମାତ୍ର ୨ ବର୍ଷ ବିତିବା ପରେ ମଧ୍ୟ ଟାସ୍କ ଫୋର୍ସର ଭୂମିକା କେବଳ ବୈଠକ ମଧ୍ୟରେ ସୀମିତ ରହିଛି। ଟାସ୍କ ଫୋର୍ସର ଅଧ୍ୟକ୍ଷ ତଥା ଉପମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରୁ ସର୍ବାଧିକ ଦାଦନ ଚାଲାଣ ହୋଇଥିବା ରିପୋର୍ଟ ଆସିଥିବାବେଳେ ଏବେ କେନ୍ଦୁଝର ଜିଲ୍ଲାର ୧୫ ଶ୍ରମିକ ତାମିଲନାଡୁ ଗ୍ୟାସ ଟ୍ରାଜେଡ଼ିର ଶିକାର ହୋଇ ପ୍ରାଣ ହରାଇବା ସରକାରଙ୍କ ପାରିବା ପଣିଆ ଉପରେ ପ୍ରଶ୍ନ ଉଠାଇଛି। ଏହି ସମୟରେ ରାଜ୍ୟ ବାହାରେ କାମ କରୁଥିବା ଦାଦନ ଶ୍ରମିକଙ୍କୁ ଚିହ୍ନଟ କରି ସେମାନଙ୍କୁ ଓଡ଼ିଶା ଫେରାଇ ଅଣାଯିବ ଓ ସେମାନଙ୍କୁ କର୍ମନିଯୁକ୍ତି ଯୋଗାଇ ଦିଆଯିବ ବୋଲି ଘୋଷଣା କରିଛନ୍ତି ଶ୍ରମମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ। ରାଜ୍ୟ ବାହାରେ ଥିବା ଦାଦନ ▶ପୃଷ୍ଠା-୭

# ଓଡ଼ିଶା ହାତରୁ ଖସି ନ ଯାଉ ଶଙ୍ଖାମେଦି

## ଏସ୍‌ଆଇଆର ପ୍ରକ୍ରିୟାରେ ୨୬୮ ଭୋଟର ପଶ୍ଚିମବଙ୍ଗରେ ପଞ୍ଜିକୃତ

■ ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୮।୭ (ସମିସ): ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତରେ ଥିବା ଭୋଗରାଇ ବ୍ଲକର ଶଙ୍ଖାମେଦି ଗାଁକୁ ନେଇ ପୁଣି ଥରେ ସୀମା ବିବାଦ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସମ୍ପ୍ରତି ଅନୁଷ୍ଠିତ ସ୍ୱତନ୍ତ୍ର ଭୋଟର ଯାଞ୍ଚ (ଏସ୍‌ଆଇଆର) ପ୍ରକ୍ରିୟା ବେଳେ ଏହି ଗାଁର ୨୬୮ ଜଣ ବାସିନ୍ଦାଙ୍କ ନାମ ପୂର୍ବରୁ ପଶ୍ଚିମବଙ୍ଗର ଭୋଟର ତାଲିକାରେ ପଞ୍ଜୀକୃତ ଥିବା ଜଣାପଡ଼ିଛି। ଏହି ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଭୀର ଉଦ୍‌ବେଗ ସୃଷ୍ଟି କରିବା ସହିତ ଓଡ଼ିଶାର ସୀମା ସୁରକ୍ଷା ଓ ପ୍ରଶାସନିକ ଅଧିକାରକୁ ନେଇ ନୂଆ ପ୍ରଶ୍ନ ଉଠାଇଛି। ଏହାକୁ ନେଇ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଆଜି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ପଶ୍ଚିମବଙ୍ଗ ସୀମାନ୍ତରେ ଥିବା ଶଙ୍ଖାମେଦୀ ଗାଁ ଓଡିଶା ହାତରୁ ଖସି ନଯାଉ ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରନ୍ତୁ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀଙ୍କଠାରେ ଦାବି ଜଣାଇଛନ୍ତି।

### ରାଜସ୍ୱ ମନ୍ତ୍ରୀଙ୍କ ସହ ଆଲୋଚନା କରି ଓଡ଼ିଶା ସରକାରଙ୍କ ହସ୍ତକ୍ଷେପ ଦାବି କଲେ ବିଧାୟକ ଗୌତମବୁଦ୍ଧ

ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗ ସୀମାନ୍ତ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଶଙ୍ଖାମେଦି ଗ୍ରାମର ଲୋକେ ବର୍ଷ ବର୍ଷ ଧରି ଓଡ଼ିଶା ସରକାରଙ୍କ ଅଧୀନରେ ରହି ଆସୁଛନ୍ତି। ଅଧିକାଂଶ ଲୋକ ଓଡ଼ିଆ ଭାଷାଭାଷୀ। ସେମାନଙ୍କ ପିଲାମାନେ ସେଠାରେ ଥିବା ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ଥାପିତ ବିଦ୍ୟାଳୟରେ ପାଠ ପଢ଼ନ୍ତି। ପରିବାରଗୁଡ଼ିକ ଓଡ଼ିଶା ସରକାରଙ୍କ ରାସନ ବ୍ୟବସ୍ଥା ସହିତ ବିଭିନ୍ନ ସରକାରୀ ସୁବିଧା ପାଉଛନ୍ତି ଏବଂ ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟ ମଧ୍ୟ ଓଡ଼ିଶା ସହିତ ଜଡ଼ିତ। ତଥାପି ସେମାନଙ୍କ ନାମ ପଶ୍ଚିମବଙ୍ଗର ଭୋଟର ତାଲିକାରେ ରହିଥିବାରୁ ସେମାନେ ଓଡ଼ିଶାରେ ଭୋଟ ଦେବା ଅଧିକାରରୁ ବଞ୍ଚିତ ହେବାର ଆଶଙ୍କା ଦେଖାଦେଇଛି। ରାଜନୈତିକ ଏବଂ ପ୍ରଶାସନିକ ମହଲରେ ଏହି ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହ ଦେଖାଯାଉଛି। ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତ ଅନୁସାରେ, ଯଦି ଏହି ପରିସ୍ଥିତିର ସମାଧାନ ଶୀଘ୍ର ନ କରାଯାଏ, ତେବେ ଶଙ୍ଖାମେଦି ଉପରେ ପଶ୍ଚିମବଙ୍ଗର ▶ପୃଷ୍ଠା-୭


SINCE 1999 SYNERGY

SYNERGY
Accredited by NBA, New Delhi
(Approved AICTE, New Delhi, Affiliated to BPUT, Odisha & Affiliated to SCTE&VT, Odisha)
Dhenkanal & Bhubaneswar (Phulnakhara)
Celebrating Glorious 26 Years

NBA NATIONAL BOARD of ACCREDITATION ACCREDITED

Admission 2026

For B.Tech. Regular | B.Tech. Lateral Entry | Working Professionals

Apply Now >
Through the website synergyinstitute.net/admission

OUR ACADEMIC PARTNERS
coursera | futureskills prime (A MeitY - NASSCOM Digital Skilling Initiative) | campus connect (An Infosys Industry-Academia Partnership Program)

SPECIALISATION COURSES

Computer Science & Engineering
- Cloud Computing & Data Science
- Data Engineering & Mainframe Dev.
- Cyber Security & Analyst
- Block Chain Technology
- Embedded System & Industrial IOT
- Data Science & Big Data
- Artificial intelligence & Machine Learning
- Image & Video Processing
- UI Design & Mobile App Development
- Web Development Application Design
- Augmented Reality & Virtual Reality
- Full Stack Development

Electrical Engineering
MATLAB & Simulink | Installation & Maintenance of Solar Power | PLC, SCADA | Energy Management | Electrical Equipment Repair & Maintenance | Industrial Automation

Mechanical Engineering
Hybrid Electric Vehicle Design | AutoCAD | Solid Works | Ansys | CNC Milling & Turning | Robotics | 3D Printing | Advance Welding | Performance analysis of Bio fuels

Civil Engineering
Revit | Mat Lab | Manual Engineering Drawing | Introduction to architectural designing | 3D Max. | GIS

B.Tech. & B.Tech. Lateral Entry
Courses : Computer Science | Computer Science with AI&ML | Mechanical | Civil | Electrical

Providing Professional Certificate Courses along with B.Tech Programs (Collaboration with COURSERA )

Google IBM Meta INTUIT HubSpot salesforce

Placement Highlights
2025-2026 | 22 Recruiters | 292 contd.
2024-2025 | 26 Recruiters | 267 + offers
2023-2024 | 33 Recruiters | 297 + offers
2022-2023 | 28 Recruiters | 244 + offers
2021-2022 | 25 Recruiters | 282 + offers

We provide PLACEMENT opportunities to eligible students those who have minimum 60% career, 90% attendance & no back papers

SOME OF OUR RECRUITERS...
accenture, AIRDIT SOFTWARE, Apptimate Software Pvt Ltd, Calibo, Capgemini, cognizant, Infosys, innostax, ORACLE, tcs, Ubona, wipro, Aceron, Jio, GMR, Tech Mahindra, EMERSON, MICHELIN, softtech, Deloitte, IBM and many more

FACILITIES & FEATURES
- State-of-the-art infrastructure
- Serene academic ambience
- Updated Labs
- 24x7 Internet facilities
- Digital Classrooms
- Multi storied Library
- Study tours
- Separate hostels for boys and girls
- Visiting faculties from reputed institutions
- Scholarships and Financial Aids
- Special Courses to Prepare Students for the Industry
- Internship & Placement facilities

B.Sc. NURSING
Approved by DMET, Health & Family Welfare Dept.,Govt. of Odisha

B.Sc. (ALL HONS.)
(Recognised by Higher Education Department, Govt. of Odisha)

DIPLOMA
(Approved AICTE, New Delhi & Affiliated to SCTE&VT, Odisha)

BBA
(Affiliated & Recognised by BPUT, Odisha)

Govt. Approved Course Fees
GOVT. SCHOLARSHIPS for the Meritorious / SC / ST / OBC Students.

We invite you to visit to our institute & discover our potentiality. SEEING IS BELIEVING

Contact Details
DKL - 6372024980, 7978909283, 63728 51685
BBSR - 9861575524, 9348352445, 9437169419
synergyinstitute.ac.in
synergyinstitute.net

# ଆର୍‌ଟିଓଙ୍କ ଘରେ ୧୩ କିଲୋ ସୁନା, ୯ କିଲୋ ରୁପା, ଦେଢ଼ କୋଟି ଟଙ୍କା



ଲକ୍ଷ୍ନୌ, ୮।୭(ଏଜେନ୍ସି): ଉତ୍ତର ପ୍ରଦେଶ ଭିଜିଲାନ୍ସ ବିଭାଗ ପକ୍ଷରୁ ଆଗ୍ରାର ପୂର୍ବତନ ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ (ଏଆର୍‌ଟିଓ) ଲଳିତ କୁମାରଙ୍କ ବାସଭବନରେ ଚଢ଼ଉ କରାଯାଇ ବିପୁଳ ପରିମାଣର ସମ୍ପତ୍ତି ଜବତ ହୋଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜୁଲାଇ ୭ ଏବଂ ୮ରେ ଲକ୍ଷ୍ନୌର ଅଲିଗଞ୍ଜ ସ୍ଥିତ ତାଙ୍କ ବାସଭବନରେ ଏହି ସର୍ଚ୍ଚ ଅପରେସନ କରାଯାଇଥିଲା। ଭିଜିଲାନ୍ସ ଟିମ୍ ଚଢ଼ଉ ସମୟରେ ଲଳିତ କୁମାରଙ୍କ ଘରର ବିଭିନ୍ନ ସ୍ଥାନରେ ବିଡ଼ା ବିଡ଼ା କରି ଲୁଚାଇ ରଖାଯାଇଥିବା ପ୍ରାୟ ୧.୬୨ କୋଟି ଟଙ୍କା ନଗଦ ଜବତ ହୋଇଥିଲା। ଏହା ବ୍ୟତୀତ, ତାଙ୍କ ଘରୁ ସୁନା ବିସ୍କୁଟ, ବାର୍ ଏବଂ ଅଳଙ୍କାର ଆକାରରେ ପ୍ରାୟ ୧୩ କିଲୋଗ୍ରାମ ସୁନା ଏବଂ ୯ କିଲୋଗ୍ରାମ ରୁପା ଉଦ୍ଧାର କରାଯାଇଛି। ସରକାରୀ ମୂଲ୍ୟ ଅନୁଯାୟୀ, ଜବତ ହୋଇଥିବା ଏହି ସୁନା ଓ ରୁପାର ଆନୁମାନିକ ମୂଲ୍ୟ ପ୍ରାୟ ୨୦ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି। ଚଢ଼ଉ ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବେଜ ମଧ୍ୟ ହାସଲ ହୋଇଛି। ସେଥିରେ ଅନେକ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିରେ ପୁଞ୍ଜି ନିବେଶର ବିବରଣୀ ରହିଛି। ପ୍ରାଥମିକ ତଦନ୍ତ ଅନୁଯାୟୀ, ଲଳିତ କୁମାରଙ୍କର ଲକ୍ଷ୍ନୌ, ନୋଏଡା, ବାରାବଙ୍କି ଏବଂ ରାଏବରେଲିରେ ଅତି କମରେ ୧୫ଟି ଜମିଜମା ରହିଛି। ଏଥିମଧ୍ୟରେ ଆବାସିକ ଗୃହ, ପ୍ଲଟ୍, କୃଷି ଜମି ଏବଂ ବିଳାସପୂର୍ଣ୍ଣ ଫ୍ଲାଟ୍ ଅନ୍ତର୍ଭୁକ୍ତ। ସେଗୁଡ଼ିକର ମୂଲ୍ୟ ପ୍ରାୟ ୧୩ କୋଟି ଟଙ୍କା ବୋଲି ଆକଳନ କରାଯାଇଛି। ଏହି ଘଟଣାରେ କାନପୁର ରେଞ୍ଜ୍ ଦୁର୍ନୀତି ନିବାରଣ ପୁଲିସ ଷ୍ଟେସନରେ ବିଭିନ୍ନ ଧାରା ଆଧାରରେ ମାମଲା ରୁଜୁ କରାଯାଇଛି। ଉଦ୍ଧାର କରାଯାଇଥିବା ଦସ୍ତାବେଜଗୁଡ଼ିକର ଯାଞ୍ଚ କରାଯାଉଛି। ଆଗାମୀ ଦିନରେ ଅଧିକ ତଥ୍ୟ ସାମ୍ନାକୁ ଆସିବା ପରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି।



## ଗୋଲ୍ଡିକୁ ଧରିବା ପାଇଁ ୫୦ ହଜାର ଡଲାର ପୁରସ୍କାର ଘୋଷଣା

ନୂଆଦିଲ୍ଲୀ, ୮।୭(ଏଜେନ୍ସି): ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ବିରୋଧରେ ଚାଲିଥିବା ଆନ୍ତର୍ଜାତିକ ଅଭିଯାନ ମଧ୍ୟରେ ଆମେରିକାର ସଂଘୀୟ ତଦନ୍ତ ସଂସ୍ଥା ଏଫ୍‌ବିଆଇ ଗୋଲ୍ଡି ବ୍ରାରଙ୍କ ଗିରଫ ସମ୍ପର୍କରେ ସୂଚନା ଦେଲେ ୫୦ ହଜାର ଡଲାର ପୁରସ୍କାର ଘୋଷଣା କରିଛି। ପଞ୍ଜାବର ଫରିଦକୋଟର ବାସିନ୍ଦା ଗୋଲ୍ଡି ବ୍ରାର, ଯାହାଙ୍କ ପ୍ରକୃତ ନାମ ସତିନ୍ଦରଜିତ୍ ସିଂହ, ଭାରତରେ ଏକାଧିକ ହତ୍ୟା, ଜବରଦସ୍ତି ଆଦାୟ, ଅସ୍ତ୍ର ଓ ମାଦକ ଚୋରାଚାଲାଣ ଭଳି ସଙ୍ଗଠିତ ଅପରାଧରେ ଅଭିଯୁକ୍ତ। ଲୋକପ୍ରିୟ ଗାୟକ ସିଦ୍ଧୁ ମୁସେୱାଲାଙ୍କ ହତ୍ୟା ଘଟଣାର ପ୍ରମୁଖ ଷଡ଼ଯନ୍ତ୍ରକାରୀ ଭାବେ ମଧ୍ୟ ତାଙ୍କ ନାମ ଉଠିଥିଲା। ଆମେରିକୀୟ ତଦନ୍ତ ସଂସ୍ଥାର ଅଭିଯୋଗ ଅନୁସାରେ ସେ ଉତ୍ତର ଆମେରିକାରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର କାର୍ଯ୍ୟକଳାପ ପରିଚାଳନା କରୁଥିଲେ। ହତ୍ୟା, ଅପହରଣ, ଜବରଦସ୍ତି ଆଦାୟ, ମାଦକ ଓ ଅସ୍ତ୍ର ଚୋରାଚାଲାଣ ଭଳି ଅଭିଯୋଗରେ ତାଙ୍କ ବିରୋଧରେ ମାମଲା ରହିଛି। ଗୋଲ୍ଡି ବ୍ରାରଙ୍କୁ ଧରିବା ପାଇଁ ଭାରତ ସମେତ ବିଭିନ୍ନ ଦେଶର ତଦନ୍ତକାରୀ ସଂସ୍ଥା ସକ୍ରିୟ ରହିଛନ୍ତି।

## ୟୁକ୍ରେନରେ ଭୟଙ୍କର ରାତ୍ରିକାଳୀନ ଆକ୍ରମଣ

କିଭ୍, ୮।୭(ଏଜେନ୍ସି): ରୁଷ ପକ୍ଷରୁ ରାତିସାରା ହୋଇଥିବା କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣରେ ୟୁକ୍ରେନରେ ତିନିଜଣଙ୍କ ମୃତ୍ୟୁ ଘଟିଛି। ଏହାର ପ୍ରତିକ୍ରିୟାରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣରେ ରୁଷରେ ମଧ୍ୟ ଜଣେ ପ୍ରାଣ ହରାଇଥିବା ଖବର ମିଳିଛି। ୟୁକ୍ରେନ ସେନାର ସୂଚନା ଅନୁଯାୟୀ, ରୁଷ ୧୬୯ ଡ୍ରୋନ୍ ଓ ୭ଟି କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା। ସେଥିରୁ ଅଧିକାଂଶ ଡ୍ରୋନକୁ ୟୁକ୍ରେନର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଧ୍ୱଂସ କରିଥିଲେ ମଧ୍ୟ କିଛି ଆକ୍ରମଣ କିଭ୍, ଖାର୍କିଭ୍ ଓ ଜାପୋରିଜିଆରେ କ୍ଷୟକ୍ଷତି ଘଟାଇଛି। ଅନ୍ୟପଟେ, ୟୁକ୍ରେନର ଡ୍ରୋନ୍ ଆକ୍ରମଣରେ ରୁଷର କିଛି ଶିଳ୍ପ ପ୍ରତିଷ୍ଠାନ ଓ ୨ଟି ତୈଳବାହୀ ଜାହାଜ କ୍ଷତିଗ୍ରସ୍ତ ହୋଇଥିବାବେଳେ ଜଣଙ୍କର ମୃତ୍ୟୁ ଓ ଅନେକ ଆହତ ହୋଇଥିବା ରୁଷ କହିଛି। ଉଭୟ ଦେଶ ପରସ୍ପର ଉପରେ ଆକ୍ରମଣ ଜାରି ରଖିଥିବାରୁ ଯୁଦ୍ଧ ପରିସ୍ଥିତି ଆହୁରି ଜଟିଳ ହୋଇପଡ଼ିଛି। ଲଗାତାର ଆକ୍ରମଣ ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ଓ ଆଞ୍ଚଳୀୟ ସୁରକ୍ଷା ପ୍ରତି ବିପଦ ବଢ଼ିଚାଲିଛି।

## ଅଟୋରେ ୪ ଶିଶୁଙ୍କୁ ଜନ୍ମଦେଲେ ମହିଳା, ସମସ୍ତଙ୍କର ମୃତ୍ୟୁ

ମାଣ୍ଡଲା, ୮।୭(ଏଜେନ୍ସି): ସମୟ ମତେ ଆମ୍ବୁଲାନ୍ସ ସେବା ନମିଳିବା କାରଣରୁ ମଧ୍ୟପ୍ରଦେଶର ମାଣ୍ଡଲା ସହରରେ ଜଣେ ଗର୍ଭବତୀ ମହିଳା ଅଟୋରିକ୍ସାରେ ହସ୍ପିଟାଲ ଯିବା ବାଟରେ ୪ ଜଣ ଅପରିପକ୍ୱ ଶିଶୁଙ୍କୁ ଜନ୍ମ ଦେଇଛନ୍ତି। ଚିକିତ୍ସା ଅଭାବରୁ ସମସ୍ତ ୪ ନବଜାତ ଶିଶୁଙ୍କର ମୃତ୍ୟୁ ଘଟିଛି। ମଙ୍ଗଳବାର ଦିନ ନାଇଗନୱା ଗ୍ରାମର ୨୮ ବର୍ଷୀୟା ରଜନୀ ସିନ୍ଧ୍ରାମଙ୍କୁ ହଠାତ୍ ପ୍ରସବ ବେଦନା ହୋଇଥିଲା। ପରିବାର ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ ମଧ୍ୟ ସେବା ଉପଲବ୍ଧ ହୋଇନଥିଲା। ବାଧ୍ୟ ହୋଇ ପରିବାର ଲୋକେ ଆଶାକର୍ମୀଙ୍କ ସହାୟତାରେ ତାଙ୍କୁ ଏକ ଅଟୋରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରୁ ତାଙ୍କୁ ବିଛିୟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା, ମାତ୍ର ବାଟରେ ହିଁ ମହିଳା ଜଣକ ଗୋଟିଏ ପରେ ଗୋଟିଏ ୪ଟି ସନ୍ତାନ ପ୍ରସବ କରିଥିଲେ। ହସ୍ପିଟାଲ ପହଞ୍ଚିବା ପରେ ଡାକ୍ତର ସମସ୍ତ ଶିଶୁଙ୍କୁ ମୃତ ଘୋଷଣା କରିଛନ୍ତି। ଡାକ୍ତରଙ୍କ ଅନୁଯାୟୀ, ମହିଳା ଜଣକ ପ୍ରାୟ ୭ ମାସର ଗର୍ଭବତୀ ଥିଲେ ଏବଂ ଶିଶୁମାନେ ସମ୍ପୂର୍ଣ୍ଣ ବିକଶିତ ହୋଇନଥିଲେ। ବର୍ତ୍ତମାନ ପ୍ରସୂତି ମହିଳାଙ୍କ ଅବସ୍ଥା ସ୍ଥିର ରହିଛି। ଆମ୍ବୁଲାନ୍ସ ସଠିକ୍ ସମୟରେ ପହଞ୍ଚିଥିଲେ ହୁଏତ ଏହି ନିଷ୍ପାପ ଶିଶୁମାନଙ୍କ ଜୀବନ ବଞ୍ଚିପାରିଥାନ୍ତା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ବ୍ରିଟେନ ସହ ପାକିସ୍ତାନର ଅଭୂତ ସର୍ତ୍ତ
## ଶିଶୁ ବଳାତ୍କାରୀକୁ ନେବୁ, ବଦଳରେ ମୁନୀରଙ୍କ ସମାଲୋଚକଙ୍କୁ ହସ୍ତାନ୍ତର କର

ଇସଲାମାବାଦ, ୮।୭(ଏଜେନ୍ସି): ବ୍ରିଟେନରେ ମୁକ୍ତ ହୋଇଥିବା ରୋଚଡେଲ୍ ଗ୍ୟାଙ୍ଗର କୁଖ୍ୟାତ ଶିଶୁ ବଳାତ୍କାରୀ ସାବିର ଅହମ୍ମଦ ଓରଫ 'ଡାଡି'ର ପ୍ରତ୍ୟାର୍ପଣକୁ ନେଇ ବ୍ରିଟେନ ଏବଂ ପାକିସ୍ତାନ ମଧ୍ୟରେ ଏକ ଅଜବ କୂଟନୈତିକ ବିବାଦ ସାମ୍ନାକୁ ଆସିଛି। ପାକିସ୍ତାନ ଏହି ଅପରାଧୀକୁ ନିଜ ଦେଶକୁ ଫେରାଇ ନେବା ପାଇଁ ପ୍ରସ୍ତୁତ ଥିବାବେଳେ, ବଦଳରେ ବ୍ରିଟେନରେ ରହୁଥିବା ପାକିସ୍ତାନୀ ସେନା ମୁଖ୍ୟ ଆସିମ ମୁନିରଙ୍କ ସମାଲୋଚକ ଓ ରାଜନୈତିକ ବିରୋଧୀଙ୍କୁ ଦେଶାନ୍ତର କରିବାକୁ ଦାବି କରିଛି। ବ୍ରିଟେନ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ୭୩ ବର୍ଷୀୟ ସାବିର ଅହମ୍ମଦକୁ ୨୦୧୨ରେ ଶିଶୁ ଯୌନ ଶୋଷଣ ଓ ବଳାତ୍କାର ମାମଲାରେ ୨୨ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଥିଲା ଏବଂ ପରେ ତାର ବ୍ରିଟିଶ ନାଗରିକତ୍ୱ ରଦ୍ଦ କରାଯାଇଥିଲା। ବ୍ରିଟେନର ପୁରୁଣା ଆଇନଗତ କଟକଣା ଯୋଗୁଁ ତାକୁ ସହଜରେ ପାକିସ୍ତାନ ପଠାଯାଇପାରୁ ନ ଥିଲା। ମାତ୍ର ବ୍ରିଟେନ ସରକାର ଏଥିପାଇଁ ଜରୁରୀକାଳୀନ ଆଇନ ଆଣିବାକୁ ଚେଷ୍ଟା କରୁଛନ୍ତି। ଏହାର ସୁଯୋଗ ନେଇ ପାକିସ୍ତାନ, ବ୍ରିଟେନରେ ଶରଣ ନେଇଥିବା ପୂର୍ବତନ ମନ୍ତ୍ରୀ ଶେହଜାଦ ଆକବର ଓ ପୂର୍ବତନ ସେନା ଅଧିକାରୀ ଆଦିଲ ରାଜାଙ୍କ ଭଳି ଭେଟେରାନ ବିରୋଧୀଙ୍କୁ ହସ୍ତାନ୍ତର କରିବାକୁ ଚାପ ପକାଉଛି। ସେମାନଙ୍କ ଉପରେ ସେନା ବିରୋଧୀ ପ୍ରଚାର କରିବାର ଅଭିଯୋଗ ରହିଛି। ଏହି ଆଲୋଚନାରେ ବ୍ରିଟେନ ପକ୍ଷରୁ ଭିସା କଟକଣା ଓ ପାଣ୍ଠି ରୋକିବା ଭଳି ଧମକ ଦିଆଯାଉଥିଲା।

**ବାରୁଇପୁର ନାବାଳିକା ଦୁଷ୍କର୍ମ, ହତ୍ୟା ମାମଲା**

## ଏନ୍‌କାଉଣ୍ଟରରେ ମୁଖ୍ୟ ଅଭିଯୁକ୍ତ ନିହତ



କୋଲକାତା, ୮।୭(ଏଜେନ୍ସି): ପଶ୍ଚିମବଙ୍ଗର ବାରୁଇପୁରରେ ଜଣେ ୧୨ ବର୍ଷର ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ପ୍ରଭାସ ମଣ୍ଡଳ ମଙ୍ଗଳବାର ଭୋର ସମୟରେ ପୁଲିସ ଏନକାଉଣ୍ଟରରେ ପ୍ରାଣ ହରାଇଛି। ଘଟଣାସ୍ଥଳୀରେ ରିକ୍ରିଏସନ ପାଇଁ ପୁଲିସ ତାକୁ ନେଇ ଯାଇଥିବା ବେଳେ ସେ ପୁଲିସର ବନ୍ଧୁକ ଛଡ଼ାଇ ଫେରାର ହେବାକୁ ଚେଷ୍ଟା କରିବା ସହ ଗୁଳି ଚଳାଇଥିଲା। ପୁଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ତାର ମୃତ୍ୟୁ ଘଟିଛି।

ପୁଲିସ ସୂଚନା ଅନୁଯାୟୀ, ଗତ ଜୁଲାଇ ୫ ତାରିଖରେ ନାବାଳିକାର ମୃତଦେହ ଏକ ପୋଖରୀରୁ ବସ୍ତା ଭିତରୁ ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବା ସହ ପୁଲିସ ଗାଡ଼ି ଭଙ୍ଗାରୁଜା କରିଥିଲେ। ଏହି ସମୟରେ ଗୁଜବ ଯୋଗୁଁ ଉତ୍ତ୍ୟକ୍ତ ଜନତା ଇନ୍ଦ୍ରଜିତ ମଣ୍ଡଳ ନାମକ ଜଣେ ନିରୀହ ବ୍ୟକ୍ତିଙ୍କୁ ମଧ୍ୟ ପିଟିପିଟି ହତ୍ୟା କରିଥିଲେ। ପରେ ପୁଲିସ ସ୍ପଷ୍ଟ କରିଥିଲା ଯେ ମୃତ ଇନ୍ଦ୍ରଜିତ ଏହି ଅପରାଧରେ ସାମିଲ ନଥିଲେ। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଘଟଣାର ପୁଲିସ ମହାନିର୍ଦ୍ଦେଶକଙ୍କୁ ୭୨ ଘଣ୍ଟା ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ନାବାଳିକା ଏବଂ ନିରୀହ ଇନ୍ଦ୍ରଜିତଙ୍କ ପରିବାରକୁ ନ୍ୟାୟ ପ୍ରଦାନର ପ୍ରତିଶ୍ରୁତି ଦିଆଯାଇଛି। ହିଂସାକାଣ୍ଡରେ ସାମିଲ ଥିବା ଏବଂ ପିଟିପିଟି ହତ୍ୟା କରିଥିବା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ଇତିମଧ୍ୟରେ ନିହତ ପ୍ରଭାସର ପରିବାର ତାଙ୍କ ମୃତଦେହ ନେବାକୁ ମନା କରିଦେଇଛନ୍ତି। ତାର ଅନ୍ତିମ ସଂସ୍କାର କରିବାକୁ ମଧ୍ୟ ମନା କରିଛନ୍ତି। ପ୍ରଭାସ ମାତା କହିଛନ୍ତି ଯେ ତାଙ୍କ ପୁଅ ଭୁଲ କରିଥିଲା ଏବଂ ଉଚିତ ଦଣ୍ଡ ମିଳିଛି।

## ଟିଏମ୍‌ସିର ୪୪୦ କୋଟି ଟଙ୍କାର ବ୍ୟାଙ୍କ ଖାତା ଜବତ

ନୂଆଦିଲ୍ଲୀ, ୮।୭(ଏଜେନ୍ସି): ଅର୍ଥ ହେରଫେର ନିବାରଣ ଆଇନ ଅନୁସାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତୃଣମୂଳ କଂଗ୍ରେସ(ଟିଏମ୍‌ସି)ର ତିନୋଟି ବ୍ୟାଙ୍କ ଖାତାରେ ଥିବା ପ୍ରାୟ ୪୪୦ କୋଟି ଟଙ୍କା ଜବତ କରିଛି। ବିମାନ ସେବା ସଂସ୍ଥା



ସହ ସନ୍ଦିଗ୍ଧ ଆର୍ଥିକ କାରବାରର ତଦନ୍ତ ପରେ ଏହି ପଦକ୍ଷେପ ନିଆଯାଇଛି। ତଦନ୍ତକାରୀ ସଂସ୍ଥାର ସୂଚନା ଅନୁଯାୟୀ, ଦଳର ବ୍ୟାଙ୍କ ଖାତାରୁ ପ୍ରାୟ ୧୬୦ କୋଟି ଟଙ୍କା ଏକ ବିମାନ ସେବା କମ୍ପାନୀ ଏବଂ ଏହାର ସହଯୋଗୀ ସଂସ୍ଥାକୁ ସ୍ଥାନାନ୍ତର କରାଯାଇଥିଲା। ସେହି ଅର୍ଥରେ ଏକ ବିମାନ ଓ ଏକ ହେଲିକପ୍ଟର କିଣାଯାଇଥିବା ବେଳେ ପରେ ସେଗୁଡ଼ିକୁ ପୁଣି ତୃଣମୂଳ କଂଗ୍ରେସକୁ ଭଡ଼ାରେ ଦିଆଯାଇଥିଲା। ଏହି କାରବାରର ପ୍ରକୃତ ଉଦ୍ଦେଶ୍ୟ ଏବଂ ଅର୍ଥର ବ୍ୟବହାରକୁ ନେଇ ତଦନ୍ତ ଜାରି ରହିଛି। ଅନ୍ୟପଟେ, ତୃଣମୂଳ କଂଗ୍ରେସ ଏହି କାର୍ଯ୍ୟାନୁଷ୍ଠାନକୁ ରାଜନୈତିକ ପ୍ରତିହିଂସା ବୋଲି ଅଭିଯୋଗ କରିଛି। ତେବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏହି ଆର୍ଥିକ କାରବାରର ଅଧିକ ତଦନ୍ତ ଜାରି ରଖିଛି।

# ସଂଶୋଧିତ ହେଲା ବିବାଦୀୟ ଏନ୍‌ସିଇଆର୍‌ଟି ପୁସ୍ତକ

ନୂଆଦିଲ୍ଲୀ, ୮।୭(ଏଜେନ୍ସି): ନ୍ୟାସନାଲ କାଉନସିଲ୍ ଅଫ୍ ଏଜୁକେସନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆର୍‌ଟି) ୮ମ ଶ୍ରେଣୀର ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକରେ ଅନେକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରି ଏହାର ଏକ ନୂତନ ସଂସ୍କରଣ ପ୍ରକାଶ କରିଛି। ସୁପ୍ରିମକୋର୍ଟଙ୍କ କଡ଼ା ଆଭିମୁଖ୍ୟ ଏବଂ ନ୍ୟାୟପାଳିକା ସମ୍ବନ୍ଧୀୟ ବିଷୟବସ୍ତୁକୁ ନେଇ ସୃଷ୍ଟି ହୋଇଥିବା ବିବାଦ ପରେ ଏହି ପଦକ୍ଷେପ ନିଆଯାଇଛି। ନୂତନ ପୁସ୍ତକର ପ୍ରଚ୍ଛଦ ପୃଷ୍ଠାରେ ସୁପ୍ରିମକୋର୍ଟଙ୍କୁ ସବୁଠାରୁ ଉପରେ ଏବଂ ସଂସଦକୁ ନିମ୍ନ ଭାଗରେ ସ୍ଥାନ ଦିଆଯାଇଛି। ପୂର୍ବ ସଂସ୍କରଣରେ ଥିବା ନ୍ୟାୟପାଳିକାରେ ଦୁର୍ନୀତି ଏବଂ ବିଚାରାଧୀନ ମାମଲାଗୁଡ଼ିକର ବୋଝ ବିଷୟରେ ଥିବା ଉଲ୍ଲେଖକୁ ସମ୍ପୂର୍ଣ୍ଣ ରୂପେ ହଟାଇ ଦିଆଯାଇଛି। ଏହା ବଦଳରେ ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ଭୂମିକା, ଜନସ୍ୱାର୍ଥ ମାମଲା, ଟ୍ରିବ୍ୟୁନାଲ ଏବଂ ବିବାଦ ସମାଧାନର ବିକଳ୍ପ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି।


ସୁପ୍ରିମକୋର୍ଟ ଏହି ପୁସ୍ତକକୁ ନେଇ ସୁପ୍ରିମ କୋର୍ଟଙ୍କ କଡ଼ା ଆଭିମୁଖ୍ୟ ପରେ ଏନ୍‌ସିଆର୍‌ଟି ଏଥିପାଇଁ କ୍ଷମା ପ୍ରାର୍ଥନା କରିଥିଲା। ଏହାସହିତ ବିବାଦୀୟ ଦେଶ ବିଭାଜନ ପ୍ରସଙ୍ଗରେ ମଧ୍ୟ ପାଠ୍ୟପୁସ୍ତକରେ ବଡ଼ ପରିବର୍ତ୍ତନ କରାଯାଇଛି। ନୂତନ ପୁସ୍ତକରେ ଉଲ୍ଲେଖ କରାଯାଇଛି ଯେ, ୧୯୪୭ ମସିହାରେ ଦେଶ ବିଭାଜନକୁ କଂଗ୍ରେସ ଆଗକୁ ବଢ଼ିବାର ଏକମାତ୍ର ବିକଳ୍ପ ଭାବେ ଗ୍ରହଣ କରିଥିଲା। ଏହି ବିଷୟ ଏବେ ମଧ୍ୟ ତର୍କର ବିଷୟ

- ହଟିଲା ବିବାଦୀୟ କୋର୍ଟ ପ୍ରସଙ୍ଗ
- ନରମିଲା ବିଭାଜନ ପ୍ରସଙ୍ଗ
- ଗାନ୍ଧୀ, ନେହରୁ, ଭଗତ ସିଂହଙ୍କ ଫଟୋ ଗାଏବ

ହୋଇ ରହିଛି। ପୂର୍ବରୁ ଥିବା ପୁସ୍ତକରେ ଗାନ୍ଧିଜୀ ଏବଂ ଅଧିକାଂଶ କଂଗ୍ରେସ ନେତା ବିଭାଜନକୁ ବିରୋଧ କରୁଥିଲେ ମଧ୍ୟ ଏହାକୁ ବାଧ୍ୟ ହୋଇ ଗ୍ରହଣ କରିଥିଲେ ବୋଲି ଲେଖାଥିଲା, ଯାହାକୁ ଏବେ ସଂଶୋଧିତ କରାଯାଇଛି। ସେହିପରି 'ସାମ୍ପ୍ରଦାୟିକ ଗଣହତ୍ୟା ସମୟରେ କଂଗ୍ରେସ ନେତାମାନେ ଅସହାୟ ଥିଲେ' ବୋଲି ଥିବା ବାକ୍ୟଟିକୁ ମଧ୍ୟ ହଟାଇ ଦିଆଯାଇଛି। ନୂତନ ସଂସ୍କରଣରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସମ୍ପର୍କିତ ବିଷୟବସ୍ତୁରୁ ଆଡଲଫ୍ ହିଟଲର ଏବଂ ନାଜିବାଦର ସମସ୍ତ ଉଲ୍ଲେଖକୁ ବାଦ୍ ଦିଆଯାଇଛି। ନେତାଜୀ ବ୍ରିଟିଶ ବିରୋଧୀ ଶକ୍ତିଙ୍କ ସାହାଯ୍ୟ ଲୋଡ଼ିଥିଲେ ବୋଲି ଏଥିରେ କୁହାଯାଇଛି। ଏହାସହିତ, ୧୯୨୫ ମସିହାରେ ବିନାୟକ ଦାମୋଦର ସାବରକରଙ୍କ ଦ୍ୱାରା 'ସ୍ୱରାଜ' ଦାବି ପ୍ରଥମେ ଉପସ୍ଥାପିତ କରାଯାଇଥିବା ଇତିହାସ ଅଧ୍ୟାୟରେ ସ୍ଥାନିତ କରାଯାଇଛି। ପୁସ୍ତକର ପ୍ରଚ୍ଛଦରୁ ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ ଏବଂ ଭଗତ ସିଂଙ୍କ ପରି ଅନେକ ଜାତୀୟ ନେତାଙ୍କ ଚିତ୍ର ଏବଂ ତାଜମହଲର ଚିତ୍ରକୁ ହଟାଇ ଦିଆଯାଇଛି। ପୂର୍ବରୁ ବିବାଦୀୟ ନ୍ୟାୟପାଳିକା ଅଧ୍ୟାୟ ପାଇଁ ଦାୟୀ ଥିବା ତିନିଜଣ ଏକାଡେମିକ୍ ବିଶେଷଜ୍ଞଙ୍କୁ ମଧ୍ୟ ବାଦ୍ ଦିଆଯାଇଛି। ପୂର୍ବ ପ୍ରକାଶିତ ପୁସ୍ତକରେ ନ୍ୟାୟିକ ଦୁର୍ନୀତି, ସ୍ୱାଣୁତା ଏବଂ ବିଚାରପତିଙ୍କ ବିରୋଧରେ ଅଭିଯୋଗ ବିଷୟରେ ଆଲୋଚନା କରାଯାଇଥିଲା। ଏନେଇ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବାର ମାସକ ପରେ ଏହି ସଂଶୋଧିତ ପାଠ୍ୟପୁସ୍ତକ ଆସିଛି। ଏହି ପ୍ରସଙ୍ଗର ସ୍ୱତଃସ୍ଫୂର୍ତ୍ତ ବିଚାର କରି, ସର୍ବୋଚ୍ଚ ନ୍ୟାୟାଳୟ ପୁସ୍ତକକୁ ପ୍ରକାଶନକୁ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଏନ୍‌ସିଇଆର୍‌ଟିକୁ ସୁଧାର କରି ନୂତନ ସଂସ୍କରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ବିଷ୍ଣୋଇ ଗ୍ୟାଙ୍ଗ୍‌କୁ ପ୍ରହାର
## ଏଫ୍‌ବିଆଇ ଅପରେସନ୍‌ରେ ଗିରଫ ହେଲେଣି ୨୪

ନୂଆଦିଲ୍ଲୀ, ୮।୭(ଏଜେନ୍ସି): ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ହରଦୀପ ସିଂହ ନିଜ୍ଜର ହତ୍ୟା ମାମଲାରେ ଆମେରିକା ଏକ ବଡ଼ ଦାବି କରିଛି। ଭାରତୀୟ ଜେଲରେ ଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଏବଂ ତାର ସହଯୋଗୀ ଗୋଲ୍ଡି ବ୍ରାର୍ କାନାଡାରେ ନିଜ୍ଜର ହତ୍ୟା ପାଇଁ ନିର୍ଦ୍ଦେଶ ଦେଇଥିବା ଆମେରିକା କୋର୍ଟରେ ଅଭିଯୋଗ ହୋଇଛି। ଏଥିସହିତ ଏଫ୍‌ବିଆଇର ଏକ ବଡ଼ ଅନ୍ତର୍ଜାତୀୟ ଅପରେସନ୍‌ରେ ବିଷ୍ଣୋଇ ଗ୍ୟାଙ୍ଗ ସମେତ ୩ଟି ଅପରାଧିକ ସଂଗଠନର ୨୪ ଜଣଙ୍କୁ



ଗିରଫ କରାଯାଇଛି। ଆମେରିକାର ନ୍ୟାୟ ବିଭାଗ ପକ୍ଷରୁ 'ଅପରେସନ୍ ହାର୍ଡ ବଲ୍' ଅଧୀନରେ ଆମେରିକା, କାନାଡା ଏବଂ ସ୍ପେନରେ ବ୍ୟାପକ ଚଢ଼ାଉ କରାଯାଇଥିଲା। ଏହି ଅପରେସନରେ ମୋଟ ୩୭ ଜଣଙ୍କ ବିରୋଧରେ ଅଭିଯୋଗପତ୍ର ଦାଖଲ କରାଯାଇଛି। କୋର୍ଟ ଦଲିଲ ଅନୁଯାୟୀ, ଜୁନ୍ ୨୦୨୩ରେ ବ୍ରିଟିଶ କଲମ୍ବିଆରେ ହୋଇଥିବା ନିଜ୍ଜର ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଥିଲା ବିଷ୍ଣୋଇ। ଜେଲରେ ଥାଇ ମଧ୍ୟ ସେ ମୋବାଇଲ୍ ସାହାଯ୍ୟରେ ବିଦେଶରେ ହତ୍ୟା, ବଳପୂର୍ବକ ଟଙ୍କା ଆଦାୟ ଓ ନିଶାଦ୍ରବ୍ୟ ଚୋରା ଚାଲାଣ ଭଳି ନେଟୱର୍କ ଚଳାଉଥିଲା। ବିଷ୍ଣୋଇ ଗ୍ୟାଙ୍ଗ ବ୍ୟତୀତ ଜଗୁ ଭଗବାନପୁରିଆ ଗ୍ୟାଙ୍ଗ ଏବଂ ରବିନ୍ଦର ସିଂହ ଧାନ୍ଦାର ଡ୍ରଗ୍ସ ସିଣ୍ଡିକେଟ୍ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପ୍ରଚୁର ପରିମାଣର କୋକେନ୍ ଓ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଏହ ଅନ୍ତର୍ଜାତୀୟ କାର୍ଯ୍ୟାନୁଷ୍ଠାନକୁ କାନାଡା ପୁଲିସ ଏବଂ ସ୍ଥାନୀୟ ପ୍ରଶାସନ ସ୍ୱାଗତ କରିଛନ୍ତି। ନିଜ୍ଜର ହତ୍ୟାକୁ ନେଇ ପୂର୍ବରୁ କାନାଡା ଏବଂ ଭାରତ ମଧ୍ୟରେ କୂଟନୈତିକ ବିବାଦ ଦେଖାଦେଇଥିଲା, ଯାହାକୁ ଭାରତ ସେତେବେଳେ ହାସ୍ୟାସ୍ପଦ ଓ ଉଦ୍ଦେଶ୍ୟମୂଳକ ବୋଲି ପ୍ରତ୍ୟାଖ୍ୟାନ କରିଥିଲା। ଏହି ସାମଗ୍ରିକ ଗିରଫଦାରୀ ପରେ ବିଦେଶରେ ସକ୍ରିୟ ଥିବା ଭାରତୀୟ ସଂଗଠିତ ଅପରାଧିକ ନେଟୱର୍କ ଉପରେ ଏକ ବଡ଼ ପ୍ରତିବନ୍ଧକ ଲଗାଯାଇପାରିଛି।

**ରାମ ମନ୍ଦିର ଚାନ୍ଦା ଚୋରି**

## ସିସିଟିଭି ଅବହେଳାରୁ ମହାଲୁଟ୍: ଜବତ ହେଲାଣି କୋଟିଏ



ଅଯୋଧ୍ୟା, ୮।୭(ଏଜେନ୍ସି): ଅଯୋଧ୍ୟାର ଶ୍ରୀରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ଚୋରି ମାମଲାରେ ଏସଆଇଟି ତଦନ୍ତରୁ ଜଣାପଡ଼ିଛି ଯେ ମନ୍ଦିରର ଦାନ ଗଣତି କେନ୍ଦ୍ରରେ ନିୟୋଜିତ କର୍ମଚାରୀମାନେ ସୁରକ୍ଷା ବ୍ୟବସ୍ଥାରେ ଥିବା ତ୍ରୁଟିର ସୁଯୋଗ ନେଇ ପ୍ରାୟ ୨ ରୁ ୩ କୋଟି ଟଙ୍କା ଚୋରି କରିଛନ୍ତି। ବର୍ତ୍ତମାନ ସୁଦ୍ଧା କୋଟିଏ ଟଙ୍କା ଜବତ ହେଲାଣି। ପ୍ରାରମ୍ଭରେ ୫୦୦ ଟଙ୍କିଆ ନୋଟ୍ ଚୋରିରୁ ଆରମ୍ଭ ହୋଇଥିବା ଏହି ଘଟଣା ପରବର୍ତ୍ତୀ ସମୟରେ ବଡ଼ ଆକାର ଧାରଣ କରିଥିଲା। ଦାନ ଗଣତି କାର୍ଯ୍ୟରେ ନିୟୋଜିତ ଥିବା ୬ ଜଣ କର୍ମଚାରୀ ମନ୍ଦିରରେ ଯୋଗ ଦେବାର ମାତ୍ର ୨ ରୁ ୩ ମାସ ମଧ୍ୟରେ ଏହି ଚୋରି ଆରମ୍ଭ କରିଥିଲେ। ସିସିଟିଭି କ୍ୟାମେରା ଉପରେ ଦୁର୍ବଳ ନଜର ଏବଂ ନିୟନ୍ତ୍ରଣ କକ୍ଷ ଖାଲି ରହିବାର ସୁଯୋଗ ନେଇ ସେମାନେ ପ୍ରଥମେ ନିଜ ପୋଷାକରେ ଲୁଚାଇ ଟଙ୍କା ବାହାରକୁ ନେଉଥିଲେ। ପରେ କୌଣସି ଧରାପଡ଼ିବା ଭୟ ନଥିବାରୁ ସେମାନେ ସମ୍ପୂର୍ଣ୍ଣ ଟଙ୍କା ବିଡ଼ା ଚୋରି କରିବାକୁ ଲାଗିଲେ। ସେମାନଙ୍କ ନିଯୁକ୍ତି ମଧ୍ୟ ମନ୍ଦିର ଟ୍ରଷ୍ଟ ସହିତ ଜଡ଼ିତ ବ୍ୟକ୍ତିଙ୍କ ସୁପାରିସ କ୍ରମେ ଷ୍ଟେଟ୍ ବ୍ୟାଙ୍କର ଏକ

**ଅବିନାଶ ମୁଖ୍ୟ ଅଭିଯୁକ୍ତ**

ବାହ୍ୟ ସଂସ୍ଥା ଜରିଆରେ ହୋଇଥିଲା। ମନ୍ଦିର ଟ୍ରଷ୍ଟ ଏବଂ ବ୍ୟାଙ୍କ ମଧ୍ୟରେ ଚୁକ୍ତି ଅନୁଯାୟୀ, ଗଣତି କେନ୍ଦ୍ରକୁ ପ୍ରବେଶ ଏବଂ ପ୍ରସ୍ଥାନ ସମୟରେ ବାୟୋମେଟ୍ରିକ ହାଜିରା ଏବଂ କଡ଼ା ଶାରୀରିକ ଯାଞ୍ଚ କରିବାର ନିୟମ ଥିଲା। କିନ୍ତୁ ସୁରକ୍ଷା ଅଧିକାରୀମାନେ ଏହି ଯାଞ୍ଚ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଅଣଦେଖା କରିଥିଲେ। ଚୋରି ହୋଇଥିବା ଏହି ଦାନ ଅର୍ଥରେ ଅଭିଯୁକ୍ତମାନେ ଅଯୋଧ୍ୟା ଏବଂ ଅନ୍ୟାନ୍ୟ ସ୍ଥାନରେ ଜମିବାଡ଼ି କିଣିଥିବା ଜଣାପଡ଼ିଛି। ଏସ୍‌ଆଇଟି ଏହାର ପ୍ରାଥମିକ ରିପୋର୍ଟରେ ଅବିନାଶ ଶୁକ୍ଲାକୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଯାଇଛି। ଗଣତି କେନ୍ଦ୍ରରେ ପ୍ରାୟ ୪୦ ଦିନ ଧରି ଚାଲିଥିବା ଚୋରି ଅପରେସନ୍‌ର ମୁଖ୍ୟ ସୂତ୍ରଧର ଥିଲା ଏବଂ ଏଥିରେ ଅନ୍ୟ ୫ ଜଣ କର୍ମଚାରୀ ତାକୁ ସହଯୋଗ କରୁଥିଲେ।


## ଉତ୍ତରାଖଣ୍ଡରେ ପ୍ରଳୟଙ୍କରୀ ବର୍ଷା

ହଲଦ୍ୱାନୀ, ୮।୭(ଏଜେନ୍ସି): ଉତ୍ତରାଖଣ୍ଡରେ ବୁଧବାର ପ୍ରବଳ ବର୍ଷା ବିପର୍ଯ୍ୟୟ ସୃଷ୍ଟି କରିଛି। ବର୍ଷା ଯୋଗୁଁ ଘଟିଥିବା ଭୂସ୍ଖଳନ ଯୋଗୁଁ ରାଜ୍ୟର ପ୍ରାୟ ୭୧ଟି ରାସ୍ତା ଅବରୋଧ ହୋଇଯାଇଛି। ପିଥୋରାଗଡ଼ ଜିଲ୍ଲାରେ ପାହାଡ଼ରୁ ପଥର ଖସିବାରୁ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ରାମଗଙ୍ଗା ନଦୀରେ ଏକ ୬୦୦ ମିଟର ଲମ୍ବର କୃତ୍ରିମ ହ୍ରଦ ସୃଷ୍ଟି ହୋଇଛି। ଏହା ଯୋଗୁଁ ତଳିଆ ଅଞ୍ଚଳରେ ଆକସ୍ମିକ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ହରଦିୟା ପାହାଡ଼ରୁ କ୍ରମାଗତ ଭାବେ ପଥର ଓ ମାଟି ଖସି ନଦୀ ଶଯ୍ୟାରେ ଜମା ହେବା ଯୋଗୁଁ ନଦୀର ଜଳପ୍ରବାହ ବାଧାପ୍ରାପ୍ତ ହୋଇଛି ଏବଂ ଆଖପାଖର ୫ଟି ଗାଁର ପ୍ରାୟ ୬୦୦ ରୁ ୭୦୦ ବାସିନ୍ଦା ଏବେ ବିପଦ ସଙ୍କୁଳ ଅବସ୍ଥାରେ ଅଛନ୍ତି। ନଦୀର ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ଅନେକ ଅସ୍ଥାୟୀ ପୋଲ ମଧ୍ୟ ଭାସିଯାଇଛି। ଡେରାଡୁନ, ନୈନିତାଲ, ହରିଦ୍ୱାର ଏବଂ ଚମ୍ପାୱତ ଭଳି ଅନେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି।

## ପୁଣେରେ କୋଠା ଭୁଶୁଡ଼ିଲା, ୧୫ ଜଣ ଫସିଥିବା ଆଶଙ୍କା

ମହାରାଷ୍ଟ୍ରର ପୁଣେ ଜିଲ୍ଲା ପିମ୍ପ୍ରି–ଚିଞ୍ଚୱାଡ଼ ଅଞ୍ଚଳରେ ତିନି ମହଲା ବିଶିଷ୍ଟ କୋଠା ଭୁଶୁଡ଼ି ପଡ଼ିଛି। ଏଥିରେ ପ୍ରାୟ ୧୫ ଜଣ ଧ୍ୱଂସାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି। ଏହି କୋଠାଟି ସହରର ଆବର୍ଜନାରୁ ଶକ୍ତି ଉତ୍ପାଦନ ପ୍ରକଳ୍ପର ପ୍ରଶାସନିକ କାର୍ଯ୍ୟାଳୟ ଥିଲା। ଲଗାଣ ବର୍ଷା ଯୋଗୁଁ ନିକଟସ୍ଥ ପୁରୁଣା ଆବର୍ଜନାର ବିରାଟ ଗଦା ଧସି ଆସି କୋଠା ଉପରେ ପଡ଼ିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଇଛି। ଘଟଣା ସମୟରେ କୋଠା ଭିତରେ ପ୍ରାୟ ୨୦ ଜଣ କର୍ମଚାରୀ ଥିଲେ। ସେମାନଙ୍କ ମଧ୍ୟରୁ ଚାରିଜଣ ସୁରକ୍ଷିତ ଭାବେ ବାହାରି ଆସିଥିବାବେଳେ ଅନ୍ୟମାନେ ଧ୍ୱଂସାବଶେଷ ତଳେ ଫସି ରହିଛନ୍ତି। ସେନା, ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ, ଅଗ୍ନିଶମ ବାହିନୀ, ପୁଲିସ ଓ ଚିକିତ୍ସା ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି।

# ପାର୍ବତ୍ୟାଞ୍ଚଳରେ ବାରମ୍ବାର କାହିଁକି ହେଉଛି ଭୂସ୍ଖଳନ?



ନୂଆଦିଲ୍ଲୀ, ୮।୭(ଏଜେନ୍ସି): କେରଳର ୱାୟାନାଡସ୍ଥିତ ମେପ୍ପାଡି ନିକଟରେ ଏକ ସୁଡ଼ଙ୍ଗ ସଡ଼କ ପ୍ରକଳ୍ପର ନିର୍ମାଣ ସ୍ଥଳରେ ଘଟିଥିବା ସଦ୍ୟତମ ଭୂସ୍ଖଳନ (ମାଟି ଧସିବା) ଘଟଣା ପୁଣି ଥରେ ସମଗ୍ର ଦେଶରେ ଚିନ୍ତା ବଢ଼ାଇ ଦେଇଛି। ଭାରତୀୟ ଭୂବିଜ୍ଞାନ ସର୍ବେକ୍ଷଣ ସଂସ୍ଥାର ତଥ୍ୟ ଅନୁସାରେ, ଦେଶର ପ୍ରାୟ ୧୩ ରୁ ୧୫ ପ୍ରତିଶତ ଅଞ୍ଚଳ (ପ୍ରାୟ ୪.୨ ଲକ୍ଷ ବର୍ଗ କିଲୋମିଟର) ଭୂସ୍ଖଳନ ପ୍ରବଣ ଅଟେ। ମୌସୁମୀ ବର୍ଷାର ପ୍ରଭାବ ଏବଂ ଅପରିଣାମଦର୍ଶୀ ମାନବୀୟ କାର୍ଯ୍ୟକଳାପ ଯୋଗୁଁ ଏହି ପ୍ରାକୃତିକ ବିପର୍ଯ୍ୟୟ ବାରମ୍ବାର ଦେଶର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରୁଛି।

ଭାରତ ସରକାରଙ୍କ ସାମରିକ ଓ ଭୂବିଜ୍ଞାନ ବିଶେଷଜ୍ଞଙ୍କ ଅନୁସାରେ, ଦେଶର ଭିନ୍ନ ଭିନ୍ନ ସ୍ଥାନରେ ମାଟି ଧସିବାର ଭୌଗୋଳିକ କାରଣ ପୃଥକ ଅଟେ। ହିମାଳୟ ପାର୍ବତ୍ୟ ଅଞ୍ଚଳରେ ହେଉଥିବା ଭୂସ୍ଖଳନର କାରଣ ଅନ୍ୟ ସ୍ଥାନଗୁଡ଼ିକଠାରୁ ଅଲଗା। ଏହା ପୃଥିବୀର ସବୁଠାରୁ କମ୍ ବୟସର ଏବଂ ସକ୍ରିୟ ପର୍ବତମାଳା ହୋଇଥିବାରୁ ଏଠାକାର ପଥର ଗୁଡ଼ିକ ଅତି ଭଙ୍ଗୁର ଓ ଅସ୍ଥିର। ବାରମ୍ବାର ଆସୁଥିବା ଭୂମିକମ୍ପ ଏବଂ ତାପମାତ୍ରା ବୃଦ୍ଧି ଯୋଗୁଁ ଗ୍ଲେସିୟର ବା ବରଫ ହ୍ରଦ ଫାଟିଯିବା ଦ୍ୱାରା ଏଠାରେ ବଡ଼ ଧରଣର ଭୂସ୍ଖଳନ ହୋଇଥାଏ। ସେହିପରି ଉତ୍ତର-ପୂର୍ବ ପାର୍ବତ୍ୟ ପ୍ରାନ୍ତରେ ମିଜୋରାମ ଏବଂ ଅରୁଣାଚଳ ପ୍ରଦେଶ ଭଳି ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଢାଲୁଆ ପାହାଡ଼ ରହିଛି। ପ୍ରବଳ ବର୍ଷା ଯୋଗୁଁ ଏହି ନରମ ପଥର ଗୁଡ଼ିକ ସହଜରେ ଧୋଇହୋଇ ଖସିପଡ଼େ।

ପଶ୍ଚିମଘାଟ ଏବଂ ନୀଳଗିରି ଅଞ୍ଚଳତ ଅର୍ଥାତ କେରଳ ଓ ମହାରାଷ୍ଟ୍ରରେ ପଥର ଅପେକ୍ଷା ମାଟିର ମୋଟା ସ୍ତର ରହିଛି। ମୌସୁମୀ ବର୍ଷା ସମୟରେ ଏହି ମାଟି ସ୍ପଞ୍ଜ ଭଳି ଅତ୍ୟଧିକ ପାଣି ଶୋଷି ନେଇ ଏକ ଭାରି କାଦୁଅର ସୁଅରେ ପରିଣତ ହୁଏ ଏବଂ ଶେଷରେ ଓଜନ ସହି ନପାରି ତଳକୁ ଖସିଆସେ। ପୁଣି ଜଳବାୟୁ ପରିବର୍ତ୍ତନ ଯୋଗୁଁ ବର୍ତ୍ତମାନ ମୌସୁମୀ ସମୟରେ କମ୍ ସମୟ ମଧ୍ୟରେ ଅତ୍ୟଧିକ ବାଦଲଫଟା ବର୍ଷା ହେଉଛି, ଯାହା ମାଟିର ସ୍ଥିରତାକୁ ନଷ୍ଟ କରୁଛି। ଏହାସହ ପ୍ରକୃତି ସହିତ ମଣିଷର ଭୁଲ୍ କାର୍ଯ୍ୟପ୍ରଣାଳୀ ବିପର୍ଯ୍ୟୟର ମାତ୍ରାକୁ ଅଧିକ ବଢ଼ାଇ ଦେଇଛି। ରାସ୍ତା ପ୍ରଶସ୍ତୀକରଣ ପାଇଁ ପାହାଡ଼ର ନିମ୍ନ ଭାଗକୁ ଅବୈଜ୍ଞାନିକ ଭାବେ କାଟିବା, ପାହାଡ଼ିଆ ସହରଗୁଡ଼ିକରେ ଖରାପ ଜଳ ନିଷ୍କାସନ ବ୍ୟବସ୍ଥା ଏବଂ ଜଙ୍ଗଲ ନଷ୍ଟ କରି ନିର୍ମାଣ କାର୍ଯ୍ୟ କରିବା ଯୋଗୁଁ ପାହାଡ଼ଗୁଡ଼ିକ ସୁରକ୍ଷାହୀନ ହୋଇପଡୁଛନ୍ତି। ସରକାରଙ୍କ ପକ୍ଷରୁ ଭୂସ୍ଖଳନର ପୂର୍ବାନୁମାନ ପାଇଁ ସ୍ୱତନ୍ତ୍ର କେନ୍ଦ୍ର ପ୍ରତିଷ୍ଠା କରାଯିବା ସହ 'ଭୂସଙ୍କେତ' ପୋର୍ଟାଲ୍ ଏବଂ 'ଭୂସ୍ଖଳନ' ମୋବାଇଲ୍ ଆପ୍ ଜାରି କରାଯାଇଛି। କିନ୍ତୁ ବିଶେଷଜ୍ଞଙ୍କ ମତରେ, ଏହି ବ୍ୟବସ୍ଥା କେବଳ କେଉଁ ସ୍ଥାନରେ ଭୂସ୍ଖଳନ ହୋଇପାରେ ତାହା ଦର୍ଶାଉଛି, କିନ୍ତୁ କେତେବେଳେ ହେବ ତାହା ସଠିକ୍ ଭାବେ କହିପାରୁନାହିଁ। ଜାପାନ ଏବଂ ସୁଇଜରଲ୍ୟାଣ୍ଡ ଭଳି ଦେଶଗୁଡ଼ିକରେ ଅତ୍ୟାଧୁନିକ ସେନ୍ସର ବ୍ୟବସ୍ଥା ରହିଛି, ଯାହା ମାଟି ଧସିବାର ସଠିକ୍ ସମୟ ପୂର୍ବରୁ ସୂଚନା ଦେଇ ଧନଜୀବନ ରକ୍ଷା କରିଥାଏ।

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**

## କେନ୍ଦ୍ରାପଡ଼ା ରେଞ୍ଜର ରବୀନ୍ଦ୍ର ନାୟକଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ତ୍ରିଶୂଳିଆ, ୮।୭(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦ୍ରାପଡ଼ା ବନ ବିଭାଗର ରେଞ୍ଜର ରବୀନ୍ଦ୍ର କୁମାର ନାୟକଙ୍କ ବିରୋଧରେ ବୁଧବାର ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ବ୍ୟାପକ ଚଢ଼ଉ କରାଯାଇଛି। ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ଏକକାଳୀନ ଭାବେ ୪ଟି ସ୍ଥାନରେ ତଲାସୀ ଚଳାଇଥିବା ବେଳେ ବାରଙ୍ଗ ଥାନା ଅନ୍ତର୍ଗତ ମୁଣ୍ଡଳୀସ୍ଥିତ ତାଙ୍କ ବାସଭବନରେ ଦୀର୍ଘ ସମୟ ଧରି ଖୋଳତାଡ଼ ଚାଲିଥିଲା। ତଲାସୀ ବେଳେ ବିପୁଳ ପରିମାଣର ନଗଦ ଅର୍ଥ, ସୁନା, ରୁପା ଓ ଅନ୍ୟାନ୍ୟ ମୂଲ୍ୟବାନ ସମ୍ପତ୍ତି ଠାବ ହୋଇଥିବା ସୂଚନା ମିଳିଛି। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ନଗଦ ୨ ଲକ୍ଷ ୧୪ ହଜାର ଟଙ୍କା, ସୁନା ମୁଦି, ସୁନା ଚୁଡ଼ି, ସୁନା କାନଫୁଲ, ଦାମୀ ହାତଘଡ଼ି, ହୀରା ମୁଦି, ରୁପା ପାଉଁଜି, ରୁପା କଏନ, ବ୍ରେସଲେଟ, ୬ଟି ପ୍ଲଟର ଦଲିଲ ଓ ବହୁସଂଖ୍ୟକ ବୀମା ସମ୍ବନ୍ଧୀୟ କାଗଜପତ୍ର ଜବତ କରାଯାଇଛି। ଏହାଛଡ଼ା ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର

- ୪ଟି ସ୍ଥାନରେ ଏକକାଳୀନ ତଲାସୀ
- ନଗଦ ଅର୍ଥ, ସୁନାରୁପା ଅଳଙ୍କାର, ହୀରା ମୁଦି, ୬ଟି ପ୍ଲଟ୍‌ର ଦଲିଲ ସହ ବହୁ ସାମଗ୍ରୀ ଜବତ

ସମ୍ପତ୍ତି ସମ୍ବନ୍ଧୀୟ ଦଲିଲପତ୍ରର ମଧ୍ୟ ଯାଞ୍ଚ ଜାରି ରହିଛି। ରବୀନ୍ଦ୍ର କୁମାର ନାୟକ ୧୯୮୮ ଅଗଷ୍ଟ ୮ରେ ପୁନର୍ବାସ ଯୋଜନାରେ ଫରେଷ୍ଟର ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ପୁରୀ ବନ ବିଭାଗ ଅଧୀନ ଖୋର୍ଦ୍ଧାରେ



ପ୍ରାୟ ୧ ହଜାର ଟଙ୍କା ଦରମାରେ ତାଙ୍କ କାର୍ଯ୍ୟଜୀବନ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ଭୁବନେଶ୍ୱର ସହର ବନ ବିଭାଗ, ଚିଲିକା ବନ୍ୟପ୍ରାଣୀ ବିଭାଗ, ବାଲୁଗାଁ, ଚନ୍ଦକା ବନ୍ୟପ୍ରାଣୀ ବିଭାଗ, ମହାନଦୀ ବନ୍ୟପ୍ରାଣୀ ବିଭାଗ ଏବଂ ନୟାଗଡ଼ରେ ବିଭିନ୍ନ ସମୟରେ କାର୍ଯ୍ୟ କରିଥିଲେ। ୨୦୧୬ ଜୁଲାଇ ୭ରେ ସେ ଉପରେଞ୍ଜର ପଦକୁ ପଦୋନ୍ନତି ପାଇଥିଲେ। ଏହାପରେ ଭୁବନେଶ୍ୱର ଆରସିଏଫ୍ ଅଧୀନରେ ଦାୟିତ୍ୱ ତୁଲାଇଥିଲେ। ୨୦୨୧ ଫେବୃଆରୀ ୮ରେ ସେ ରେଞ୍ଜର ପଦକୁ ପଦୋନ୍ନତି ପାଇ ଆଠଗଡ଼ ଡିଏଫଓଙ୍କ ଅଧୀନରେ କାର୍ଯ୍ୟ କରିଥିଲେ। ପରେ ବଦଳି ହୋଇ କେନ୍ଦ୍ରାପଡ଼ା ବନ ରେଞ୍ଜ କାର୍ଯ୍ୟାଳୟରେ ରେଞ୍ଜର ଭାବେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟରତ ଅଛନ୍ତି। ଭିଜିଲାନ୍ସ ପକ୍ଷରୁ ଜବତ ସମ୍ପତ୍ତିର ମୂଲ୍ୟାଙ୍କନ, ବ୍ୟାଙ୍କ ଜମା, ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସମ୍ପର୍କିତ ଦଲିଲପତ୍ରର ଯାଞ୍ଚ ଜାରି ରହିଛି। ତଦନ୍ତ ଶେଷ ପରେ ଅଭିଯୋଗର ପ୍ରକୃତ ସତ୍ୟତା ଏବଂ ଆୟ ବହିର୍ଭୂତ ସମ୍ପତ୍ତିର ପରିମାଣ ସ୍ପଷ୍ଟ ହେବ।

# ନିର୍ମାଣ ହେବ ନୂଆ ରାଜସ୍ୱ ଭବନ ଓ ବିପର୍ଯ୍ୟୟ ପରିଚାଳନା ଭବନ

ଭୁବନେଶ୍ୱର,୮।୭(ସମିସ): ନୂତନ ଭାବେ ଏକ ରାଜସ୍ୱ ଭବନ ଏବଂ ବିପର୍ଯ୍ୟୟ ଭବନ ନିର୍ମାଣ କରାଯିବ। ଭୁବନେଶ୍ୱର ସ୍ଥିତ କଳ୍ପନା ଛକ ନିକଟରେ ନୂତନ ରାଜସ୍ୱ ଭବନ ନିର୍ମାଣ କରାଯିବାକୁ ଥିବା ବେଳେ ବର୍ତ୍ତମାନ ରାଜୀବ ଭବନ ନିକଟରେ ବିପର୍ଯ୍ୟୟ ପରିଚାଳନା ଭବନ ନିର୍ମାଣ କରାଯିବ। ଏନେଇ ବୁଧବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏ ସମ୍ପର୍କରେ ସମୀକ୍ଷା କରିଛନ୍ତି। ସମୀକ୍ଷା ପରେ ବିଭାଗ ପକ୍ଷରୁ କୁହାଯାଇଛି ଯେ, ରାଜସ୍ୱ ଭବନ ଦଶ ମହଲା ବିଶିଷ୍ଟ ବିଲଡିଂରେ ସମସ୍ତ ପ୍ରକାର ସୁବିଧା ସହିତ ବୋର୍ଡଅଫ୍ ରେଭେନ୍ୟୁର କ୍ୟାମ୍ପ

**ଗୋଟିଏ କୋଠାରେ ରହିବ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ସମସ୍ତ କାର୍ଯ୍ୟାଳୟ**

କୋର୍ଟ୍ ଏବଂ ବିଭିନ୍ନ ରାଜସ୍ୱ ମାମଲା ଫଇସଲା କରୁଥିବା ଅଧିକାରୀଙ୍କ କୋର୍ଟ୍ ନିମନ୍ତେ ବ୍ୟବସ୍ଥା ରହିବ। ରାଜସ୍ୱ ବିଭାଗର ଅଧିକାରୀମାନଙ୍କ ବୈଠକ ତଥା ସମ୍ମିଳନୀ ନିମନ୍ତେ ପ୍ରେକ୍ଷାଳୟ ଏବଂ ବିଭିନ୍ନ ଆନୁସାଙ୍ଗିକ ବ୍ୟବସ୍ଥା ମଧ୍ୟ ଏଠାରେ ରହିବ। ଆଗାମୀ ଦୁଇ ବର୍ଷ ମଧ୍ୟରେ ରାଜସ୍ୱ ଭବନ ନିର୍ମାଣ ସମାପ୍ତ ନିମନ୍ତେ ମନ୍ତ୍ରୀ ବୈଠକରେ ସୂଚନା ଦେଇଛନ୍ତି।

ସେହିପରି ପ୍ରସ୍ତାବିତ ବିପର୍ଯ୍ୟୟ ପରିଚାଳନା ଭବନ ପାଇଁ ଆସନ୍ତା ଅଗଷ୍ଟ ମାସରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏଥିରେ ବିଭିନ୍ନ ମହଲାରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ସ୍ୱତନ୍ତ୍ର ସହାୟତା ଆୟୁକ୍ତ (ଏସଆରସି)ଙ୍କ କାର୍ଯ୍ୟାଳୟ, ଓଡିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସଡମା)ଙ୍କ କାର୍ଯ୍ୟାଳୟ, ରାଜ୍ୟ ଜରୁରିକାଳୀନ ପରିଚାଳନା କେନ୍ଦ୍ର ଏବଂ ଓଡ୍ରାଫ୍ ଏବଂ ଅନ୍ୟାନ୍ୟ କାର୍ଯ୍ୟାଳୟମାନ ଅବସ୍ଥାପିତ ହେବ। ଏହି ଭବନ ସମ୍ପୂର୍ଣ୍ଣ ରୂପେ ସବୁଜିମା ଆଚ୍ଛାଦିତ ହୋଇ ସମସ୍ତ ପ୍ରକାର ବିପର୍ଯ୍ୟୟ ପ୍ରତିରୋଧୀ ସହ ଭୂକମ୍ପ ପ୍ରତିରୋଧୀ ହେବ। ଏଥିରେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ସାମ୍ବାଦିକମାନଙ୍କ ଖବର ସଂଗ୍ରହକୁ ଦୃଷ୍ଟିରେ ରଖି ବିଭିନ୍ନ ଆନୁସଙ୍ଗିକ ସୁବିଧା ସହ ସ୍ୱତନ୍ତ୍ର ମିଡିଆ ସେଣ୍ଟରର ବ୍ୟବସ୍ଥା ମଧ୍ୟ ହେବ। ସେହିପରି ବିପର୍ଯ୍ୟୟ ପରିଚାଳନାରେ ସହଯୋଗ କରୁଥିବା ଶକ୍ତି ବିଭାଗ, ନିର୍ମାଣ ବିଭାଗ ସହ ଏନ୍‌ଡିଏମ୍‌ଏ, ଏନ୍‌ଡିଆର୍‌ଏଫ ଏବଂ ଅନ୍ୟାନ୍ୟ ଜାତୀୟ ତଥା ଅନ୍ତର୍ଜାତୀୟ ଅନୁଷ୍ଠାନ ନିମନ୍ତେ ମଧ୍ୟ ବ୍ୟବସ୍ଥା ରହିବ।



ନୂତନ ଅତ୍ୟାଧୁନିକ ନିୟନ୍ତ୍ରଣ କକ୍ଷ ସହ ପୂର୍ବ ସତର୍କ ସୂଚନା ନିମନ୍ତେ ବୈଷୟିକ ଯନ୍ତ୍ରପାତି ମଧ୍ୟ ରହିବ। ଆଗାମୀ ଅଠର ମାସରେ ଏହି ଭବନ ନିର୍ମାଣ କରାଯିବାର ଲକ୍ଷ୍ୟ ରହିଛି।

ଏଥି ସହିତ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନ (ରୋଟି)ର ନୂତନ ଅତ୍ୟାଧୁନିକ ପ୍ରେକ୍ଷାଳୟ ଏବଂ ଭୁବନେଶ୍ୱରର ନୂତନ ସ୍ପେଶାଲ୍ ସର୍କିଟ୍ ହାଉସ୍ ନିର୍ମାଣ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଗୋଠପାଟଣାସ୍ଥିତ 'ରୋଟି'ଠାରେ ଅନ୍ତର୍ଜାତୀୟସ୍ତରର ଅତ୍ୟାଧୁନିକ ପ୍ରେକ୍ଷାଳୟ କମ୍ପ୍ଲେକ୍ସ, ନୂତନ ପ୍ରଶାସନିକ କୋଠା, ଡିଜିଟାଲ୍ ଲାଇବ୍ରେରୀ, ଜିଆଇଏସ୍ ଲ୍ୟାବ୍ ସହିତ ଆନୁସଙ୍ଗିକ ବ୍ୟବସ୍ଥା କରାଯିବ। ଏହା ସହିତ ଭୁବନେଶ୍ୱରଠାରେ ନୂତନ ସ୍ପେଶାଲ୍ ସର୍କିଟ୍ ହାଉସ୍ ନିର୍ମାଣର ସମୀକ୍ଷା କରି ତୁରନ୍ତ ନୂତନ ସ୍ଥାନ ଚିହ୍ନଟ କରି କାର୍ଯ୍ୟ ଆରମ୍ଭ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ରାଜ୍ୟ ବିଜେପିରେ 'ଆମଦାନୀ' ଫାଟ

## ଆମଦାନୀ ନେତାଙ୍କ ପାଇଁ ପୁରୁଣା ନେତାଙ୍କୁ ଉପେକ୍ଷା

ଭୁବନେଶ୍ୱର,୮।୭(ସମିସ): ରାଜ୍ୟରେ ପ୍ରଥମଥର ଏକକ ସଂଖ୍ୟା ଗରିଷ୍ଠତା ହାସଲ କରି ବିଜେପି ଶାସନ ଗାଦିରେ ବସିଛି। ଇତିମଧ୍ୟରେ ଦୁଇବର୍ଷ ବିତିଥିଲେ ହେଁ ସରକାର ଖାଲି ପଡ଼ିଥିବା ୬ ମନ୍ତ୍ରୀ ପଦ ଓ ବିଭିନ୍ନ ନିଗମ ମୁଖିଆଙ୍କୁ ନିଯୁକ୍ତ କରିପାରୁ ନାହାନ୍ତି । ରାଜ୍ୟ ସଭାପତି ଠିକ୍ ସମୟରେ ଠିକ୍ ପଦକ୍ଷେପ ନିଆଯିବ ବୋଲି କହୁଛନ୍ତି, ମୁଖ୍ୟମନ୍ତ୍ରୀ ଏ କ୍ଷେତ୍ରରେ ନିରବତା ଅବଲମ୍ବନ କରୁଛନ୍ତି। ମଝିରେ ମଝିରେ ରାଜସ୍ୱ ମନ୍ତ୍ରୀ ନିଗମ ନିଯୁକ୍ତିକୁ ନେଇ ଆଶାୟୀଙ୍କୁ ଆଶା ଦେଖାଉଥିଲେ ହେଁ ଏଯାଏ ସେଥିରେ କୌଣସି ଅଗ୍ରଗତି ଘଟିନାହିଁ। ସଂଗଠନ ଓ ସରକାରରେ ସମନ୍ୱୟ ଓ ସ୍ଥିରତାକୁ ନେଇ ପ୍ରଶ୍ନ ଉଠୁଥିବା ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପ୍ରସଙ୍ଗରେ ଦଳ ଭିତରେ ଅସନ୍ତୋଷ ସୃଷ୍ଟି ହୋଇଛି । ଏହି ସମୟରେ ଗତ ନିର୍ବାଚନରେ ପରାଜିତ ଓ କୋଣଠେସା ହୋଇଥିବା ବିରୋଧୀ ଦଳଗୁଡ଼ିକର କିଛି ନେତା ବିଜେପିରେ ଯୋଗଦାନ ଦଳରେ ସୃଷ୍ଟି କରିଛି ତୀବ୍ର ଅସନ୍ତୋଷ। ଦୀର୍ଘଦିନ ଧରି ଦଳରେ ପଡ଼ି ରହିଥିବା ପୁରୁଖା ଓ ପୁରୁଣା ନେତାମାନଙ୍କୁ ଗୁରୁତ୍ୱ ନ ଦେଇ ନବାଗତ ଆମଦାନୀ ନେତାଙ୍କୁ ଦଳ ଅଗ୍ରାଧିକାର ଦେଉଥିବା ଅଭିଯୋଗ କ୍ରମଶଃ ଦଳରେ ଅସନ୍ତୋଷର ଅବପାତ ସୃଷ୍ଟି କରିଛି ।

ସାଧାରଣତଃ କ୍ଷମତାସୀନ ଦଳରେ ଯୋଗଦେବା ରାଜନୀତିରେ ଏକ ନିୟମିତ ଧାରା। ଅତୀତରେ ବିଜେପି ଓ କଂଗ୍ରେସର ନେତାମାନେ କ୍ଷମତାସୀନ ବିଜେଡିରେ ଯୋଗ ଦେଉଥିଲେ, ଏବେ ବିରୋଧୀ ବିଜେଡି ଓ କଂଗ୍ରେସର କିଛି ନେତା ବିଜେପିରେ ଯୋଗ ଦେଉଥିବା ଦେଖାଯାଉଛି । ବିଜେଡି ନେତାଙ୍କ ଯୋଗଦାନକୁ ଦଳ ପାଇଁ ଏକ ବଡ଼ ଲାଭ ବୋଲି ରାଜ୍ୟ ବିଜେପିର ନେତାମାନେ ଏକ ବାର୍ତ୍ତା ଦେବାକୁ ଚାହୁଁଥିଲେ ହେଁ ତୃଣମୂଳସ୍ତରରେ ଏହାକୁ ନେଇ ଅସନ୍ତୋଷକୁ ତୀବ୍ର କରିଛି। ଅନ୍ୟଦଳର ନେତାମାନଙ୍କ ଯୋଗଦାନ ବିଜେପିର ସଂଗଠନକୁ ମଜବୁତ କରୁଥିବା ଦାବି କରାଯାଉଥିବା ବେଳେ ପୁରୁଣା ନେତାମାନେ ନିଜ ପ୍ରଭାବ ହ୍ରାସ ପାଇବାର ଆଶଙ୍କା ପ୍ରକାଶ କରୁଛନ୍ତି। କିଛି ମାସ ମଧ୍ୟରେ ବିଜେପିରେ ସାମିଲ ହୋଇଥିବା କଟକ, ବାଲେଶ୍ୱର, ଭଦ୍ରକର କତିପୟ ନେତାଙ୍କୁ ନେଇ ଦଳର ତୃଣମୂଳସ୍ତରରେ ଏକପ୍ରକାର ବିଦ୍ରୋହ ସୃଷ୍ଟି ହୋଇଛି। ନିଜର ବ୍ୟବସାୟିକ କାର୍ଯ୍ୟକଳାପ, ଅପରାଧିକ ମାମଲା ଓ ରାଜନୈତିକ ସୁରକ୍ଷା ପାଇଁ ଏହି ନେତାମାନେ ବିଜେପିରେ ସାମିଲ ହେଉଛନ୍ତି ବୋଲି ଖୋଦ୍ ବିଜେପି ନେତାମାନେ ଖୋଲାଖୋଲି କହୁଛନ୍ତି ।

ଶାସକ ଦଳର ବିଧାୟକ ପଦ୍ମଲୋଚନ ପଣ୍ଡା ଏହି ପ୍ରସଙ୍ଗରେ ଦୁଇଦିନ ତଳେ ସ୍ପଷ୍ଟ ଭାବରେ ବିଜେପିରେ ଯୋଗ ଦେଉଥିବା ନେତାମାନଙ୍କୁ 'ସାଇବେରିଆନ ପକ୍ଷୀ' ଭାବରେ ତୁଳନା କରି କଟାକ୍ଷ କରିଛନ୍ତି। ଭଦ୍ରକ ଜିଲ୍ଲାର କିଛି ନେତାଙ୍କ ବିଜେପି ପ୍ରବେଶ ପଛରେ ରାଜନୈତିକ ଲାଭ, ଅପରାଧିକ ମାମଲାରେ ସୁରକ୍ଷା ଆଦି ଉଦ୍ଦେଶ୍ୟ ଥିବା ସେ କହିଛନ୍ତି। ପଦ୍ମଲୋଚନ କହିଛନ୍ତି ଯେ ଏବେ ଯେଉଁମାନେ ବିଜେଡିରୁ ବିଜେପି ଆସୁଛନ୍ତି ସେମାନେ ୨୪ ବର୍ଷ ବିଜେଡିକୁ ଉପଭୋଗ କଲେ। ଏବେ ବେପାର ଓ ଭବିଷ୍ୟତ ପାଇଁ ବିଜେପିକୁ ଆସୁଛନ୍ତି। ସିମୁଳିଆରେ ଯିଏ ମିଶିଲେ ସେ ଜମି ବେପାରୀ। ସେ ନିଜ ସ୍ୱାର୍ଥ ପାଇଁ ବିଜେପିକୁ ଆସିଛନ୍ତି। ତାଙ୍କ ନାଁରେ ଅନେକ ଅଭିଯୋଗ ଅଛି। କିନ୍ତୁ ୨୦୨୯ ରେ କଣ ହେବ କିଛି କହି ହେବନାହିଁ ବୋଲି ସେ କହିଛନ୍ତି।

ଅନୁରୂପ ଭାବରେ ବାଲେଶ୍ୱରରେ ରବୀନ୍ଦ୍ର ଜେନା ବିଜେପିରେ ଯୋଗଦାନ ସମୟରେ ବିଜେପି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମଧ୍ୟ ପରୋକ୍ଷରେ ଆମଦାନୀ ନେତାଙ୍କୁ କଟାକ୍ଷ କରିଥିଲେ। ସେହିପରି ବିଜେଡିରୁ ବହିଷ୍କୃତ ଗଞ୍ଜାମ ଜିଲ୍ଲାର ଜଣେ ନେତା ବିଜେପିରେ ଯୋଗ ଦେଇ ନିର୍ବାଚିତ ହେବା ପରେ ଜିଲ୍ଲା ବିଜେପିରେ ଅସ୍ଥିରତା ସୃଷ୍ଟି ହୋଇଥିବା କୁହାଯାଉଛି । ବ୍ରହ୍ମପୁର ସାଂସଦ ଓ ମନ୍ତ୍ରୀ ବିଭୂତି ଜେନାଙ୍କ ମଧ୍ୟରେ ଫାଟ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଆସ୍କା ସାଂସଦ ଓ ଖଲିକୋଟ ବିଧାୟକ, ଜଗତସିଂହପୁରରେ ସାଂସଦ-ବିଧାୟକ ବିବାଦ ଗଣମାଧ୍ୟମ ଶିରୋନାମା ପାଲଟିଛି । ପୁରୀ ସାଂସଦ ଓ ନୟାଗଡ଼ ବିଜେପି ସଙ୍ଗଠନ ମଧ୍ୟରେ ବିବାଦ ତୀବ୍ର ହେବାରେ ଲାଗିଛି । ପଶ୍ଚିମ ଓଡ଼ିଶାରେ ବଲାଙ୍ଗୀର ସାଂସଦଙ୍କ ସହ ସଂସଦୀୟ କ୍ଷେତ୍ରର ଅନେକ ବିଧାୟକ, ଏପରିକି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିବାଦ ସମସ୍ତେ ଜାଣନ୍ତି । ନିକଟରେ ଭଦ୍ରକର ମଣ୍ଡଳ ଦମ୍ପତି ବିଜେପିରେ ଯୋଗ ଦେବା ବେଳେ ସେଠାକାର ସାଂସଦ, ମନ୍ତ୍ରୀ ଓ ବିଧାୟକଙ୍କ ଅନୁପସ୍ଥିତି ମଧ୍ୟ ପରୋକ୍ଷରେ ଦଳୀୟ ଅସନ୍ତୋଷ ଓ ଆଗକୁ ହେବାକୁ ଥିବା ପତିଆରା ଲଢ଼େଇକୁ ଜଳ ଜଳ ଦେଖାଉଛି। ରାଜ୍ୟ ନେତୃତ୍ୱ ଏହି ଫାଟକୁ ମିଟାଇବା ପାଇଁ ଚେଷ୍ଟା କରୁଥିବା ବେଳେ କେନ୍ଦ୍ରୀୟ ନେତାମାନେ ଏହାକୁ ସତର୍କତାର ସହ ଅନୁଧ୍ୟାନ କରୁଛନ୍ତି। ଅନ୍ୟ ଦଳର ନେତାଙ୍କ ଯୋଗଦାନ ବିଜେପିର ଆଭ୍ୟନ୍ତରୀଣ ସନ୍ତୁଳନ ବିଗାଡ଼ିବା ସହ ପଞ୍ଚାୟତ ନିର୍ବାଚନରେ ଏହାର ପ୍ରତିଫଳନ ଦେଖିବାକୁ ମିଳିପାରେ ଦଳୀୟ ନେତାମାନେ ଆଶଙ୍କା କରୁଛନ୍ତି।

**ତେଜୁଛି ପୁରୁଣା ଓ ନୂଆ ନେତାଙ୍କ ମଧ୍ୟରେ ବିଭେଦ**

**+୨ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶିତ**

## ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ରେଭେନ୍ସା

ଭୁବନେଶ୍ୱର/କଟକ, ୮।୭(ସମିସ): ଯୁକ୍ତ ଦୁଇ ନାମଲେଖା ପାଇଁ ମେଧା ତାଲିକା ଆଜି ପ୍ରକାଶ ପାଇଛି। ସମୁଦାୟ ୪ ଲକ୍ଷ ୬୧ ହଜାର ୩୨୫ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ନାମଲେଖା ପାଇଁ ୪ ଲକ୍ଷ ୨୯ ହଜାର ୨୧୯ ଅର୍ଥାତ୍ ୯୩.୦୪% ପିଲା ଚୟନ ହୋଇଛନ୍ତି। ତନ୍ମଧ୍ୟରେ ୨ ଲକ୍ଷ ୪୯୩ ଜଣ ଛାତ୍ର, ୨ ଲକ୍ଷ ୨୮ ହଜାର ୬୭୫ ଛାତ୍ରୀ ଏବଂ ୫୧ ଜଣ ଅନ୍ୟ ଛାତ୍ରଛାତ୍ରୀ ଅଛନ୍ତି। କଳା, ବିଜ୍ଞାନ ଓ ବାଣିଜ୍ୟରେ କଟକର ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ପାଲଟିଥିବାବେଳେ ୨ ଲକ୍ଷ ୯୭ ହଜାର ୪୫୪ ଜଣ ପିଲା ନିଜର ପ୍ରଥମ ପସନ୍ଦ ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ଚୟନ ହୋଇଛନ୍ତି।

- ବିଜ୍ଞାନରେ ସର୍ବାଧିକ ୯୩.୪୦% କଟ୍‌ଅଫ୍
- ନାମଲେଖାଇବାକୁ ୯୩.୦୪% ପିଲା ଚୟନ

ବିଜ୍ଞାନରେ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଟ୍‌ଅଫ୍ ସର୍ବାଧିକ ୯୩.୪ ପ୍ରତିଶତ ଯାଇଥିବାବେଳେ ଏହା ପଛକୁ ୯୦% କଟ୍‌ଅଫ୍ ସହ ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱିତୀୟ ଓ ୮୭.୧୭% କଟ୍‌ଅଫ୍ ସହ କଟକର ଯତିକବି ବୈରାଗୀ କିଶୋର ସରକାରୀ କଲେଜ ତୃତୀୟରେ ରହିଛନ୍ତି। ସେହିପରି କଳାରେ ରେଭେନ୍ସାର କଟ୍-ଅଫ୍ ସର୍ବାଧିକ ୮୧% ଯାଇଥିବାବେଳେ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୮୦.୬୭% ଏବଂ ଭବାନୀପାଟଣା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮୦% କଟ୍‌ଅଫ୍ ସହ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ବାଣିଜ୍ୟରେ ରେଭେନ୍ସାର କଟଅଫ୍ ସର୍ବାଧିକ ୮୨.୪% ଯାଇଥିବାବେଳେ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୮୧.୨୦% ଏବଂ କଟକର ଯତିକବି ବୈରାଗୀ କିଶୋର କଲେଜର ୭୨.୬୭% ରହିଛି। ଅନୁରୂପ ଭାବେ ଧନ୍ଦାମୂଳକ ଶିକ୍ଷାରେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଟ୍‌ଅଫ୍ ୭୪.୬୭% ଏବଂ ଉପଶାସ୍ତ୍ରୀରେ କନ୍ଧମାଳ ଜିଲ୍ଲା ଚକାପାଦର ଗୁରୁକୁଳ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଟ୍‌ଅଫ୍ ୫୭% ସହିତ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ପାଲଟିଛି। ନାମଲେଖା ସରିବା ପରେ ଆସନ୍ତା ୨୩ ତାରିଖରୁ ଯୁକ୍ତ ଦୁଇ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# +୩ ନାମଲେଖା ପାଇଁ ସଂଶୋଧିତ ମାର୍ଗଦର୍ଶିକା ପ୍ରକାଶ

ଭୁବନେଶ୍ୱର, ୮।୭(ସମିସ): କେଜିରୁ ପିଜି ମାଗଣା ଶିକ୍ଷା ପାଇଁ ସରକାର ଘୋଷଣା କରିବା ପରେ +୩ ନାମଲେଖା ପାଇଁ ସଂଶୋଧିତ ମାର୍ଗଦର୍ଶିକା ପ୍ରକାଶ ପାଇଛି। ପୂର୍ବରୁ ନାମଲେଖା ପାଇଁ ଆବେଦନ କରିଥିବା ଛାତ୍ରଛାତ୍ରୀମାନେ ସେମାନଙ୍କ ଆବେଦନରେ ପରିବର୍ତ୍ତନ କରିପାରିବେ। ନୂତନ ଶିକ୍ଷାନୁଷ୍ଠାନକୁ ନିଜ ଆବେଦନରେ ଯୋଡ଼ି ପାରିବେ। ଏଥିପାଇଁ ଆଉ କୌଣସି ଫି' ଦେବାକୁ ପଡ଼ିବ ନାହିଁ। ମାତ୍ର ପୂର୍ବରୁ ଆବେଦନ କରି ନ ଥିବା ଛାତ୍ରଛାତ୍ରୀମାନେ ନୂତନ ଭାବେ ଆବେଦନ କରିପାରିବେ ନାହିଁ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

- ପୂର୍ବ ଆବେଦନରେ ପରିବର୍ତ୍ତନ କରିପାରିବେ ଛାତ୍ରଛାତ୍ରୀ
- ଆସନ୍ତା ୨୦ରେ ପ୍ରକାଶ ପାଇବ ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା
- ଜୁଲାଇ ୨୩ ରୁ ଆରମ୍ଭ ହେବ ପ୍ରଥମ ବର୍ଷ ପାଠପଢ଼ା

ସେହିପରି ପ୍ରଥମ ରାଉଣ୍ଡରେ ନାମଲେଖାଇ ସାରିଥିବା ପିଲାମାନେ ମଧ୍ୟ ସେମାନଙ୍କ ଆବେଦନରେ ପରିବର୍ତ୍ତନ କରିପାରିବେ। ଫ୍ରିଜ୍ ଅପ୍‌ସନ୍ ଦେଇ ନାମ ଲେଖାଇଥିଲେ ମଧ୍ୟ ତାକୁ ସ୍ଲାଇଡ୍ ବା ଫ୍ଲୋଟ୍ ଅପ୍‌ସନ୍ ଦେଇ ପାରିବେ। ଫଳରେ ସେମାନଙ୍କ ପୂର୍ବ ନାମଲେଖା ସ୍ୱତଃ ରଦ୍ଦ ହୋଇଯିବ ଓ ପୁନଃ ନାମଲେଖା ପ୍ରକ୍ରିୟାରେ ସାମିଲ ହେବେ। ଅନୁରୂପ ଭାବେ ଫ୍ରିଜ୍, ଫ୍ଲୋଟ୍ ବା ଅଲ୍‌ଟର୍ ଅପ୍‌ସନ୍ ଦେଇଥିବା ପ୍ରାର୍ଥୀମାନେ ମଧ୍ୟ ନୂତନ ଶିକ୍ଷାନୁଷ୍ଠାନକୁ ଯୋଡ଼ି ପାରିବେ। ଯଦି କୌଣସି ପ୍ରାର୍ଥୀ ନିଜ ଆବେଦନକୁ ପରିବର୍ତ୍ତନ ନ କରନ୍ତି, ତା'ହେଲେ ପୂର୍ବରୁ ଦେଇଥିବା ଅପ୍‌ସନ୍‌କୁ ମେଧା ଚୟନରେ ବିଚାରକୁ ନିଆଯିବ।

ସେହିପରି ମାଗଣା ଶିକ୍ଷା ସମ୍ପର୍କରେ ସୁବିଧାରେ ସୂଚନା ପାଇବା ପାଇଁ ମଧ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ସମ୍ପୂର୍ଣ୍ଣ ମାଗଣା ନାମଲେଖା ପାଇଁ ଉଦ୍ଦିଷ୍ଟ ସରକାରୀ ଶିକ୍ଷାନୁଷ୍ଠାନ, ନାମଲେଖା ଫି' ଦାଖଲ କରିବାକୁ ଥିବା ସେଲ୍ଫ ଫାଇନାନ୍ସ ପ୍ରୋଗ୍ରାମ୍ ଏବଂ ଉଭୟ ରେଗୁଲାର ଓ ସେଲ୍ଫ ଫାଇନାନ୍ସ ପ୍ରୋଗ୍ରାମ ଉପଲବ୍ଧ ଶିକ୍ଷାନୁଷ୍ଠାନଗୁଡ଼ିକୁ ପୃଥକ କରାଯାଇଛି। ତହିଁରେ ଛାତ୍ରଛାତ୍ରୀମାନେ ସହଜରେ ଆବେଦନ କରିପାରିବେ। ରେଗୁଲାର୍ ପାଠ୍ୟକ୍ରମ ପାଇଁ ଛାତ୍ରଛାତ୍ରୀଙ୍କୁ ଅନ୍‌ଲାଇନ୍‌ରେ ଏକ ସମ୍ମତିପତ୍ର ଦେବାକୁ ହେବ। ତହିଁରେ ୭୫ ପ୍ରତିଶତ ଉପସ୍ଥାନ ସୁନିଶ୍ଚିତ କରିବାକୁ ଦୈନିକ ବାୟୋମେଟ୍ରିକ୍ ଉପସ୍ଥାନ ଦାଖଲ କରିବେ, ଅନ୍ୟଥା ମାଗଣା ଶିକ୍ଷା ବଦଳରେ ଫି' ଦାଖଲ କରିବାକୁ ହେବ ବୋଲି ସମ୍ମତି ପ୍ରଦାନ କରିବେ।

ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟାରେ ମୋଟ୍ ୪ ରାଉଣ୍ଡରେ ସରିବ। ପୂର୍ବରୁ ପ୍ରଥମ ରାଉଣ୍ଡ ନାମଲେଖା ସରିଥିବାବେଳେ ଆସନ୍ତା ୧୨ ତାରିଖ ମଧ୍ୟରେ ଆବେଦନକାରୀ ଛାତ୍ରଛାତ୍ରୀମାନେ ସେମାନଙ୍କ ଆବେଦନରେ ପରିବର୍ତ୍ତନ କରିପାରିବେ। ଦ୍ୱିତୀୟ ରାଉଣ୍ଡ ନାମଲେଖା ପାଇଁ ଆସନ୍ତା ୨୦ ତାରିଖରେ ମେଧା ତାଲିକା ପ୍ରକାଶ ପାଇବ। ଚୟନ ହୋଇଥିବା ପିଲାମାନେ ୨୧ରୁ ୨୩ ତାରିଖ ମଧ୍ୟରେ ନାମଲେଖାଇବେ। ଏହାପରେ ୨୯ ତାରିଖରେ ତୃତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବ ଏବଂ ଅଗଷ୍ଟ ୧ ତାରିଖ ମଧ୍ୟରେ ଏହି ରାଉଣ୍ଡର ନାମଲେଖା ସରିବ। ବଳକା ସିଟ୍‌ରେ ସ୍ପଟ୍ ନାମଲେଖା ପାଇଁ ୪ ତାରିଖରେ ଛାତ୍ରଛାତ୍ରୀଙ୍କ ନାମ ପ୍ରକାଶ ପାଇବ। ୫ ଓ ୬ରେ ଶିକ୍ଷାନୁଷ୍ଠାନକୁ ଯାଇ ପିଲାମାନେ ରିପୋର୍ଟିଂ କରିବେ। ୭ରେ ୱେଟିଂ ମେଧା ତାଲିକା ପ୍ରକାଶ ପାଇବା ପରେ ୧୧ ତାରିଖ ମଧ୍ୟରେ ନାମଲେଖା ସରିବ। ଜୁଲାଇ ୨୭ ତାରିଖରୁ +୩ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ନାବାଳିକା ଦୁଷ୍କର୍ମ ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍

କଟକ,୮।୭(ସମିସ): ଦୁଇ ଜଣ ନାବାଳିକାଙ୍କୁ ଏସିଡ୍ ପକାଇବା ପାଇଁ ଧମକ ଦେବା ସହ ଆପତ୍ତିଜନକ ଫଟୋ ସୋସିଆଲ ମିଡିଆରେ ଛାଡି ସେମାନଙ୍କ ସହ ଦୁଷ୍କର୍ମ କରିଥିବା ଅଭିଯୁକ୍ତ ବାଙ୍କୀ ଥାନା ଅଞ୍ଚଳର ଚିତ୍ତରଞ୍ଜନ ରାଉତ ଓରଫ ବଳିଆ(୨୬)କୁ କଟକ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ୨୦ ବର୍ଷ ସଶ୍ରମ ଜେଲ୍ ଓ ୩୦ ହଜାର ଟଙ୍କା ଜରିମାନା ଦଣ୍ଡ ପ୍ରଦାନ କରିଛନ୍ତି। ଜରିମାନା ରାଶି ଅନାଦେୟ ଦୋଷୀକୁ ଅଧିକ ୨ ବର୍ଷ ଜେଲ ଦଣ୍ଡ ଭୋଗ କରିବାକୁ ପଡିବ। ଏଥିସହିତ ଦୁଇ ନାବାଳିକା ପୀଡିତାଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧୀକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଦୁଇ ସଂପର୍କୀୟ ନାବାଳିକା ପୀଡିତାଙ୍କ ଆପତ୍ତିଜନ ଫଟୋ ଉଠାଇ ମଧ୍ୟ ଚିତ୍ତରଞ୍ଜନ ନିୟମିତ ଧମକ ଦେଉଥିବା ଅଭିଯୋଗ ହୋଇଥିଲା। ପୁଲିସ ଘଟଣାର ତଦନ୍ତ କରି ଚିତ୍ତରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର କୃଷ୍ଣଚନ୍ଦ୍ର ମହାପାତ୍ର ମାମଲା ପରିଚାଳନା କରୁଥିଲେ।


aisect Ltd. A part of aisectindia

**RECRUITMENT OF VOCATIONAL TRAINERS**

Applications are invited from eligible candidates for Implementing Vocational Education in Government Schools of Odisha under CSS-VHSE Samagra Shiksha/PMSHRI. Terms of engagement is Contractual and Institutional positions. Candidates should be domicile of Odisha and must read & write Odia. **Gross Salary: Rs. 23,500/- per month. Age Limit: 18-45 years (As on 01/01/2026) as per Govt. Rules. Last Date of Application: 15.07.2026 (5:00 pm)**

**For clarification on Advt. Contact on: 8260186138**

| Sector | Districts | Qualifications & Experience |
|---|---|---|
| AGRICULTURE | Koraput, Kalahandi, Kandhamal, Keonjhar, Rayagada & Deogarh | Post Graduation in Horticulture / Agriculture with at least 1 year work / teaching Exp. Or Degree / Diploma in Horticulture / Agriculture from a recognized Institute / University with at least 2 year work / teaching experience, Preference will be given to the higher qualification and work / teaching experience in related area. |
| APPAREL | Jharsuguda, Koraput & Rayagada | Post Graduation in Textile and Clothing with 1 year of work / teaching experience in relevant areas. Or Degree/B.Voc/ Diploma in Textile & Clothing from recognised University / Institute with 2-3 years of work / teaching experience in relevant areas. Preference will be given to higher qualification & experience. |
| IT/ITES | Kalahandi | Diploma in Computer Sc./IT Or Bachelor Degree in Computer Application/Sc./IT.Or Master of Computer Application/Sc./IT. Or Graduate with PGDCA or DOEACC A/B Level Certificate However preference will be given to ME/ M.Tech.in Computer. Sc./IT. |
| RETAIL | Kalahandi & Mayurbhanj | Graduate or Diploma in Retail Management, PG Diploma in Marketing with at least 50% marks and 1 year teaching or work Exp.. Preference will be given to higher education with MBA (HR) / (Retail Marketing) or PG Diploma in Retail Management. |
| BEAUTY & WELLNESS | Kalahandi & Sundergarh | Diploma in Cosmetology / Beauty Therapy / Beauty Culture from a recognized Institution Min. 1 year working Exp. in the profession. |
| AUTOMOTIVE | Sundergarh | Degree in Automobile Engineering / Mechanical Engineering from a recognized Institute / University, with at least 1 year work / teaching Exp. Or B.Voc in Automotive Engineering from recognized Institute/University, with at least 2 year work/teaching Exp. Or Diploma in Automobile Engineering / Mechanical Engineering from a recognized Institute /University, with at least 3 year work / teaching experience. |
| ELECTRONICS | Keonjhar | B.E. / B. Tech. in Electrical / Electronics / Telecommunication with 1 year experience in the relevant field. Or Diploma in Electrical / Electronics / Electronics / Telecommunication from recognized board of technical education with 2 years Exp. in relevant field. Additionally should have done a Diploma or certificate course in Control Panel Wiring of residential / Industrial systems. |
| TELECOM | Koraput | B.Tech in Electronics and Tele communication / B.SC in Information Science and Telecommunication with at least 2 years work / teaching experience. |
| HEALTHCARE | Sundergarh | Teacher B.Sc. Nursing and Midwifery (4 years) or 3½ years Diploma in GNM with one year experience. |
| BFSI | Sundergarh | Post-graduation in commerce / management / finance from a recognized institute/university, with at least one year work Exp. |

NOTE: Candidates shortlisted on the basis of details filled ONLINE will have to go through On Line Test followed by an Interview. Existing VTs will be undergoing Certificate Verification followed by formal interview. Selected candidate will be asked to join within short notice of one week.

Scan to Apply

Apply Link: https://www.aisect.org/Odisha-VTrecruitment2026


# ଅନ୍ୟ ସମ୍ପ୍ରଦାୟର ଲୋକ ନିକଟରେ ସରକାରୀ ଯୋଜନା ପହଞ୍ଚାଇବାରୁ ୫ ହଜାର ଜରିମାନା

ପାରଳାଖେମୁଣ୍ଡି, ୮।୭ (ସମିସ): ସମ୍ପ୍ରତି ଯୁଗରେ ମଧ୍ୟ କୁତ୍ସିତ ମାନସିକତା ଜାରିରହିଛି। ବିଶେଷ କରି ଗଜପତି ଜିଲ୍ଲାରେ ଏଭଳି ଘଟୁଛି। ଗତ କିଛିଦିନ ପୂର୍ବେ ପ୍ରେମବ୍ୟାପାରକୁ ନେଇ ଡାଲିମ୍ବପୁର ଗ୍ରାମର ଗୋଟିଏ ପରିବାରଙ୍କୁ ଏକବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗ୍ରାମରୁ ବାସନ୍ଦ ଭଳି ଖବର ନଜରକୁ ଆସିଥିବା ବେଳେ ଆଜି

**ଆରକ୍ଷୀ ଅଧୀକ୍ଷକଙ୍କ ହେଲେ ଦ୍ୱାରସ୍ଥ**

ପୁଣି ଅନ୍ୟ ଏକ ଘଟଣା ସାମନାକୁ ଆସିଛି। ଗଜପତି ଜିଲ୍ଲାରେ ସାମାଜିକ ବାସନ୍ଦ ଓ କଥିତ 'ପ୍ରଜା କୋର୍ଟ'ର ଦଣ୍ଡ ବ୍ୟବସ୍ଥାକୁ ନେଇ ପୁଣି ଏକ ଘଟଣା ସାମ୍ନାକୁ ଆସିଛି। ରାୟଗଡ଼ ବ୍ଲକ ଅନ୍ତର୍ଗତ ଜିରାଙ୍ଗ ଗ୍ରାମର ଜଣେ ଆଶାକର୍ମୀ ସରକାରୀ ସ୍ୱାସ୍ଥ୍ୟସେବା ଓ ଯୋଜନା ଜଣେ ଅନ୍ୟଧର୍ମାବଲମ୍ବୀ ପରିବାରଙ୍କ ନିକଟରେ ପହଞ୍ଚାଇବାକୁ ଯାଇଥିବାରୁ ନିଜ ସମ୍ପ୍ରଦାୟର କିଛି ଲୋକଙ୍କ ପକ୍ଷରୁ ସାମାଜିକ ବାସନ୍ଦ ହେବା ସହ ୫ ହଜାର ଟଙ୍କା ଜରିମାନା ଓ ଧମକର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ନ୍ୟାୟ ଦାବିରେ ସେ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଅଭିଯୋଗକାରିଣୀ ଆଶାକର୍ମୀ ସୁନନ୍ଦିନୀ ମିଶାଲଙ୍କ କହିବାନୁସାରେ, ଗତ ୧୨ ଜୁନ ୨୦୨୬ରେ ସେ ଜିରାଙ୍ଗ ଖ୍ରୀଷ୍ଟିଆନ ସାହିରେ ବସବାସ କରୁଥିବା ଜଣେ




ଅନ୍ୟଧର୍ମାବଲମ୍ବୀ ପରିବାରଙ୍କ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ପରାମର୍ଶ ଦେବା ସହ ଓଆରଏସ୍ ପ୍ୟାକେଟ ପ୍ରଦାନ କରିଥିଲେ। ସେହି ସହିତ ସରକାରଙ୍କ ନିର୍ଦ୍ଦେଶାନୁସାରେ ଗଣନା କାର୍ଯ୍ୟକ୍ରମର ଅଦ୍ୟତନ ତଥ୍ୟ ସଂଗ୍ରହ କରିଥିଲେ। କିନ୍ତୁ ଏହି କାର୍ଯ୍ୟକୁ ନେଇ ତାଙ୍କ ସମ୍ପ୍ରଦାୟର କେତେକ ବ୍ୟକ୍ତି ଓ ମଣ୍ଡଳୀ ପକ୍ଷରୁ ତାଙ୍କୁ ୫ ହଜାର ଟଙ୍କା ଜରିମାନା କରାଯିବା ସହ ସମାଜରୁ ବହିଷ୍କାର କରାଯାଇଥିବା ଘୋଷଣା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ସମ୍ପ୍ରଦାୟର କିଛି ଲୋକ ଏଭଳି ନିୟମ କରିଛନ୍ତି ଯେ, ଖ୍ରୀଷ୍ଟିଆନ ସାହିରେ ରହୁଥିବା ଅନ୍ୟଧର୍ମର ପରିବାରଙ୍କ ସହ କେହି ସମ୍ପର୍କ ରଖିଲେ କିମ୍ବା ସେମାନଙ୍କ ଘରକୁ ଗଲେ ୫ ହଜାର ଟଙ୍କା ଜରିମାନା ସହ ସାମାଜିକ ବାସନ୍ଦ କରାଯିବ। ଏପରିକି ଘଟଣାଦିନ ସନ୍ଧ୍ୟାରେ ତାଙ୍କୁ ପ୍ରାୟ ଦୁଇ ଘଣ୍ଟା ଧରି ଡାକି ଧମକ ଦିଆଯାଇଥିବା ମଧ୍ୟ ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଜଣେ ଆଶାକର୍ମୀ ଭାବେ ସରକାରୀ ଯୋଜନା ଓ ସ୍ୱାସ୍ଥ୍ୟସେବା ସମସ୍ତଙ୍କ ପାଖରେ ପହଞ୍ଚାଇବା ନିଜର କର୍ତ୍ତବ୍ୟ ହୋଇଥିବା ବେଳେ, ସେହି କର୍ତ୍ତବ୍ୟ ପାଳନ ପାଇଁ ଏଭଳି ହଟହଟା ଓ ସାମାଜିକ ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼ିଥିବାରୁ ସେ ପୋଲିସ ପ୍ରଶାସନଙ୍କ ହସ୍ତକ୍ଷେପ ଓ ଉପଯୁକ୍ତ ଆଇନଗତ ପଦକ୍ଷେପ ଦାବି କରିଛନ୍ତି । ତେବେ ଏନେଇ ସେ ରାୟଗଡ ଥାନାରେ ଲିଖିତ ଅଭିଯୋଗ କରିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ମଧ୍ୟ ଦ୍ୱାରସ୍ଥ ହୋଇଥିବାର ଜଣାଇଛନ୍ତି।

# କଣ୍ଟାପଡ଼ା ଘାଇ ଉଜାଡ଼ିଦେଲା ଧାନ ତଳି

## ନିରୀକ୍ଷଣ କଲେ ଯାଜପୁର ବିଧାୟିକା ଓ ବିଜେପି ନେତା





ଦଶରଥପୁର/କୟାଁଗୋଲା,୮।୭(ସମିସ): ଲଗାଣ ବର୍ଷା ଯୋଗୁ ବୈତରଣୀ ଓ ତାର ଶାଖା କାଣୀ ନଦୀରେ ବନ୍ୟା ପାଣି ଆସି ଦଶରଥପୁର ବ୍ଲକ ମଲ୍ଲିକାପୁର ପଞ୍ଚାୟତ କଣ୍ଟପଡ଼ା ନିକଟରେ କାଣୀ ନଦୀର ଶେଷ ମୁଣ୍ଡ ଡାହାଣ ପାର୍ଶ୍ୱର ବନ୍ଧରେ ୭୦ଫୁଟ ଆକାରର ୨ଟି ଘାଇ ସୃଷ୍ଟି ହୋଇଛି। ଫଳରେ ତଳିଆ ପଞ୍ଚାୟତରେ ଥିବା ସହସ୍ରାଧିକ ଚାଷ ଜମିରେ ଧାନ ତଳି ୩ ଦିନ ହେବ ବୁଡ଼ି ରହିଛି। ଖରିଫ ଧାନ ଚାଷୀ ନିଜସ୍ୱ ଉଦ୍ୟମରେ ଧାନ ବିହନ କ୍ରୟ କରି ତଳି ବେଉଷଣ କରିଥିବା ବେଳେ ଘାଇରୁ ନିଷ୍କାସିତ ବନ୍ୟା ପାଣି ଧାନ ତଳିକୁ ସମ୍ପୂର୍ଣ୍ଣ ଉଜାଡିଦେଇଛି। ଏପରି ସ୍ଥିତିରେ ପ୍ରଭାବିତ ଅଞ୍ଚଳର ଧାନ ଚାଷୀ ପୁନର୍ବାର ଅଣ୍ଟା ସଳଖି ଚଳିତ ବର୍ଷ ଧାନ ଚାଷ କରିବାକୁ ଚିନ୍ତାରେ ପଡ଼ିଥିବା ବେଳେ ଆଜି ଯାଜପୁର ବିଧାୟିକା ସୁଜାତା ସାହୁ କଣ୍ଟାପଡା ଘାଇ ପରିଦର୍ଶନ କରିବା ସହିତ ସ୍ଥାନୀୟ ଅଞ୍ଚଳର ପ୍ରଭାବିତ ଧାନ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ବିଧାୟିକା ଶ୍ରୀମତୀ ସାହୁ କଣ୍ଟାପଡା ଘାଇକୁ ଡ୍ରେନେଜ୍ ବିଭାଗର ଅଧିକାରୀମାନଙ୍କ ଅବହେଳାକୁ ଦାୟୀ କରିବା ସହିତ ସମ୍ପୃକ୍ତ ଅଧିକାରୀଙ୍କ ବେପରୁଆ ମନ୍ତବ୍ୟକୁ ଘୋର ନିନ୍ଦା କରିଥିଲେ। ବିଭାଗୀୟ ଅନୁମତି ନଥାଇ ଏଠାରେ ବନ୍ଧ ନିର୍ମାଣ ହେଲା କିପରି ଏବଂ କିଏ ବନ୍ଧ କାର୍ଯ୍ୟ କଲା ତାହାକୁ ବିଭାଗର ଅଧିକାରୀ କିପରି ଜାଣିପାରିଲେ ନାହିଁ ବୋଲି ପ୍ରଶ୍ନ କରି ବିଭାଗୀୟ ଏସ୍‌ଡିଓ ଜୟପ୍ରକାଶ ସାହୁ ଏଭଳି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଆଖପାଖ ପଞ୍ଚାୟତବାସୀଙ୍କ ଦୁଃଖ ପାଲଟିଥିବା କଣ୍ଟାପଡା ଘାଇର ସ୍ଥାୟୀ ସମାଧାନ କରିବାକୁ ହେଲେ କାଣୀ ନଦୀ ଆରମ୍ଭରୁ ଶେଷ ମୁଣ୍ଡ ପର୍ଯ୍ୟନ୍ତ ଏହି ନାଳକୁ ସମ୍ପୂର୍ଣ୍ଣ ଭାବେ ଗଭୀର ଖନନ ସହ ସଫା କରାଯାଇ ଉଭୟପଟ ବନ୍ଧକୁ ସୁଦୃଢ଼ କରାଗଲେ ଅଞ୍ଚଳବାସୀଙ୍କ ସମସ୍ୟା ଦୂର ହେବା ସହ ଚାଷୀକୂଳ ଉପକୃତ ହୋଇପାରନ୍ତେ। ତାହା ନକରି ଓଲଟା ଏକ ଦୁର୍ବଳ ବନ୍ଧ ବାନ୍ଧି ନାଳକୁ ସଙ୍କୁଚିତ କରିବା ଫଳରେ ନଦୀରେ ବନ୍ୟା ପାଣି ପ୍ରବେଶ କରିବା ଯୋଗୁ ଅଞ୍ଚଳବାସୀଙ୍କ ଅଧିକ କ୍ଷତି ହେଲା। ବିଧାୟିକାଙ୍କ ଘାଇ ପରିଦର୍ଶନରେ ଦଶରଥପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକ, ଜିଲ୍ଲାପରିଷଦ ସଭ୍ୟା ମାମିନା ମଲ୍ଲିକ, ମଲ୍ଲିକାପୁର ସରପଞ୍ଚଙ୍କ ପ୍ରତିନିଧି ସ୍ୱପ୍ନେନ୍ଦୁ କୁମାର ଦାସ, ସମାଜସେବୀ ମନୋଜ ରାଉତ ଓ ଅନେକ ସ୍ଥାନୀୟ ଚାଷୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଯାଜପୁର ବିଜେପିର ପୂର୍ବତନ ଜିଲ୍ଲା ସଭାପତି ଜଗନ୍ନାଥ ସାମଲ, ବିଜେପି ରାଜ୍ୟ ପୂର୍ବତନ ଯୁବମୋର୍ଚ୍ଚା ଉପ ସଭାପତି ସଂଗ୍ରାମ କେଶରୀ ପାତ୍ର, ସଞ୍ଜୟ ନାୟକ, ଲକ୍ଷ୍ମୀନାରାୟଣ ମଲ୍ଲିକ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ମାନସ ତ୍ରିପାଠୀ, ନୀର ସାହୁ, ରାଜେଶ୍ ବିଶ୍ୱାଳ, ଉମେଶ ମଲ୍ଲିକ, ପ୍ରତ୍ୟୁଷ ନାୟକ, ବିଶ୍ୱଜିତ ବିଶ୍ୱାଳଙ୍କ ସମେତ କିଛି ସମର୍ଥକ ଘାଇ ପାଖରେ ପହଞ୍ଚି ବନ୍ଧ ତଦାରଖ କରିଥିଲେ। ପୂର୍ବତନ ବିଜେପି ଜିଲ୍ଲା ସଭାପତି ଡ୍ରେନେଜ ବିଭାଗର ଏପରି ଠିକାଦାର ତୋଷଣ ନୀତିକୁ ବିରୋଧ କରିବା ସହ ସେ ଓଡ଼ିଶା ସରକାରଙ୍କ ଇଂଜିନିୟର ଇନ୍ ଚିଫ୍‌ଙ୍କୁ ଏବାବଦରେ ଅବଗତ କରାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିବେ ବୋଲି କହିଥିଲେ।

# ବର୍ଷାରେ ଦବିଗଲା ଜାତୀୟ ରାଜପଥ



ଯାଜପୁର,୮।୭(ସମିସ): ଗତ କିଛି ଦିନ ଧରି ଯାଜପୁର ଜିଲ୍ଲାରେ ଲଗାଣ ବର୍ଷା ଫଳରେ ଯାତାୟାତ ପ୍ରଭାବିତ ହୋଇଛି। ଗ୍ରାମାଞ୍ଚଳ ରାସ୍ତା କ୍ଷତିଗ୍ରସ୍ତ ହୋଇଥିବା ବେଳେ ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ମଧ୍ୟ ଦବିଯାଇଥିବା ଦେଖିବାକୁ ମିଳିଛି। ବର୍ଷାରେ ଜିଲ୍ଲାର ୫୩ ନମ୍ବର୍ ଜାତୀୟ ରାଜପଥ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଏହି ରାସ୍ତାର ସ୍ଥାୟୀତ୍ୱ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ରାସ୍ତାଟି ଦୀର୍ଘ ବର୍ଷ ହେବ ସଂପ୍ରସାରଣ କାର୍ଯ୍ୟ ଚାଲୁଥିଲେ ବି ଅଦ୍ୟାବଧି ସରିବା ନା ଧରୁନି। ଏହି ରାସ୍ତାରେ ଦୈନିକ ଯାତାୟାତ କରୁଥିବା ଶହ ଶହ ଲୋକ ନାହିଁ ନଥିବା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ରାସ୍ତା ସଂପ୍ରସାରଣ ପାଇଁ ମାଟି, ବାଲି, ମୋରମ୍ ବଦଳରେ ଅଧିକ ପାଉଁଶ ବ୍ୟବହାର ଏଠାରେ ହୋଇଥିବା ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି। ରାସ୍ତାରେ ପାଉଁଶ ପକାଇବା ପରେ ପାଣି ବ୍ୟବହାର ନ କରି ରୋଲର ସାହାଯ୍ୟରେ ସମତଳ କରାଯାଇଥିଲା। ଯାହାକି ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏବେ କିଛି ଦିନ ସାମାନ୍ୟ ବର୍ଷା ପରେ ଚଣ୍ଡିଖୋଲ ନିକଟସ୍ଥ ୫୩ ନମ୍ବର ଜାତୀୟ ରାଜପଥ ଚେନେଜ ୬୮୦ରୁ ୮୩୦ ପର୍ଯ୍ୟନ୍ତ ପ୍ରାୟ ଏକ ଶହ ୫୦ ମିଟର ରାସ୍ତାର ୪ ଫୁଟ ଦବି ଯାଇଥିବା ଖବର ମିଳିଛି। ଖବର ମିଳିବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ସ୍ଥାନୀୟ ଜନସାଧାରଣ ପହଞ୍ଚି ଏହାର ଦୃଢ଼ ପ୍ରତିବାଦ କରିବା ସହ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିପାତ କରିଥିଲେ। ବିଧାୟକ ଅମର କୁମାର ନାୟକ ଓ ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ଏ ସମସ୍ୟା ନେଇ ଅବଗତ କରିବା ପରେ ୫୩ ନମ୍ବର୍ ଜାତୀୟ ରାଜପଥର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ସମୀକ୍ଷା ପାଇଁ ଡାକିଥିଲେ ବି ସେ ଆସିନଥିଲେ। ବିଧାୟକ ଶ୍ରୀ ନାୟକ କହିଥିଲେ ଠିକାଦାର ମହେନ୍ଦ୍ର ସ୍ୱାଇଁଙ୍କ ସଂସ୍ଥା ନିମ୍ନମାନର କାର୍ଯ୍ୟ ନେଇ ସଡ଼କ ଓ ପରିବହନ ବିଭାଗ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବୁ। ଖବର ପ୍ରଚାରିତ ହେବା ପରେ ତରବରିଆ ଭାବେ ଦବିଥିବା ଅଂଶକୁ ତାଡ଼ି ମେଣ୍ଟାଲିଂ କରୁଥିବା ଦେଖିବାକୁ ମିଳିଛି। ଏହି କାମକୁ ଯେଉଁ ଭଳି ମରାମତି କରାଯାଉଛି ତାହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତୁରନ୍ତ ଏହି ଠିକା ସଂସ୍ଥା ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ଜୋର ଧରୁଛି।

# ଶେଷଦେବ ବାସନ୍ତୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ




ଯାଜପୁର,୮।୭(ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ଭୁବନେଶ୍ୱରପୁରସ୍ଥିତ ପିଏମ୍‌ଶ୍ରୀ ଶେଷଦେବ ବାସନ୍ତୀ ସରକାରୀ ଉଚ୍ଚ ବିଦ୍ୟାଳୟର ୪୯ତମ ପ୍ରତିଷ୍ଠା ଦିବସ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନୀତା ନାୟକଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ସିଟିଟିସିର କର୍ମକର୍ତ୍ତା ସତ୍ୟନାରାୟଣ ମିଶ୍ର ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଆଲୁମିନି ସନ୍ତୋଷ କୁମାର ଦାସ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ସିଟିଟିସିର କର୍ମକର୍ତ୍ତା, ସ୍ୱଦେଶ ଭୂଷଣ ମିଶ୍ର, ଅଧିରାଜ ମହାପାତ୍ର, ପଞ୍ଚସଖା ଶିକ୍ଷା ସେତୁର ସଭାପତି ସୁରେନ୍ଦ୍ର କୁମାର ରାୟ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁରେଶ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଷ୍ଠା ଦିବସର ପତାକା ଉତ୍ତୋଳନ କରାଯିବା ସହ ଶିକ୍ଷୟିତ୍ରୀ ଗୀତାରାଣୀ ପଣ୍ଡା ଓ ରଞ୍ଜିତା ଘଡ଼ାଇଙ୍କ ଦ୍ୱାରା ବିଦ୍ୟାଳୟର ସଙ୍ଗୀତ ଗାନ କରାଯାଇଥିଲା। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ସ୍ୱର୍ଣ୍ଣଶ୍ରୀ ମହାପାତ୍ର ଏବଂ ଏ-୨ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ସୂର୍ଯ୍ୟପ୍ରକାଶ ସ୍ୱାଇଁ, ସ୍ମୃତିରେଖା ପହି, ସମ୍ବିତ କୁମାର ସାହୁ ଏବଂ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ସିଟିଟିସିର କର୍ମକର୍ତ୍ତାଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ପୂରାତନ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷୟତ୍ରୀ ଗୀତାରାଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଷା ଜଳ ନିଷ୍କାସନ ଓ ଜାତୀୟ ରାଜପଥ ବିଭିନ୍ନ ସମସ୍ୟାର ସମୀକ୍ଷା

ବଡ଼ଚଣା,୮।୭(ସମିସ): ବଡ଼ଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୬ ନମ୍ବର ରାଜପଥ ଛତିଆ ଠାରୁ ଚଣ୍ଡିଖୋଲ ଓ ୫୩ ନମ୍ବର (କ) ଚଣ୍ଡିଖୋଲ ଠାରୁ ପଞ୍ଚୁପାଣ୍ଡବ ଛକ ପର୍ଯ୍ୟନ୍ତ ରାଜପଥ କଡ଼ରେ ଥିବା ପାଟନାଳୀରୁ ଜଳ ନିଷ୍କାସନ ବ୍ୟବସ୍ଥା ଏବଂ ଗଳିପୋଲ ଓ ଆପ୍ରୋଚ ରୋଡ୍ ସମସ୍ୟା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଣ୍ଡିଖୋଲ ସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ବିଧାୟକ ଅମର କୁମାର ନାୟକ ଓ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଉପସ୍ଥିତରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବଡ଼ଚଣା ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ଜାରକା ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ଜାତୀୟ ରାଜପଥ ଅଧିକାରୀ, ଜଳ ନିଷ୍କାସନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ଧର୍ମଶାଳା ଅତିରିକ୍ତ ତହସିଲଦାର ସହ ଅନ୍ୟ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇ ଥିଲା। ଏଥିରେ ମୁଖ୍ୟତଃ ଚଣ୍ଡିଖୋଲ ଛକ, ବନ୍ଧାଳ, କଡ଼େଇ ଛକ, ବଡ଼ଚଣା, ପଥରାଜପୁର, ପାରିପଲେଇ ନିକଟ ରାଜପଥ ପାର୍ଶ୍ୱର୍ରେ ବର୍ଷା ଜଳ ନିଷ୍କାସନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହେବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ରାଜପଥ ସଂପ୍ରସାରଣ ବେଳେ କଣ୍ଟିଗଡିଆ ମୌଜାର ଚାଷ ଜମିକୁ ଜଳ ଯୋଗାଣ ପାଇଁ ଥିବା ୧୨ ନମ୍ବର (କ) କେନାଲ ଅବରୋଧ ହଟାଇ ଜଳଯୋଗାଣ ପାଇଁ ବ୍ୟବସ୍ଥା କରିବା, କୁନ୍ଦଳ ଛକ ଠାରେ ଗଳିପୋଲ କଡ଼ ସଂଯୋଗୀକରଣ ରାସ୍ତା ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ବ୍ୟବସ୍ଥା ହୋଇଥିବା ରାଜପଥ ଅଧିକାରୀ ସୁଚନା ଦେଇଥିଲେ। ଏଥିସହ ରେଳପଥ ସଂପ୍ରସାରଣ କାର୍ଯ୍ୟ ଚାଲୁଥିବା ସମୟରେ ଯଦି କେଉଁଠି ବର୍ଷା ଜଳ ନିଷ୍କାସନ ସମସ୍ୟା ରହୁଛି ସେଥିପ୍ରତି ଦୃଷ୍ଟିପାତ କରିବାକୁ ଉପସ୍ଥିତ ରେଳ ବିଭାଗ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ସବୁ ସମସ୍ୟାର ସମାଧାନରେ ଯଦି କେହି ଖିଲାପ କରନ୍ତି ତାଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ତାଗିଦ କରିଥିଲେ।

# ସଂସ୍କୃତ ଶିକ୍ଷକଙ୍କ ଅବସର କାଳୀନ ସମ୍ବର୍ଦ୍ଧନା

କୟାଁଗୋଲା,୮।୭(ସମିସ): ଦଶରଥପୁର ବ୍ଲକ ଶୁଶୁଆ ପଞ୍ଚାୟତ ଈଶ୍ୱରପୁର ଗ୍ରାମର ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ସନ୍ତୋଷ କୁମାର ପାଢ଼ୀଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି।

ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ମର୍କତ କେଶରୀ ରାୟ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ସୁରମା ମହାପାତ୍ର, ସବିତା ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଆଲୋକ କୁମାର ବନ୍ଧ, ଦଶରଥପୁର ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ ସତ୍ୟବ୍ରତ ମିଶ୍ର, ବ୍ଲକ ମଣ୍ଡଳ ସହ ଶିକ୍ଷା ଅଧିକାରୀ ବରଦା ଭୂଷଣ ମହାପାତ୍ର, ନୃସିଂହ ଚରଣ ମହାନ୍ତି, ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଅର୍ଣ୍ଣଦା ପ୍ରସାଦ ରଣା, ଶୁଶୁଆ ପଞ୍ଚାୟତ ସରପଞ୍ଚ ବୃନ୍ଦାବନ ସାମଲ, ସମିତି ସଭ୍ୟ ମଧୁସୂଦନ ଦାସ, ପଞ୍ଚଶାଖା ଶିକ୍ଷା ସେତୁ ସଭାପତି ହେମେନ୍ଦ୍ର କୁମାର ବାରିକ, ପରିଚାଳନା କମିଟି ସଭାପତି ଲକ୍ଷ୍ମଣ ବାଇ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମୀ ସହ ପୁରାତନ ଛାତ୍ର ଅମରେଶ ବାରିକ, ପଦ୍ମଲୋଚନ ଦାସ, ପ୍ରୀତିସ ରଞ୍ଜନ ସାମଲ କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସହଯୋଗ କରିଥିଲେ। ଶ୍ରୀ ପାଢ଼ୀଙ୍କୁ ଅତିଥିମାନେ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଦେଶୀ ଓ ମହୁଲି ମଦ ଜବତ, ୨ବେପାରୀ ଗିରଫ

ପାଣିକୋଇଲି,୮।୭(ସମିସ): ପାଣିକୋଇଲି ଥାନା ପକ୍ଷରୁ ସନ୍ଧ୍ୟା ପାଟ୍ରୋଲିଂ ସମୟରେ ଦେଶୀ ମହୁଲି ମଦ ଜବତ କରାଯାଇଛି। ସନ୍ଧ୍ୟା ପାଟ୍ରୋଲିଂ ସମୟରେ ପାଣିକୋଇଲି ପଞ୍ଚାୟତ ମଣିପୁର ଛକ ନିକଟରେ ଜଣେ ବ୍ୟକ୍ତିଙ୍କୁ ସନ୍ଦେହ ଜନକ ଅବସ୍ଥାରେ ଧରିବାରୁ ତା' ନିକଟରୁ ୨୫ଟି ଆସ୍କା ଫର୍ଟି (୫ଲିଟର) ଦେଶୀ ମଦ ବାହାରିଥିଲା। ଏହି ଘଟଣାରେ ୨୬୫/୨୬ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ କେନ୍ଦୁଝର ଜିଲ୍ଲା ତୁରୁଭଙ୍ଗା ଥାନା ସିଲଦା ଗ୍ରାମର ନନ୍ଦ ମୁଣ୍ଡା (୪୬)ଗିରଫ କରାଯାଇଛି। ସେହିପରି ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ଜହ୍ନା ପଞ୍ଚାୟତର ତାଲୁଙ୍ଗା ଠାରେ ଚଢ଼ଉ କରାଯାଇ ତାଲୁଙ୍ଗା ଗ୍ରାମର ଚଗୁଲୁ ମୁଣ୍ଡାଙ୍କୁ ଧରିବାରୁ ତା' ନିକଟରୁ ୯ ଲିଟର ମହୁଲି ମଦ ଜବତ କରାଯାଇଛି। ଏନେଇ ଏକ ମାମଲା ୨୬୪/୨୬ ରୁଜୁ କରାଯାଇ ତାକୁ ଗିରଫ କରାଯାଇ ଥିବା ତଦନ୍ତାଧିକାରୀ ଏଏସଆଇ ଦେବବ୍ରତ ମହାନ୍ତିଙ୍କ ଠାରୁ ସୂଚନା ମଳିଛି।

# ମୋ ସେବା ଓ ଜନସେବା କେନ୍ଦ୍ରରେ ଗ୍ରାହକଙ୍କୁ ଶୋଷଣ ଅଭିଯୋଗ

ବିଞ୍ଝାରପୁର,୮।୭(ସମିସ): ବିଞ୍ଝାରପୁର ବ୍ଲକର ୨୯ଟି ପଞ୍ଚାୟତରେ ସାଧାରଣ ଲୋକଙ୍କୁ ସରକାରୀ ସେବା ସୁଲଭ ମୂଲ୍ୟରେ ଯୋଗାଇ ଦେବା ଉଦ୍ଦେଶ୍ୟରେ ମୋ ସେବା କେନ୍ଦ୍ର ଓ ଜନସେବା କେନ୍ଦ୍ର ଖୋଲାଯାଇଛି। କିନ୍ତୁ ଏହି କେନ୍ଦ୍ରଗୁଡ଼ିକର କେତେକ ସଞ୍ଚାଳକ ଗ୍ରାହକଙ୍କଠାରୁ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଅର୍ଥ ଆଦାୟ କରୁଥିବା ସହ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ଉଠିଛି। ଅଭିଯୋଗ ଅନୁସାରେ, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ବିଭିନ୍ନ ସାର୍ଟିଫିକେଟ୍ ଆବେଦନ ପାଇଁ ନିର୍ଦ୍ଧାରିତ ଶୁଳ୍କଠାରୁ ଅନେକ ଗୁଣ ଅଧିକ ଟଙ୍କା ନିଆଯାଉଛି। ଏଥିସହ ଛାତ୍ରଛାତ୍ରୀଙ୍କୁ ୩ରୁ ୪ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରାଯାଉଥିବା ନେଇ ଅରେଇ ପଞ୍ଚାୟତର କିଛି ଅଭିଭାବକ ଓ ଛାତ୍ରଛାତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ଆୟ, ଜାତି ଓ ବାସିନ୍ଦା ପ୍ରମାଣପତ୍ର ପାଇଁ ମଧ୍ୟ ସରକାର ଧାର୍ଯ୍ୟ କରିଥିବା ଶୁଳ୍କଠାରୁ ପ୍ରାୟ ଚାରିଗୁଣ ଅଧିକ ଅର୍ଥ ନିଆଯାଉଥିବା ଅଭିଯୋଗ ବିଭିନ୍ନ ମୋ ସେବା କେନ୍ଦ୍ର ବିରୋଧରେ ଆସୁଛି। କେତେକ କେନ୍ଦ୍ର ସଞ୍ଚାଳକ ତହସିଲ କାର୍ଯ୍ୟାଳୟରେ କାମ କରାଇବା ପାଇଁ "ହାତଗୁଞ୍ଜା' ଦେବାକୁ ପଡୁଛି ବୋଲି ଗ୍ରାହକଙ୍କୁ କହୁଥିବା ଅଭିଯୋଗ ମଧ୍ୟ ହୋଇଛି।

ଏପରି ସ୍ଥିତିରେ ଅନଲାଇନ୍ ସେବାକୁ ସ୍ୱଚ୍ଛ ଓ ସୁଲଭ କରିବା ସରକାରଙ୍କ ଉଦ୍ଦେଶ୍ୟ କେତେଦୂର ସଫଳ ହେଉଛି, ତାହା ନେଇ ପ୍ରଶ୍ନ ଉଠିଛି। ଏହି କେନ୍ଦ୍ରଗୁଡ଼ିକରେ ହେଉଥିବା ଅନିୟମିତତା ଓ ଅତ୍ୟଧିକ ଶୁଳ୍କ ଆଦାୟ ଉପରେ ପ୍ରଶାସନ ପକ୍ଷରୁ ନିୟମିତ ତଦନ୍ତ ହେଉନଥିବା ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ତେବେ ଏହି ଅଭିଯୋଗଗୁଡ଼ିକର ସତ୍ୟତା ଯାଞ୍ଚ କରି ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କୁ ହଇରାଣ ନ କରିବା ପାଇଁ ପ୍ରଶାସନ ତତ୍ପରତା ଦେଖାଇବାକୁ ଦାବି ହେଉଛି

# ପୋଷାକ ବିତରଣ ଉତ୍ସବ

କୟାଁଗୋଲା,୮।୭(ସମିସ): ବରେଇଁ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତି ସାମଲ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରିଥିଲେ। ମୋଟ ୪୬ ଜଣ ଛାତ୍ରଛାତ୍ରୀଙ୍କୁ ୨ ସେଟ୍ ଲେଖା ପୋଷାକ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମ ୱାର୍ଡମେମ୍ବର ସସ୍ମିତା ବେହେରା, ପୂର୍ବତନ ପରିଚାଳନା କମିଟି ସଭାପତି ତପନ ମିଶ୍ର, ଅଙ୍ଗନବାଡି କର୍ମୀ ଶୁଭସ୍ମିତା ବାହାଲଏବଂ ସହକାରୀ ଶିକ୍ଷକ ଅଭିମନ୍ୟୁ ବାରିକ ପିଲାମାନଙ୍କର ଅଭିଭାବକ ଉପସ୍ଥିତ ଥିଲେ।

# ବ୍ୟାସନଗର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ




ବ୍ୟାସନଗର,୮।୭(ସମିସ): ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ୬୧ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ବ୍ୟାସନଗର ମହାବିଦ୍ୟାଳୟର ପୁରାତନ ଛାତ୍ର ପରିଷଦ (ଆଲମୁନି) ପକ୍ଷରୁ ବ୍ୟାସଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେବା ସହିତ ସେଠାରେ ଆଲମୁନି ସଭାପତି ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଯାଇଛି। ଏହି ସମାବେଶରେ ପ୍ରଥମେ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଓ ଛାତ୍ର ପରିଷଦର ଆବାସିକ ସମ୍ପାଦକ ଡ. କୁଶଚନ୍ଦ୍ର ପ୍ରଧାନ ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ମହାବିଦ୍ୟାଳୟରେ ଦେଖାଯାଇଥିବା ବ୍ୟାପକ ଅବ୍ୟବସ୍ଥା ସମ୍ପର୍କରେ ଆଲମୁନି ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିବାକୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲମୁନିର ସମ୍ପାଦକ ନିତ୍ୟାନନ୍ଦ ମହାଳିକ, ଉପସଭାପତି ପ୍ରଫୁଲ୍ଲ ନାୟକ, ଶିକ୍ଷାବିତ୍ ଡ. ଦେବସ୍ମିତା ସାହୁ, ଆଇନଜୀବୀ ଲୋକନାଥ ରାଉତ, କାଉନସିଲର ଶିବାନନ୍ଦ ନାୟକ ଓ ଅରୁଣ କୁମାର ରାଉତ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ପରିଚାଳନାଗତ ତ୍ରୁଟି ଯୋଗୁ ମହାବିଦ୍ୟାଳୟ ଉନ୍ନତି ହୋଇପାରୁନାହିଁ। କଲେଜ କର୍ତ୍ତୃପକ୍ଷ ପରିବେଶ ପ୍ରତି ଦୃଷ୍ଟି ନ ଦେବାରୁ ପରିବେଶ ନଷ୍ଟ ହୋଇଛି ବୋଲି ପୁରାତନ ଛାତ୍ରନେତା ଅଭିଯୋଗ କରିଥିଲେ। ସୁଦୀପ୍ତ ମିଶ୍ର ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ।

# ବିଏସ୍ କଲେଜରେ ବନ ମହୋତ୍ସବ ସପ୍ତାହ

ବଡ଼ଚଣା,୮।୭(ସମିସ): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ବନ ମହୋତ୍ସବ ସପ୍ତାହ ପାଳନ ହୋଇଯାଉଛି। ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆୟୋଜିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର ସଂଯୋଜକ କିଶୋର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ମୁଦୁଲି ଯୋଗ ଦେଇଥିଲେ। ଗଛ ଛାଇ ବଢାଇବା, ମରୁଡି ପରିସ୍ଥିତି ହ୍ରାସ କରାଇବା, ଅଧିକ ବିକଳ୍ପ ଇନ୍ଧନ ଉତ୍ସ ସୃଷ୍ଟି କରିବା, ପରିବେଶ ସନ୍ତୁଳନ ରକ୍ଷା କରିବା, ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବା, ମୃତ୍ତିକା କ୍ଷୟ ହ୍ରାସ କରିବା ସହିତ ବିଶ୍ୱର ତାପମାତ୍ରା ବୃଦ୍ଧି ରୋକିବା ଓ ପ୍ରଦୂଷଣ ହ୍ରାସ ଦିଗରେ ବୃକ୍ଷ ରୋପଣ ହିଁ ଏକ ଶ୍ରେଷ୍ଠ ବିକଳ୍ପ ବୋଲି କହିଥିଲେ। ବନ ମହୋତ୍ସବର ଶେଷ ଦିନରେ କଲେଜ ପରିସରରେ ଶତାଧିକ ଫଳ, ଫୁଲ ଔଷଧୀୟ ଗଛ ସହିତ ପରିବେଶ ଉପଯୋଗୀ ବୃକ୍ଷ ରୋପଣ କରା ଯାଇଥିଲା। ଅଥିରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା କର୍ମଚାରି ଛାତ୍ରଛାତ୍ରୀ, ଜାତୀୟ ସେବା ଯୋଜନା ର ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ।

# ମନ୍ମଥ ଧଳ ଡିଗ୍ରୀ ମହାବିଦ୍ୟାଳୟରେ ବନ ମହୋତ୍ସବ

କୟାଁଗୋଲା,୮।୭(ସମିସ): ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟାସ୍ଥିତ ମନ୍ମଥ ଧଳ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବନମହୋତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ସମ୍ପାଦକ ବିଜୟ କୁମାର ଧଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ରୋଡ୍ ଡିଭିଜନର ଡେପୁଟି ଇଲେକ୍ଟ୍ରିସିଟି ଇନ୍ସପେକ୍ଟର ସୋନାଲି ଶ୍ୱେତପଦ୍ମା ଯୋଗ ଦେଇଥିଲେ। ଏହି ଅବସରରେ ଅଧ୍ୟାପକ ନିରାକାର ନାୟକ ଓ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାମଲ 'ଗୋଟିଏ ବୃକ୍ଷ ଗୋଟିଏ ଜୀବନ' ଶୀର୍ଷକରେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ ମିଳିତ ଭାବେ ବୃକ୍ଷରୋପଣ କରିଥିଲେ। ଆଗାମୀ ଦିନରେ କେବଳ ମହାବିଦ୍ୟାଳୟ ପରିସର ନୁହେଁ, ସମଗ୍ର ପଞ୍ଚାୟତରେ ବ୍ୟାପକ ବୃକ୍ଷ ରୋପଣକରି ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ଛାତ୍ରଛାତ୍ରୀ ସଂକଳ୍ପ ନେଇଥିଲେ। ପରିବେଶ ସୁରକ୍ଷା ଦିଗରେ ଏହି ପଦକ୍ଷେପ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସିତ ହୋଇଛି।

## ନାମ ଲେଖା ଫିଁ' ଛାଡ଼କୁ ନେଇ ଦ୍ୱନ୍ଦ୍ୱ

# ଚିନ୍ତାରେ ଅଭିଭାବକ ଓ ଛାତ୍ରଛାତ୍ରୀ

ଯାଜପୁର,୮।୭(ସମିସ): ନିକଟରେ ରାଜ୍ୟ ସରକାର କେଜି ଠାରୁ ପିଜି ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ନାମଲେଖା ଫିଁ' ଛାଡ ନେଇ ଘୋଷଣା କରିଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ଗୁଡିକୁ କୌଣସି ସ୍ୱଷ୍ଟ ମାର୍ଗଦର୍ଶିକା ଆସିନଥିବାରୁ ଏହାକୁ ନେଇ ଦ୍ୱନ୍ଦ୍ୱରେ ଅଭିଭାବକ ଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଓ ଛାତ୍ରଛାତ୍ରୀ ଅଛନ୍ତି। ଆସନ୍ତାକାଲି ଜୁଲାଇ ୯ ତାରିଖ ଦିନ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷା ପାଇଁ ନାମଲେଖା ଆରମ୍ଭ ହେବାକୁ ଯାଉଛି। ରାଜ୍ୟ ସରକାର ଘୋଷଣା କରିଥିବା ନାମଲେଖା ଫିଁ' ଛାଡକୁ ନେଇ ଏ ଯାଏଁ ଦ୍ୱନ୍ଦ୍ୱ ଦୂର କରିନାହାଁନ୍ତି। ହେଲେ ନାମଲେଖା ଫିଁ' କିପରି ଆଉ କେତେ ଟଙ୍କା ଛାଡ଼ ହେବ ସେ ନେଇ କୌଣସି ସ୍ୱଷ୍ଟ ସୂଚନା ରଖିନାହାଁନ୍ତି।

ଉଲ୍ଲେଖଯୋଗ୍ୟ ଯେ ପ୍ରତିବର୍ଷ ପରି ଚଳିତ ବର୍ଷ ଯୁକ୍ତ ୨ ଶ୍ରେଣୀରେ ନାମଲେଖା ପାଇଁ ଅନ୍‌ଲାଇନରେ ଆବେଦନ କରାଯାଇଥିଲା। ଆବେଦନ ସମୟରେ ଛାତ୍ରଛାତ୍ରୀ ମାନେ ସାମ୍ସ ପୋର୍ଟାଲକୁ ଯାଇ ଆବେଦନ କରିଥିଲେ। ନାମଲେଖା ସମୟରେ ଫିସ୍ ଏକ ପ୍ରମୁଖ ପ୍ରସଙ୍ଗ ହୋଇଥାଏ। ଅନେକ ଛାତ୍ରଛାତ୍ରୀ ନିଜ ନିଜର ଆର୍ଥିକ ସ୍ଥିତିକୁ ପରଖି କଲେଜ ମଧ୍ୟ ଚୟନ କରିଥାନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟର କେବଳ ସରକାରୀ ମହାବିଦ୍ୟାଳୟ ଗୁଡିକୁ ଛାଡିଦେଲେ ବାକି ସମସ୍ତ ଅନୁଦାନପ୍ରାପ୍ତ ବା ଆବାସିକ ବିଦ୍ୟାଳୟରେ ନାମଲେଖା ଫିଁ' ବାଦ୍, ଉନ୍ନୟନ (ଡେଭଲପମେଣ୍ଟ) ଫିଁ' ଆଳରେ ଅନେକ ଅର୍ଥ ଆଦାୟ କରାଯାଇଥାଏ। ଏବେ ପ୍ରଶ୍ନ ଉଠୁଛି ଏ ସମସ୍ତ କଲେଜମାନେ ଉକ୍ତ ଉନ୍ନୟନ ଫିଁ'କୁ ନାମଲେଖା ସମୟରେ ବାଦ୍ କରିବେ ତ? ଯଦି ନୁହେଁ ତେବେ କେବଳ ଧର୍ମକୁ ଆଖିଠାର ସଦୃଶ ଅଳ୍ପ କିଛି ଟଙ୍କା ନାମଲେଖା ବାବଦକୁ ଛାଡ଼କରି ଛାତ୍ରଛାତ୍ରୀ ମାନଙ୍କୁ ଭଣ୍ଡାଇ ଦିଆଯାଇ ନାହିଁ କି। ଛାତ୍ରଛାତ୍ରୀଙ୍କୁ ଏହା ଏକ ବିବାଦୀୟ ପରିସ୍ଥିତିର ସାମ୍ନା କରିବାକୁ ପଡିବ ନାହିଁ ତ। ଏହିକ୍ରମରେ ଯଦି ଦେଖିବା ଯାଜପୁର ଜିଲ୍ଲାରେ ଗୋଟିଏ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ (ନରସିଂହ ଚୌଧୁରୀ ଉଚ୍ଚ ମାଧ୍ୟମିକ)କୁ ଛାଡ଼ିଦେଲେ ଅନୁଦାନପ୍ରାପ୍ତ ବେସରକାରୀ ଏବଂ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂଖ୍ୟା ହେଉଛି ୧୧୯। ଚଳିତବର୍ଷ ଜିଲ୍ଲାରେ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷାରେ ସମୁଦାୟ ୫୫୭୧ ଜଣ ଛାତ୍ରଛାତ୍ରୀ ନାମ ଲେଖାଇବେ। କେବଳ ଏକମାତ୍ର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଛାଡିଦେଲେ ସମସ୍ତ କଲେଜରେ ଅନ୍ୟୁନ ୫ହଜାରରୁ ୮ହଜାର ଟଙ୍କା ପର୍ଯ୍ୟନ୍ତ ନାମଲେଖା ଫିଁ' ଦେବାକୁ ପଡିବ। ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟମାନଙ୍କ କଥା ନକହିବା ଭଲ। ତେବେ ଏଭଳି ସ୍ଥିତିରେ ରାଜ୍ୟ ସରକାର ଏ ଦ୍ୱନ୍ଦ୍ୱ ଦୂର ନ କଲେ ନାମଲେଖା ସମୟରେ ଅଭିଭାବକ, ଛାତ୍ରଛାତ୍ରୀ ଓ କଲେଜ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ସରକାର ଏହାର ତୁରନ୍ତ ସମାଧାନ ନିମନ୍ତେ ବ୍ୟବସ୍ଥା କରିବାକୁ ବହୁ ଶିକ୍ଷାବିତ ଦାବି କରିଛନ୍ତି।

## ବିବାହ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ପ୍ରତାରଣା

ଦାନଗଦି,୮।୭(ସମିସ): କଳିଙ୍ଗନଗର ଥାନା ଭାରଡ଼ାପସି ଗ୍ରାମର ଜନୈକ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ଦୀର୍ଘ ଏକ ବର୍ଷ ଧରି ତାଙ୍କ ସହିତ ଦୈହିକ ସମ୍ପର୍କ ରଖିବା ଓ ପରେ ବିବାହ କରିବାକୁ ମନା କରିଦେବା ଘଟଣାକୁ ନେଇ ଯୁବତୀ ଜଣକ ମଙ୍ଗଳବାର କଳିଙ୍ଗନଗର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ହେଲା ଅଙ୍କୁରାପାଳ ଗାଁର ପ୍ରକାଶ ତପେ ନାମକ ଜଣେ ଯୁବକ ଯାଜପୁର ସବରେଜିଷ୍ଟର ଅଫିସରେ କିରାଣି ଭାବେ କାମ କରନ୍ତି। ସେ ଦୀର୍ଘ ୧ ବର୍ଷ ଧରି ତାଙ୍କ ସହ ଦୈହିକ ସମ୍ପର୍କ ରଖି ଆସୁଥିଲେ। ବହୁଥର ବିଭିନ୍ନ ହୋଟେଲ ଓ ଲଜ୍‌କୁ ନେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ବିବାହ କରିବାକୁ ପ୍ରତିଶ୍ରୁତି ଦେଇଆସୁଥିଲେ। କିନ୍ତୁ ଏବେ ସେ ବିବାହ ପାଇଁ କହିବାରୁ ପ୍ରକାଶ ମନା କରିଦେଇଥିଲେ। ଯାହାଫଳରେ ଯୁବତୀ ଜଣକ ଅନ୍ୟ କିଛି ଉପାୟ ନ ପାଇ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଥାନା ଅଧିକାରୀ ପ୍ରକାଶ ସାହୁ ୧୫୮/୨୦୨୬ରେ ଏକ ମାମଲା ରୁଜୁ କରି ଯୁବତୀ ଜଣକୁ ଆଜି ଯାଜପୁର ମୁଖ୍ୟ ଚିକିତ୍ସାଳୟ ଠାରେ ଡାକ୍ତରୀମାଇନା କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଖୁବଶୀଘ୍ର ଅଭିଯୁକ୍ତ କିରାଣିଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ସାହୁ କହିଛନ୍ତି।

## ୬ ବାଇକ ଜବତ; ୨ ଗିରଫ

ଯାଜପୁର,୮।୭(ସମିସ): ଯାଜପୁର ପୁଲିସ ୨ଜଣ ମଟରସାଇକଲ ଲୁଟେରାଙ୍କୁ ଗିରଫ କରିବା ସହ ୬ଟି ମଟରସାଇକଲ ଜବତ କରିଛି। ଅଭିଯୁକ୍ତ ହେଲେ ଭଣ୍ଡାରିପୋଖରୀ ଜଗନ୍ନାଥପ୍ରସାଦ ଗ୍ରାମର ଅଶୋକ କୁମାର ନାୟକଙ୍କ ପୁଅ ସତ୍ୟବ୍ରତ ନାୟକ ଓ ଯାଜପୁର ଖଣ୍ଡରାଗ୍ରାମର ନୀଳମଣି ପାଣିଗ୍ରାହୀଙ୍କ ପୁଅ ଚିନ୍ମୟ ପାଣିଗ୍ରାହୀ। ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବାଇକ ଚୋରି ନେଇ ହୋଇଥିବା ନେଥ ଅଭିଯୋଗ ହୋଇଥିଲା। ଯାଜପୁର ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଏହା ଉପରେ ନଜର ରଖିଥିଲା। ଆଜି ଦୁଇ ମଟରସାଇକଲ ଲୁଟେରାଙ୍କୁ ଗିରଫ କରିବା ସହ ୬ଗୋଟି ମଟର ସାଇକଲ ଓ ସ୍କୁଟି ଜବତ କରିଛି ପୁଲିସ। ଗିରଫ ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବା ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ। ଏହି ସାମ୍ବାଦିକ ସମ୍ମିଳନୀରେ ଯାଜପୁର ଥାନା ଅଧିକାରୀ ଶରତ ଚନ୍ଦ୍ର ନାୟକ, ଅତିରିକ୍ତ ଥାନା ଅଧିକାରୀ ଭୁବନ ମୋହନ ସେଠୀ ଉପସ୍ଥିତ ଥିଲେ।

## ୭୫ଗ୍ରାମ ବ୍ରାଉନ୍‌ସୁଗର ଜବତ; ୩ ଗିରଫ

ଯାଜପୁର,୮।୭(ସମିସ): ଯାଜପୁର ସହରରେ ଦିନକୁ ଦିନ ବ୍ରାଉନସୁଗର ବୃଦ୍ଧି ପାଉଥିବା ବେଳେ ବୁଧବାର ଅବକାରୀ ବିଭାଗ ୩ ଜଣଙ୍କ ଠାରୁ ୭୫ ଗ୍ରାମ ବ୍ରାଉନସୁଗର ଜବତ କରିଥିବା ଜଣାପଡିଛି। ଯାଜପୁର ଥାନା ନିକଟସ୍ଥ ପଣସା ପଂଚାୟତ ତାରିଣୀ ଛକଠାରେ ବାଣପୁର ଗ୍ରାମର ତପନ କୁମାର ସାହୁ (୩୧), ଭୀମକରପୁର ଗ୍ରାମର ଦିପୁ ନାୟକ (୩୮) ଓ ଶ୍ରାବଣୀ ନାୟକ (୩୬)ଙ୍କ ଠାରୁ ୭୫ ଗ୍ରାମ ବ୍ରାଉନସୁଗର ଅବକାରୀ ପୋଲିସ ଜବତ କରିଥିଲେ। ଏ ସଂପର୍କରେ ଅବକାରୀ ବିଭାଗ ପକ୍ଷରୁ ପି.ଆର ନଂ୫୮/୨୭ ମୁତାବକ ଏକ କେସ୍ ରୁଜୁ କରି ୩ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ଉ ସମୟରେ ଅବକାରୀ ବିଭାଗର ଥାନା ଅଧିକାରୀ ଖଗେଶ୍ୱର କତା, ଏଏସଆଇ ସରୋଜ କୁମାର ବେହେରା, ସଂଗ୍ରାମ କେଶରୀ କୁଅଁର, ସୁଚିତ୍ରା ନାୟକ ଓ ଧବଳେଶ୍ୱର ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

## ଅସହାୟଙ୍କୁ ସହାୟତା ପ୍ରଦାନ

ଧର୍ମଶାଳା,୮।୭(ସମିସ): ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବଜ୍ରପାତରେ ଆହତ ଦେଓଦା ପଞ୍ଚାୟତ ରାୟପଡା ଗ୍ରାମର ପ୍ରଶାନ୍ତ ଦାସ, ଆର୍ଥିକ ଅନଟନରେ ଜୀବନ ବିତାଉଥିବା ମହିଶରା ପଞ୍ଚାୟତ ଘିକୋଇଲି ଗ୍ରାମର ପ୍ରଫୁଲ୍ଲ ନାୟକ, ଝିଅ ବାହାଘର ପାଇଁ ପଟୁଣିଆ ପଞ୍ଚାୟତ ହାମଜାପୁର ଗ୍ରାମର ପହଲି ଦାସ, ଅର୍ଥାଭାବରେ ଜୀବନ ବିତାଉଥିବା ପଟୁଣିଆ ପଞ୍ଚାୟତ ଡିହନରସିଂହପୁର ଗ୍ରାମର ପ୍ରକାଶ ଦଳେଇ, ଅପରେସନ ଲାଗି ଦେଓଦା ପଞ୍ଚାୟତ ଦେଓଦା ଗ୍ରାମର ରମାକାନ୍ତ ମଳିକ, ଦେଓଦା ଗ୍ରାମର ଭଣ୍ଡାରୀ ମଳିକ, ଦେଓଦା ପଞ୍ଚାୟତ ବାସୁଦେବପୁର ଗ୍ରାମର ଅନିରୁଦ୍ଧ ତରାଇ, ମହିଶରା ପଞ୍ଚାୟତ ଡଙ୍କାରୀ ଗ୍ରାମର ଝିଲି ମଳିକ, ମହିଶରା ପଞ୍ଚାୟତ କଲଣୀ ସାହିର କୁମାର ମଳିକଙ୍କୁ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ମାଧ୍ୟମରେ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଟ୍ରଷ୍ଟର ସଦସ୍ୟମାନେ ସେମାନଙ୍କ ଘରେ ପହଞ୍ଚି ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି।

### ବାବା ଆଖଣ୍ଡଳମଣିଙ୍କ ଶ୍ରାବଣୀ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

# ୨୦ରୁ ଜଳାଭିଷେକ ଆରମ୍ଭ; ଏଥର ୬ ପାଳି

ଭଦ୍ରକ,୮।୭(ସମିସ)



ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ଆଖଣ୍ଡଳେଶ୍ୱର ମହାଦେବ ବିଜେ ଆରଡ଼ିଙ୍କ ପବିତ୍ର ଶ୍ରାବଣ ଉତ୍ସବ-୨୦୨୬ର ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ପରିଚାଳନା ନିମନ୍ତେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହରେ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ ତଥା ମନ୍ଦିର ଟ୍ରଷ୍ଟି ସୌରଭ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ଅତିରିକ୍ତ ଜିଲ୍ଲପାଳ ରବି ନାରାୟଣ ସାହୁ, ଏସ୍‌ପି ମନୋଜ ରାଉତ ଓ ଏଏସ୍‌ପି ଡିଆଇବି ଅଂଶୁମାନ୍ ଦ୍ୱିବେଦୀ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀ ଓ ମନ୍ଦିର ସେବାୟତମାନେ ମଧ୍ୟ ପ୍ରସ୍ତୁତି ବୈଠକରେ ଯୋଗଦେଇଥିଲେ। ଚଳିତ ବର୍ଷ ଶ୍ରାବଣ ଜଳାଭିଷେକ ପର୍ବ ଆସନ୍ତା ୨୦ ତାରିଖଠାରୁ ଆରମ୍ଭ ହୋଇ ଅଗଷ୍ଟ ୨୪ ତାରିଖ ପର୍ଯ୍ୟନ୍ତ କ୍ରମାଗତ ୬ଟି ସୋମବାର ଅନୁଷ୍ଠିତ ହେବ। ଏହା ବ୍ୟତୀତ ଜୁଲାଇ ୧୯, ୨୬ ଏବଂ ଅଗଷ୍ଟ ୨, ୯, ୧୬ ଓ ୨୩ ତାରିଖ ରବିବାର ଦିନମାନଙ୍କରେ ମଧ୍ୟ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି।

ଏହାକୁ ଦୃଷ୍ଟିରେ ରଖି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ଆଇନଶୃଙ୍ଖଳା, ପୁଲିସ ଫୋର୍ସ ଓ ସ୍ୱେଚ୍ଛାସେବୀମାନଙ୍କ ନିଯୁକ୍ତି, ସୁରକ୍ଷା କର୍ମୀଙ୍କ ରହିବା ପାଇଁ ବ୍ୟବସ୍ଥା, ଭକ୍ତମାନଙ୍କ ସୁବିଧା ପାଇଁ ଦର୍ଶନ ଲାଇନ୍ ନିୟନ୍ତ୍ରଣ ଓ ବ୍ୟାରିକେଡିଂ, ଆବଶ୍ୟକ ସ୍ଥଳେ ଓଡିଆର୍‌ଏଏଫ୍ ବାହିନୀ ନିଯୁକ୍ତି ଓ ନଦୀଘାଟରେ ଉଦ୍ଧାରକାରୀ ଦଳ ମୁତୟନ, ଅତିରିକ୍ତ ପାର୍କିଂ ସ୍ଥଳ ନିର୍ଦ୍ଧାରଣ ଓ ଆବଶ୍ୟକ ସ୍ଥଳେ ରାସ୍ତା ମରାମତି, ଭକ୍ତମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା, ମନ୍ଦିର ଓ ଉତ୍ସବସ୍ଥଳର ସଜ୍ଜା ଓ ଆଲୋକୀକରଣ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ଭକ୍ତଙ୍କ ବିଶ୍ରାମ ପାଇଁ ରହିବା ବ୍ୟବସ୍ଥା ଆଦି ବିଷୟରେ ଆଲୋଚନା ହୋଇଥିଲା। ପ୍ରତିବର୍ଷ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଏହି ପବିତ୍ର ପୀଠକୁ ଆସିଥା'ନ୍ତି। ତେଣୁ ଭକ୍ତମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବା ପାଇଁ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ବୋଲି ବୈଠକରେ ସ୍ପଷ୍ଟ କରାଯାଇଛି।

## ଧର୍ମପରାୟଣ ମହିଳାଙ୍କ ପରଲୋକ



ବନ୍ତ/ଆଗରପଡ଼ା,୮।୭(ସମିସ): ବିଟିପୁର ପଞ୍ଚାୟତ ଅନ୍ତର୍ଗତ ହଳଦୀପହଣି ଗ୍ରାମର ଜଣେ ଧର୍ମପରାୟଣ ତଥା ମିଷ୍ଟଭାଷୀ ମହିଳା ବାୟାଣୀ ବେହେରାଙ୍କ ୮୪ ବର୍ଷ ବୟସରେ ପରଲୋକ ଘଟିଛି। ସେ ଗତ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ବାୟାଣୀ ହେଉଛନ୍ତି ବିଶିଷ୍ଟ ପାଲାଗାୟକ ଚିନ୍ତାମଣି ବେହେରାଙ୍କ ମାତା। ତାଙ୍କର ଏହି ବିୟୋଗ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଜେପି ବିଟିପୁର ଶକ୍ତିକେନ୍ଦ୍ର ପ୍ରମୁଖ ଚିନ୍ମୟ ମହାପାତ୍ର, ମହାନ୍ତିପଡ଼ା ସମିତିସଭ୍ୟ ନିର୍ମଳ ନାୟକ, ବିଟିପୁର ବୁଥ୍ ସଭାପତି ବାବୁରାମ ବେହେରା, ଯୁବମୋର୍ଚ୍ଚା ସଭାପତି ଶୁଭେନ୍ଦୁ ବେହେରା, ଯୁବନେତା ସପନ ସିଂହ, ପ୍ରସନ୍ନ ପାତ୍ର, ଶିକ୍ଷାବିତ୍ ଚିତ୍ତରଞ୍ଜନ ସାମନ୍ତରାୟ, ଶ୍ୟାମସୁନ୍ଦର ପୁହାଣ, ପୁରସ୍ତମ ରାଉତ, କହ୍ନେଇ ପୁହାଣ ଏବଂ ଈଶ୍ୱର ପୁହାଣ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ମରଶରୀରକୁ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କ ନାତି ବିଶ୍ୱଜିତ୍ ମୁଖାଗ୍ନି ଦେଇଥିଲେ।

## ସାମ୍ବାଦିକଙ୍କ ପିତୃ ବିୟୋଗ



ଦାନଗଦି,୮।୭(ସମିସ): ଦାନଗଦୀ ବ୍ଲକ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ଜେନାଙ୍କ ପିତା ବ୍ରହ୍ମାନନ୍ଦ ଜେନା (୭୬)ଙ୍କର ବ୍ୟାସନଗର ପୌରାଞ୍ଚଳ ଅନ୍ତର୍ଗତ ସାପଗଡ଼ିଆସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପତ୍ନୀ ମନୋରମା, ପୁତ୍ର ପ୍ରଦୀପ, ପ୍ରଶାନ୍ତ, ପ୍ରଭାତ, ଝିଅ, ଜ୍ୱାଇଁ ଓ ନାତିନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବ୍ୟାସନଗର ପୌରପାଳ ସୁବାସ ବଳ, କାଉନସିଲର ଶିବାନନ୍ଦ ନାୟକ, ପୂର୍ବତନ କାଉନସିଲର ଅନୁପ ନାୟକ ଏବଂ ବରିଷ୍ଠ ସାମ୍ବାଦିକ ହାରାଧନ ବାନାର୍ଜୀ ପ୍ରମୁଖ ସ୍ୱର୍ଗତ ଜେନାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଅନ୍ତିମ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାମ୍ବାଦିକ ଆଶୁତୋଷ ବଳ, ଚିନ୍ତାମଣି ପାଢ଼ୀ, ରଙ୍ଗବଲ୍ଲଭ ସାହୁ, ବିମଳେନ୍ଦୁ ବେହୁରା, ଶରତ ପୋଥାଳ, ପ୍ରକାଶ ରାଉତ, ଶୁଭାଶିଷ ରାଉତ, ବିପ୍ଳବ ପଣ୍ଡା, ଅକ୍ଷୟ କୁମାର ଧଳ, ଅବିନାଶ ମିଶ୍ର, ସଂଜୀବ ବାରିକ, ବିଜୟ ବାରିକ, ପ୍ରତାପ ବାରିକ, ସ୍ୱରୂପ ନାୟକ, ସରୋଜ ନାୟକ, ପ୍ରକାଶ ପରିଡ଼ା ଓ ପ୍ରଦୀପ ଚାନ୍ଦଙ୍କ ସମେତ କଳିଙ୍ଗନଗର ଓ ବ୍ୟାସନଗର ଅଞ୍ଚଳର ବହୁ ଗଣମାଧ୍ୟମ ପ୍ରତିନିଧି ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ମହିଳା ପ୍ରଶିକ୍ଷିକାକୁ ଅସଦାଚରଣ; କ୍ରୀଡ଼ାବିତ୍ ଗିରଫ



ଯାଜପୁର, ୮।୭(ସମିସ): ବ୍ୟାସନଗର ଷ୍ଟାଡିୟମରେ ହେଉଥିବା ବ୍ୟାପକ ଅନିୟମିତତା ଘଟଣା ସଂପର୍କରେ ସାମାଜିକ ଗଣମାଧ୍ୟମରେ ଅଭିଯୋଗ ଆଣୁଥିବା କ୍ରୀଡ଼ାବିତ୍ ବଜ୍ରବାହୁ ସାମନ୍ତ କେଶରୀ ସାମଲଙ୍କୁ ମହିଳା ପ୍ରଶିକ୍ଷିକାଙ୍କୁ ଅସଦାଚରଣ ଅଭିଯୋଗରେ ଗିରଫ କରାଯାଇଛି। ଶ୍ରୀ ସାମଲଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ ରାଜୀବ ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ଭାରୋତ୍ତଳନକାରୀ ମହିଳା ପ୍ରଶିକ୍ଷିକା ନୀରଜା ପଟ୍ଟନାୟକ, କ୍ରୀଡ଼ାବିତ ବଜ୍ରବାହୁ ସାମନ୍ତ କେସରୀ ସାମଲ ନାମରେ ଗତ ୨୫ ତାରିଖରେ ତାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ କରିଥିଲେ। ସେହିପରି ମହିଳା ପ୍ରଶିକ୍ଷିକା ନୀରଜା ତାଙ୍କ କଥାରେ ରାଜି ନ ହେବାରୁ ଇଣ୍ଡୋର ଷ୍ଟାଡିୟମରେ ଟ୍ରେନିଂ ନେଉଥିବା ପିଲାଙ୍କ ମାଧ୍ୟମରେ ତାଙ୍କ ନାମରେ ଥାନାରେ ବାରମ୍ବାର ମିଛ ଅଭିଯୋଗ କରୁଥିଲେ ବୋଲି ଏତଲାରେ ଉଲ୍ଲେଖ କରିଥିଲେ। ନୀରଜା ଠାରୁ ଅଭିଯୋଗ ପାଇବା ପରେ ପୁଲିସ ତଦନ୍ତ କରି ମହିଳାଙ୍କର ବୟାନ ରେକର୍ଡ କରିଥିଲା। ଶେଷରେ ପୁଲିସ ବଜ୍ରବାହୁଙ୍କୁ ଥାନା କେସ ନଂ ୩୯୮ /୨୬ରେ ଗିରଫ କରି ମହିଳାକୁ ଅସଦାଚରଣ ଭଳି ସଙ୍ଗିନ ଦଫା ଲଗାଇ କୋର୍ଟଚାଲାଣ କରିଛି। ତେବେ ଏହି ଗିରଫଦାରୀ ପଛରେ ବ୍ୟାସନଗର ଷ୍ଟାଡିୟମରେ ହେବାକୁ ଥିବା ଠିକାଦାରୀ ମୁଖ୍ୟ କାରଣ ବୋଲି ଚର୍ଚ୍ଚା ହେଉଛି। ଷ୍ଟାଡିୟମ କାମ ପାଇଁ ଆସିଥିବା ସରକାରୀ ଅନୁଦାନକୁ ଠିକଣା ଭାବେ ଖର୍ଚ୍ଚ କରିବାକୁ ସେ ସବୁବେଳେ ଦାବୀ କରିଆସୁଥିଲେ। ତେଣୁ ଏଥିପାଇଁ ଶ୍ରୀ ସାମନ୍ତଙ୍କୁ ଷଡ଼ଯନ୍ତ୍ର କରି ଗିରଡ଼ କରି କୋର୍ଟ ଚାଲାଣ କରାଯାଇଥିବା ଅନେକ କ୍ରୀଡାବିତ୍ ମତ ପ୍ରକାଶ କରିଛନ୍ତି।

## ଅବସରପ୍ରାପ୍ତ ପୁଲିସ ଅଧିକାରୀଙ୍କ ସ୍ମୃତିସଭା




ଭଦ୍ରକ,୮।୭(ସମିସ): ପତୁଆଁସ୍ଥିତ ସୂର୍ଯ୍ୟମନ୍ଦିର ପରିସରରେ ଅବସରପ୍ରାପ୍ତ ପୁଲିସ ଅଧିକାରୀ ବ୍ରଜକିଶୋର ଦାସଙ୍କ ସ୍ମୃତିଚାରଣ ସଭା ଡ. ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଆକାଶବାଣୀ ଓ ଦୂରଦର୍ଶନ ଗୀତିକାର ପୀତାମ୍ବର ମିଶ୍ର, ଡ. ଶ୍ରୀକାନ୍ତ ମହାନ୍ତି, ମନୋରମା ଆଚାର୍ଯ୍ୟ, ଗଗନ ବିହାରୀ ମହାନ୍ତି, ଆଡ୍‌ଭୋକେଟ୍ ଦିବାକର ଦାସ, ଚନ୍ଦ୍ରକୁମାର ପଟ୍ଟନାୟକ, ନିରୁଜା ପଟ୍ଟନାୟକ, ସୁଜାତା ପଟ୍ଟନାୟକ, ବୃନ୍ଦାବନ ଦାସ, ନିତ୍ୟାନନ୍ଦ ଦାସ, ଦେବାଶିଷ ମହାନ୍ତି ଓ ସହଦେବଖୁଣ୍ଟା ପୁଲିସ ଅଧିକାରୀ ମାନସ ଭାଇ ପ୍ରମୁଖ ଯୋଗଦେଇ ବ୍ରଜ ଦାସ ଜଣେ ଏକଧାରରେ ସତ୍ୟନିଷ୍ଠ ପୁଲିସ ଅଫିସର, ମିଷ୍ଟଭାଷୀ, ଉଦାରବାଦୀ, ସମାଜସେବୀ ବୋଲି ବକ୍ତବ୍ୟ ରଖିଥିଲେ। ପ୍ରଥମେ ବେଦପାଠ ସହିତ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ ସଭାକୁ ବୀର କିଶୋର ଦାସ, କୃତବିଦ୍ୟ ଦାସ, ଟିକନ ଦାସ, ଲିଟୁ ଦାସ, ଯଯାତି ଦାସ, ନବ ଦାସ, ବିଦ୍ୟାଧର ମିଶ୍ର ପ୍ରମୁଖ ସଞ୍ଚାଳନ କରିଥିଲେ।

## ଜନଗଣନା ପୁସ୍ତିକା ପ୍ରସ୍ତୁତି ନିମନ୍ତେ ପ୍ରଶିକ୍ଷଣ

ଯାଜପୁର,୮।୭(ସମିସ): ଜିଲ୍ଲା ଜନଗଣନା ପୁସ୍ତିକା (ହ୍ୟାଣ୍ଡ ବୁକ୍) ପ୍ରସ୍ତୁତି ନିମନ୍ତେ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ପ୍ରଶିକ୍ଷଣ ଶିବିର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଶିବିରକୁ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ତଥା ଜନଗଣନା ଅଧିକାରୀ ଯୁଧିଷ୍ଠିର ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସହାୟକ ଜିଲ୍ଲାପାଳ ନିବେଦିତା ପ୍ରଧାନ ଉପସ୍ଥିତ ଥିଲେ। ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ପବିତ୍ର କୁମାର ମହଲା ଏବଂ ଜିଲ୍ଲା ଦାୟିତ୍ୱରେ ଥିବା ଜନଗଣନା ଅଧିକାରୀ ଉପେନ୍ଦ୍ର କୁମାର ନାୟକ ଟ୍ରେନର ଭାବରେ କ୍ଷେତ୍ରାଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିର ଆଗାମୀ ୪ ଦିନ ଧରି ଚାଲିବ। ଏହି ଜିଲ୍ଲା ଜନଗଣନା ପୁସ୍ତିକା ପ୍ରସ୍ତୁତି ନିର୍ଭୁଲ ଭାବରେ ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାପ୍ତ କରିବାକୁ କ୍ଷେତ୍ରାଧିକାରୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଉପଦେଶ ଦେଇଥିଲେ। ଜିଲ୍ଲା ଜନଗଣନା ପୁସ୍ତିକା ପ୍ରସ୍ତୁତି ଓ ଏହାର ବିଶେଷ ବ୍ୟବହାର ରହିଛି ବୋଲି ସହାୟକ ଜିଲ୍ଲାପାଳ କହିଥିଲେ। ଏହି ଶିବିରରେ ବିଭିନ୍ନ ତହସିଲରୁ ଆସିଥିବା ରାଜସ୍ୱ ତତ୍ତ୍ୱାବଧାରକ, ରାଜସ୍ୱ ନିରୀକ୍ଷକ ଏବଂ ଅମିନମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଜିଲ୍ଲା ଜନଗଣନା ହସ୍ତପୁସ୍ତିକା ହେଉଛି ଭାରତର ଜନଗଣନା ବିଭାଗ ଦ୍ୱାରା ପ୍ରକାଶିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକାଶନ। ଏହା ଏକ ପ୍ରାମାଣିକ ତଥ୍ୟଭଣ୍ଡାର, ଯାହା ଜିଲ୍ଲାର ଜନସାଂଖ୍ୟିକ, ସାମାଜିକ ଓ ଆର୍ଥିକ ସ୍ଥିତିକୁ ସମଗ୍ର ଭାବେ ଉପସ୍ଥାପନ କରେ। ଜିଲ୍ଲା ଜନଗଣନା ପୁସ୍ତିକା ଶିକ୍ଷାଗତ, ଚିକିତ୍ସା, ଯୋଗାଯୋଗ, ବ୍ୟାଙ୍କିଙ୍ଗ, ପରିବହନ, ପରିମଳ, ନାଗରିକ ଏବଂ ଅନ୍ୟାନ୍ୟ ସାମାଜିକ-ଆର୍ଥିକ ସୁବିଧା ସମ୍ବନ୍ଧୀୟ ବ୍ୟାପକ ଗ୍ରାମ ଏବଂ ସହର ସ୍ତରୀୟ ସୂଚନା ପ୍ରଦାନ କରେ ଏବଂ ଯୋଜନା, ପ୍ରଶାସନ, ଗବେଷଣା ଏବଂ ନୀତି ପ୍ରଣୟନ ପାଇଁ ପରିସଂଖ୍ୟାନ ସୂଚନାର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଭାବରେ କାର୍ଯ୍ୟ କରେ।

## ନୟନଯୋରୀକୁ ଓଲଟିଲା ପିକ୍‌ଅପ୍ ଭ୍ୟାନ୍

ବନ୍ତ/ଆଗରପଡ଼ା,୮।୭(ସମିସ): ବୁଧବାର ଆଗରପଡ଼ା ବଉଳା ରାସ୍ତାର ପାଟକନା ଛକଠାରେ ଆଗରପଡ଼ା ଆଡୁ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍ ଦ୍ରୁତଗତିରେ ଆସି ଭାରସାମ୍ୟ ହରାଇ ନୟନଯୋରୀକୁ ଓଲଟି ପଡ଼ିଛି। ଗାଡ଼ିଟି ବିଶେଷ ଭାବରେ କ୍ଷତି ହୋଇ ନ ଥିଲେ ମଧ୍ୟ ଡ୍ରାଇଭର ଗାଡ଼ି ଛାଡ଼ି ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ଖବର ପାଇ ଆଗରପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣା ସମ୍ପର୍କରେ ଛାନ୍‌ଭିନ୍ କରିଛି।

### ଜାତୀୟ ରଗ୍‌ବିରେ ଓଡ଼ିଶା ଚାମ୍ପିଅନ

## ଧାମନଗରର ସ୍ୱପ୍ନାରାଣୀଙ୍କ ସଫଳତା




ଦୋବଲ,୮।୭(ସମିସ): ଜାତୀୟ ୧୮ ବର୍ଷରୁ କମ୍ ବାଳିକା ରଗ୍‌ବି ଫୁଟ୍‌ବଲ ପ୍ରତିଯୋଗିତାରେ ଓଡ଼ିଶା ଦଳ ଚାମ୍ପିଅନ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛି। ଫାଇନାଲରେ କର୍ଣ୍ଣାଟକକୁ ପରାସ୍ତ କରି ଓଡ଼ିଶା ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଦଳର ସଦସ୍ୟା ତଥା ଭଦ୍ରକ ଜିଲ୍ଲା ଧାମନଗର ପଧାନୀ ପଞ୍ଚାୟତ କଣ୍ଟିଦୋଳ ଗ୍ରାମର ଝିଅ ସ୍ୱପ୍ନାରାଣୀ ବେହେରାଙ୍କ ସଫଳତାକୁ ନେଇ ସମଗ୍ର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ସ୍ୱପ୍ନାରାଣୀଙ୍କ ବାପା ଜଣେ କୃଷକ ଏବଂ ମା' ଗୃହିଣୀ। ଆର୍ଥିକ ପ୍ରତିବନ୍ଧକ ସତ୍ତ୍ୱେ ବାପା-ମାଆ ଝିଅର ଖେଳ ପ୍ରତିଭାକୁ ସବୁବେଳେ ପ୍ରୋତ୍ସାହନ ଦେଇଆସିଥିଲେ। ସେହି ପରିଶ୍ରମ ଓ ଅଧ୍ୟବସାୟର ଫଳସ୍ୱରୂପ ସ୍ୱପ୍ନାରାଣୀ ଜାତୀୟସ୍ତରରେ ଓଡ଼ିଶାକୁ ଚାମ୍ପିଅନ କରାଇ ଭଦ୍ରକ ଜିଲ୍ଲା ସହ ଧାମନଗରର ନାମକୁ ଉଜ୍ଜ୍ୱଳ କରିଛନ୍ତି। ସ୍ୱପ୍ନାରାଣୀଙ୍କ ଏହି କୃତିତ୍ୱ ପାଇଁ ରାଜ୍ୟର ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଭଦ୍ରକ ଜିଲ୍ଲା ରଗ୍‌ବି ଫୁଟ୍‌ବଲ ଆସୋସିଏସନର ସଭାପତି କୈଳାଶ ମହାପାତ୍ର, ସମ୍ପାଦକ ଶ୍ରୀଧର ମହାଳିକ, କୋଷାଧ୍ୟକ୍ଷ ତଥା ରଗ୍‌ବି ଫିଜିଓ ଲକ୍ଷ୍ମଣ ନାୟକ(ବାଙ୍କୁ)ଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ସ୍ୱପ୍ନାରାଣୀଙ୍କୁ ଶୁଭେଚ୍ଛା ଜଣାଇ ଭବିଷ୍ୟତରେ ଭାରତୀୟ ଦଳ ପକ୍ଷରୁ ଖେଳି ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିବେ ବୋଲି ଆଶା ପ୍ରକାଶ କରିଛନ୍ତି।

## ଲଗାଣ ବର୍ଷାରେ ଧସିଲା ବୈତରଣୀ ସେତୁ ସଂଲଗ୍ନ ରାସ୍ତା


ବାରିକପୁର,୮।୭(ସମିସ)



ମୁଖ୍ୟତଃ ଭଦ୍ରକ ଓ ଯାଜପୁର ଜିଲ୍ଲା ସମେତ ପଡ଼ୋଶୀ କେନ୍ଦୁଝର ଜିଲ୍ଲାବାସୀଙ୍କ ଗମନାଗମନ ସୁବିଧା ପାଇଁ ଭଣ୍ଡାରିପୋଖରୀ ବ୍ଲକ୍‌ର ବନ୍ଦାଲୋ-ମଢ଼ିଆଳି ନିକଟସ୍ଥ ବୈତରଣୀ ନଦୀ ଉପରେ ନିର୍ମାଣ ହୋଇଥିବା ସେତୁଟି ଏଯାଏଁ ଲୋକଙ୍କ କାର୍ଯ୍ୟରେ ଆସିପାରୁନାହିଁ। ପ୍ରାୟ ୨୫କୋଟି ଟଙ୍କା ବ୍ୟୟ ହୋଇ ୨୦୧୯ ମସିହାରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଯାଜପୁର ପାଣିକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୬୭୫ ମିଟର ବିଶିଷ୍ଟ ସେତୁଟିର ନିର୍ମାଣ ପାଇଁ ପ୍ରାୟ ୪ବର୍ଷରୁ ଅଧିକ ସମୟ ଲାଗିଥିଲା। ଯଦିଓ ବର୍ଷେ ପୂର୍ବରୁ ସେତୁ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି କିନ୍ତୁ ପୂର୍ଣ୍ଣାଙ୍ଗ ସଂଯୋଗୀ ରାସ୍ତା ବିନା ପୋଲ ଉପରେ ଏଯାଏଁ ଯାନବାହନ ଚଳାଚଳ ହୋଇପାରୁ ନାହିଁ। ଜମି ଅଧିଗ୍ରହଣ ସମସ୍ୟା କାରଣରୁ ସଂଯୋଗୀ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ହେଉଥିବା ବିଭାଗ କହୁଥିବାବେଳେ ବାସ୍ତବ ପକ୍ଷେ ପ୍ରଶାସନ ଏଥିପ୍ରତି ତତ୍ପର ପ୍ରକାଶ କରୁ ନ ଥିବା ସ୍ଥାନୀୟ ଲୋକ କହିଛନ୍ତି। ଅନେକ ଦିନ ଧରି ସେତୁ ପାଇଁ ଏକ ରାସ୍ତା ନିର୍ମାଣ କରିଥିବାବେଳେ ଚଳିତ ଲଘୁଚାପ ଜନିତ ଲଗାଣ ବର୍ଷା ଓ ବନ୍ୟାରେ ଏହାର ଅର୍ଦ୍ଧାଧିକ ଭାଗ ନଷ୍ଟ ହୋଇଯାଇଛି। ପୋଲ ମୁଣ୍ଡକୁ ଲାଗି ଡଷ୍ଟ ମିଶ୍ରିତ ମାଟି ରାସ୍ତାଟି ଏକପ୍ରକାର ଧସି ଯାଇଥିବାବେଳେ ବାଇକ୍ ଓ ସାଇକଲରେ ଯାତାୟାତ କରିବା ଏବେ ବିପଦସଂକୁଳ ହୋଇପଡ଼ିଛି। ଦୈନିକ ଶହଶହ ଜନସାଧାରଣ ଗମନାଗମନ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେଉଁଦିନ ବିଭାଗ ପକ୍ଷରୁ ପୂର୍ଣ୍ଣାଙ୍ଗ ସଂଯୋଗୀ ରାସ୍ତା ନିର୍ମାଣ ହେବ ତାହା ଏଯାଏଁ ଜଣାପଡ଼ିନାହିଁ। ତେଣୁ ଏହା ଉପରେ ବିଭାଗୀୟ ମନ୍ତ୍ରୀଙ୍କ ସମେତ ଉଭୟ ଜିଲ୍ଲାର ସାଂସଦ, ବିଧାୟକ ଓ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ଜୋର୍ ଧରିଛି। ସଂଯୋଗୀ ରାସ୍ତା ନିର୍ମାଣ ନ ହେବାରୁ ବନ୍ଦାଲୋ-ମଢ଼ିଆଳି ପଞ୍ଚାୟତବାସୀ ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକଙ୍କୁ ଏ ବିଷୟରେ ଜଣାଇଥିଲେ। ଏ ଦିଗରେ ସରକାରୀ ଉଦାସିନତା ରହିଥିବା ବିଧାୟକ ଅନୁଭବ କରିବା ପରେ ଲୋକଙ୍କ ଗମନାଗମନ ସମସ୍ୟାକୁ ଦୃଷ୍ଟିରେ ରଖି ସଂଯୋଗୀ ରାସ୍ତା ନିର୍ମାଣ ପାଇଁ ନିଜେ କିଛି ଅର୍ଥ ପ୍ରଦାନ କରିଥିଲେ। ବିଧାୟକଙ୍କ ଆର୍ଥିକ ସହଯୋଗରେ ଗ୍ରାମବାସୀ ପୋଲ ସହିତ ଯୋଡ଼ିବା

## ସାମ୍ବାଦିକ ରାମକୃଷ୍ଣ ଦାସ ଗୁରୁତର

ବିଞ୍ଝାରପୁର,୮।୭(ସମିସ): ବିଞ୍ଝାରପୁର ବ୍ଲକର ସାମ୍ବାଦିକ ରାମକୃଷ୍ଣ ଦାସ ଗୁରୁତର ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଫୁସଫୁସଜନିତ ରୋଗରେ ପୀଡ଼ିତ ଗତ




ଜୁନ୍ ୨୬ ତାରିଖରେ ସେଠାରେ ଭର୍ତ୍ତି ହୋଇଛନ୍ତି। ପ୍ରାୟ ୨୦ ଦିନ ପୂର୍ବରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ସଙ୍କଟାପନ୍ନ ହୋଇପଡ଼ିଥିଲା। ପରିବାର ଲୋକେ ତାଙ୍କୁ ଭୁବନେଶ୍ୱର ଏମ୍ସରେ ଚିକିତ୍ସା କରାଇ ଫେରୁଥିବା ବେଳେ ରାସ୍ତାରେ ସେ ଅଚେତ ହୋଇଯାଇଥିଲେ। ଏହାପରେ ତୁରନ୍ତ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟରେ କିଛିଟା ସୁଧାର ଆସିଥିବାରୁ ତାଙ୍କୁ ଆଇସିୟୁରୁ ସାଧାରଣ ୱାର୍ଡକୁ ସ୍ଥାନାନ୍ତର କରାଯାଇଛି।

## ସୌଗନ୍ଧିକା ପୁସ୍ତକ ଉନ୍ମୋଚିତ

ଧର୍ମଶାଳା,୮।୭(ସମିସ): ଧର୍ମଶାଳା ବ୍ଲକ ଜାରକା ସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ସରୋଜିନୀ ସ୍ୱାଇଁ ଫାଉଣ୍ଡେସନ ପକ୍ଷରୁ ସରୋଜିନୀ ସ୍ୱାଇଁଙ୍କ ଷଷ୍ଠ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୌଗାନ୍ଧିକା ପୁସ୍ତକ ଉନ୍ମୋଚିତ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସ୍ତମ୍ଭକାର ମନୋରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ ମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପଣ୍ଡିତ କାମଦେବ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହାଭାରତରେ ଧର୍ମ ଓ ଅଧର୍ମ ଉପରେ ବିଷଦ ଆଲୋଚନା କରିଥିଲେ। ସାଂସଦ ପ୍ରତିନିଧି କାହ୍ନୁଚରଣ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଓଏଏସ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ର ବିଶ୍ୱଜିତ ରାଉତ, ଶିଶୁ କବି ରତ୍ନାକର ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭିକାରୀ ଚରଣ ମଲ୍ଲିକ ଓ ପଣ୍ଡିତ କାମଦେବ ଶତପଥୀଙ୍କୁ ଫାଉଣ୍ଡେସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଫାଉଣ୍ଡେସନ ପ୍ରତିଷ୍ଠାତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସ୍ୱାଇଁ ସୌଗନ୍ଧିକା ପୁସ୍ତକ ଉପରେ ଆଲୋଚନା କରିଥିଲେ। ଡ. ରାଜକିଶୋର ପାଢୀ, ଡ.ରବୀନ୍ଦ୍ର ବିହାରୀ, ଡ. ସନ୍ତୋଷ କୁମାର ବେହେରା, ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ଦେବତା ପ୍ରମୁଖ ସୌଗନ୍ଧିକା ପୁସ୍ତକ ଉପରେ ଆଲୋଚନା କରିଥିଲେ। ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି ପ୍ରେମଲତା ମହାରଣା ସ୍ୱାଗତ ଭାଷଣ ଦେଇଥିଲେ। ପଣ୍ଡିତ ବ୍ରଜ କିଶୋର ଦାଶ ମଙ୍ଗଳା ଚରଣ ପାଠ କରିଥିଲେ। ନିର୍ମଳ ଚନ୍ଦ୍ର ମହାନ୍ତି ସଂପାଦକୀୟ ବିବରଣୀ ପାଠ କରିଥିଲେ। ସୁରପ୍ରିୟା ସ୍ୱାଇଁ, ଶୁଭପ୍ରିୟା ସ୍ୱାଇଁ, କବି ଯୁଗଳ କିଶୋର ଦାସ, ସାମ୍ବାଦିକ ସନ୍ତୋଷ ଓଝା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ସମ୍ପାଦକୀୟ



ଗଣତନ୍ତ୍ରରୁ ହିଁ ସ୍ୱାଭାବିକ ଭାବରେ ଏକଛତ୍ରବାଦୀ ଶାସନ ସୃଷ୍ଟି ହୁଏ। ସେହିପରି ମାତ୍ରାଧିକ ସ୍ୱାଧୀନତାରୁ ହିଁ ଦାସତ୍ୱ ଓ ଅତ୍ୟାଚାର ଜନ୍ମ ନିଏ।
-ପ୍ଲାଟୋ

ସକାଳ
THE SAKALA

## ବିଦେଶରେ ପ୍ରଶଂସା, ଜନ୍ମମାଟିରେ ଉପେକ୍ଷା

ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଅବଦାନ ଅବିସ୍ମରଣୀୟ। ସମ୍ପ୍ରତି ଇଣ୍ଡୋନେସିଆ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅଧ୍ୟାୟର ସ୍ମୃତିଚାରଣ କରିବା ସହିତ ଭାରତ-ଇଣ୍ଡୋନେସିଆ ସମ୍ପର୍କରେ ବିଜୁବାବୁଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି। ବିଜୁବାବୁଙ୍କ ବୀରତ୍ୱ, ଅବଦାନ, ବଳିଦାନର ଗାଥା ଓଡ଼ିଶା ସୀମା ସରହଦ ଡେଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରକୁ ପ୍ରସାରିତ। ଅଥଚ ରାଜନୀତିର ପଶାପାଲିରେ ବିଜୁବାବୁଙ୍କୁ ଜାତୀୟସ୍ତରରେ ଯେତିକି ସମ୍ମାନ ଓ ସ୍ୱୀକୃତି ମିଳିବା କଥା ତାହା ମିଳିନାହିଁ।

ମହାତ୍ମା ଗାନ୍ଧୀ ଓ ସୁଭାଷ ଚନ୍ଦ୍ର ବୋଷଙ୍କ ପରେ ବ୍ରିଟିଶ ଶାସନାଧୀନ ଭାରତବର୍ଷର ରାଜନୈତିକ ନେତୃତ୍ୱଙ୍କ ମଧ୍ୟରେ ବିଶ୍ୱବନ୍ଦ୍ୟ ହେବାର ଗୌରବ ଅର୍ଜନ କରିଥିବା ଏକମାତ୍ର ବ୍ୟକ୍ତିତ୍ୱ ବିଜୁ ପଟ୍ଟନାୟକ କେବଳ ଏକ 'ଆଦର୍ଶ' ନୁହନ୍ତି ଏକ 'ବାଦ'(ଇଜିମ୍) ର ଯୁଗପୁରୁଷ। ସ୍ୱାଭାବିକ ଭାବେ 'ଶ୍ରେୟ', 'ସମ୍ମାନ', 'ଅଳଙ୍କାର', 'ପୁରସ୍କାର'ରୁ ବହୁଊର୍ଦ୍ଧ୍ୱରେ ଥିବା ଏହି ଉତ୍ତୁଙ୍ଗ ବ୍ୟକ୍ତିତ୍ୱ 'ସ୍ୱପ୍ନଦ୍ରଷ୍ଟା' ଭାବେ ଯେତିକି ଅନୁକରଣୀୟ 'ସ୍ୱପ୍ନସ୍ରଷ୍ଟା' ଭାବେ ତା'ଠାରୁ ଅଧିକ ବନ୍ଦନୀୟ। ବିଶେଷକରି ୨୦୩୬ରେ ବିକଶିତ ଓଡ଼ିଶାର ରୂପରେଖ ପ୍ରସ୍ତୁତ କଲା ବେଳେ 'ବିଜୁବାଦ'ର ପ୍ରାସଙ୍ଗିକତା ଆହୁରି ଅଧିକ। ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟରେ ଯେଉଁ ପାହାଚଗୁଡ଼ିକୁ ମାନଦଣ୍ଡ ଭାବରେ ଗ୍ରହଣ କରାଯାଇଛି ସେଗୁଡ଼ିକ ବିଷୟରେ ଦୂରଦ୍ରଷ୍ଟା ରାଷ୍ଟ୍ରନୀତିଜ୍ଞ ବିଜୁବାବୁ ବହୁପୂର୍ବରୁ ସୂଚାଇ ସାରିଥିଲେ। ତେଣୁ ସେହି ପାହାଚଗୁଡ଼ିକୁ ଉତ୍ତରଣ କଲା ବେଳେ ବିଜୁ ବାବୁ ସ୍ୱତଃସ୍ମରଣକୁ ଆସନ୍ତି।

ଏହା ଅବଶ୍ୟ ଭିନ୍ନ କଥା ଯେ ସଂକୀର୍ଣ୍ଣ ରାଜନୈତିକ ମାନସିକତାରେ ବିଜୁବାବୁଙ୍କ ଆଦର୍ଶକୁ ଖର୍ବକାୟ କରିବାର ହୀନମନ୍ୟତା ଆରମ୍ଭ ହୋଇସାରିଛି। ପଞ୍ଚାୟତିରାଜ ବ୍ୟବସ୍ଥାର ଜାତୀୟ ବିଦ୍ଧାଣୀ ବିଜୁବାବୁଙ୍କୁ ତାଙ୍କ ଜନ୍ମଦିନରେ ହିଁ ସେହି ଶ୍ରେୟରୁ ବଞ୍ଚିତ କରାଯାଇଛି। ଓଡ଼ିଶାରୁ ଓଡ଼ିଆତ୍ୱକୁ ଭିନ୍ନ କରିବାର ଉଦ୍ୟମ ଯେଭଳି ହାସ୍ୟାସ୍ପଦ, ଓଡ଼ିଶାର ଜନଜୀବନରୁ 'ବିଜୁବାଦ'କୁ ବିଲୋପ କରିବାର ଚକ୍ରାନ୍ତ ତା'ଠାରୁ ଅଧିକ ଆପତ୍ତିଜନକ। ବରଂ 'ବିଜୁବାଦକୁ ପାଥେୟ ନ କରିବା ପର୍ଯ୍ୟନ୍ତ ବିକଶିତ ଓଡ଼ିଶା ସ୍ୱପ୍ନ ସାକାର ହୋଇପାରିବ ନାହିଁ - ଏହି ଆପ୍ତବାକ୍ୟକୁ କ୍ଷମତାସୀନ ଦଳ ହେଜିବା ଦରକାର।

ବିଜୁବାବୁଙ୍କ ଜୀବନାଦର୍ଶ ଓ କାର୍ଯ୍ୟାବଳୀ ଏହି ଉଦ୍‌ଘୋଷଣା କରେ ଯେ ପ୍ରଗତି ରଥରେ ସାରଥିର ଭୂମିକା ନିର୍ବାହ କରିବାକୁ ହେଲେ ସ୍ୱପ୍ନ ଓ ଦୁଃସାହସ ଦରକାର। ଜୀବନ ଜିଇଁବାର ଶ୍ରେଷ୍ଠ ଗୌରବ କେବଳ ରାଜନୈତିକ ଜୟ-ପରାଜୟତାରେ ସୀମିତ ନୁହେଁ, ବରଂ ପ୍ରତିଥର ପଡ଼ିଯିବା ପରେ ପୁନର୍ବାର ଉଠି ଆଗକୁ ମାଡ଼ି ଚାଲିବା ଆବଶ୍ୟକ। ବିଶାଳ ଯୁବବର୍ଗ ହିଁ ମାନବ ସମ୍ବଳ ଓ ଶକ୍ତିର ଅଫୁରନ୍ତ ପୁଞ୍ଜି। ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟ ସାକାର କରିବାକୁ ହେଲେ ଯୁବକମାନଙ୍କୁ ଯଥାର୍ଥ ଗୁରୁତ୍ୱ ଦେଇ ସେମାନଙ୍କୁ ସେନାପତି ଦାୟିତ୍ୱ ଦେବାକୁ ପଡ଼ିବ। ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟ ରୂପେ ଗଢ଼ି ତୋଳିବାକୁ ହେଲେ ଯୁବଶକ୍ତି ନିଜ ସ୍ୱାର୍ଥଠାରୁ ରାଜ୍ୟ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଏବଂ କାହାର ଦୟା କିମ୍ବା ଅନୁକମ୍ପାର ପାତ୍ର ନ ହୋଇ ନିଜ ଶକ୍ତି ଓ ବୁଦ୍ଧି ଉପଯୋଗ କରିବାକୁ ପଡ଼ିବ। ସେମାନେ ନିଜେ ନିଜ ଭିତରେ ଭରି ରଖିବାକୁ ପଡ଼ିବ ଅଖଣ୍ଡ ଭରସା ଓ ଆତ୍ମାଭିମାନ। ସେମାନଙ୍କ ଦକ୍ଷତା, ବୁଦ୍ଧିମତ୍ତା ହିଁ ଇତିହାସର ମୋଡ଼ ବଦଳାଇଦେବ। ବିଜୁବାବୁଙ୍କ ଏହି ମାର୍ମିକ ଉକ୍ତି ବିକଶିତ ଓଡ଼ିଶା ଲକ୍ଷ୍ୟ ପଥରେ ଏକ ଦିଗବାରେଣି। ଏହାକୁ ଅନୁସରଣ କଲେ ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ହାସଲ ସୁଗମ ହୋଇପାରିବ।

୧୯୬୧-୬୩ ର ମୁଖ୍ୟମନ୍ତ୍ରୀତ୍ୱ କାଳରେ ବିଜୁବାବୁ ଅନୁଭବ କରିଥିଲେ ଶିଳ୍ପ ହିଁ ସମୃଦ୍ଧିର କାରଣ। ସେତେବେଳେ ସେ ବିକଶିତ ଓଡ଼ିଶାର ଯେଉଁ ନକ୍ସା ଆଙ୍କିଥିଲେ ଆଜି ମଧ୍ୟ ତାହା ଅନତିକ୍ରମଣୀୟ ହୋଇରହିଛି। ଆଜି ଶିଳ୍ପାୟନ ଯୋଗୁଁ ଦ୍ରୁତ ପରିବେଶ ଅବକ୍ଷୟ ଓ ବିସ୍ଥାପନ ସମସ୍ୟା ବଢ଼ି ଚାଲିଥିବା ବେଳେ ପ୍ରକୃତି ସହନଶୀଳ ଓ ପରିବେଶ ଅନୁକୂଳ ବିକାଶ ଦିଗରେ 'ବିଜୁବାଦ'ର ପ୍ରାସଙ୍ଗିକତା ନୀତି ନିର୍ଦ୍ଧାରକମାନେ ସ୍ମରଣକୁ ଆଣିବା ଉଚିତ। ରାଜ୍ୟର ଜଣେ ଶାସନମୁଖ୍ୟ ଶିଳ୍ପପତିଙ୍କୁ ଯେଉଁ ଦୃଷ୍ଟିରେ ଦେଖିବେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଦରିଦ୍ର ଲୋକଟିଙ୍କୁ ତା'ଠାରୁ ଅଧିକ ଭଲ ଦୃଷ୍ଟିରେ ଦେଖିବା ଆବଶ୍ୟକ। ବିଜୁବାବୁଙ୍କ ସମାବେଶୀ ବିକାଶମନ୍ତ୍ରର ଏହି କଳା ସମ୍ପ୍ରତି ରାଜନେତାମାନେ ଶିଖିଲେ ଓ ଆଦରି ନେଲେ ବିକଶିତ ଓଡ଼ିଶା ସ୍ୱପ୍ନ ଲକ୍ଷ୍ୟ ପୂରଣ ହେବ।

ସମ୍ପ୍ରତି ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସଂକୀର୍ଣ୍ଣ ଦଳୀୟ ରାଜନୀତିର ଯେଉଁ କଳୁଷପୂର୍ଣ୍ଣ ପରମ୍ପରା ଆରମ୍ଭ ହୋଇସାରିଛି ତାହା ସଂଘୀୟ ବ୍ୟବସ୍ଥା ଓ ସାମଗ୍ରିକ ବିକାଶର ପରିପନ୍ଥୀ। ରାଜ୍ୟର ନିରନ୍ତର ବିକାଶ ଚିନ୍ତା କରୁଥିବା ରାଷ୍ଟ୍ରନେତା ଏହି ସଂକୀର୍ଣ୍ଣ ମାନସିକତାରୁ ଊର୍ଦ୍ଧ୍ୱକୁ ଉଠି ବିଜୁବାବୁଙ୍କ ସେବା, ସଂଗ୍ରାମ ଓ ବିକାଶର ଦୃଷ୍ଟିକୋଣକୁ ଆପଣେଇବାକୁ ପଡ଼ିବ। ଜାତି, ଧର୍ମ, ବର୍ଣ୍ଣ, ଦଳ, ନୀତି, ଆଦର୍ଶ ନିର୍ବିଶେଷରେ ସମସ୍ତଙ୍କୁ ଆପଣାର କରିନେବାର କଳା ବିଜୁବାବୁଙ୍କଠାରୁ ଶିଖିବାକୁ ହେବ। ୨୦୩୬ରେ ବିକଶିତ ଓଡ଼ିଶା ଗଠନ ପାଇଁ ଅଣ୍ଟା ଭିଡ଼ିଥିବା ରାଜ୍ୟ ସରକାର ତେଣୁ ପ୍ରଥମେ 'ବିଜୁବାଦ'ର ପାଠ ପଢ଼ନ୍ତୁ। କାରଣ ଏକ ଜନମଙ୍ଗଳ ରାଷ୍ଟ୍ରନୀତିରେ 'ବିଜୁବାଦ'ଠାରୁ ବଡ଼ ଶିକ୍ଷଣୀୟ ଓ ଅନୁକରଣୀୟ ମାନଦଣ୍ଡ ଆଉ କିଛି ହୋଇ ନ ପାରେ।

ଜୀବଦ୍ଦଶାରେ ପ୍ରବାଦ ପୁରୁଷ ହେବାର ସୌଭାଗ୍ୟ ପାଇଥିବା ଏବଂ ଶବାଧାରରେ ତିନି ରାଷ୍ଟ୍ରର ଜାତୀୟ ପତାକା ଶୋଭା ପାଇଥିବା ସେହି ବିରଳ ବିଶ୍ୱବନ୍ଦ୍ୟ ମହାମାନବ ହେଉଛନ୍ତି ବିଜୁବାବୁ। କିନ୍ତୁ ବିଡ଼ମ୍ବନା ଯେ ଏଭଳି ଜଣେ ବହୁମୁଖୀ ବ୍ୟକ୍ତିତ୍ୱଙ୍କୁ ଇଣ୍ଡୋନେସିଆରେ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିବା ବେଳେ ନିଜ ଦେଶ ଓ ମାଟିରେ ହିଁ ଉପେକ୍ଷା କରାଯାଇଛି। ବିଶ୍ୱର ଏହି ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଯଥାର୍ଥରେ 'ବିଶ୍ୱରତ୍ନ', ଅଥଚ ସେ ସ୍ୱାର୍ଥାନ୍ୱେଷୀ ଭୋଟସର୍ବସ୍ୱ ରାଜନୀତିର ପଶାପାଲିରେ 'ଭାରତରତ୍ନ' ସମ୍ମାନରୁ ବଞ୍ଚିତ। ଏବେ ଓଡ଼ିଶାରେ ବିଭିନ୍ନ ସରକାରୀ ଯୋଜନାରୁ ତାଙ୍କ ନାମ ବାଦ୍ ଦିଆଯିବାର ନିନ୍ଦନୀୟ ଓ ଅଶୋଭନୀୟ ପରମ୍ପରା ଯେଉଁମାନେ ଆରମ୍ଭ କରିଛନ୍ତି ଶ୍ରୀଜଗନ୍ନାଥ ତାଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। ଓଡ଼ିଶା ବିକାଶର ରୂପକାର ଓ ଓଡ଼ିଆ ସ୍ୱାଭିମାନର ଏହି ଉଦାହରଣୀୟ ମାର୍ତ୍ତଣ୍ଡଙ୍କୁ ପ୍ରଣାମ। ●

# ଅସମ୍ପୂର୍ଣ୍ଣ ସ୍ୱପ୍ନ: ଅବିରାମ ପୁନର୍ଗଠନ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

**ମୋ ସ୍ୱପ୍ନର ଓଡ଼ିଶା**

*ପୂର୍ବପ୍ରକାଶିତ ଉତ୍ତାରୁ...*

**ଅସନ୍ତୋଷ ହିଁ ମୂଳ ପ୍ରେରଣା:**

ଅଧିକାଂଶ ଆଶା ଅପୂରଣୀୟ ହୋଇ ରହିଥିଲେ ମଧ୍ୟ ଅନେକ ଆଶା ଯେ ସାର୍ଥକ ହୋଇପାରିଛି, ଏହାକୁ ଆମେ କଦାପି ଅସ୍ୱୀକାର କରିପାରିବା ନାହିଁ। ହତାଶାଜନକ ପରିସ୍ଥିତି ସତ୍ତ୍ୱେ ବହୁ ଉଚ୍ଚକୋଟୀର ପ୍ରତିଭାଙ୍କ ଆବିର୍ଭାବ, ଗଣତନ୍ତ୍ର ଶାସନ ଓ ପ୍ରଶାସନ ଦ୍ୱାରା ଜନମଙ୍ଗଳକର କାର୍ଯ୍ୟ, ଅଶିକ୍ଷା ଓ ଦାରିଦ୍ର୍ୟ ଦୂରୀକରଣ, ନାରୀଶିକ୍ଷାର ପ୍ରସାର, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିକାଶ, ଭାଷା ସାହିତ୍ୟର ସମୁନ୍ନତି, ଓଡ଼ିଶାର ସବୁ ଅଞ୍ଚଳର ସଂସ୍କୃତି ସମ୍ପର୍କରେ ଗବେଷଣା, ପାରସ୍ପରିକ ସଂପ୍ରୀତି ଆଦି ବହୁବିଷୟର ଉତ୍ସାହଜନକ ଉଦାହରଣ ବିଦ୍ୟମାନ। ତେବେ ସନ୍ତୁଷ୍ଟ ହୋଇଯିବା ଶୂକର ପକ୍ଷରେ ଶୋଭନୀୟ ହୋଇପାରେ; ମଣିଷ ପକ୍ଷରେ ନୁହେଁ। ଚିତ୍ତରଞ୍ଜନ ଦାସ ସେଥିପାଇଁ ଲେଖିଲେ 'ଶୂକର ଓ ସକ୍ରେଟିସ'। ସକ୍ରେଟିସ ଅସନ୍ତୋଷର ପ୍ରତୀକ। ନିଜସ୍ୱ ପ୍ରଗତିରେ ଯିଏ ପରିତୃପ୍ତ, ତାହାର ଚେତନାର ସମ୍ପ୍ରସାରଣ ସେତିକିରେ ହୋଇଯାଏ ସ୍ଥଗିତ। ତେଣୁ ଆଗକୁ ଆଗକୁ ଅଗ୍ରସର ହେବାକୁ ଚାହିଁଲେ ଅସନ୍ତୋଷ ହିଁ ଆମର ମୂଳ ପ୍ରେରଣା।

**ଅପ୍ରମିତ ଆଶା: ସୁଦୃଢ଼ ଆତ୍ମପ୍ରତ୍ୟୟ:**

ଆମେ ଯେଉଁମାନେ ଉଚ୍ଚଆଦର୍ଶ କାର୍ଯ୍ୟକାରୀ ହେବାକୁ ଅସମ୍ଭବ ବୋଲି ମନେ କରୁ, ମନରେ ପ୍ରଶ୍ନ ଆସେ ଆମେ ଅଛୁ କାହିଁକି ତେବେ? ଆମ ଉପସ୍ଥିତିର ଯଥାର୍ଥତା କାହିଁକି ରହିବ ଏ ଭୂମିରେ? ଯାହା ବିଗତ ନବେବର୍ଷ ମଧ୍ୟରେ ସମ୍ଭବ ହୋଇଛି, ତାହାରି ଭରସାରେ ଆଗାମୀ ଦଶବର୍ଷ ମଧ୍ୟରେ କ୍ରାନ୍ତିକାରୀ ପରିବର୍ତ୍ତନ ନ ହେବ ବୋଲି କିଏ କହିପାରିବ? ପୃଥିବୀ ମାତା ଆମଠାରୁ ନୈରାଶ୍ୟସୂଚକ ବାଣୀ ଶୁଣିବା ପାଇଁ ଚାହେଁନା। ପରିସ୍ଥିତି ଯେତେ ଉତ୍ତେଜନା ପୂର୍ଣ୍ଣ ବା ଭୟାବହ ହୋଇଥାଉ ନା କାହିଁକି ଆମେ ସମ୍ମିଳିତ ଭାବରେ ଶାନ୍ତିର ଆବାହନ କରିପାରିବା। ହିଂସା ମଧ୍ୟରେ ଅହିଂସାର ମନ୍ତ୍ର ଉଚ୍ଚାରଣ କରିବା। ଶତ୍ରୁତା ଭିତରେ ମିତ୍ରତାର ଦୃଷ୍ଟାନ୍ତ ହୋଇ ଛିଡ଼ା ହେବା। ସବୁକିଛି ବିପର୍ଯ୍ୟସ୍ତ ହୋଇ ପଡୁଥିବା ବେଳେ ବି ଅସୀମ ଧୈର୍ଯ୍ୟ ସହକାରେ ନୂତନ ସୂର୍ଯ୍ୟୋଦୟର ସ୍ୱପ୍ନ ଦେଖିବା। ସ୍ୱପ୍ନଶୂନ୍ୟ ଜୀବନ ମନୁଷ୍ୟର ହୋଇପାରେନା। ବିଭିନ୍ନ ଅପଶକ୍ତି ଦ୍ୱାରା ନାନା ବିପତ୍ତି ସୃଷ୍ଟି ହୁଏ। ତେବେ ଯାହାର ଆତ୍ମପ୍ରତ୍ୟୟ ସୁଦୃଢ଼ ତା'ର ପରାଜୟ ବୋଲି କିଛି ନ ଥାଏ। କୃଷ୍ଣପ୍ରସାଦ ମିଶ୍ର ଲେଖିଲେ ଏକ ମିନି ଗଳ୍ପ 'ତୈମୁର'। ଜଣେ କୃଷକର କ୍ଷେତ ଘର ଧ୍ୱସ୍ତବିଧ୍ୱସ୍ତ କରି ତୈମୁରର ସୈନ୍ୟବାହିନୀ ଚାଲି ଯାଉଛନ୍ତି। ଚାଷୀଟି ବିପର୍ଯ୍ୟସ୍ତ ଘର ବାଡ଼ି ସଜାଡ଼ିବାରେ ଧ୍ୟାନ ଦେଲା। ତା'ର ପତ୍ନୀ ତାକୁ କହୁଛି - 'ଆଉ କାହିଁକି ସଜାଡୁଛ? ସେମାନେ ପୁଣି ଆସିବେ ଭାଙ୍ଗିବା ପାଇଁ।' କୃଷକ ଉତ୍ତର ଦେଉଛି - 'ସେମାନେ ଯେତେଥର ଭାଙ୍ଗିବେ ମୁଁ ସେତେଥର ସଜାଡ଼ି ଦେଉଥିବି। କାରଣ ମୁଁ ଚାଷୀ।'

ତେଣୁ ବହୁ ଐଶ୍ୱର୍ଯ୍ୟ ଆମର ନଷ୍ଟବିନଷ୍ଟ ହୋଇଯାଇଛି। ତଥାପି ପରାଜୟ ବରଣ କରିନେବାକୁ ଓଡ଼ିଶା ଗଢ଼ା ହୋଇନାହିଁ। ପରିସ୍ଥିତି ଯେତେ ଗମ୍ଭୀର ହେଉ ତାହାକୁ ଅତିକ୍ରମ କରିଯିବାର ଅନ୍ତର୍ଶକ୍ତି ଆମ ଭିତରେ ତେଜସ୍କ୍ରିୟ। ଆମ ଉତ୍ତର ଦାୟାଦମାନଙ୍କ ପାଇଁ ଗୌରବ ଅନୁଭବ କରିପାରିବା ପରି ଏକ ଓଡ଼ିଶାର ନିର୍ମାଣ ଅସମ୍ଭବ ହୋଇ ରହିପାରେନା। ୧୯୩୬ ରେ ଓଡ଼ିଶା ଗଠନ ହେଲା। ଏହା ଆମ ପୂର୍ବପୁରୁଷଙ୍କ ଆମ ପ୍ରତି ଶ୍ରେଷ୍ଠ ଦାନ। କିନ୍ତୁ ଗଠନ ପରେ ସବୁ କିଛି ସରିଯାଏ ନାହିଁ। ଭାରତର ସ୍ୱାଧୀନତା ପରେ ଅଧିକାଂଶ ସଂଗ୍ରାମୀ ମନେକରନ୍ତି କାର୍ଯ୍ୟ ସମାପ୍ତ। ଗାନ୍ଧିଜୀ ଚେତାଇ ଦେଲେ ଯେ, ପ୍ରକୃତ କାର୍ଯ୍ୟ ଏଥର ଆରମ୍ଭ ହେବ। ନିଜ କଳ୍ପନାକୁ କି ଶୃଙ୍ଖଳିତ ରୂପରେ ସୁସଜ୍ଜିତ କରି ରଖିଥିଲେ ବାପୁଜୀ! ଗ୍ରାମ ଓ ସହର ନିର୍ମାଣର କୌଶଳଠାରୁ ଭାଷା, ସାହିତ୍ୟ, ସଂସ୍କୃତି, ସମାଜ, ଶିକ୍ଷା, ରାଜନୀତି, ଆଇନର କେଉଁଦିଗର ସୁସ୍ଥ ବିକାଶ ବିଷୟରେ ସେ ଭାବି ନାହାନ୍ତି! କହିଲେ - 'ଭାରତର ଆତ୍ମା ଅଛି ପଲ୍ଲୀ ପରିବେଶରେ'। ଆମର ପବିତ୍ର କର୍ତ୍ତବ୍ୟ ଥିଲା ନବନିର୍ମିତ ସହରଗୁଡ଼ିକରେ ଆଧୁନିକ ବ୍ୟବସ୍ଥା ଭିତରେ ବି ଗ୍ରାମ୍ୟ ଜୀବନର ବାସ୍ନା ଭରିଦେବା। ତା'ର ବିପରୀତ ଆଚରଣ ପ୍ରଦର୍ଶନ କରି ସହରର କୁଟିଳତା ଆଣି ଗ୍ରାମ୍ୟ ସରଳତାକୁ ବିଷାକ୍ତ କରିଦିଆଗଲା ଆଉ ଗ୍ରାମ୍ୟ ବାତାବରଣର ଅନ୍ଧବିଶ୍ୱାସ, କୁସଂସ୍କାର, ସଂକୀର୍ଣ୍ଣତା, ପରଚର୍ଚ୍ଚା - ଏହାସବୁ ସହରରେ ବି ରହିଲା ଅପରିବର୍ତ୍ତିତ। ଯୁବସମାଜ ରଚନାତ୍ମକ କାର୍ଯ୍ୟାନୁରାଗୀ ହେବା ପରିବର୍ତ୍ତେ ନିଶାଖୋର ଓ ନିଶାଚର ହେବାରେ ଅଧିକ ଆଗ୍ରହୀ ହେଲେ। ଅଧୁନା ଗାଁ ହେଉ କି ସହର, କୌଣସି ସ୍ଥାନ କ'ଣ ନିରାପଦ ଓ ନିରୁପଦ୍ରବ ହୋଇ ରହିଛି? ଗାନ୍ଧିଜୀ ଯେଉଁ ନିଶାମୁକ୍ତ ଓ ସଶକ୍ତ-ସୁରକ୍ଷିତ -ମହିଳା ସମାଜ କଥା କହୁଥିଲେ ତାହା ଆଜି ସ୍ୱପ୍ନ ହୋଇଯାଇ ନାହିଁ କି?

ଯାହା କିଛି ନଷ୍ଟ ହୋଇ ସାରିଛି, ତାହା ସବୁ ତ ଫେରି ଆସିବା ସମ୍ଭବ ହୋଇ ନପାରେ। ତେଣୁ ତା'କୁ ନେଇ ଚିନ୍ତାଗ୍ରସ୍ତ ହେବା ଦ୍ୱାରା ଅଧିକ କ୍ଷତି। ସେଥିରେ ନୈରାଶ୍ୟ ଓ ଉଦାସୀନତା ବଢ଼ିବ। ସ୍ଥାଣୁତା ହିଁ ଅବରୁଦ୍ଧ କରିଦେବ ବିକାଶର ମାର୍ଗ। ଯାହା କିଛି ଗଠନ ହୁଏ, ସେତିକିରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଏ ନାହିଁ। ସଜାଡ଼ିବାକୁ ପଡୁଥାଏ ବାରମ୍ବାର। ପୁନର୍ଗଠନ ଧାରାରେ ବିରାମ ନଥାଏ। ପ୍ରତିଟି ବର୍ଷ, ପ୍ରତିଟି ଦିନ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ପୁନଃସଜ୍ଜୀକରଣ ପାଇଁ ଏକ ଏକ ଆହ୍ୱାନ। ଏକ ଏକ ସୁବର୍ଣ୍ଣ ସୁଯୋଗ। ତେଣୁ ସାମାନ୍ୟ କ୍ଷଣଟିଏ ମଧ୍ୟ ଆମ ପାଇଁ ଅର୍ଥହୀନ ହୋଇ ନ ଯାଉ। ପ୍ରତିକ୍ଷଣ ହେଉ ସୃଜନ-କ୍ଷମ।

**ସ୍ୱପ୍ନ ସ୍ୱପ୍ନ ଅନେକ ସ୍ୱପ୍ନ:**

ଠିକ ଏହି ନାମରେ ପୁସ୍ତକଟିଏ ରଚନା କରିଛନ୍ତି ମହାପାତ୍ର ନୀଳମଣି ସାହୁ। ଯଦି ସ୍ୱପ୍ନର ବୃକ୍ଷଲତା ପ୍ରତିକୂଳ ବାତାବରଣରେ ପୂର୍ଣ୍ଣ ବିକଶିତ, ପଲ୍ଲବିତ, ପୁଷ୍ପିତ ହୋଇପାରିନାହିଁ ବୋଲି ଆମର ଅନୁଭୂତ ହେଉଛି, ଆହୁରି ଆହୁରି ଜଳ ଓ ଯତ୍ନ ଦାନରେ ସେ ସବୁକୁ ସତେଜ କରି ରଖିବା ଆମ ଦାୟିତ୍ୱ। ଅସଂଖ୍ୟ ଛାତ୍ରଛାତ୍ରୀ, ଶିଶୁ, ନାବାଳକ, ସାବାଳକ ସମସ୍ତଙ୍କ ମଧ୍ୟରେ ଭରିଦେବା ଅଗଣିତ ସ୍ୱପ୍ନର ଉପାଦାନ, ଯାହା ତାଙ୍କୁ ଜାଗ୍ରତ କରି ରଖିବ ଦେଶ ଗଠନ ପାଇଁ। ଜଣେ ବ୍ୟକ୍ତି ଟ୍ରେନରେ ଗଲାବେଳେ କେତେ ଗଛର ମଞ୍ଜି ଝରକା ଦେଇ ବାହାରକୁ ନିକ୍ଷେପ କରିଦିଅନ୍ତି। କିଛିଦିନ ପରେ ସେସବୁ ମଧ୍ୟରୁ ଅନେକ ଜଣାଅଜଣା ବୃକ୍ଷ ପତ୍ର ମେଲିଦେବ ନିଶ୍ଚିତ ଭାବରେ। ଏଇ ଆଶା ଟିକକ ହିଁ ତ ମଣିଷର ଶ୍ରେଷ୍ଠ ସମ୍ବଳ। ଗାନ୍ଧିଜୀ ପ୍ରାତଃଭ୍ରମଣ ବେଳେ ପ୍ରତିଦିନ ରାସ୍ତାର ଏକ ଅସମାନ୍ତର ସ୍ଥାନରେ ମୁଠାଏ ଗୋଡ଼ି ପକାଇ ଦିଅନ୍ତି। କିଛିଦିନ ପରେ ରାସ୍ତା ହୋଇଗଲା ସମାନ। ଏହି ସମାନତା ଆଣିବା ପାଇଁ କେବଳ ଆବଶ୍ୟକ ନିରୁତା ଆନ୍ତରିକତା। ନିବିଡ଼ ଆତ୍ମୀୟତା। ନିଜ ଦେଶ, ରାଜ୍ୟର ମଣିଷ ପ୍ରତି ନିଃସର୍ତ୍ତ ସ୍ନେହଶୀଳତା। ତାହା ପ୍ରତ୍ୟେକଙ୍କ ଅନ୍ତରରେ ସନ୍ନିହିତ।

ଏହି ପୃଷ୍ଠଭୂମିରେ ମନେପଡ଼େ ଉତ୍କଳଗୌରବ ମଧୁସୂଦନ ଦାସଙ୍କର ଜୀବନର ଅନ୍ତିମ ମୁହୂର୍ତ୍ତର କିଛି ଭାବଗମ୍ଭୀର ଶବ୍ଦ। ମୃତ୍ୟୁ ତାଙ୍କୁ ସମ୍ପୂର୍ଣ୍ଣ କୋଳାଗ୍ରତ କରିବାର କିଛିକ୍ଷଣ ପୂର୍ବରୁ ସେ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ପଚାରୁଛନ୍ତି - 'ମୁଁ ଜାଣିବାକୁ ଚାହୁଁଛି, ଦେଶ ଓ ଦଶର ମୁଖ ଉଜ୍ଜ୍ୱଳ କରିବା ପରି ଦେଶପ୍ରାଣ ଓଡ଼ିଆ ଲୋକମାନଙ୍କର ଅଭାବ ଓଡ଼ିଶାରେ ଦେଖାଯିବ ନାହିଁ ତ?' ୨୦୩୬ରେ ସ୍ୱୟଂସମ୍ପୂର୍ଣ୍ଣ ଓଡ଼ିଶାର ସ୍ୱପ୍ନ ସାକାର କରିବାର ପ୍ରସ୍ତୁତି ପଥରେ ଏହି ପ୍ରଶ୍ନ ସର୍ବାଦୌ ପ୍ରାସଙ୍ଗିକ। 'ଓଡ଼ିଶାବାସୀଙ୍କ ପ୍ରତି ତାଙ୍କର କିଛି ବାର୍ତ୍ତା ଅଛି କି?' - ପଣ୍ଡିତ ନୀଳକଣ୍ଠଙ୍କ ଏହି ପ୍ରଶ୍ନରେ ମଧୁସୂଦନଙ୍କ ଉତ୍ତର ଥିଲା - 'ଓଡ଼ିଶାର ନିର୍ମଳ ଲୋକମାନଙ୍କୁ କହିବ ଯେ ସେମାନେ ସବୁବେଳେ ସେମାନଙ୍କ ଅନ୍ତରକୁ ନିର୍ମଳ ରଖିବେ। ତା' ହେଲେ ସେମାନଙ୍କ ଅନ୍ତରାତ୍ମା ପବିତ୍ର ରହିବ।' ଉତ୍କଳଗୌରବଙ୍କ ଦୃଷ୍ଟିରେ ସେହି 'ନିର୍ମଳ ଲୋକମାନଙ୍କର' ଆବିଷ୍କାର ହିଁ ଆଜି ସବୁଠାରୁ ଆହ୍ୱାନପୂର୍ଣ୍ଣ। ଏହି 'ନିର୍ମଳ ଲୋକମାନଙ୍କ' ଉପରେ ଆସ୍ଥାଶୀଳ ହୋଇ ପୁନଃନିର୍ମାଣ ପଥର ଯାତ୍ରୀ ହେବା ପାଇଁ ଦରକାର ଛଦ୍ମତା ବିହୀନ ଆନ୍ତରିକତା।

ପରସ୍ପର ପ୍ରତି ଈର୍ଷା, ଅସୂୟା, ଅହଂକାର ନୁହେଁ, ନିର୍ବିଚାର ଭାବରେ ଉତ୍ତାଳ ସମୁଦ୍ର ପରି ଶୁଷ୍କ ବେଳାଭୂମିକୁ ମମତାପ୍ଳୁତ କରିଦେବାର ଶକ୍ତି କେହି କାହାଠାରୁ ଛଡ଼ାଇ ନେଇପାରିବ ନାହିଁ। ଯାହା ମହାକାଳ ମଧ୍ୟ ଧ୍ୱଂସ କରିଦେବାରେ ସମର୍ଥ ନୁହେଁ, ସେଇ ବିରଳ କଳା ଓ କାରିଗରୀ ଓଡ଼ିଶାବାସୀଙ୍କ ଶ୍ରେଷ୍ଠ ବଳ। ତା'ର ସୀମା ନାହିଁ। ତେଣୁ ସମ୍ଭାବନାର ଅନ୍ତଃ ଘଟିପାରେନା କେବେ ବି। ଆଜିର ପରିପ୍ରେକ୍ଷୀରେ ଅବିଶ୍ରାନ୍ତ ଭାବରେ ଓଡ଼ିଶାର ପୁନର୍ଗଠନ ହିଁ ହେଉ ଆମର ଶ୍ରେଷ୍ଠ ସ୍ୱପ୍ନ, ସର୍ବୋତ୍ତମ କର୍ତ୍ତବ୍ୟ।(ସମାପ୍ତ) ●

(ଲେଖକ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର, ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟରେ ପରିଦର୍ଶୀ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ)
ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

# ଭଙ୍ଗା ହୃତ୍‌ପିଣ୍ଡକୁ ଯୋଡୁଥିବା ଅକସିଟୋସିନ୍

ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ମସ୍ତିଷ୍କର 'ହାଇପୋଥାଲାମସ୍'ରେ ଉତ୍ପନ୍ନ ହେଉଥିବା 'ଅକ୍ସିଟୋସିନ୍'କୁ ଆମେ 'ପ୍ରେମ ହର୍ମୋନ୍' ବୋଲି କହୁ। କାରଣ ଏହା କେବଳ ଶିଶୁର ଜନ୍ମ ପ୍ରକ୍ରିୟା ଏବଂ ମା'ଠାରେ କ୍ଷୀରର କ୍ଷରଣ ସହ ସଂପୃକ୍ତ ନୁହେଁ। ସେଥିସହିତ ସାମାଜିକ ବନ୍ଧନ, ଯୌନ ଆଚରଣ, ପ୍ରେମ ଏବଂ ବିବିଧ ଆନନ୍ଦଦାୟୀ ଅନୁଭବ ମଧ୍ୟ ସୃଷ୍ଟି କରେ। କିନ୍ତୁ ଏବେ ଗବେଷକମାନେ ସେଥିରେ ଆବିଷ୍କାର କଲେଣି ଏକ ଆଶତୀତ ଗୁଣ। ତାହା ହେଲା ଭଙ୍ଗା ହୃତ୍‌ପିଣ୍ଡର ମରାମତି। ସେମାନଙ୍କ ଅଧ୍ୟୟନ ଅନୁସାରେ କାଣ୍ଡକୋଷିକାମାନଙ୍କୁ ହୃଦ୍‌ଘାତରେ କ୍ଷତିଗ୍ରସ୍ତ ହୋଇଥିବା ହୃତପିଣ୍ଡକୁ ସଜାଡ଼ିବା ଏବଂ ତାର ସଙ୍କୋଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରୁଥିବା 'କାର୍ଡିଓମାଇଓସାଇଟସ୍' ନାମକ ମାଂସପେଶୀରୁ ଜୀବକୋଷମାନଙ୍କ ବିକାଶକୁ ଉଦ୍ଦୀପିତ କରେ।

ହୃତ୍‌ପିଣ୍ଡ ଯଥେଷ୍ଟ ଅମ୍ଳଜାନ ପ୍ରାପ୍ତ ନ ହେଲେ ଏଗୁଡ଼ିକ ମୃତ୍ୟୁବରଣ କରନ୍ତି। ଅବଶ୍ୟ, 'ଏପିକାର୍ଡିୟମ୍-ଡେରାଇଭଡ୍ ପ୍ରୋଜେନିଟର୍ ସେଲସ୍' କୁହାଯାଉଥିବା କାଣ୍ଡକୋଷିକା ସଦୃଶ୍ୟ ଜୀବକୋଷମାନଙ୍କ ଦ୍ୱାରା ତାହାର ପୁନରୁତ୍ପତ୍ତି ହୋଇପାରେ। କିନ୍ତୁ ମଣିଷର ଏ ସାମର୍ଥ୍ୟ ଯଥେଷ୍ଟ ନୁହେଁ। ଅନ୍ୟପକ୍ଷରେ ତା'ର କ୍ଷତିଗ୍ରସ୍ତ ହୃତପିଣ୍ଡ ଜୀବକୋଷଗୁଡ଼ିକୁ କ୍ଷତଗ୍ରସ୍ତ ତନ୍ତୁକୁ ରୂପାନ୍ତର କରେ। ଏହି ଅସ୍ଥାୟୀ ସମାଧାନ ପରବର୍ତ୍ତୀ ସମୟରେ ହୃତପିଣ୍ଡ ଅକାମୀ ହେବାର କାରଣ ହୋଇପାରେ। ସେଥିପାଇଁ ମିଚିଗାନ୍ ରାଜ୍ୟ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଏଇଟର୍ ଆଗୁଇରେ ମଣିଷଠାରେ ହୃତପିଣ୍ଡର କାର୍ଯ୍ୟ ସାମାନ୍ୟ କରିବା ଲାଗି 'କାର୍ଡିଓ ମାଇଓସାଇଟସ୍'ର ପୁନରୁତ୍ପତ୍ତି କରିବା ପାଇଁ ଉପାୟଟିଏ ଆବିଷ୍କାର କରିବାକୁ ମନ ବଳାଇଲେ। ତାଙ୍କ ଗବେଷଣାରେ କ୍ଷତିଗ୍ରସ୍ତ ହୃତ୍‌ପିଣ୍ଡର ଉପଶମନ ପାଇଁ ସେ ମସ୍ତିଷ୍କ ଉପରେ ଧ୍ୟାନ ଦେଲେ। ଏହାର ହାଇପୋଥାଲାମସ୍ ଏବଂ ପିଟ୍ୟୁଟାରୀ ଭଳି ସ୍ନାୟବିକ ସଂରଚନାଗୁଡ଼ିକ ବିଭିନ୍ନ ହରମୋନ୍‌ର କ୍ଷରଣ ଘଟାଇ ଆମ ହୃତ୍‌ସ୍ପନ୍ଦନ ହାର ଏବଂ ରକ୍ତଚାପ ଭଳି ହୃଦ୍‌ବାହିନୀ କ୍ରିୟାକଳାପକୁ ନିୟନ୍ତ୍ରଣ କରନ୍ତି।

ଅନ୍ୟପକ୍ଷରେ, ଜେବ୍ରା ମାଛ ଉପରେ ହୋଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ ଏହାର ଅନେକ ହର୍ମୋନ୍ ହୃତପିଣ୍ଡ ପୁନର୍ବିନ୍ୟାସ ପ୍ରକ୍ରିୟାକୁ ପ୍ରଭାବିତ କରନ୍ତି। ଉଦାହରଣ ସ୍ୱରୂପ ଏଷ୍ଟ୍ରୋଜେନ୍ ଏହାକୁ କ୍ଷିପ୍ର କଲା ବେଳେ 'କୋର୍ଟିସଲ' ଏହାକୁ ହ୍ରାସ କରେ। ପୁନଶ୍ଚ ଆଫ୍ରିକାର କେତେକ ଜାତିର ବେଙ୍ଗଛୁଆଙ୍କଠାରେ ହୋଇଥିବା ପରୀକ୍ଷାରୁ ହାଇପୋଥାଲାମସ୍‌ରେ କ୍ଷତ ହେଲେ ହୃତପିଣ୍ଡ ପୁନର୍ବିନ୍ୟାସ ବାଧାପ୍ରାପ୍ତ ହେବାର ଜଣାପଡ଼ିଛି। ଏହି ସବୁ ବିଚାରକୁ ନେଇ ଆଗୁଇରେ ସିଦ୍ଧାନ୍ତରେ ଉପନୀତ ହେଲେ ଯେ ହୃତପିଣ୍ଡରେ କ୍ଷତ ହେଲା ପରେ ମସ୍ତିଷ୍କ ଏହାର ପୁନର୍ବିନ୍ୟାସକୁ ସୁଗମ କରିବାକୁ ବିବିଧ ହରମୋନ୍‌ର କ୍ଷରଣ ଘଟାଏ।

ସେ ଓ ତାଙ୍କର ସହଯୋଗୀମାନେ ଏପ୍ରକାର ୧୫ ଟି ଚିହ୍ନଟ କରିପାରିଛନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି ଗ୍ରୋଥ୍ ହର୍ମୋନ୍' (ମାଂସପେଶୀ ପୁନଃବିନ୍ୟାସକାରୀ), ପ୍ରୋଲାକଟିନ୍ (ମୂଷାମାନଙ୍କ ଠାରେ ବୃକ୍କ ପୁନର୍ବିନ୍ୟାସ ନିୟନ୍ତ୍ରକ) ଏବଂ ଅକ୍ସିଟୋସିନ୍ (ମାଂସପେଶୀର ସୁରକ୍ଷା ଏବଂ ପୁନର୍ବିନ୍ୟାସ ପାଇଁ ଲୋଡ଼ା)। ଆଗୁଇରେ ଓ ତାଙ୍କ ସହଯୋଗୀମାନେ ଏହି ହର୍ମୋନ୍‌ଗୁଡ଼ିକୁ ଏପିପିକ୍ସରେ ମିଶାଇ ତାହା ହୃତପିଣ୍ଡର ପୁନର୍ବିନ୍ୟାସ କରିପାରନ୍ତି କି ନାହିଁ, ତାହା ପରୀକ୍ଷା କରିବାକୁ ଲାଗିଲେ। ଫଳରେ ସେମାନେ ଦେଖିବାକୁ ପାଇଲେ ଯେ ଏଥିମଧ୍ୟରେ ସବୁଠାରୁ ଶକ୍ତିଶାଳୀ ପ୍ରଭାବଥିଲା 'ଅକ୍ସିଟୋସିନ୍'ର। ଏହା ଏପିପିକ୍‌ମାନଙ୍କର ଦ୍ରୁତ ଉତ୍ପାଦନ କରିବାର ଦକ୍ଷତା ଅନ୍ୟମାନଙ୍କ ତୁଳନାରେ ୩ ଗୁଣ ପର୍ଯ୍ୟନ୍ତ ବୃଦ୍ଧି କରିବାର ଦେଖାଗଲା। ସେମାନେ ତତ୍ପରେ ଏକ ସଜୀବଠାରେ ହୃତପିଣ୍ଡର ପୁନର୍ବିନ୍ୟାସ ପାଇଁ 'ଅକ୍ସିଟୋସିନ୍' ର ଭୂମିକା ସଂପର୍କରେ ଅଧିକ ଗବେଷଣା କରିବାକୁ ଚାହିଁଲେ। ସେଥିପାଇଁ ସେମାନେ ଜେବ୍ରାମାଛକୁ ବାଛିଲେ। କାରଣ ଏହାର ମସ୍ତିଷ୍କ ରେଟିନା ଆଦି ଆଭ୍ୟନ୍ତରୀଣ ଅଙ୍ଗ, ହାଡ଼ ଓ ଚର୍ମ ଆଦି ପୁନର୍ବିନ୍ୟାସ କରିବାର ଅସାଧାରଣ ଦକ୍ଷତା ରହିଛି। ସେଥିପାଇଁ ସେମାନଙ୍କୁ ହୃଦ୍‌ଘାତ ହୁଏ ନାହିଁ। ପୁନଶ୍ଚ ସେମାନେ ଏଥିପାଇଁ ମଣିଷ ଭଳି ଏପିପିକ୍‌ଙ୍କ ଉପରେ ନିର୍ଭର କରନ୍ତି।


ପରୀକ୍ଷାରେ ଗବେଷକମାନେ ଜେବ୍ରା ମାଛର ହୃତସ୍ପନ୍ଦନ ଦେଖିବା ପାଇଁ ତା' ଛାତିକୁ ଚିରିଦେଲେ। ତତ୍ପରେ ଧୀରେ ଧୀରେ ଏକ ତରଳ ଯବକ୍ଷାରଜାନ ଦ୍ୱାରା ହିମୀକୃତ ଧାତବ ପରୀକ୍ଷା ଯନ୍ତ୍ରକୁ ହୃତପିଣ୍ଡକୁ ଛୁଆଁଇ ୪୫ ସେକେଣ୍ଡ ପାଇଁ ରଖିଲେ। ଶେଷରେ ସେମାନେ ଚିରା ସ୍ଥାନକୁ ବନ୍ଦ କରିଦେଲେ ଏବଂ ମାଛଟିକୁ 'ଆକ୍ୟୁଆରମ୍' ମଧ୍ୟରେ ଛାଡ଼ିଦେଲେ। ଫଳରେ କ୍ଷତ ହେବାର ତିନିଦିନ ମଧ୍ୟରେ ତା' ମସ୍ତିଷ୍କରେ 'ଅକ୍ସିଟୋସିନ୍' ୧୮ ଗୁଣ ବୃଦ୍ଧି ପାଇବାର ଦେଖାଗଲା। ଏହା ୭ ଦିନ ଧରି ଚାଲିଲା। ଏଥିରୁ ଜଣାପଡ଼ିଲା ଯେ ହୃତପିଣ୍ଡରେ କ୍ଷତ ହେଲା ପରେ ଏକ ନିର୍ଦ୍ଦିଷ୍ଟ ସମୟ ଧରି ମସ୍ତିଷ୍କ ରକ୍ତସ୍ରୋତ ମଧ୍ୟକୁ ପ୍ରଚୁର 'ଅକ୍ସିଟୋସିନ'ର ପ୍ରବାହ ଘଟାଏ। ହୃତପିଣ୍ଡ ତନ୍ତୁର ପୁନର୍ବିନ୍ୟାସ ଲାଗି ଏହି ପ୍ରେମହର୍ମୋନର ଆବଶ୍ୟକତା ନିଶ୍ଚିତ କରିବା ପାଇଁ ଗବେଷକମାନେ କିଛି ଜେବ୍ରାମାଛଙ୍କ ହୃତପିଣ୍ଡ କ୍ଷତିଗ୍ରସ୍ତ କରିବା ସହିତ ସେମାନଙ୍କୁ 'ଅକ୍ସଟୋସିନ୍' ପ୍ରତିରୋଧକ ଇଂଜେକସନ୍ ଦେଲେ। ଫଳରେ ସମୟକ୍ରମେ କ୍ଷତଗୁଡ଼ିକ ଶୁଖିଲା, କିନ୍ତୁ ତହିଁରେ ବହୁସଂଖ୍ୟକ ଦାଗଯୁକ୍ତ ତନ୍ତୁମାନ ଦେଖାଗଲା। ଅତଏବ ହୃତପିଣ୍ଡ ପୂର୍ବାବସ୍ଥାକୁ ଫେରିଆସିଲା ନାହିଁ।

ଏହି ଫଳାଫଳ ପ୍ରଦର୍ଶନ କଲା ଯେ 'ଅକ୍ସିଟୋସିନ୍' ଦ୍ୱାରା ଏପିପିକ୍ ଉତ୍ପାଦନ ପ୍ରକ୍ରିୟାର ତ୍ୱରାନ୍ୱିତ ହୁଏ, ଯାହାକି ହୃତପିଣ୍ଡର ମରାମତିରେ ସହାୟତା କରେ। ମଣିଷଠାରେ ଏ ସାମର୍ଥ୍ୟ ରହିଛି ସୀମିତ ମାତ୍ରାରେ। ତଥାପି ଏହାଦ୍ୱାରା ତା'ର ହୃଦ୍‌ଘାତ ପରବର୍ତ୍ତୀ ଚିକିତ୍ସା କରାଯାଇ ପାରିବାର ସମ୍ଭାବନା ରହିଛି। ଏଥିପାଇଁ ଏବେ ନାନାପ୍ରକାର ଔଷଧ ପ୍ରସ୍ତୁତି ଲାଗି ଉଦ୍ୟମ ଚଳାଇଛନ୍ତି ଗବେଷକମାନେ। ତାହା 'ଅକ୍ସିଟୋସିନ'ର କ୍ଷରଣ ଘଟାଇ ଏ ପ୍ରକ୍ରିୟାକୁ ଦ୍ରୁତ ଏବଂ ଅଧିକ ଫଳପ୍ରସୂ କରିବ ବୋଲି ଆଶା। ●

ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

# ଶ୍ରୀପୁରୁଷୋତ୍ତମଙ୍କ ରତ୍ନଭଣ୍ଡାର

**ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ**



ଚାରଣ ବସନ୍ତ ପଣ୍ଡା

ସମଗ୍ର ଭୂମିଖଣ୍ଡ ଯାହାଙ୍କ ଚରଣ, ଅନ୍ତରୀକ୍ଷ ଯାହାଙ୍କ ନାଭି, ଦଶଦିଶ ଯାହାଙ୍କ କର୍ଣ୍ଣ, ଚନ୍ଦ୍ର ଓ ସୂର୍ଯ୍ୟ ଯାହାଙ୍କ ନୟନ ଯୁଗଳ, ସ୍ୱର୍ଗଲୋକ ଯାହାଙ୍କ ମସ୍ତକ, ସେହି ତ୍ରିଲୋକବ୍ୟାପୀ ପରମେଶ୍ୱର ପୁରୁଷୋତ୍ତମଙ୍କ ବାସଯୋଗ୍ୟ ମନ୍ଦିର ନିର୍ମାଣ କରିବାକୁ କେଉଁମାନେ ସମର୍ଥ ହେବେ? ଏହାଭାବି ବୋଧହୁଏ ପୂର୍ବର ନରପତିମାନେ ପୁରୁଷୋତ୍ତମଙ୍କ ମନ୍ଦିର ନିର୍ମାଣରେ ଉପେକ୍ଷା କରିଥିଲେ। କିନ୍ତୁ ଚୋଡ଼ଗଙ୍ଗ ଦେବ ଶ୍ରୀପୁରୁଷୋତ୍ତମଙ୍କ ମହାମନ୍ଦିର ନିର୍ମାଣ କରାଇଦେଲେ। ତେବେ ପ୍ରଶ୍ନ ଉଠେ ଅନନ୍ତବର୍ମ ଚୋଡ଼ଗଙ୍ଗ (ଖ୍ରୀଷ୍ଟାବ୍ଦ. ୧୦୭୮-ଖ୍ରୀଷ୍ଟାବ୍ଦ.୧୧୪୭) ୨୧୩ଫୁଟ ୮ଇଞ୍ଚ(ପ୍ରାୟ) ଉଚ୍ଚ ମହାମନ୍ଦିର ଶ୍ରୀପୁରୁଷୋତ୍ତମ ବିଷ୍ଣୁଙ୍କ ପାଇଁ ସମୁଦ୍ର କୂଳରେ ନିର୍ମାଣ କରିବାର ମୁଖ୍ୟ ଉଦ୍ଦେଶ୍ୟ କ'ଣ ଥିଲା? ମହାବିଷ୍ଣୁ ଶ୍ରୀପୁରୁଷୋତ୍ତମଙ୍କ ପାଇଁ ଏ ମହାମନ୍ଦିର (ଶ୍ରୀବତ୍ସ ଖଣ୍ଡାଶାଳ) ନିର୍ମାଣ ପାଇଁ କେଉଁ ସୂତ୍ରରୁ ବିପୁଳ ଧନରାଶି ସେ ସଂଗ୍ରହ କରିଥିଲେ? ଆପଣାର ବାହୁବଳରେ ଅର୍ଜନ କରିଥିବା ସେ ବିପୁଳ ଧନ ରାଶି ତତ୍କାଳୀନ ସମୟେ କେଉଁଠାରେ ଗଚ୍ଛିତ କରି ରଖିଥିଲେ ? ଏ ସବୁର ଉତ୍ତର ପାଇଁ ଫେରିଯିବାକୁ ପଡ଼ିବ ଓଡ଼ିଶା ଇତିହାସର କୁକ୍ଷି ମଧ୍ୟକୁ।

ଗଙ୍ଗେଶ୍ୱର ଚୋଡ଼ଗଙ୍ଗ ଥିଲେ ସମରନିପୁଣ। ଉତ୍କଳର ସୋମବଂଶୀ ଓ ବେଙ୍ଗୀ ରାଜ୍ୟର ଚାଲୁକ୍ୟ ରାଜାଙ୍କ ସମେତ ଅନ୍ୟାନ୍ୟ ରାଜାମାନଙ୍କୁ ପରାସ୍ତ କରି ଅପାର ଧନ ରାଶି ଲାଭ କରିଥିଲେ। ସମରଲବ୍ଧ ଧନକୁ କେବଳ ଧର୍ମ କାର୍ଯ୍ୟରେ ବିନିଯୋଗ କରିବା ଶାସ୍ତ୍ରସମ୍ମତ। ତେଣୁ ସେହି ଧନସମ୍ପଦକୁ ମନ୍ଦିର ନିର୍ମାଣରେ ବିନିଯୋଗ କଲେ। ପୂର୍ବେ ଧନରତ୍ନର ସୁରକ୍ଷା ନିମନ୍ତେ ଭୂଗର୍ଭରେ ଭଣ୍ଡାର ନିର୍ମାଣ କରାଯାଉଥିଲା। ଚୋଡ଼ଗଙ୍ଗ ସେହିପରି ଗୋଟାଏ ଭଣ୍ଡାର ନିର୍ମାଣ କରାଇ ସେଥିରେ ପ୍ରଚୁର ଧନ ରଖି ତାଙ୍କ ଗୁରୁଙ୍କ ଜିମାରେ ଦେଇ ବଡ଼ ଦେଉଳ ନିର୍ମାଣ କାର୍ଯ୍ୟରେ ବ୍ୟୟ କରିବାକୁ ସ୍ଥିର କଲେ। ବର୍ତ୍ତମାନ ଶ୍ରୀମନ୍ଦିରର ଉତ୍ତର ପାର୍ଶ୍ୱରେ ଯେଉଁ 'ସୁନା କୂଅ' ଅଛି ତାହା ହିଁ ଭଣ୍ଡାର ହୋଇଥିଲା। ତାହାର ସୁରକ୍ଷା ସକାଶେ ଦେବୀ ଶୀଳତା ମାଁଙ୍କୁ ସେଠାରେ ସ୍ଥାପନା କରାଯାଇଥିଲା(ଉତ୍କଳ ପ୍ରସଙ୍ଗ/ ରଥ ବିଶେଷାଙ୍କ/ ୨୦୦୨/ଡଃ. ସତ୍ୟ ନାରାୟଣ ରାଜଗୁରୁ/ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରର ପ୍ରାଚୀନତା ଓ ମନ୍ଦିର ପ୍ରତିଷ୍ଠା)। ଏହା ହିଁ ବୋଧେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀପୁରୁଷୋତ୍ତମଙ୍କ ପ୍ରଥମ ରତ୍ନଭଣ୍ଡାର। ଚୋଡ଼ଗଙ୍ଗ ଦେବ ଏହି ମନ୍ଦିରର କେବଳ ବିମାନ ଓ ଜଗମୋହନ ନିର୍ମାଣ କରିଥିଲେ। ଉକ୍ତ ମନ୍ଦିର କ୍ରମାଙ୍କ ନଂ -୮, ପ୍ଲଟ ନଂ -୫ରେ ବାହାର ଭଣ୍ଡାର ଓ ସେହି କ୍ରମାଙ୍କ ପ୍ଲଟ ନଂ:-୬ରେ ଭିତର ଭଣ୍ଡାର ରହିଛି। ସେଠାରେ ବିପୁଳ ପରିମାଣର ହୀରା, ନୀଳା, ମୋତି, ମାଣିକ୍ୟ, ସୁନା, ରୁପା, ତମ୍ବା, ପିତଳର ବହୁମୂଲ୍ୟ ପଦାର୍ଥମାନ ଗଚ୍ଛିତ କରି ରଖା ଯାଇଥିଲା। ଶ୍ରୀପୁରୁଷୋତ୍ତମଙ୍କ ଉପାସନା ନିମନ୍ତେ ତତ୍କାଳୀନ ଶାସକ/ ବିତ୍ତଶାଳୀ ସମାଜ ଶ୍ରେଷ୍ଠୀ/ରାଜ କର୍ମଚାରୀ ଧନ ରତ୍ନ ଦାନ ସୂତ୍ରରେ ଦେଇଥିବା ଶ୍ରୀନୃସିଂହ ମନ୍ଦିର ଶିଳାଲେଖ, ମାଦଳା ପାଞ୍ଜି, ଡଃ. ସତ୍ୟ ନାରାୟଣ ରାଜଗୁରୁଙ୍କ ଆଲେଖ୍ୟରୁ ପ୍ରମାଣ ମିଳେ।

ରତ୍ନଭଣ୍ଡାର ଦୁଇକୋଠରି ବିଶିଷ୍ଟ। ବାହାର ଭଣ୍ଡାର, ଯାହାର ଆନୁମାନିକ ଦୈର୍ଘ୍ୟ ଓ ପ୍ରସ୍ଥ ଯଥାକ୍ରମେ ୨୦ ଫୁଟରେ ୨୦ ଫୁଟ ଥିବାବେଳେ ଭିତରଭଣ୍ଡାର ସେହିକ୍ରମରେ ୪୦ ରେ ୪୦ ଫୁଟ। ଏହାର ଭୂଇଁ ପ୍ରସ୍ତର ନିର୍ମିତ ହୋଇଥିବା ବେଳେ ଛାତ ଢଳେଇ ଦ୍ୱାରା ଆବୃତ। ଭିତର ଭଣ୍ଡାରର ପୂର୍ବ ଓ ପଶ୍ଚିମ ଦିଗରେ ଦୁଇଟି ଗୋଲାକାର ରନ୍ଧ୍ର ରହିଛି। ପୂର୍ବେ ଏହି ରନ୍ଧ୍ର ଜରିଆରେ ଶ୍ରୀପୁରୁଷୋତ୍ତମଙ୍କ ଭଣ୍ଡାରରକ୍ଷକ ସର୍ପମାନଙ୍କ ଉଦ୍ଦେଶ୍ୟରେ ମହାପ୍ରସାଦ ପ୍ରଦାନ କରାଯାଉ ଥିବାର ଶୁଣାଯାଏ। ମାତ୍ର ଅଧୁନା ସେବ୍ୟବସ୍ଥା ନାହିଁ।

ଚୋଡ଼ଗଙ୍ଗ ଦେବଙ୍କଠାରୁ ଆରମ୍ଭ କରି ଗଜପତି ଭାନୁଦେବ( ୪ର୍ଥ) ଙ୍କ ପର୍ଯ୍ୟନ୍ତ ଦୀର୍ଘ ୨୦୦ବର୍ଷର ଗଙ୍ଗବଂଶୀଙ୍କ ଶାସନ ସମୟେ ଶ୍ରୀପୁରୁଷୋତ୍ତମଙ୍କ ରତ୍ନଭଣ୍ଡାରକୁ ପ୍ରଦାନ କରାଯାଇଥିବା ମହାର୍ଘ୍ୟ ସମ୍ଭାରର ହିସାବ ଫର୍ଦ୍ଦ (ସାମାନ୍ୟ ଭାବେ କିଛିର ସୂଚନା କେବଳ ମାଦଳାପାଞ୍ଜିର ରାଜଭୋଗ ଇତିହାସରେ ଉଲ୍ଲେଖ ଅଛି) ଅଧୁନା ଦେଖିବାକୁ ମିଳେ ନାହିଁ। ସମୟ ଆସିଛି ଯେତେବେଳେ ଧର୍ମକୁ ରାଜନୀତି ସହିତ ସଂପୃକ୍ତ କରାଯାଇଛି ସେତେବେଳେ ଶ୍ରୀପୁରୁଷୋତ୍ତମ ବୋଲାଇଛନ୍ତି ସମଗ୍ର ଗଙ୍ଗ ସାମ୍ରାଜ୍ୟର ଅଧୀଶ୍ୱର। ଏହାପରେ ଠାକୁର ହୋଇଗଲେ 'ରାଜା', ରାଜା ବୋଲାଇଲେ 'ଠାକୁର ରାଜା'। ଠାକୁର ହୋଇଗଲେ 'ସେବ୍ୟ'। ରାଜା ବୋଲାଇଲେ 'ସେବକ'। ଆରମ୍ଭ ହେଲା 'ସ୍ୱରାଟ ରାଟ' ସେବା। ସେତେବେଳେ ମହାପ୍ରଭୁଙ୍କ ଉପାସନା କ୍ଷେତ୍ରରେ ଦେଖାଦେଲା 'ରାଜକୀୟ ଆଢେଣୀ'। ଅର୍ଥାତ୍ ଜଣେ ସମ୍ରାଟଙ୍କ ସେବା ନିମନ୍ତେ ରାଜପ୍ରାସାଦରେ ଯେଉଁପରି ଖଞ୍ଜା ହେଉଥିଲା ତା'ର ଅନୁରୂପ ବ୍ୟବସ୍ଥା ରହିଲା। କାଳକ୍ରମେ ପୂରି ଉଠିଛି ମହାପ୍ରଭୁଙ୍କ ୫୨ କୋଟି ରତ୍ନଭଣ୍ଡାର(ଗଜପତି ରାଜାଙ୍କ ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ଓଡ଼ିଶାର ରାଜାମାନଙ୍କ ଦାନ - ଡଃ. ସତ୍ୟ ନାରାୟଣ ରାଜଗୁରୁ /ପାଞ୍ଚଜନ୍ୟ/୮ମବର୍ଷ/୨ୟ୩ୟ ସଂଖ୍ୟା/ଦଶହରା ବିଶେଷାଙ୍କ/୧୯୮୭ ଦ୍ରଷ୍ଟବ୍ୟ)।

ଇତିହାସ କୁହେ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସର ନିଃଶ୍ୱାସ ମଧ୍ୟରେ ବିଧର୍ମୀମାନଙ୍କ ସାମ୍ରାଜ୍ୟ ବିସ୍ତାର, ଧନ ଲିପ୍ସା ଓ ଧର୍ମାନ୍ଧତାର ଶିକାର ହୋଇଛି ଶ୍ରୀପୁରୁଷୋତ୍ତମଙ୍କ ରତ୍ନଭଣ୍ଡାର। ପ୍ରାୟ ପନ୍ଦର ଥର ଲୁଣ୍ଠିତ ହୋଇଛି ଓଡ଼ିଆ ଜାତିର ଐତିହ୍ୟର ଐଶ୍ୱର୍ଯ୍ୟ। ବିଧର୍ମୀମାନଙ୍କ ଆକ୍ରମଣ ସହିତ କେଶୋଦାସ ମାରୁ ପରି ହିନ୍ଦୁ ମଧ୍ୟ ବିବେକକୁ ଭୁଲି ଲୁଣ୍ଠନ କରିବାକୁ ପଶ୍ଚାତପଦ ହୋଇନାହାନ୍ତି। ପ୍ରଥମେ ରକ୍ତବାହୁ, ତା' ପରକୁ ପର ବଙ୍ଗ ସୁଲତାନ ଇଲିୟାସ ଶାହ, ଫିରୋଜ ତୋଗଲକ, ଇସମାଇଲି ଗାଜି, କଳାପାହାଡ଼, ସୁଲେମାନ ଓ ଓସମାନ, ମିର୍ଜା ଖୁରୁମ, ହାସିମ ଖାଁ, କେଶୋଦାସ, କଲ୍ୟାଣ ମଲ୍ଲ, ମକରାମ ଖାଁ, ମିର୍ଜା ଅହମ୍ମଦ ବେଗ ଖାଁ, ଅମିର ଫତେ ଖାଁ, ଏକ ରାମ ଖାଁ, ମହମ୍ମଦ ତକିଆ ଖାଁ ଆକ୍ରମଣ ଓ ଲୁଣ୍ଠନ କରିଛନ୍ତି ରତ୍ନଭଣ୍ଡାର। ସବୁଠାରୁ ବର୍ବରୋଚିତ, ଲୋମହର୍ଷଣକାରୀ ଆକ୍ରମଣ ତଥା ଲୁଣ୍ଠନ ଥିଲା ବଙ୍ଗ ସୁଲତାନ ସୁଲେମାନ କରନିର ଅନ୍ୟତମ ସେନାପତି କଳାପାହାଡ଼(ହିନ୍ଦୁରୁ ମୁସଲମାନ ହୋଇଥିବା)ର। ଥରି ଉଠିଥିଲା ଓଡ଼ିଆ ଜାତିର ଅସ୍ଥି ପଞ୍ଜରା। ଆକ୍ରମଣରେ ସାମିଲ୍ ଥିବା ସୈନିକମାନେ ପ୍ରତ୍ୟେକେ ଗୋଟିଏ/ଦୁଇଟି ସୁବର୍ଣ୍ଣ ପ୍ରତିମା ପାଇଥିବା ଇତିହାସ କୁହେ। ତନ୍ମଧ୍ୟରୁ ସବୁଠାରୁ ବଡ଼ ପ୍ରତିମାର ଓଜନ ଥିଲା ୩୦ ମହଣ।(କ୍ରମଶଃ...) ●

ନୟାଗଡ଼, ମୋ: ୯୨୩୭୦୯୫୨୪୯



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବନ୍ୟାଜଳ ପରିଚାଳନା ନେଇ ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଆଲୋଚନା

ସମ୍ବଲପୁର, ୮।୭ (ସମିସ): ହୀରାକୁଦ ଅଶୋକ ନିବାସଠାରେ ଆଜି ଓଡ଼ିଶା ଏବଂ ଛତିଶଗଡ଼ ଜଳସମ୍ପଦ ବିଭାଗ ସମେତ କେନ୍ଦ୍ରୀୟ ଜଳ ଆୟୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହାନଦୀ ଅବବାହିକାରେ ଆଗାମୀ ବନ୍ୟାଜଳ ପରିଚାଳନା, ସମନ୍ୱୟ ରକ୍ଷା ଏବଂ ଉଭୟ ରାଜ୍ୟ ମଧ୍ୟରେ ସୂଚନା ତଥା ତଥ୍ୟର ଆଦାନପ୍ରଦାନକୁ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବୈଠକରେ ହୀରାକୁଦ ଡ୍ୟାମ ମୁଖ୍ୟଯନ୍ତ୍ରୀ ତଥା ମହାନଦୀ ବେସିନ ମ୍ୟାନେଜର ଇଂ. ପ୍ରତାପ ଚନ୍ଦ୍ର ଚୌଧୁରୀ ଏବଂ କେନ୍ଦ୍ରୀୟ ଜଳ ଆୟୋଗର ମୁଖ୍ୟଯନ୍ତ୍ରୀ (ମହାନଦୀ ଓ ଇଷ୍ଟର୍ଣ୍ଣ ରିଭର୍ସ) ଜି. ନାଗାମୋହନଙ୍କ ସମେତ ଓଡ଼ିଶା ଓ ଛତିଶଗଡ଼ର ଜଳସମ୍ପଦ ବିଭାଗ ଅଧିକାରୀ ଓ ବୈଷୟିକ ଅଧିକାରୀମାନେ ଉପସ୍ଥିତ ଥିଲେ।

କେନ୍ଦ୍ରୀୟ ଜଳ ଆୟୋଗର ମୁଖ୍ୟଯନ୍ତ୍ରୀ ନାଗାମୋହନଙ୍କ ଅନୁଯାୟୀ, ବନ୍ୟା ନିୟନ୍ତ୍ରଣ ସକାଶେ ମହାନଦୀ ବେସିନକୁ ତିନୋଟି ବୃହତ୍ ଭାଗରେ ବିଭକ୍ତ କରାଯାଇଛି। ଏଥିମଧ୍ୟରୁ ସିଷ୍ଟମ୍-୨ରେ ହୀରାକୁଦ ଡ୍ୟାମ ଅଞ୍ଚଳ ରହିଛି। ଆସନ୍ତା ମାସ ସିଷ୍ଟମ-୧ର ଛତିଶଗଡ଼ର ରାୟପୁରରେ ହେବ। ଆଜି ସିଷ୍ଟମ୍-୨ ସକାଶେ ଉଭୟ ରାଜ୍ୟ ସରକାରଙ୍କ ପ୍ରତିନିଧି ଡାକି ତଥ୍ୟ ଆଦାନପ୍ରଦାନ ଏବଂ ବନ୍ୟା ମୁକାବିଲା ନେଇ ଆଲୋଚନା କରାଯାଇଥିଲା ଏବଂ ସହମତି ପ୍ରକାଶ ପାଇଥିଲା ବୋଲି ସେ କହିଛନ୍ତି। ବୈଠକରେ କ୍ୟାଚ୍‌ମେଣ୍ଟ ଏରିଆରେ କେତେବର୍ଷା ହେଉଛି, ସେମାନଙ୍କ ଡ୍ୟାମ୍‌ରେ କେତେ ଜଳ ପ୍ରବେଶ କରୁଛି, କେତେ ଜଳ ଛତିଶଗଡ଼ର ବେଙ୍ଗୋ ଡ୍ୟାମ ତଥା ରବିଶଙ୍କର ସାଗର ଡ୍ୟାମ ଭଳି ଉପରମୁଣ୍ଡର ପ୍ରକଳ୍ପଗୁଡ଼ିକରୁ ଜଳ ନିଷ୍କାସନର ସୂଚନା ଦିଆଯାଇଥିଲା। ଜଳପ୍ରବେଶ ଅନୁସାରେ ହୀରାକୁଦ ଡ୍ୟାମ କେତେ ଜଳ ନିଷ୍କାସନ କରିବ। ବର୍ଷା ପରିମାଣ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ରୁ ଜଣା ପଡ଼ିଥାଏ, ସେଥିରୁ କେତେ ପାଣି ଆସିବ ତଦନୁଯାୟୀ ଜଳ ନିଷ୍କାସନର ଆକଳନ କରାଯାଇଥାଏ। ବନ୍ୟା ଜଳ ପରିଚାଳନା ପାଇଁ ଛତିଶଗଡ଼, ଓଡ଼ିଶା ଓ ସିଡବ୍ଲ୍ୟୁସିର ସନ୍ତୁଳିତ ତଥ୍ୟ ଆଦାନପ୍ରଦାନ ଦ୍ୱାରା ସଠିକ୍ ଭାବେ ହୋଇପାରିବ ବୋଲି ଶ୍ରୀ ନାଗାମୋହନ ଆଶାପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଛତିଶଗଡ଼ ପକ୍ଷରୁ ବିଭିନ୍ନ ଡ୍ୟାମ୍ ଗୁଡ଼ିକର ଜଳସ୍ତର ଓ ଜଳ ନିଷ୍କାସନ ତଥ୍ୟ ହୀରାକୁଦ ମୁଖ୍ୟଯନ୍ତ୍ରୀଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଆଜି ବୈଠକ ପରେ ଅଣମୌସୁମୀ ସମୟରେ ଉପରମୁଣ୍ଡରେ ବ୍ୟାରେଜ୍ ଗୁଡ଼ିକର ଗେଟ୍ ବନ୍ଦ କରି ଓଡ଼ିଶାକୁ ଜଳ ପ୍ରବାହ ହ୍ରାସ କରାଯାଉଥିବା ନେଇ ଗଣମାଧ୍ୟମର ପ୍ରଶ୍ନର ଛଉର ଛତିଶଗଡ଼ ଜଳସମ୍ପଦ ବିଭାଗ ଅଧିକାରୀମାନେ ନଦେଇ ଏଡ଼ାଇ ଯାଇଥିଲେ। ଏହାସହ ବନ୍ୟା ପରିଚାଳନା କ୍ଷେତ୍ରରେ ଛତିଶଗଡ଼ ଓଡ଼ିଶାକୁ ଠିକ୍ ସହଯୋଗ କରୁ ଥିବା ନେଇ ଅଭିଯୋଗକୁ ଅଧିକାରୀମାନେ ଅସ୍ୱୀକାର କରିଥିଲେ।

# ମାଗଣା ଶିକ୍ଷା ପାଇଁ ୭୫% ଉପସ୍ଥାନ ଜରୁରୀ

**ଛାତ୍ରଛାତ୍ରୀଙ୍କ ପାଇଁ ବାଧ୍ୟତାମୂଳକ ହେବ ବାଇଓମେଟ୍ରିକ୍**

ଭୁବନେଶ୍ୱର, ୮।୭(ସମିସ): ଶିକ୍ଷାନୁଷ୍ଠାନରେ ଦୈନିକ ଉପସ୍ଥାନକୁ କଡ଼ାକଡ଼ି ଯାଞ୍ଚ କରାଯିବ। ଏଥିପାଇଁ ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନରେ ବାଇଓମେଟ୍ରିକ୍ ଉପସ୍ଥାନ ବ୍ୟବସ୍ଥା କରାଯିବା ଲାଗି ଯୋଜନା କରୁଛନ୍ତି ସରକାର। ଏହାସହ ଉଚ୍ଚ ଶିକ୍ଷାନୁଷ୍ଠାନରେ ୭୫ ପ୍ରତିଶତ ଉପସ୍ଥାନକୁ ବାଧ୍ୟତାମୂଳକ କରାଯିବା ସହ ଉପସ୍ଥାନ କମିଲେ ଛାତ୍ରଛାତ୍ରୀଙ୍କୁ ସରକାରୀ ସୁବିଧାରୁ ବାଦ୍ ଦିଆଯିବ। ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ଏକ ଯୋଜନା ପ୍ରସ୍ତୁତ କରିଛି। ଚଳିତ ଶିକ୍ଷାବର୍ଷରୁ ରାଜ୍ୟରେ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ନୀତି ଲାଗୁ ହୋଇଥିବାବେଳେ ପିଲାଙ୍କୁ ଶିକ୍ଷାମନସ୍କ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପଦକ୍ଷେପ ଗ୍ରହଣ କରିଛି। ପୂର୍ବରୁ ଛାତ୍ରଛାତ୍ରୀଙ୍କ ପାଇଁ ୭୫ ପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ କରାଯାଇଥିଲେ ମଧ୍ୟ ଅନେକ ବିସଙ୍ଗତି ପରିଲକ୍ଷିତ ହେଉଥିଲା। ତେଣୁ ଏବେ ଅଧ୍ୟାପକ ଅଧ୍ୟାପିକାଙ୍କ ପରି ପ୍ରତିଦିନ ଛାତ୍ରଛାତ୍ରୀମାନେ ମଧ୍ୟ ବାଇଓମେଟ୍ରିକ୍ ବା ଡିଜିଟାଲ୍ ଉପସ୍ଥାନ ଦାଖଲ କରିବେ। ଏଥିରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଯୋଜନା ପ୍ରସ୍ତୁତ ହୋଇଛି। ଶ୍ରେଣୀ ଗୃହରେ ୭୫ ପ୍ରତିଶତ ଉପସ୍ଥାନ ହେଉ ନ ଥିବା ପିଲାଙ୍କୁ ମାଗଣା ଶିକ୍ଷା ମିଳିବ ନାହିଁ। ନାମଲେଖା ଫି' ସାଙ୍ଗକୁ ଆନୁସଙ୍ଗିକ ଫି' ମଧ୍ୟ ଦାଖଲ କରିବାକୁ ପଡ଼ିବ। ନାମଲେଖା ସମୟରେ ହିଁ ୭୫ ପ୍ରତିଶତ ଉପସ୍ଥାନ ସହିତ ମାଗଣା ଶିକ୍ଷା ପାଇବା ପାଇଁ ଛାତ୍ରଛାତ୍ରୀମାନେ ସମ୍ମତିପତ୍ର ଦେବେ ବୋଲି ଉଚ୍ଚଶିକ୍ଷା ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ କରିଛି। ଛାତ୍ରଛାତ୍ରୀମାନେ ଶ୍ରେଣୀଗୃହରେ ନିଜର ଉପସ୍ଥିତି ସମ୍ପର୍କରେ ଦୈନିକ ବାଇଓମେଟ୍ରିକ୍ ବା ଡିଜିଟାଲ୍ ଉପସ୍ଥାନ ଦାଖଲ କରିବେ। ଅନ୍ୟଥା ନାମଲେଖା ଫି' ଦାଖଲ କରିବେ ବୋଲି ନିଜର ସମ୍ମତି ଦେବାକୁ ପଡ଼ିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶାନ୍ତି ଚୁକ୍ତି ରଦ୍ଦ...

ଜୁନ୍ ମାସରେ ଓମାନ ଏବଂ ଜାତିସଂଘର ଆନ୍ତର୍ଜାତିକ ସାମୁଦ୍ରିକ ସଂସ୍ଥା ପକ୍ଷରୁ ଉପସାଗରରେ ଅଟକିଥିବା ଜାହାଜଗୁଡ଼ିକର ସୁରକ୍ଷିତ ଚଳାଚଳ ପାଇଁ ଘୋଷଣା କରାଯାଇଥିଲା। ତେବେ ଏହି ଘଟଣାକୁ ନେଇ ଭାରତ, ଓମାନ, ଆମେରିକା କିମ୍ବା ଆନ୍ତର୍ଜାତିକ ସାମୁଦ୍ରିକ ସଂସ୍ଥା ପକ୍ଷରୁ କିଛି କୁହାଯାଇ ନାହିଁ।

### ବୁଡ଼ିଗଲା ୧୦ ଲକ୍ଷ...

ଏବଂ ଘରୋଇ ବ୍ୟାଙ୍କଗୁଡ଼ିକର ନିଫ୍‌ଟି ସୂଚକାଙ୍କ ୨.୫%ରୁ ଅଧିକ ହ୍ରାସ ପାଇଛି। ନିଫ୍‌ଟି ବ୍ୟାଙ୍କ ସୂଚକାଙ୍କ, ନିଫ୍‌ଟି ଏଫ୍‌ଏମ୍‌ସିଜି ସୂଚକାଙ୍କ ଏବଂ ତୈଳ ଓ ଗ୍ୟାସ୍ ସୂଚକାଙ୍କ ୨%ରୁ ଅଧିକ ହ୍ରାସ ପାଇଛି। ଯଦିବା ସକାଳେ ବଜାର ନିମ୍ନ ସ୍ତରରେ କାରବାର ଆରମ୍ଭ କରିଥିଲା, କିନ୍ତୁ ଅପରାହ୍ନରେ ଏଥିରେ ଦ୍ରୁତ ଗତିରେ ସୁଧାର ଆସିଥିଲା। ଏହାବ୍ୟତୀତ ଯୁଦ୍ଧବିରତି ଶେଷ ହେବା ସହ ଅଶୋଧିତ ତୈଳ ମୂଲ୍ୟରେ ମଧ୍ୟ ୬% ବୃଦ୍ଧି ଘଟି ପୁଣି ଏହା ୭୫ ଡଲାର ପାଖାପାଖି ପହଞ୍ଚିଛି।

### ଆଜି ହୀରାକୁଦ...

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୨.୯୭ ଫୁଟ ରହିଥିଲା। ନଦୀବନ୍ଧର ସମସ୍ତ ସ୍ଲୁଇସ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୪୨,୯୬୬ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨୬,୩୦୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ପାୱାର ଚ୍ୟାନାଲ ଦେଇ ୨୩,୩୨୩ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୭ ଘନଫୁଟ, କେନାଲ ପାଇଁ ୨୭୩୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ତେବେ ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସିତ ହେଉନାହିଁ। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୮୦୦୦ କ୍ୟୁସେକ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୪୯,୭୯୯ କ୍ୟୁସେକ, ଖଇରମାଲଠାରେ ୧,୦୬,୦୦୦ କ୍ୟୁସେକ, ବାରମୁଳାଠାରେ ୧,୫୫,୦୦୦ କ୍ୟୁସେକ ଏବଂ ମୁଣ୍ଡଲୀଠାରେ ୪,୨୦,୮୨୪ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୨.୨୪ ମିମି ଏବଂ ତଳମୁଣ୍ଡରେ ୦.୦୨ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ହୀରାକୁଦ ନଦୀବନ୍ଧର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ହୀରାକୁଦ ନଦୀବନ୍ଧରେ ୬୪ଟି ସ୍ଲୁଇସ ଫାଟକ ଓ ୩୪ଟି କ୍ରେଷ୍ଟ ଫାଟକ ସହ ମୋଟ ୯୮ଟି ନିଷ୍କାସନ ଫାଟକ ରହିଛି। ଏହା ମାଧ୍ୟମରେ ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ କରାଯାଇଥାଏ। ଗତବର୍ଷ ଜୁଲାଇ ୬ ତାରିଖ, ୨୦୨୪ରେ ଜୁଲାଇ ୨୮ ତାରିଖ, ୨୦୨୩ରେ ଜୁଲାଇ ୨୩ ତାରିଖ, ୨୦୨୨ରେ ଜୁନ ୨୫ ତାରିଖ, ୨୦୨୧ରେ ସେପ୍ଟେମ୍ବର ୧୪ ତାରିଖ, ୨୦୨୦ ମସିହାରେ ଜୁନ ୨୫ ତାରିଖ ହୀରାକୁଦ ଜଳଭଣ୍ଡାରରୁ ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଥିଲା।

### 'ପିନାକା'ର ସଫଳ...

ପରେ ପୂର୍ବ ଯୋଜନା ମୁତାବକ ସମସ୍ତ ମାନଦଣ୍ଡକୁ ପିନାକା ରକେଟ ସଫଳତାର ପୂରଣ କରିଥିଲା। ପରେ ଏହା ପୂର୍ବାନୁମାନ କରାଯାଇଥିବା ଟ୍ରାଜେକ୍ଟୋରିକୁ ସଠିକ୍ ଭାବେ ଅନୁସରଣ କରି ଲକ୍ଷ୍ୟସ୍ଥଳରେ ନିଖୁଣ ଭାବେ ଆଘାତ କରିଥିଲା। ପରୀକ୍ଷଣ ସମୟରେ ଆଇଟିଆର ଦ୍ୱାରା ନିୟୋଜିତ ସମସ୍ତ ଅତ୍ୟାଧୁନିକ ରେଞ୍ଜ ଉପକରଣ ରକେଟର ସମ୍ପୂର୍ଣ୍ଣ ଗତିପଥକୁ ସଫଳତାର ସହ ଟ୍ରାକ୍ କରିଥିଲେ। ସେଥିରୁ ସଂଗୃହୀତ ତଥ୍ୟ, ନିର୍ଦ୍ଧାରିତ ମାନଦଣ୍ଡ ସହ ସମ୍ପୂର୍ଣ୍ଣ ମେଳ ଖାଇଥିଲା। ପିନାକା ଲଙ୍ଗ ରେଞ୍ଜ ଗାଇଡେଡ୍ ରକେଟକୁ 'ଡିଆରଡିଓ'ର ଆର୍ମାମେଣ୍ଟ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଏଷ୍ଟାବ୍ଲିସମେଣ୍ଟ (ଏଆରଡିଇ) ପକ୍ଷରୁ ହାଇ ଏନର୍ଜି ମାଟେରିଆଲ୍ସ ରିସର୍ଚ୍ଚ ଲାବରେଟୋରି (ଏଚଇଏମଆରଏଲ) ସହଯୋଗରେ ଡିଜାଇନ ଓ ବିକଶିତ କରାଯାଇଛି। ଏହି ପ୍ରକଳ୍ପରେ ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଲାବରେଟୋରୀ (ଡିଆରଡିଏଲ) ଏବଂ ରିସର୍ଚ୍ଚ ସେଣ୍ଟର ଇମାରତ (ଆରସିଆଇ) ମଧ୍ୟ ପ୍ରଯୁକ୍ତିଗତ ସହଯୋଗ ପ୍ରଦାନ କରିଛନ୍ତି। ସଫଳ ପରୀକ୍ଷଣର ସମନ୍ୱୟ ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ (ଆଇଟିଆର) ଏବଂ ପ୍ରୁଫ୍ ଆଣ୍ଡ ଏକ୍ସପେରିମେଣ୍ଟାଲ୍ ଏଷ୍ଟାବ୍ଲିଶମେଣ୍ଟ (ପିଏକ୍ସଇ) ପକ୍ଷରୁ କରାଯାଇଥିଲା। ଭାରତୀୟ ସେନାରେ ସମ୍ପ୍ରତି ବ୍ୟବହୃତ ହେଉଥିବା ପିନାକା ଲଞ୍ଚରରୁ ଏହି ରକେଟ ପ୍ରକ୍ଷେପଣ କରାଯାଇଥିଲା। ଏହି ସଫଳ ପରୀକ୍ଷଣ ମାଧ୍ୟମରେ ସମାନ ଲଞ୍ଚରରୁ ବିଭିନ୍ନ ଦୂରତା ବିଶିଷ୍ଟ ପିନାକା ରକେଟ ପ୍ରକ୍ଷେପଣ କରିବାର କ୍ଷମତା ମଧ୍ୟ ସଫଳତାର ସହ ପ୍ରଦର୍ଶିତ ହୋଇଥିବା ବେଳେ ଏହା ଭାରତୀୟ ସେନାର କାର୍ଯ୍ୟକ୍ଷମତା ଓ ଯୁଦ୍ଧ ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରିବ ବୋଲି ପ୍ରତିରକ୍ଷା ବିଭାଗ ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତରେ ସୂଚନା ଦିଆଯାଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ସଫଳ ପରୀକ୍ଷଣ ପାଇଁ ଡିଆରଡିଓ, ଭାରତୀୟ ସେନା ଏବଂ ପ୍ରକଳ୍ପ ସହ ଜଡ଼ିତ ସମସ୍ତ ଶିଳ୍ପ ସଂସ୍ଥାଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିରକ୍ଷା ସଚିବ, ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗର ସଚିବ ତଥା ଡିଆରଡିଓର ଅଧ୍ୟକ୍ଷ ରାଜେଶ କୁମାର ସିଂହ ଆଇଟିଆରରେ ଉପସ୍ଥିତ ରହି ଏହି ପରୀକ୍ଷଣକୁ ତଦାରଖ କରିଥିଲେ।

### ଆଜି ଆସୁଛନ୍ତି...

ପାରିବେ। ଏହା ସହିତ ପ୍ରାଧିକରଣ ପତ୍ର ପାଇଥିବା ମତ୍ସ୍ୟଜୀବୀମାନେ ସୀମା ଅତିକ୍ରମ କରି ଅନ୍ତର୍ଜାତୀୟ ସମୁଦ୍ରରେ ମଧ୍ୟ ମାଛଧରି ପାରିବେ। ଏହି ପଦକ୍ଷେପ ଦ୍ୱାରା ମତ୍ସ୍ୟଜୀବୀଙ୍କ ଜୀବନ-ଜୀବିକା ଅଧିକ ସଶକ୍ତ ହେବେ। କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ, ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ, ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍. ପି. ସିଂହ ବାଘେଲ, ଓଡିଶାର ମତ୍ସ୍ୟ ଓ ପ୍ରାଣିସମ୍ପଦ ଏବଂ ଏମ୍‌ଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସାଂସଦ ଅପରାଜିତା ଷଡଙ୍ଗୀଙ୍କ ସମେତ ପ୍ରାୟ ୧,୦୦୦ ମତ୍ସ୍ୟଚାଷୀ ଏବଂ ମତ୍ସ୍ୟଜୀବୀ, ମତ୍ସ୍ୟ ଉଦ୍ୟୋଗୀ ଅଂଶଗ୍ରହଣ କରିବେ। ମତ୍ସ୍ୟଜୀବୀ, ଜାତୀୟ ସମବାୟ ରପ୍ତାନି ଲିମିଟେଡ୍, ମାଛ ଧରିବା ଜାହାଜ ମାଲିକମାନଙ୍କ ସମେତ ମତ୍ସ୍ୟ ସମବାୟ ସମିତିଗୁଡିକୁ ଉପରାଷ୍ଟ୍ରପତି ପ୍ରାଧିକରଣ ପତ୍ର ବଣ୍ଟନ କରିବେ। ଏହାଦ୍ୱାରା ଯୋଗ୍ୟ ଭାରତୀୟ ଜାହାଜଗୁଡିକ ସମୁଦ୍ରରେ ମାଛ ଧରିବା କାର୍ଯ୍ୟ କରିପାରିବେ। ଗଭୀର ସମୁଦ୍ରରୁ ମାଛ ଧରିବା ଦ୍ୱାରା ମତ୍ସ୍ୟଚାଷୀମାନଙ୍କ ପାଇଁ ଅଧିକ ଆୟର ସୁଯୋଗ ସୃଷ୍ଟି ହେବ। ଏହା ଆନ୍ତର୍ଜାତିକ ସମୁଦ୍ର ଓ ଗଭୀର ସମୁଦ୍ରରୁ ମାଛ ଧରିବା ସହ ମତ୍ସ୍ୟ ରପ୍ତାନି କ୍ଷେତ୍ରରେ ଓଡିଶାକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛି। ଉନ୍ନତ ମାଛଧରା ଉପକରଣ, ପରିଚାଳନା ଏବଂ ବଜାର ସଂଯୋଗ ପାଇଁ ସହଯୋଗ ଯୋଗାଇ ଦିଆଯିବ। ଓଡିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରାୟ ୫ ଲକ୍ଷ ମତ୍ସ୍ୟଜୀବୀ ବଙ୍ଗୋପସାଗର ଉପରେ ପେଟପାଟଣା ପାଇଁ ନିର୍ଭର କରନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ପ୍ରାୟ ୨.୪ ଲକ୍ଷ ମେଟ୍ରିକ ଟନ ରହିଛି।

### ବୁଢାବଲଙ୍ଗରେ ଭାସିଯାଇଥିବା...

ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଥିଲେ। ଆଜି ଭାସିଯାଇଥିବା ସ୍ଥାନରୁ ପ୍ରାୟ ଏକ କିଲୋମିଟର ଦୂରରେ ଥିବା ପାଟଳୀପୁରା ବାଲି ଖାଦାନ ନିକଟରୁ ଯୁବକଙ୍କ ମୃତଦେହ ମିଳିଛି। ମୃତଦେହ ଉଦ୍ଧାର ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ନାଖରା ପୋଲ ନିକଟରେ ଲୋକଙ୍କ ଭିଡ଼ ହୋଇଛି। ବୈଶିଙ୍ଗା ପୁଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ନଦୀରେ ଗାଧୋଇବା ଓ ଭିଡିଓ ସୁଟିଙ୍ଗ ସମୟରେ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତାକୁ ପୁର୍ନବାର ମନେ ପକାଇ ଦେଇଛି। ବିଶେଷକରି ବର୍ଷା ଋତୁରେ ନଦୀର ସୁଅ ବୃଦ୍ଧି ପାଇବାରୁ ଯୁବପିଢ଼ି ସଚେତନ ହେବା ଦରକାର ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହି ଘଟଣା ଯୋଗୁଁ ଗ୍ରାମବାସୀଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି।

### ପ୍ରବାସୀ ଶ୍ରମିକଙ୍କ...

ଶ୍ରମିକଙ୍କୁ ପଞ୍ଚାୟତସ୍ତରରେ ଚିହ୍ନଟ କରି ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ପାଇଁ ସରକାର ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି। ତେବେ ଦାଦନ ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର ପାଲଟିଥିବା ବେଳେ ଶ୍ରମମନ୍ତ୍ରୀଙ୍କ ଆଶ୍ୱାସନା ଉପରେ ରାଜ୍ୟବାସୀ କିପରି ଭରସା କରିବେ, ତାହା ସନ୍ଦେହ ସୃଷ୍ଟି କରିଛି।

ଶ୍ରମମନ୍ତ୍ରୀ କହିଛନ୍ତି ଯେ ସମଗ୍ର ରାଜ୍ୟରେ ଦଲାଲ୍ ସକ୍ରିୟ ରହିଛନ୍ତି। ଆଗାମୀ ଦିନରେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ବିନା ପଞ୍ଜୀକରଣରେ ରାଜ୍ୟ ବାହାରକୁ ଶ୍ରମିକ ପଠାଉଥିବା ଦଲାଲଙ୍କ ବିରୋଧରେ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ନେବେ। ଏହାସହ ରାଜ୍ୟ ବାହାରକୁ କାମ କରିବାକୁ ଯାଉଥିବା ଶ୍ରମିକଙ୍କ ସମ୍ପୂର୍ଣ୍ଣ ତଥ୍ୟ ଦେବା ପାଇଁ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ବାହାରକୁ ଯାଉଥିବା ପ୍ରତ୍ୟେକ ଶ୍ରମିକଙ୍କ ସଂପୂର୍ଣ୍ଣ ତଥ୍ୟ ଦେବେ ପଞ୍ଚାୟତ କର୍ତ୍ତୃପକ୍ଷ। ରାଜ୍ୟ ବାହାରେ ଥିବା ଶ୍ରମିକଙ୍କ ତଥ୍ୟ ସଂଗ୍ରହ କରି ସେମାନଙ୍କୁ ଫେରାଇ ଆଣି କାର୍ଯ୍ୟଦକ୍ଷତା ଅନୁଯାୟୀ ନିଜ ଜିଲ୍ଲାରେ ରୋଜଗାର ଦେବାକୁ ବିଭାଗ ଯୋଜନା କରିଛି ବୋଲି ସେ କହିଛନ୍ତି।

ନିକଟରେ ତାମିଲନାଡୁରେ ଏକ କମ୍ପାନୀରେ ଘଟିଥିବା ଦୁର୍ଘଟଣାରେ ଓଡ଼ିଶାର ୧୫ ଜଣ ଲୋକଙ୍କ ଜୀବନ ଯାଇଛି। ତନ୍ମଧ୍ୟରେ କେବଳ କେନ୍ଦୁଝର ଜିଲ୍ଲାର ୧୪ ଜଣ ଜୁଆଙ୍ଗ ଜନଜାତିର ଶ୍ରମିକ ସାମିଲ ରହିଥିଲେ। ଯାହା ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ରାଜ୍ୟ ସରକାର ଦାଦନ ଶ୍ରମିକ ସମସ୍ୟାର ମୂଳୋତ୍ପାଟନ କରିବାକୁ ଘୋଷଣା କରିଥିବାବେଳେ ଏପରି ଅଘଟଣ କିପରି ଘଟିଲା ବୋଲି ରାଜ୍ୟବ୍ୟାପୀ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଦାଦନ ଶ୍ରମିକ ସମସ୍ୟାକୁ ରୋକିବା ପାଇଁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଟାସ୍କ ଫୋର୍ସ ଗତ ଦୁଇ ବର୍ଷ ହେଲା କି ପଦକ୍ଷେପ ନେଇଛି ବୋଲି ମଧ୍ୟ ଅନେକ ପ୍ରଶ୍ନ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ଶ୍ରମମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ବିଶେଷଜ୍ଞ ଓ ରାଜନୈତିକ ସମୀକ୍ଷକମାନେ ସନ୍ଦେହ ପ୍ରକାଶ କରିଛନ୍ତି। ରାଜ୍ୟସାରା ଦଲାଲ୍ ସକ୍ରିୟ ରହିଛନ୍ତି ବୋଲି ନିଜେ ମନ୍ତ୍ରୀ ସ୍ୱୀକାର କରୁଥିଲେ ହେଁ ସେମାନଙ୍କ ବିରୋଧରେ ବିଗତ ୨ ବର୍ଷରେ ସେପରି କିଛି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ ବୋଲି ମଧ୍ୟ ପ୍ରଶ୍ନ କରିଛନ୍ତି। ଏପଟେ ରାଜ୍ୟ ବାହାରେ ଥିବା ଶ୍ରମିକଙ୍କୁ ଫେରାଇ ଆଣି ରାଜ୍ୟରେ ନିଯୁକ୍ତି ଦେବାକୁ ମନ୍ତ୍ରୀ କହୁଛନ୍ତି। ଏଥିପାଇଁ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ୨୦୧୯ ରୁ ୨୦୨୫ ମଧ୍ୟରେ ରାଜ୍ୟ ବାହାରେ ପ୍ରାୟ ୪୩୨ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ରାଜ୍ୟରେ କର୍ମନିଯୁକ୍ତି ପାଇଁ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତ ହୋଇ ପାରି ନାହିଁ। ଏହି ପରିପ୍ରେକ୍ଷୀରେ ଅନ୍ୟ ରାଜ୍ୟରୁ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ଫେରାଇ ଆଣି ଏଠାରେ ନିଯୁକ୍ତି ଦେବାକୁ ସରକାର ସକ୍ଷମ କି ବୋଲି ମଧ୍ୟ ଅନେକ ସାମାଜିକ ସମୀକ୍ଷକ ମଧ୍ୟ ପ୍ରଶ୍ନ କରିଛନ୍ତି।

### ଓଡ଼ିଶା ହାତରୁ...

ଦାବିକୁ ଅଧିକ ବଳ ମିଳିପାରେ ଏବଂ ଭବିଷ୍ୟତରେ ଓଡ଼ିଶାର ଦାବି ଦୁର୍ବଳ ହୋଇପାରେ। ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଭୋଗରାଇ ବିଧାୟକ ଶ୍ରୀ ଦାସ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କୁ ଭେଟି ବିସ୍ତୃତ ଆଲୋଚନା କରିଥିଲେ। ସେ ମନ୍ତ୍ରୀଙ୍କୁ ଅବଗତ କରାଇ କହିଥିଲେ ଯେ, ଏହା କେବଳ ଭୋଟର ତାଲିକାର ପ୍ରସଙ୍ଗ ନୁହେଁ, ବରଂ ଓଡ଼ିଶାର ଭୌଗୋଳିକ ଅଖଣ୍ଡତା ଓ ସୀମା ସୁରକ୍ଷା ସହ ଜଡ଼ିତ ଏକ ଗୁରୁତର ବିଷୟ। ସେ ରାଜ୍ୟ ସରକାରଙ୍କୁ ତୁରନ୍ତ ହସ୍ତକ୍ଷେପ କରି ଆଇନଗତ ଓ ପ୍ରଶାସନିକ ପଦକ୍ଷେପ ନେବାକୁ ଦାବି କରିଥିଲେ। ବିଧାୟକ ଶ୍ରୀ ଦାସଙ୍କ ସୂଚନା ଅନୁସାରେ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ଗ୍ରହଣ କରି ତତ୍‌କ୍ଷଣାତ୍ ବାଲେଶ୍ୱର ଜିଲ୍ଲାପାଳଙ୍କ ସହ ଟେଲିଫୋନ ଯୋଗେ ଆଲୋଚନା କରି ଘଟଣାର ସମ୍ପୂର୍ଣ୍ଣ ବିବରଣୀ ତୁରନ୍ତ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ବିଧାୟକ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଶୀଘ୍ର ଏକ ଉଚ୍ଚସ୍ତରୀୟ ବୈଠକ ଡାକିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ଭୋଗରାଇ ଅଞ୍ଚଳରେ ଆଉ ପାଞ୍ଚଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଗତବର୍ଷରୁ କରାଯାଇଥିବା ଦାବିକୁ ମଧ୍ୟ ବିଧାୟକ ମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିଥିଲେ। ମନ୍ତ୍ରୀ ଏହି ପ୍ରସ୍ତାବ ଉପରେ ମଧ୍ୟ ଶୀଘ୍ର ସକାରାତ୍ମକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ଶଙ୍ଖାମେଦି ପ୍ରସଙ୍ଗ ବର୍ତ୍ତମାନ କେବଳ ଏକ ସୀମାନ୍ତ ଗାଁର ସମସ୍ୟା ହୋଇ ରହିନାହିଁ; ଏହା ଓଡ଼ିଶାର ଭୌଗୋଳିକ ପରିଚୟ, ସ୍ଥାନୀୟ ଲୋକଙ୍କ ଗଣତାନ୍ତ୍ରିକ ଅଧିକାର ଓ ରାଜ୍ୟର ସାର୍ବଭୌମ ପ୍ରଶାସନିକ ସ୍ୱାର୍ଥ ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ଉଭା ହୋଇଛି। ସ୍ଥାନୀୟ ବାସିନ୍ଦା ଏବଂ ବୁଦ୍ଧିଜୀବୀ ମହଲ ଆଶା କରୁଛନ୍ତି ଯେ ରାଜ୍ୟ ସରକାର ଏହି ବିଷୟରେ ତୁରନ୍ତ ଓ ଦୃଢ଼ ପଦକ୍ଷେପ ନେଇ ଶଙ୍ଖାମେଦିର ସ୍ୱାର୍ଥ ଓ ଓଡ଼ିଶାର ଅଧିକାରକୁ ସୁରକ୍ଷିତ ରଖିବେ।


**ATAL BEHARI COLLEGE, BASUDEVPUR**
BHADRAK, ODISHA, 756125
principal.abcollege@gmail.com

**CALL FOR QUOTATION**

Sealed quotations are invited from authorized firms/suppliers/dealers having valid registration, PAN, and GSTIN for the supply of 8 (Eight) Desktop Computers (Intel Core i5 or higher, minimum 12th Generation), 8 (Eight) UPS units, and 1 (One) Multi-Function Printer for the upgradation of the IT infrastructure of the College. The sealed quotations must reach the undersigned on or before **14.07.2026 (Tuesday) by 2.00 PM.** For further details, terms and conditions, and technical specifications of the items, kindly visit the College website: https://abcollegebasudevpur.ac.in.

Sd/- Principal

4001/192/2627
GOVERNMENT OF ODISHA
OFFICE OF THE ADDITIONAL CHIEF ENGINEER-CUM-ELECTRICAL INSPECTOR, KORAPUT
AT: PUJARIPUT (OLD LIC BUILDING), DIST: KORAPUT, PIN-764020
E-MAIL: eikoraput-od@od.gov.in

No. 604 Dated 06.07.2026

**TENDER CALL NOTICE FOR ELECTRIC VEHICLE (EV) HIRING**

Sealed quotations / tenders are invited from interested reputed Travel Agencies / Tour Operators / Private individuals for providing 01 (one) no. of Electric driven Commercial light vehicle having sitting capacity not more than 5 (Five) including driver on Monthly rent basis. Details available in the office from 06.07.2026 to 28.07.2026 or Website: www.eicelectricityodisha.nic.in. The Schedule of tender is as follows.

| Last Date of Receipt of Tender | Time | Opening of Tender | Time |
|---|---|---|---|
| 28.07.2026 | 3.00 P.M. | 28.07.2026 | 4.00 P.M. |

The undersigned reserves the right to reject any or all the tenders without assigning any reason thereof.

Sd/-
Additional Chief Engineer
-Cum-Electrical Inspector, Koraput
OIPR-4001/4095/1/26-27/0002

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12
13001/11114/2627

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର -10 ରେ ପ୍ଲଟ୍ ନଂ-10-1F/447 ଟିକୁ ଶ୍ରୀ ଭାଗିରଥୀ ବେହେରା, ପିତା-v ନାରାୟଣ ବେହେରା, ସା-ପ୍ଲଟ ନଂ-୧୪୭, ପୋ- ବୁଦ୍ଧେଶ୍ୱରୀ, ଥା- ଲକ୍ଷ୍ମୀସାଗର, ଜିଲ୍ଲା-ଖୋର୍ଦ୍ଧା, ଓଡିଶା ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଭାଗିରଥୀ ବେହେରା ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଦେବେନ୍ଦ୍ର ନାଥ ସାହୁ, ପିତା-v ଚକ୍ରଧର ସାହୁ, ସା-ବ୍ରହ୍ମପୁର, ପୋ-ଚାରୀରକବ, ଭାୟା-ସାଲେପୁର, ଥା-ଲେମାଲୋ, ଜିଲ୍ଲା-କଟକ, ଓଡିଶା ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

OIPR-13001/13037/1/26-27/0069 ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

GOVERNMENT OF ODISHA 32001/518/2627
**DEPARTMENT OF WATER RESOURCES**
**Office of the Superintending Engineer**
**Deo Head Works Division, Karanjia**
AT/PO – Karanjia, Dist. – Mayurbhanj – 757037
E-mail: teedhwd@gmail.com

**e-Procurement Notice**
Bid Identification No.: 02/SEDHWD of 2026-27
No.: 1971 /SE-DHWD, Date: 07.07.2026

1. **Nature of the Work:** Civil Work
2. **Number of Works:** 02 (Two) Nos. of Individual Work
3. **Approximate Amount Put to Tender:** ₹60.3 Lakhs, ₹63.2 Lakhs
4. **Period of Completion:** 06 (Six) Calendar Months
5. **Class of Contractor:** "B" Class Contractor
6. **Date & Time of Availability of Bid Document in the Portal:** 10.07.2026 (10:00 AM) to 24.07.2026 (5:30 PM)
7. **Last Date & Time of Seeking Tender Clarification:** 22.07.2026 up to 1:00 PM
8. **Last Date & Time of Receipt of Bids in the Portal:** 24.07.2026 up to 5:30 PM
9. **Date, Time & Place of Opening of Technical Bid/s (Cover-I):** **28.07.2026 at 11:30 AM in the** Office of the Superintending Engineer, Deo Head Works Division, Karanjia, Mayurbhanj.
10. **Date, Time & Place of Opening of Financial Bid/s (Cover-II):** To be intimated after evaluation of Technical Bid.
11. **Name & Address of the Officer Inviting Bid: Superintending Engineer,** Deo Head Works Division, Karanjia, AT/PO – Karanjia, PS – Karanjia, Dist. – Mayurbhanj, PIN – 757037

*Further details can be seen from the Government website: www.tendersodisha.gov.in.
Any addendum, corrigendum or cancellation of the tender can also be seen in the said website.

OIPR-32001/32248/1/26-27/0002
Superintending Engineer
Deo Head Works Division, Karanjia

**AFFIDAVIT**
By virtue of an affidavit before the Executive Magistrate, Baripada, affidavit no-143 on dated 09/06/2026. I Subash Chandra Si, S/o- Late Mukunda Si, At/Po:- Paunsia, P.S- Badasahi, Dist:- Mayurbhanj, pin:- 757025, Odisha. That I am the father of my minor son Saibinayak Si which is mentioned in his birth certificate vide regd no-886, on dated 24/07/2013. But in his Adhara Card wrongly it is mentioned as Sahibinayak Si S/O - Subash Chandra Si. So at all times hereafter in all records, deeds, Writings and in all proceedings, dealings and transaction private as well as public and upon all Occasion he will be known as Saibinayak Si instead of Sahibinayak Si.

**NOTICE**
I, **Debesh Kumar Agrawal,** (Proprietor of Vishesh Industries), S/o Late Mangtu Ram Agrawal, resident of Silda, PO: Dumerpani, PS & District: Nuapada, Odisha, do hereby solemnly declare that I deposited a sum of **Rs. 1,25,712/-** on **25.10.2004,** toward a security deposit, for which Money Receipt No. **636071** dated- **25.10.2004,** was duly issued to me. I further declare that the aforementioned original money receipt has been destroyed by white ants, this affidavit is to filled before the TPWODL, Nuapada for release of aforesaid security deposit as affirmed in the affidavit No. 495, dated- 08.07.2026, executed before the Executive Magistrate, Nuapada, Odisha.

**AFFIDAVIT**
By virtue of an affidavit sworn before the Notary Public, Bhubaneswar dated 30.06.2026, I Nalinibala Ratha, aged about 51 years, W/o. Basanta Kumar Rath, permanent resident of At: Kenduapalli, PO: Madhapur, Dist. Nayagarh, PIN: 752078, Currently residing At: Kenduapalli, PO: Madhapur, Dist. Nayagarh, PIN: 752078, declare that I have Changed my name from Nalini Ratha to Nalinibala Ratha. Henceforth, I shall be known as **Nalinibala Ratha** for all purposes.
(Nalinibala Ratha)

**AFFIDAVIT**
By virtue of an affidavit sworn before The Notary Public, Titilagarh, on dated- 08/07/2026. I, **Nurabati Suna** (new name), D/o- Baichandra Sika, permanent & current resident of AT: Malisira, PO: Malisira, PS: Muribahal, Dist: Balangir, State: Odisha, PIN: 767037 declare that I have changed my name from **Nuraiatb Suna** (old name) to **Nurabati Suna** (new name). Henceforth, I shall be known as **Nurabati Suna** (new name) for all future purposes.
**Nurabati Suna**

**AFFIDAVIT**
By Virtue of an affidavit sworn before Notary Public Bhograi , no-205, dated 03.07.2026, I Pitambar Patra,s/o Nityananda Patra, Vill-Sundradi,Po -Kumhharmuli, PS-Bhograi, District-Balsore, Odisha, pin-756036 declare that, I have changed my name from Tapas Kumar Patra to Pitambar Patra.Henceforth,I shall be known as **Pitambar Patra** for all purpose.

**AFFIDAVIT**
I, Surath Sethi, aged about 40 years, S/o- Gobinda Sethi, resident of At/Po- Singhbrahmapur, Ps- Delang, Dist- Puri, Odisha, PIN- 752015, do hereby declare by this affidavit No. 1367, dtd- 08/07/2026, that now onwards I shall be known as **SURATHA SETHI** for all future purposes.

**VEHICLE FOR SALE**
BHARAT BENZ 3528 C, MODEL 2023, Regn. No -OD-25-P-3487, in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891, within 7 days

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar vide Serial No. 63 dtd- 19.06.2026. I, **Rinki Routray** resident of Village/Town- Jujhagada, P.O.- Daruthenga, P.S.- Chandaka, Dist- Khordha, PIN-754005, Odisha declare that I have changed my name from **Rasmita Routray** to **Rinki Routray.** Henceforth I shall be known as **Rinki Routray** for all purposes.
**Rinki Routray**

**AFFIDAVIT**
By virtue of an affidavit sworn before Executive Magistrate, Kabisuryanagar, Ganjam vide Sl. No.A-II dated 23.7.2026, I, T Sakuntala Reddy, W/o- Late T. Arjun Reddy resident of Vill./Po.- Jhadabai, Ps.- Kabisurya-nagar, Dist.- Ganjam, Odisha, declare that, In my Voter Id No.- 809419480190 my name has been mentioned as **T Saibani Redi, W/o- Ts. Arjun Redi**. In the ROR of Mouza-Pathara vide Khatian No.-90 my name has been mentioned as **K Saibani Reddy, D/o- K Narsu Reddy**. That, **T Sakuntala Reddy @ K Saibani Reddy, D/o- K Narsu Reddy** both the names are same and one person.

**AFFIDAVIT**
By virtue of an affidavit sworn before The Notary Public, Titilagarh, on dated- 07/07/2026. I, **Tanuja Bharasagar** (applicant name), W/o Trinath Bharasagar, permanent & current resident of AT: Kumuda, PO: Sihini, PS: Titilagarh, Dist: Balangir, State: Odisha, PIN: 767066 declare that I have changed my minor daughter's name from **Shiba Bharasagar** (old name) to **Shilpa Bharasagar** (new name). Henceforth, she shall be known as **Shilpa Bharasagar** (new name) for all future purposes.
**Tanuja Bharasagar**

**AFFIDAVIT**
By virtue of an affidavit sworn before The Notary Public, Titilagarh, on dated- 07/07/2026. I, **Jashoda Deep** (new name), W/o Dhanurya Deep, permanent & current resident of AT: Piplibandha, PO: Siker, PS: Titilagarh, Dist: Balangir, State: Odisha, PIN: 767033 declare that I have changed my name from **Bhuma Dip** (old name) to **Jashoda Deep** (new name). Henceforth, I shall be known as **Jashoda Deep** (new name) for all future purposes.
**Jashoda Deep**

**ସଂଶୋଧନ**
ମୁଁ ଶ୍ରୀମତୀ ମମତା ପଟ୍ଟନାୟକ, ସ୍ୱାମୀ - ମଳୟ କୁମାର ପଟ୍ଟନାୟକ, ବାପା- ସ୍ୱର୍ଗତ ସୁରେନ୍ଦ୍ର ମହାନ୍ତି, ଆଧାର ନଂ ୨୪୫୩ ୪୦୨୨ ୦୭୧୯, ଗ୍ରାମ - ବ୍ଲକ୍ ନଂ ୬/୭ବି, ସ୍ପ୍ରିଂଭିଲେ ହୋମ୍ସ, ମାନପୁର, ପୋଷ୍ଟ - ଦାନଗଦି, ଥା ଯାଜପୁର ରୋଡ, ଜିଲ୍ଲା- ଯାଜପୁର, ପିନ - ୭୫୫୦୨୬ ସତ୍ୟପାଠ ନମ୍ବର ୧୧୬୨/୨୬ ଆଧାରରେ ସର୍ବସାଧାରଣରେ ଜଣାଉଛି ଯେ ସ୍ୱାମୀ ଶ୍ରୀ ପଟ୍ଟନାୟକଙ୍କୁ ବିବାହ ପରେ ମୁଁ ମୋ ସଂଜ୍ଞା ମହାନ୍ତି ବଦଳରେ ପଟ୍ଟନାୟକକୁ ପରିବର୍ତ୍ତନ କରିଛି। ଆଜି ଠାରୁ ସର୍ବସାଧାରଣରେ ମୁଁ ମମତା ପଟ୍ଟନାୟକ ନାମରେ ସମସ୍ତ ସରକାରୀ ଓ ବେସରକାରୀ ସ୍ତରରେ ପରିଚିତ ହେବି। ମମତା ପଟ୍ଟନାୟକ ଏବଂ ମମତା ମହାନ୍ତି ସମାନ ଓ ଜଣେ ବୋଲି ଗ୍ରହଣ କରାଯିବ।

**NOTICE**
It is, for information of all concerned that the Registered Sale Deed No.: 969, ROR Khata No.: 240/557, Plot No.: 20/1199, executed on 25.05.2009 at SRO Pipili by Sri Chakradhar Prusty in favour of Swatik Smriti Das was in my custody. Inadvertently, the said sale deed has been misplaced / lost from my custody. In spite of due diligence, I could not trace the same. Therefore, take notice that if anybody gets it kindly return back the same to the undersigned. If it is found to be misused, penal action will be taken against the miscreants and I shall not be held responsible for the same.
**Sri Santanu Kumar Mohapatra,** S/o: Late Chaitanya Charan Mohapatra, Plot No.: 20/1199, Madhuban (Xavier University Area) Nizigada- Kurukhi, Harirajpur, Dist.: Puri-752050, Presently residing At: Subham Residency, Phase-2, 4th Floor, B-404, Infront of Patia College, Patia, Bhubaneswar, PIN-751024, Odisha, **Contact: 8249158465**

# ‘ବାଲେଶ୍ୱର ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ’

ବାଲେଶ୍ୱର, ୮।୭ (ସମିସ)




ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ସମେତ ବିଭିନ୍ନ ବ୍ଲକରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଲାଣି। ବ୍ରାଉନସୁଗର କାରବାରଠାରୁ ଆରମ୍ଭ କରି ସୁପାରୀ କିଲିଂ ବେଧଡ଼କ ଭାବେ ଚାଲିଛି। ଗୃହ ବିଭାଗଠାରୁ ଆରମ୍ଭ କରି ଜିଲ୍ଲା ପୁଲିସ ପ୍ରଶାସନ ଜିଲ୍ଲାରେ ଅପରାଧୀମାନଙ୍କୁ ଠାବ କରିବାକୁ ବିଫଳ ହୋଇଛି ବୋଲି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସଦର କଂଗ୍ରେସର ଯୁବ ନେତା ତଥା ଜିଲ୍ଲା କଂଗ୍ରେସ ଉପସଭାପତି ସରୋଜ କୁମାର ଲେଙ୍କା ସରକାରଙ୍କ ଉପରେ ବର୍ଷିଛନ୍ତି।

ଗତ ମାସ ୨୫ତାରିଖ ରେ ଅରଡ଼ ବଜାରରେ ଶେଖ ହମିଦ ନାମକ ବ୍ୟବସାୟୀଙ୍କୁ ବିଚ ରାସ୍ତାରେ ଦୁଇ ଜଣ ସୁପାରୀ କିଲର ବାଇକରେ ଆସି ଲୋକଙ୍କ ସମ୍ମୁଖରେ ଆଠ ରାଉଣ୍ଡ ଗୁଳି ଚଳାଇ ହତ୍ୟା କରିଥିଲେ। ଇତି ମଧ୍ୟରେ ୧୩ ଦିନ ବିତି ଯାଇଥିଲେ ମଧ୍ୟ ପୁଲିସର ଚାରୋଟି ଟିମ ସୁପାରୀ କିଲର ଓ ମୁଖ୍ୟ ଆସାମୀଙ୍କୁ ଧରି ପାରିନାହାଁନ୍ତି। ଏହା ଫଳରେ ସାଧାରଣ ଲୋକେ ପୁଲିସକୁ ଭରସା କରି ପାରୁନାହାନ୍ତି। କେଉଁ କାରଣରୁ ତାଙ୍କୁ ହତ୍ୟା କରାଗଲା ସେ ସମ୍ପର୍କରେ ପୁଲିସ ପାଖରେ ସୂଚନା ନାହିଁ। ତୁରନ୍ତ ହମିଦଙ୍କ ପ୍ରକୃତ ହତ୍ୟାକାରୀଙ୍କୁ ଗିରଫ କରାଯିବାକୁ ଦାବି କରାଯାଇଛି। ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା ଯୋଗ ଦେଇ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ୪ ଟିମ ଗଠନ ସତ୍ତ୍ୱେ କାହାରିକୁ ଗିରଫ କରାଯାଇ ପାରିନାହିଁ। ଶେଖ ହମିଦଙ୍କ ପରିବାର ଲୋକେ ମଧ୍ୟ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଆଗାମୀ ସାତ ଦିନ ମଧ୍ୟରେ ଜିଲ୍ଲା ପୁଲିସ ପ୍ରଶାସନ ଶେଖ ହମିଦଙ୍କ ହତ୍ୟାକାରୀମାନଙ୍କୁ ଗିରଫ କରିବାକୁ ଦାବି କରାଯାଇଛି। ନଚେତ ଦଳ ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ କାଉନସିଲର ପଦ୍ମଲୋଚନ ଲେଙ୍କା, ଟାଉନ କଂଗ୍ରେସ ସଭାପତି ଅନୁପ କୁମାର ସ୍ୱାଇଁ, ପିସିସି ସଭ୍ୟା ଅର୍ଚ୍ଚନା ନନ୍ଦୀ, ଗୌତମ ସାହୁ ଓ ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଜ୍ୟୋତ୍ସ୍ନା ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

- ଶେଖ ହମିଦଙ୍କ ହତ୍ୟାକାରୀ ଓ ସୁପାରୀ କିଲରକୁ ଧରିବାରେ ପୁଲିସ ବିଫଳ
- ୭ ଦିନରେ ଅଭିଯୁକ୍ତଙ୍କୁ ଗିରଫ ନକଲେ କଂଗ୍ରେସର ଆନ୍ଦୋଳନ ଚେତାବନୀ

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

କାଳିପଦା, ୮।୭ (ସମିସ): ବାଲିଆପାଳ ଥାନା ଅନ୍ତର୍ଗତ କାଠ ଶଗଡ଼ା ଗ୍ରାମର ଶ୍ରୀନିବାସ ପାତ୍ରଙ୍କ ପାକମୁଢ଼ି ଗ୍ରାମରେ ଥିବା ବେଆଇନ ଚିଙ୍ଗୁଡ଼ି ଝିଲିରେ ବୁଧବାର ପୂର୍ବାହ୍ନ ୧୦ଟାରେ ଏକ ଯୁବକଙ୍କ ସନ୍ଦେହ ଜନକ ଭାବରେ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଲେ ମୟୂରଭଞ୍ଜ ଜିଲ୍ଲାର ବିଶୋଇ ବ୍ଲକର କାଶିପେଣ୍ଠ ଗ୍ରାମର ଗଙ୍ଗାଧର ନାୟକ (୪୧)। ଚିଙ୍ଗୁଡ଼ି ଝିଲିର ମାଲିକ ଶ୍ରୀ ପାତ୍ର ଘଟଣା ବାବଦରେ ପୁଲିସକୁ ନ ଜଣାଇ ମୃତ ଦେହକୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୋଷ୍ଟମର୍ଟମ କରାଇବାକୁ ନେଇଯିବେ କହି ମୃତଦେହକୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇ ଯାଇ ପୁଣି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଫେରି ଆଣି ଥିଲେ। ଏପଟେ ଜାମକୁଣ୍ଡା ଫାଣ୍ଡି ଅଧିକାରୀ କେଶବ ଚନ୍ଦ୍ର ବେଶ୍ରା ଖବର ପାଇ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ମୃତଦେହକୁ ଏଣେ ତେଣେ ଖୋଜାଖୋଜି କରି ନ ପାଇ ପୁଲିସ କଣ୍ଟ୍ରୋଲ ରୁମକୁ ଏ ବାବଦରେ ଜଣାଇଥିଲେ। ପରେ ଝିଲି ମାଲିକ ଶ୍ରୀ ପାତ୍ର ଅପରାହ୍ନ ପାଞ୍ଚଟା ସମୟରେ ବସ୍ତା ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତ ଦେହକୁ ପୁଣି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପରେ ଫାଣ୍ଡି ଅଧିକାରୀ ଶ୍ରୀ ବେଶ୍ରା ସ୍ୱାସ୍ଥ୍ୟ କେନ୍ଦ୍ରରୁ ମୃତଦେହ ଜବତ କରିଛନ୍ତି। ଆସନ୍ତା କାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ଶ୍ରୀ ବେଶ୍ରା କହିଛନ୍ତି। ପ୍ରକାଶ ଥାଉକି, ଉକ୍ତ ଯୁବକ ଜଣକ ଆଜି ହିଁ ଶ୍ରୀନିବାସର ଚିଙ୍ଗୁଡ଼ି ଝିଲିରେ କାମରେ ଯୋଗ ଦେଇଥିଲା। ମାତ୍ର କିଛି ଘଣ୍ଟା ପରେ ତାର ମୃତ୍ୟୁ ହେବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତଦନ୍ତ ପରେ ମୃତ୍ୟୁର ସତ୍ୟା ସତ୍ୟ ଜଣା ପଡ଼ିବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ବେଳାଭୂମିରେ ସ୍ୱଚ୍ଛତା ଅଭିଯାନ



ବାଲେଶ୍ୱର, ୮।୭ (ସମିସ): ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ବାଲିଆପାଳ ବ୍ଲକର ଯମୁନାଶୂଳ ବେଳାଭୂମିରେ ସ୍ୱଚ୍ଛତା ଅଭିଯାନ ରେ ସମୂହ ସଫେଇ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଜିଲ୍ଲାର ତାଳସାରି, ଉଦୟପୁର, ଡଗରା, ଯମୁନା ଶୂଳ, ବଳରାମଗଡି, ଇଞ୍ଚୁଡ଼ି, ଚାନ୍ଦିପୁର, ଦୁବଲାଗଡି ଆଦି ସ୍ଥାନକୁ ଗୁରୁତ୍ୱ ଦେଇ ପର୍ଯ୍ୟଟକମାନେ ଆସୁଥିବାରୁ ଏହି ସ୍ଥାନ ଗୁଡ଼ିକର ପରିବେଶ ଠିକ୍ ରହିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ୟୁନିଅନର ବରିଷ୍ଠ ସଦସ୍ୟ ଅନାମ ଚରଣ ପଣ୍ଡା, ଶିଶିର ଦାସ, ରାମନାରାୟଣ ଶତପଥି ଓ ବିବେକାନନ୍ଦ ଦାସଙ୍କ ପରାମର୍ଶ କ୍ରମେ ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ନେତୃତ୍ୱରେ ଏହି ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ଉତ୍କଳ ବନ୍ଧୁ ପଣ୍ଡା, ସୁରେଶ ଚନ୍ଦ୍ର ଦାସ ଲକ୍ଷ୍ମୀଧର ଗାଣ, ତପୋଧନ ବାରିକ, ସଞ୍ଜୟ ବେହେରା, ସଞ୍ଜୟ ଗିରି, କହ୍ନେଇ ଚରଣ ପ୍ରଧାନ, ରବିରଞ୍ଜନ ତ୍ରିପାଠୀ, ପ୍ରତିମା ଜେନା, ରାଜଶ୍ରୀ ପାଣିଗ୍ରାହୀ, ଶମ୍ଭୁନାଥ ନାୟକ, କୈଳାସ ଚନ୍ଦ୍ର ଦାସ, ପ୍ରଦୀପ୍ତ ଦାସ, ଶାନ୍ତନୁ ମହାପାତ୍ର, ମନ୍ମଥ ଚକ୍ରବର୍ତ୍ତୀ, ସତ୍ୟ ରଞ୍ଜନ ସାହୁଙ୍କ ସମେତ ବହୁ ସ୍ଥାନୀୟ ଲୋକେ ଅଂଶଗ୍ରହଣ କରିଥିଲେ।

## ସିଭିଲ୍ ସୋସାଇଟିର ଗଣଧାରଣା ୧୩ରେ



ବାଲେଶ୍ୱର, ୮।୭ (ସମିସ): ପେଟ୍ରୋଲ୍ ଓ ଡିଜେଲରେ ଶତକଡ଼ା ୨୦ ଭାଗ ଇଥାନଲ୍ ମିଶ୍ରଣ କରି ତୈଳକମ୍ପାନୀ ବିକ୍ରି କରୁଥିବାରୁ ଇଞ୍ଜିନ୍‌ଚାଳିତ ଯାନବାହନଗୁଡ଼ିକର ଇଞ୍ଜିନ୍ ଖରାପ ହେଉଛି ଓ ମାଇଲେଜ୍ କମ୍ ଦେଉଥିବା ଘଟଣାରେ ଦେଶବ୍ୟା ବ୍ୟାପୀ ପ୍ରତିବାଦ ହେଉଛି। ଏ ନେଇ ବାଲେଶ୍ୱର ସିଭିଲ୍ ସୋସାଇଟିର କାର୍ଯ୍ୟକାରୀ କମିଟି ତରଫରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ୍ ବିଭାଗର ଜ୍ଞାତସାରରେ ଏହି ଅପମିଶ୍ରଣ କରାଯାଉଥିଲେ ବି ଗ୍ରାହକମାନେ ପେଟ୍ରୋଲ୍ ଓ ଡିଜେଲ୍‌ର ଧାର୍ଯ୍ୟ ଦାମ୍ ଦେଇ ଅପମିଶ୍ରିତ ତେଲ କିଣିବାକୁ ବାଧ୍ୟ ହେଉଛନ୍ତି ବୋଲି ସିଭିଲ୍ ସୋସାଇଟି ଅଭିଯୋଗ କରିଛି। ୧୫ ବର୍ଷ ପରେ ଗାଡ଼ିଗୁଡ଼ିକ ଚଳାଇବାକୁ ଅନୁପଯୁକ୍ତ ବୋଲି ପରିବହନ ବିଭାଗର କେନ୍ଦ୍ର ମନ୍ତ୍ରୀଙ୍କ ଘୋଷଣା ଫଳରେ ଏହା ଗାଡ଼ି ବିକ୍ରି କରୁଥିବା ଥିବା କମ୍ପାନୀମାନଙ୍କୁ ସହାୟକ ହେଉଥିବାରୁ କମ୍ପାନୀମାନଙ୍କ ସ୍ୱାର୍ଥରେ ଏପରି ଅପମିଶ୍ରଣ କରାଯାଉଥିବାର କେତେକ ମତ ଦେଇଥିଲେ। ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ମନୋଜ ନାୟକ ଆଲୋଚନାର ପ୍ରସଙ୍ଗ ଆଗତ କରି ପେଟ୍ରୋଲ୍ ଓ ଡିଜେଲରେ ଇଥାନଲ୍ ମିଶାଇ ସରକାର ଦେଶର ଜନତାଙ୍କ ପ୍ରତି ବିଶ୍ୱାସଘାତକତା କରୁଥିବାର କହିଥିଲେ। ଦୀର୍ଘ ଆଲୋଚନା ପରେ ଆସନ୍ତା ୧୩ ତାରିଖ ସନ୍ଧ୍ୟା ୬ଟାରୁ ୮ଟା ପର୍ଯ୍ୟନ୍ତ ଓ.ଟି. ରୋଡ୍ ପାଶ୍ୱର୍ରେ ଥିବା ଏକ ପେଟ୍ରୋଲ୍ ପମ୍ପ ନିକଟରେ ପ୍ରତିବାଦ ଗଣଧାରଣା ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଉକ୍ତଦିନ ଜିଲ୍ଲାପାଳଙ୍କ ଜରିଆରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ। ଏହି ବୈଠକରେ ସିଭିଲ୍ ସୋସାଇଟିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହ ସମେତ ଅରୁଣ ଜେନା, ଜୟନ୍ତ ଦାସ, ଶରତ ଚନ୍ଦ୍ର ଦଳାଇ, ଜୀବନବୀମା କର୍ମଚାରୀ ନେତା ଶ୍ୟାମସୁ ରାୟ, କମଳାକାନ୍ତ ବେହେରା, ଭରତ ଚନ୍ଦ୍ର ସେଠୀ, ଶରତ ଚନ୍ଦ୍ର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପାତ୍ର, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁଙ୍କ ମସୁନ୍ଦର ଜେନା, ତୁଷାରକାନ୍ତି ମହାପାତ୍ର, ମଳୟ ପୁରୁଷୋତ୍ତମ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ଶାନ୍ତିପୂର୍ଣ୍ଣ ପ୍ରତିବାଦ ଗଣଧାରଣାରେ ଜନସାଧାରଣ ଯୋଗଦେବାକୁ ନିବେଦନ କରାଯାଇଛି। ଉଠା ଜଳସେଚନ କର୍ମଚାରୀ ଶ୍ୟାମସୁନ୍ଦର ଜେନା ଧନ୍ୟବାଦ୍ ଦେଇଥିଲେ।

## ୧୫୦ ଲିଟର ମହୁଲି ଜବତ, ୨ କୋର୍ଟଚାଲାଣ

ଜଳେଶ୍ୱର, ୮।୭ (ସମିସ) : ଜଳେଶ୍ୱର ବ୍ଲକ ରାଇବଣିଆ ଥାନାରେ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶରେ ନିଶାମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମରେ ନିଶା ମାଫିଆଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ନିଷ୍ପତ୍ତି ହୋଇଥିଲା। ଚୋରା ଦେଶୀ ଓ ବିଦେଶୀ ମଦ କାରବାରୀଙ୍କ ଉପରେ ବଡ଼ ଧରଣର ଚଡାଉ ପରେ ଏବେ ରାଇବଣିଆ ଅଞ୍ଚଳର ଜୈନେକ ନିଶା ମାଫିଆ ଜଳେଶ୍ୱର ଅଞ୍ଚଳରେ ଦେଶୀ ମଦ ନେଟୱର୍କ ଚଳାଉଛି। କିନ୍ତୁ ମଦ ବିରୋଧରେ ଯୁବପିଢି ଓ ମହିଳାଙ୍କ ଆକ୍ରୋଶ ଧିରେ ଧିରେ ବଢ଼ିବାକୁ ଲାଗିଛି। ମଙ୍ଗଳବାର ସନ୍ଧ୍ୟା ସମୟରେ କଳମା ପଞ୍ଚାୟତ, ଅଶାବନ୍ଧ ଓ ଖୁଦିଆମାଝୀସାହି ପଞ୍ଚାୟତର ବଳାଙ୍ଗ ସାହିରୁ ୨ଟି ସ୍କୁଟି ସହ ୨ ଯୁବକ ନିକଟରୁ ୧୫୦ ଲିଟର ରୁ ଅଧିକ ଦେଶୀମଦ ରାଇବଣିଆ ପୁଲିସ ଜବତ କରିବାରେ ସଫଳ ହୋଇଛି। ସୋମବାର ଦୁଇ ଜଣଙ୍କୁ କୋର୍ଟଚାଲାଣ ହୋଇଥିବା ଜଣାଯାଇଛି। ସୀମାନ୍ତରେ ଚୋରା ମଦ ଉପରେ ପ୍ରଶାସନ କଡ଼ା ନଜର ରଖିଥିବା ବେଳେ ପ୍ରତିଦିନ ରାତିରେ ପଶ୍ଚିମବଙ୍ଗରୁ ପ୍ରଚୁର ପରିମାଣରେ ଦେଶୀମଦ ଓଡ଼ିଶା କୁ ପ୍ରବେଶ କରୁଛି। ଜନ ସାଧାରଣଙ୍କ ସହିତ ପ୍ରଶାସନ ସତର୍କ ହେଲେ ଚୋରା ବିଷାକ୍ତ ମଦ ଚାଲାଣ ରୋକା ଯାଇ ପାରିବ ବୋଲି ମତ ପ୍ରକାଶ ପାଇଛି।

## ମୁଖୁରା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରୁ ଚୋରି

ରେମୁଣା, ୮।୭ (ସମିସ): ରେମୁଣା ଥାନା ଅନ୍ତର୍ଗତ ଖରିଦ ମୁଖୁରା ପଞ୍ଚାୟତର ମୁଖୁରା ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ



ଗତକାଲି ରାତ୍ରିରେ ଦୁର୍ବୃତ୍ତମାନେ ମୁଖ୍ୟ ଗେଟ ଓ ଅଫିସ କବାଟର ତାଲା ଭାଙ୍ଗି ସ୍କୁଲର ଜେରକ୍ସ ମେସିନ, କମ୍ପ୍ୟୁଟର ମେସିନ, ଗଡ଼ରେଜର ଥିବା ବିଭିନ୍ନ ଅଫିସ ସାମଗ୍ରୀ ଓ ଇନଭୋଟର, ସିଲିଂଫେନ, ଗ୍ୟାସଚୁଲା, ସାଉଣ୍ଡବକ୍ସ, ଗ୍ୟାସ ସିଲିଣ୍ଡର ପ୍ରଭୁତି ଲକ୍ଷାଧିକ ଟଙ୍କାର ସାମଗ୍ରୀ ସହିତ ଆଲମିରାରେ ଥିବା ନଗଦ ୨ହଜାର ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଯାଇଛି। ଆଜି ସକାଳେ ସ୍କୁଲକୁ ଆସି ମେନ ଗେଟ ଓ ଅଫିସ ଘର ଚାବି ଭଙ୍ଗା ଦେଖି ସଙ୍ଗେ ସଙ୍ଗେ ଦିବା ୧୧ଟା ସମୟରେ ରେମୁଣା ଥାନାରେ ଶିକ୍ଷା କେନ୍ଦ୍ରର ପ୍ରଧାନ ଶିକ୍ଷୟିତ୍ରୀ ମମତା ପତି ଲିଖିତ ଅଭିଯୋଗ କରିଛନ୍ତି। କିଛି ମାସର ବ୍ୟବଧାନ ଭିତରେ ୩ ଥର ଚୋରି ହୋଇ ଶିକ୍ଷା କେନ୍ଦ୍ରର ଏକପ୍ରକାର ଦୁର୍ବୃତ୍ତମାନେ କଳା କନା ବୋଲାଇ ଥିବା ବେଳେ ଏପର୍ଯ୍ୟନ୍ତ କାହାରିକୁ ପୁଲିସ ଧରିବାରେ ସକ୍ଷମ ହୋଇନାହିଁ। ୩ ଥର ଚୋରିରେ ବି ପୁଲିସ ହାତ ଖାଲି ପଡ଼ିଥିବାବେଳେ ଗ୍ରାମବାସୀ ଓ ଜନସାଧାରଣ ଅଭିଭାବକ ପକ୍ଷରୁ ତୁରନ୍ତ ଅଭିଯୁକ୍ତକୁ ଧରିବା ପାଇଁ ଦାବି ହେଉଛି।

## ଭୋଗରାଇ ବ୍ଲକରେ ଭିବି - ଜୀ ରାମ୍ ଜୀ ଯୋଜନାର ପ୍ରଶିକ୍ଷଣ ଶିବିର



ବାଲେଶ୍ୱର(ଉତ୍ତର), ୮।୭ (ସମିସ) : ଭୋଗରାଇ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ ସ୍ତରୀୟ ଭିବି ଜୀ ରାମ୍ ଜୀ ଯୋଜନାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ଆଧୁନିକ ବ୍ୟବସ୍ଥାରେ ଭାରତ ଗ୍ରାମୀଣ ଶ୍ରମଶକ୍ତି ରଣନୀତିକୁ ବିକଶିତ ଭାରତ ୨୦୪୭ ମସିହାର ସଂକଳ୍ପକୁ ସମୃଦ୍ଧ କରିବା ସହିତ ନୂତନ ଆଇନ ଅନୁଯାୟୀ, ବାର୍ଷିକ ସରକାରୀ କାର୍ଯ୍ୟ ଗ୍ୟାରେଣ୍ଟିକୁ ୧୦୦ ଦିନରୁ ୧୨୫ ଦିନକୁ ବୃଦ୍ଧିକରି ଦୈନିକ ସର୍ବନିମ୍ନ ମଜୁରୀ ୩୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ତାହା ସହିତ ସ୍ଥାନୀୟ କୃଷି ଅର୍ଥନୀତିକୁ ସହାୟତା କରିବା ନିମନ୍ତେ ଏହି ଯୋଜନାର ଫସଲ ଅମଳର ମୁଖ୍ୟ ସମୟର ୬୦ ଦିନର ବାଧ୍ୟତାମୂଳକ କାର୍ଯ୍ୟ ବିରତି ବ୍ୟବସ୍ଥା ରହିଛି ବୋଲି ବିଡ଼ିଓ ପ୍ରଶାନ୍ତ ମହାରଣା ଡିଜିଟାଲ ମିନି ପ୍ରୋଜେକ୍ଟ ମାଧ୍ୟମରେ ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି, ଏପିଇଓ ଜଗବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତର ସରପଞ୍ଚ, ସମିତି ସଦସ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଦକ୍ଷିଣ ପୂର୍ବ ରେଳବାଇ ମେନ୍ସ ୟୁନିଅନର ବୈଠକ




ବାଲେଶ୍ୱର, ୮।୭ (ସମିସ): ଆଜି ଦକ୍ଷିଣ ପୂର୍ବ ରେଳବାଇ ମେନ୍ସ ୟୁନିଅନ, ବାଲେଶ୍ୱର ଶାଖାର ଶାଖା ପରିଷଦ ଏକ ବୈଠକ ମୁଖ୍ୟ ଉପଦେଷ୍ଟା ଡ. ଗୌର ସାଧନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୟୁନିୟନର ଖଡ଼ଗପୁର ମଣ୍ଡଳ ସଂଯୋଜକ ଅଭିଜିତ ମଲ୍ଲିକ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ ଓ ଶାଖାର ସମସ୍ତ ପଦାକାରୀ କର୍ମକର୍ତ୍ତା ଓ ଶାଖା ପରିଷଦ ସଦସ୍ୟମାନେ ମଧ୍ୟ ବୈଠକରେ ଯୋଗଦେଇଥିଲେ। ବୈଠକରେ ସଂଗଠନର ସୁଦୃଢ଼ୀକରଣ, ସଦସ୍ୟ ସଂଗ୍ରହ, ରେଳ କର୍ମଚାରୀଙ୍କ କଲ୍ୟାଣ, ସଂଗଠନର କାର୍ଯ୍ୟକ୍ଷମତା ବୃଦ୍ଧି ଏବଂ ବିଭିନ୍ନ ୟୁନିଅନ ସମ୍ବନ୍ଧୀୟ ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯାଇ ଏକାକ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା ଓ ଦକ୍ଷିଣ ପୂର୍ବ ରେଳବାଇ ମେନ୍ସ ୟୁନିଅନ, ଖଡଗପୁର ମହିଳା ଶାଖାର ସହ-ସଂପାଦକ ରୂପେ ମିନତୀ ମାନ୍ନା ମହାନ୍ତି ଓ ଶାଖା ପରିଷଦ ରୂପେ ମେଙ୍କୁ ମାଝି ମୋନନିତ କରାଯାଇଥିଲା। ଏହି ଅବସରରେ ମଣ୍ଡଳ ସଂଯୋଜକ ଅଭିଜିତ ମଲ୍ଲିକ ସଂଗଠନକୁ ଏକତାବୋଧ ସୁଦୃଢ଼ କରିବାରେ ମୁଖ୍ୟ ଉପଦେଷ୍ଟା ଡ. ଗୌର ସାଧନ ମିଶ୍ର ଏବଂ ଶାଖା ସମ୍ପାଦକ ଉମେଶ ଚନ୍ଦ୍ର ଅଗସ୍ତି ଓ ସଭାପତି ଅରୁଣ କୁମାର ପଲେଇଙ୍କ ଦୃଢ଼, ଦକ୍ଷ ଓ ଗତିଶୀଳ ନେତୃତ୍ୱର ଉଚ୍ଚ ପ୍ରଶଂସା କରିଥିଲେ। ସେହିପରି ବୈଠକର ସଫଳ ଆୟୋଜନ ପାଇଁ ସମସ୍ତ ପଦାକାରୀ କର୍ମକର୍ତ୍ତା ଓ ଶାଖା ପରିଷଦ ସଦସ୍ୟ ତଥା ମହିଳା ଶାଖାର ସଦସ୍ୟାଙ୍କ ସକ୍ରିୟ ସହଯୋଗକୁ ଧନ୍ୟବାଦ ଜଣାଇଥିଲେ। ଶେଷରେ ଶାଖା କୋଷାଧ୍ୟକ୍ଷ ଅଭିମନ୍ୟୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଏସ୍‌ଆଇଆର ସମ୍ବନ୍ଧିତ ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତା

କାଳିପଦା, ୮।୭ (ସମିସ): ସଘନ ପୁନଃ ସଂଶୋଧନ (ଏସଆଇଆର) ସମ୍ବନ୍ଧିତ ବିଭିନ୍ନ ପ୍ରତିଯୋଗିତା ବୁଧବାର ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବସ୍ତା ବ୍ଲକର ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀ ଚିତ୍ରାଙ୍କନ, ପେଣ୍ଟିଂ, ରଙ୍ଗୁଲି, ସାଧାରଣ ଜ୍ଞାନ, ସ୍ଲୋଗାନ ଲିଖନ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମୋଟ ୮୦ ଜଣ ଛାତ୍ରଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିବା ବେଳେ ୧୪ ଜଣ କୃତିତ୍ୱ ଅର୍ଜନ କରିଥିଲେ। ଉଦଯାପନ ସଭା ରେ କଲେଜ ଅଧକ୍ଷ ପ୍ରଧାପକ ଦିବ୍ୟେନ୍ଦୁ ଗିରି ପୌରହିତ୍ୟ କରିଥିବା ବେଳେ ବିଡ଼ିଓ ମିହିର କୁମାର ବେହେରା, ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ, ବିଏଲଓ ସୁପର ଭାଇଜର ସୁଦୀପ୍ତ କୁମାର ପ୍ରଧାନ, ଅଧ୍ୟାପିକା ତନୁଶ୍ରୀ ନାୟକ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରକାଶ ବିଶ୍ୱାଳ, ଅଧ୍ୟାପିକା ସ୍ୱାଗତିକା ଜେନା, ବିଏଲଓ ଅନିରୁଦ୍ଧ ଜେନା, ବିଜୟ ଚକ୍ରବର୍ତ୍ତୀ, ବିସିକେତନ ମହାନ୍ତି, ପଙ୍କଜ କୁମାର ଦାସ, ଶଶିକାନ୍ତ ଜେନା, ସନ୍ତୋଷ ସାହୁ, ଲିପିକା ମାନ୍ନା, ମନୋଜ ସାମନ୍ତ, ବଂଶୀଧର ନାୟକ, ଅଧ୍ୟାପକ ମୟୁଖ ମଣ୍ଡଳ, ମସାଙ୍ଗ ଟୁଡୁ, ସବିର ହୋସେନ ପ୍ରମୁଖ ପରିଚାଳନା କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



## ବାଲେଶ୍ୱର ଜୋନ୍‌ସ୍ତରୀୟ ସ୍କେଟିଂ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି ବୈଠକ

ଜଳେଶ୍ୱର ବ୍ଲକ, ୮।୭ (ସମିସ): ଆସନ୍ତା ୧୦ ତାରିଖରେ ଜଳେଶ୍ୱର ସେଣ୍ଟ ଜେମ୍ସ କନଭେଣ୍ଟ ସ୍କୁଲ ଓ ନର୍ଥ ଓଡ଼ିଶା ସ୍କେଟିଙ୍ଗ ଏକାଡେମୀ ମିଳିତ ଆନକୂଲ୍ୟରେ ପ୍ରଥମ ଥର ପାଇଁ ଜାତୀୟ ରାଜପଥ ସନ୍ନିକଟ ଲକ୍ଷ୍ମଣନାଥ ଟୋଲ୍ ପ୍ଲାଜା ନିକଟରେ ଆଇସିଏସଇ ବାଲେଶ୍ୱର ଜୋନ୍‌ସ୍ତରୀୟ ସ୍କେଟିଙ୍ଗ ଟୁର୍ଣ୍ଣାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ସଭାପତି ସୁକୁମାର ରଣାଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ସାଧାରଣ ସମ୍ପାଦକ ଭୂପତି ଭୋଇ, ପଦ୍ମିନୀ ଦାଶ, ତପସ୍ୱିନୀ ସାହୁ, ପ୍ରତିଭା ରାଣୀ ଜେନା, ସୁଲତାନା ବିବି, ଚିତ୍ରଲେଖା ବେହେରା, କୋଚ୍ ସୁଶାନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଏକାଡେମୀ ବରିଷ୍ଠ ସଭ୍ୟ ସୁମନ୍ତ ଦେ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝରର ଜିଲ୍ଲାରେ ଅବସ୍ଥିତ ଆଇସିଏସଇ ସ୍କୁଲ ଛାତ୍ରମାନେ ଅଂଶ ଗ୍ରହଣ କରିବେ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଭୋଇ ସୂଚନା ଦେଇଛନ୍ତି।

## ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ପ୍ରତିଷ୍ଠା ଦିବସ

ରେମୁଣା, ୮।୭ (ସମିସ): ଅଚ୍ୟୁତପୁରସ୍ଥିତ ଅକ୍ସଫୋର୍ଡ ପବ୍ଲିକ ସ୍କୁଲରେ ପ୍ରତିଷ୍ଠା ଦିବସ ବର୍ଣ୍ଣାଢ୍ୟ ପରିବେଶରେ ବିଦ୍ୟାଳୟର ପ୍ରାଣପ୍ରତିଷ୍ଠାତା ସଞ୍ଜୟ କୁମାର ସାହୁଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଅଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଖୁଣ୍ଟିଆ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ନିଜର ଉତ୍ତମ ଭବିଷ୍ୟତ ଗଠନ ନିମନ୍ତେ ଦିଗଦର୍ଶନ ଦେଇଥିଲେ। ଉକ୍ତ ଉତ୍ସବରେ ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଜିଲ୍ଲାର ବିଶିଷ୍ଟ କବି ତଥା ‘ପ୍ରତିଭାଶ୍ରୀ’ର ପ୍ରତିଷ୍ଠାତା ଶ୍ରୀଯୁକ୍ତ ପ୍ରଶାନ୍ତ ଦାସ ଯୋଗ ଦେଇ ବିଭିନ୍ନ ଗଳ୍ପ ଓ ଉଦାହରଣ ମାଧ୍ୟମରେ ଛାତ୍ରଛାତ୍ରୀ ଓ ସେମାନଙ୍କର ଅଭିଭାବକ ମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ବାଲେଶ୍ୱର ଜିଲ୍ଲାର ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା ଯୋଗ ଦେଇ ଶିକ୍ଷା ମାଧ୍ୟମରେ କ୍ରୀଡାର ଉପକାରିତା ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ପ୍ରତିଷ୍ଠାତା ସଞ୍ଜୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ତଥା ଶିକ୍ଷକ ରାଜକିଶୋର ମହାନ୍ତି ପୁରସ୍କାର ବିତରଣ ଦାୟିତ୍ୱ ପରିବହନ କରିଥିବା ସ୍ଥଳେ ବିଦ୍ୟାଳୟର ଶିକ୍ଷୟତ୍ରୀ ଅଙ୍କିତା ଗୁପ୍ତା ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଅଧ୍ୟକ୍ଷା ଶୁଭଶ୍ରୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅଲମ୍ପିଆଡ଼ରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।




## ପୁରାତନ ବିଦ୍ୟାର୍ଥୀ ପରିଷଦର ପ୍ରତିଷ୍ଠା ଦିବସ ଓ ବନ ମହୋତ୍ସବ

ବାଲେଶ୍ୱର, ୮।୭ (ସମିସ)



ସଦର ବ୍ଲକ ଗେଙ୍ଗୁଟି ଗ୍ରାମପଞ୍ଚାୟତର ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ, ସାଉଁ ପରିସରରେ ପ୍ରତିଷ୍ଠା ଦିବସ ଓ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସଂଗଠନର ସଭାପତି ଜଳଧର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଓଡିଶା ସାହିତ୍ୟ ଏକାଡେମୀର ପୁର୍ବତନ ସଦସ୍ୟ ଡ. କାଳିପଦ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ସଂଗଠନର ସମ୍ପାଦକ କବି ସୁଧାକର ସେଠୀ ମଞ୍ଚ ପରିଚାଳନା କରିଥିଲେ। ସହ ସମ୍ପାଦକ ନବକୁମାର ନାୟକ ମଞ୍ଚ ଆହ୍ୱାନ କରିଥିବା ବେଳେ ସାବିତ୍ରୀରାଣୀ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ପୂର୍ବତନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସାହୁ, ପ୍ରତିଷ୍ଠାତା ସଦସ୍ୟ ପରିବାରରୁ ତଥା ବିଦ୍ୟାଳୟର ପ୍ରଥମ ଦିନର ଛାତ୍ରୀ ବନଲାତା ଦାସ, ବିଦ୍ୟାଳୟ ପାଇଁ ଜମି ଦାତା ପରିବାରରୁ ବିଜୟ କୁମାର ପରିଡା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦ୍ରୋଣାଚାର୍ଯ୍ୟ ପଟ୍ଟାୟତ, ସଂଗଠନର ଉପଦେଷ୍ଟା ପିତାମ୍ବର ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଇଂ ମନ୍ମଥ କୁମାର ବାରିକ, ଆଗଧାଡିର ପରିଷଦର ସଦସ୍ୟ ଯୁବ ଆଇନଜୀବୀ ପ୍ରଶାନ୍ତ କୁମାର ସାମଲ, ଯତୀନ କୁମାର ମହାନ୍ତି ପ୍ରମୁଖ ପରିଷଦକୁ ନେଇ ଦେଖିଥିବା ସ୍ୱପ୍ନ ବଖାଣି ଥିଲେ।

ଚଳିତ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ବିଦ୍ୟାଳୟରେ ପ୍ରଥମ ଦ୍ୱିତୀୟ ତୃତୀୟ ସ୍ଥାନ ଅଧିକାରୀ ତିନି ଛାତ୍ରୀ ଅଭିପ୍ସା ସାମଲ, ରାଜଲକ୍ଷ୍ମୀ ସାମଲ, କୁମାରୀ ରିତୁପର୍ଣ୍ଣା ପ୍ରଧାନଙ୍କୁ ବିଦ୍ୟାର୍ଥୀ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା।

ପରିବେଶ ପ୍ରତି ଅବଦାନକୁ ଆଖିଆଗରେ ରଖି ଅବନୀ କୁମାର ରାଉତକୁ ଚଳିତ ବର୍ଷ ବୃକ୍ଷବନ୍ଧୁ ସମ୍ମାନ -୨୦୨୬ ପ୍ରଦାନ କରାଯାଇଥିବା ବେଳେ ସମସ୍ତ ଛାତ୍ରଛାତ୍ରୀଙ୍କୁ ତିନିଶହରୁ ଅଧିକ ଚାରା ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୟଶ୍ରୀ ରାଉତ, ଶୁଭ୍ରାଂଶୁ ରାଉତ, ଋତୁପର୍ଣ୍ଣା ପାଣିଗ୍ରାହୀ, ଗୌରୀଶଙ୍କର ରାଉତ, ରାହୁଲ ବାରିକ, କୁଞ୍ଜ ବିହାରୀ ସେଠୀ, ହିମାଂଶୁ ଶେଖର ପରିଡା, ପବିତ୍ରା ଦାସ, ନିହାର ରଞ୍ଜନ ବେହେରା, ଦିବ୍ୟସା ଆଚାର୍ଯ୍ୟ, ପ୍ରିୟବ୍ରତ ଆଚାର୍ଯ୍ୟ ଭାଗ ନେଇଥିଲେ।

## ଭଦ୍ରକରୁ ଚାଲିଚାଲି ଶ୍ରୀକ୍ଷେତ୍ର ଯାତ୍ରା



ବାରିକପୁର,୮।୭(ସମିସ): ପବିତ୍ର ରଥଯାତ୍ରା ଉପଲକ୍ଷେ ଭଦ୍ରକରୁ ଚାଲିଚାଲି ଶ୍ରୀକ୍ଷେତ୍ର ପୁରୀକୁ ଯାତ୍ରା କରିଛନ୍ତି ଜଣେକ ଯୁବକ। ଚରମ୍ପା ପାଞ୍ଚପଡ଼ା ଗ୍ରାମର ଯୁବକ କ୍ଷୀରୋଦ କୁମାର ଜେନା ବୁଧବାର ଶ୍ରୀକ୍ଷେତ୍ରକୁ ଯାତ୍ରା ଆରମ୍ଭ କରିଛନ୍ତି। ଗାଁର ଦେବଦେବୀପାଠରେ ପୂଜାର୍ଚ୍ଚନା ପରେ ଜଗନ୍ନାଥଙ୍କୁ ସ୍ମରଣ କରି ଘରୁ ବାହାରିଛନ୍ତି। ପ୍ରଥମ ଦିନରେ ଭଦ୍ରକ ସହର ଅତିକ୍ରମ କରି ଭଣ୍ଡାରିପୋଖରୀଠାରେ ପହଞ୍ଚିଛନ୍ତି। ଚାଲିଚାଲି ଗଲେ ପୁରୀରେ ପହଞ୍ଚିବାକୁ ତାଙ୍କୁ ୩ ଦିନ ଲାଗିବ ବୋଲି ଶ୍ରଦ୍ଧାଳୁ ଯୁବକ ଜଣକ କହିଛନ୍ତି। ବାହାନଗା ଅଞ୍ଚଳର କିଛି ଗୋ-ରକ୍ଷକ ମଧ୍ୟ ଯୁବକଙ୍କ ସହିତ ସାମିଲ ହୋଇଛନ୍ତି। ଭକ୍ତମାନେ ଭଦ୍ରକର ଶେଷ ସୀମା ଅଖୁଆପଦା ଅତିକ୍ରମ କରିବା ପରେ ଯାଜପୁର ଜିଲ୍ଲା ପାଣିକୋଇଲିଠାରେ ରାତ୍ରିଯାପନ କରିବେ। କୌଣସି ମାନସିକ ପୂରଣ ତଥା ରଥଯାତ୍ରା ଦେଖିବା ପାଇଁ ନିଷ୍ଠାର ସହିତ ଜଗନ୍ନାଥଙ୍କୁ ଆଖି ଆଗରେ ରଖି ଚାଲିଚାଲି ଯାଉଥିବା ବେଳେ ଏଥିପାଇଁ ସେଭଳି ଶାରୀରିକ କଷ୍ଟ ହେଉ ନ ଥିବା ସେ ସୂଚନା ଦେଇଛନ୍ତି।

## ଡିଲରଙ୍କ ମନମାନୀ ବିରୋଧରେ ଦାବିପତ୍ର

ବାରିକପୁର,୮।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବାଲିପୋଖରୀ ଗ୍ରାମଠାରେ ସାଇରାମ ସ୍ୱୟଂ ସହାୟକ ଗୋଷ୍ଠୀ ରାସନ ସାମଗ୍ରୀ ଯୋଗାଇବା ପାଇଁ ଦାୟିତ୍ୱ ନେଇଛି। ପରିବାର ବିଷୟ ସ୍ୱୟଂ ସହାୟକ ଗୋଷ୍ଠୀ ନିକେ ଚାଉଳ ନ ଦେଇ ଜଣେକ ବ୍ୟକ୍ତିଙ୍କୁ ସାମଗ୍ରୀ ବଣ୍ଟନ ପାଇଁ ଦାୟିତ୍ୱ ଦେଇଛି। ହିତାଧିକାରୀମାନେ ଚାଉଳ ପାଇଁ ଗଲେ ବ୍ୟକ୍ତି ଜଣକ ଜାତିଆଣ ମନୋବୃତ୍ତି ରଖି ଲୋକମାନଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରୁଛି। ଓଜନ କଣ୍ଟାରେ ମଧ୍ୟ ଲୋକେ ଠକାମିର ଶିକାର ହେଉଛନ୍ତି। ପ୍ରତିବାଦ କଲେ ରାସନ କାର୍ଡ କାଟି ଦେବାର ଧମକ ଦିଆଯାଉଛି। ଏନେଇ କାର୍ଡଧାରୀମାନେ ବ୍ଲକ ଯୋଗାଣ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ସେ କିଛି ଶୁଣୁନାହାନ୍ତି। ପରିଶେଷରେ ଗ୍ରାମବାସୀ ପ୍ରଫୁଲ୍ଲ ନାୟକ, ଗୀତାଞ୍ଜଳି ନାୟକ, ରମାକାନ୍ତ ନାୟକ, ଅକ୍ଷୟ ମଲିକ, ତୋଷ ମଲିକ, ପ୍ରଶାନ୍ତ ମଲିକ, ନାଳମଣି ମଲିକ, ଚନ୍ଦ୍ରମଣି ମଲିକ, ଜାନକୀ ନାୟକ, କାର୍ତ୍ତିକ ନାୟକ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହା ଉପରେ ତଦନ୍ତ କରି ଲୋକଙ୍କୁ ସୁଚାରୁ ରୂପେ ସାମଗ୍ରୀ ବଣ୍ଟନ ପାଇଁ ଦାବି କରିଛନ୍ତି।

## ଜାତୀୟ ରାଜପଥ ଉପରେ ଜଳିଗଲା ଟ୍ରକ୍



ଭଣ୍ଡାରିପୋଖରୀ,୮।୭(ସମିସ): ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୧୨ଟା ୩୦ ମିନିଟ୍ ସମୟରେ ଏକ ୧୪ ଚକିଆ ଆଇରନ ବୋଝେଇ ଟ୍ରକ୍ (ଓଡି୦୯ଏସ୪୦୪୦) ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ଉପରେ ଜଳିଯାଇଥିବା ଦେଖିବାକୁ ମିଳିଥିଲା। ସୋମବାର ଦିନରାତି ମାଇନ୍‌ରୁ ଆଇରନ ବୋଝେଇ କରି ମଙ୍ଗଳବାର ରାତି ୧୦ଟାରେ ଚଣ୍ଡିଖୋଲରୁ ବାହାରି ଖଡ଼ଗପୁର ରଶ୍ମି ଗ୍ରୀନ୍ ପ୍ଲାଣ୍ଟ ଅଭିମୁଖେ ଯାଉଥିଲା। ଛତାବର ଟୋଲ୍‌ପ୍ଲାଜା ଅତିକ୍ରମ କରିବା ପରେ ଡ୍ରାଇଭରଙ୍କୁ ନିଦ ଲାଗିବାରୁ ରାସ୍ତା ଜାଣି ନ ପାରି ବ୍ରିଜ୍ ଡିଭାଇଡରକୁ ବାଡ଼େଇ ହୋଇଯାଇଥିଲା। ଫଳରେ କୌଣସି କାରଣରୁ ନିଆଁ ଲାଗିଯାଇ ଗାଡ଼ିଟି ଜଳିଯାଇଥିଲା। ତତ୍‌କ୍ଷଣାତ୍ ଗାଡ଼ି ଚାଳକ ଗାଡ଼ିର ଆଗ କାଚକୁ ଭାଙ୍ଗି ବାହାରକୁ ବାହାରି ଆସିଥିଲେ। ଗାଡ଼ିରେ ଚାଳକ ଓ ହେଲ୍‌ପର ୨ଜଣ ରହିଥିବା ଜଣାପଡ଼ିଛି। ସଙ୍ଗେ ସଙ୍ଗେ ଖବର ପାଇ ଭଣ୍ଡାରିପୋଖରୀ ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀଙ୍କୁ ଟେଲିଫୋନ ଯୋଗେ ଯୋଗାଯୋଗ କରି ନିଆଁକୁ ଆୟତ୍ତ କରିଥିଲେ। ଘଟଣାରେ କାହାରି କିଛି କ୍ଷତି ହୋଇ ନ ଥିବା ଭଣ୍ଡାରିପୋଖରୀ ଥାନା ଅଧିକାରିଣୀ ସୂଚନା ଦେଇଛନ୍ତି।

## ନିଃସ୍ୱାର୍ଥପର ସେବା ଯୋଗାଉଛନ୍ତି ଅନାଦି



ଭଦ୍ରକ,୮।୭(ସମିସ): ଲୋକଙ୍କ ସୁବିଧା ଅସୁବିଧାରେ ସହଯୋଗର ହାତ ବଢ଼ାଇବାଠାରୁ ନିଜ ଅଞ୍ଚଳର କୌଣସି ବି ସମସ୍ୟାର ସମାଧାନ ନେଇ ସବୁବେଳେ ସ୍ୱର ଉତ୍ତୋଳନ କରୁଥିବା ଜଣେ ଆଗଧାଡ଼ିର ଯୁବକ ହେଉଛନ୍ତି ଅନାଦି ଚରଣ ବାରିକ। ତିହିଡ଼ି ବ୍ଲକ୍ ଅନ୍ତର୍ଗତ ରାଜନଗର ପଞ୍ଚାୟତ ଖଡ଼ିଜାଳ ଗାଁର ବାସିନ୍ଦା ଅନାଦି ନିଜର ସବୁକିଛି ସୁଖ ସାଚ୍ଛନ୍ଦ୍ୟକୁ ଭୁଲି ନିରନ୍ତର ଭାବେ ଲୋକଙ୍କୁ ସେବା ଯୋଗାଇ ଆସୁଛନ୍ତି। ଜଣେ ପରୋପକାରୀ ଓ ଦୃଢ଼ ସଂଗଠକ ଭାବେ ପରିଚିତ ଅନାଦି ୧୯୯୧-୯୨ ମସିହାରେ ଚାନ୍ଦବାଲି କଲେଜରେ ପାଠ ପଢ଼ିବା ବେଳେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦରୁ ଛାତ୍ର ସଂସଦର ସଭାପତି ନିର୍ବାଚିତ ହୋଇଥିଲେ। ପରେ ସେ ବିଜେପିରେ ଯୋଗଦେଇ ସେହିଦିନଠାରୁ ଅଦ୍ୟାବଧି ଦଳ ଲାଗି କାର୍ଯ୍ୟ କରୁଛନ୍ତି। ସେ ମଧ୍ୟ ଥରେ ସରପଞ୍ଚ ଓ ଥରେ ସମିତିସଭ୍ୟ ଭାବେ ନିର୍ବାଚନ ଲଢ଼ିଥିଲେ। ଜଣେ ସରଳ, ଶିକ୍ଷିତ ଓ ନିଃସ୍ୱାର୍ଥପର ମଣିଷ ଭାବେ ସେ ଚାନ୍ଦବାଲି ଅଞ୍ଚଳରେ ବେଶ୍ ପରିଚିତ। ତାଙ୍କର ଏହି ସେବା ମନୋବୃତ୍ତି ଲାଗି ସେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ପ୍ରିୟପାତ୍ର ହୋଇପାରିଛନ୍ତି।

## ୨୭ତମ ବନ ମହୋତ୍ସବ କାର୍ଯ୍ୟକ୍ରମ

ବାରିକପୁର,୮।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବାଲିପୋଖରୀ ପଞ୍ଚାୟତ କୋରକରା ପଣସା ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ୨୭ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଧାମନଗର ବନାଞ୍ଚଳ ବିଭାଗ, ଗ୍ରୀନ୍ ଓଡ଼ିଶା ଓ ସ୍ଥାନୀୟ ସବୁଜ ବାହିନୀ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସବୁଜ ବାହିନୀ ତଥା ଗ୍ରୀନ୍ ଓଡ଼ିଶା ସମ୍ପାଦକ ବିରଞ୍ଚି ନାରାୟଣ ଲେଙ୍କାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ କୃଷ୍ଣ ଚନ୍ଦ୍ର ବାସ୍କେ, ପ୍ରଦୀପ ନାୟକ, ମଧୁସ୍ମିତା ଦାସ, ବନିତା ସିହ୍ନା, ପ୍ରଧାନଶିକ୍ଷକ ପ୍ରଦୀପ ନନ୍ଦ, ଅନୁସନ୍ଧ୍ୟା ତରାଇ, ଅର୍ଜୁନ ଦାସ ପ୍ରମୁଖ ଯୋଗଦେଇଥିଲେ। ପ୍ରତ୍ୟେକ ବ୍ୟକ୍ତି ବୃକ୍ଷରୋପଣ କରିବା ଜରୁରୀ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ନାରାୟଣ ଲେଙ୍କା, କାଳନ୍ଦୀ ମହାଲିକ, ଅଭିରାମ ଜେନା, ଗୋପିନାଥ ମହାଲିକ ପ୍ରମୁଖ ପରିଚାଳନା କରିଥିଲେ।

# ବନ୍ୟା ନିୟନ୍ତ୍ରଣ ନାଁରେ କୋଟି କୋଟି ଟଙ୍କା ହରିଲୁଟ୍

ଦୋବଲ,୮।୭(ସମିସ)



ଧାମନଗର ବୈତରଣୀ ଓ ଏହାର ଶାଖା ନଦୀ ଗେଙ୍ଗୁଟି ଅବବାହିକାରେ ବନ୍ୟା ନିୟନ୍ତ୍ରଣର ଡିଣ୍ଡିମ ପିଟୁଥିବା ଜଳସମ୍ପଦ ବିଭାଗର ଅସଲ ଚେହେରା ପଦାରେ ପଡ଼ିଛି। ମୌସୁମୀ ପ୍ରାରମ୍ଭରେ ଲଘୁଚାପ ବର୍ଷା ଯୋଗୁଁ ନଦୀରେ ଜଳସ୍ତର ସାମାନ୍ୟ ବୃଦ୍ଧି ପାଇବା ମାତ୍ରେ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ହଜାର ହଜାର ସିମେଣ୍ଟ ବସ୍ତାରେ ବାଲି ଭର୍ତ୍ତି କରି ରଖାଯାଉଥିବା ଦେଖିବାକୁ ମିଳିଛି। ଗୋଟିଏ ଗୋଟିଏ ସ୍ଥାନରେ ୩୦୦ରୁ ଅଧିକ ବାଲି ବସ୍ତା ପ୍ରସ୍ତୁତ ହୋଇ ରହିଛି। ଆଶ୍ଚର୍ଯ୍ୟର କଥା, ଗତବର୍ଷ ଭର୍ତ୍ତି ହୋଇଥିବା ବାଲି ବସ୍ତା ଏବେ ବି ଅବ୍ୟବହୃତ ହୋଇ ନଷ୍ଟ ହେଉଥିବାବେଳେ, ଚଳିତ

**● ସୁଦୃଢ଼ୀକରଣ ଦାବି ଭିତରେ ସାମୟିକ ବାଲି ବସ୍ତା ଭରସା**
**● ପ୍ରଶାସନର ଆଗୁଆ ପ୍ରସ୍ତୁତି ନା ପିସି କାରବାର ?**

ବର୍ଷ ପୁଣି ସେହି ସାମୟିକ ବ୍ୟବସ୍ଥା ନାଁରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବା ପ୍ରଶାସନର ସ୍ୱଚ୍ଛତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାର ସ୍ଥାୟୀ ସୁଦୃଢ଼ୀକରଣ କଥା କହୁଥିବାବେଳେ ସତୁରି ଦଶକର ଏହି ପାରମ୍ପରିକ ପଦ୍ଧତି ଆପଣାଇବା କେବଳ ପାଣ୍ଠି ହରିଲୁଟ୍‌ର ମାଧ୍ୟମ ପାଲଟିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି।

ରାଜ୍ୟରେ ୨୦୨୪ ନିର୍ବାଚନ ପରେ ନୂଆ ସରକାର ଆସିବା ପରେ ବନ୍ୟା ନିୟନ୍ତ୍ରଣ, ଜଳନିଷ୍କାସନ ଓ ଜଳସେଚନ ନାଁରେ ପ୍ରାୟ ୭୦୦ କୋଟି ଟଙ୍କା ବ୍ୟୟ କରାଯାଇଥିବା ସରକାର ଦାବି କରୁଛନ୍ତି। ବୈତରଣୀ ନଦୀର ଉତେଇପୁର ମଲ୍ଲିମାହାରା ଓ ସୋହଡ଼ାର ଗୌରାଙ୍ଗପୁର ଏସ୍‌କେପ୍‌କୁ ଉଚ୍ଚା କରାଯିବା ସହ ପ୍ରାୟ ୬୦ଟି ଜାଗାରେ ନଦୀବନ୍ଧକୁ ସୁରକ୍ଷା ଦେବାକୁ କଂକ୍ରିଟ କାନ୍ଥ କରାଯାଇଛି। ଏହା ସହିତ ୩୦ରୁ ଅଧିକ ସ୍ଥାନରେ ନଦୀପଠାରେ ପଥର ବିଛାଯାଇଛି। ଯଦି ବନ୍ଧଗୁଡ଼ିକ ଏତେ ସୁଦୃଢ଼ ଓ ବିପଦମୁକ୍ତ, ତେବେ ଜଳସ୍ତର ବିପଦସଂକେତ ଟପି ନ ଥିବା ସତ୍ତ୍ୱେ ଏଭଳି ସାମୟିକ ସମାଧାନ ବାବଦରେ ଲକ୍ଷ ଲକ୍ଷ ଟଙ୍କା ପାଣି ଭଳି ବୁହାଇ ଦିଆଯିବା କେଉଁ ଯୁକ୍ତିରେ ବୋଲି ସ୍ଥାନୀୟ ଜନସାଧାରଣ ପ୍ରଶ୍ନ କରୁଛନ୍ତି। ଅପରପକ୍ଷରେ, ଗତ ୨ବର୍ଷ ମଧ୍ୟରେ କୌଣସି ନଦୀବନ୍ଧରେ ମୁଠାଏ ମାଟି ପଡ଼ି ନାହିଁ କି ଚଉଡ଼ା କରାଯାଇନାହିଁ। ମୁସ୍ତଫାପୁରର ବେଲମଲାରୁ ଦଳାଙ୍ଗ ଭାୟା ରାମେଶ୍ୱରପୁର ଏବଂ କୋରକଦାରୁ କଣ୍ଟଦା ଭାୟା କରଦା ନଦୀବନ୍ଧର ଅବସ୍ଥା ଅତି ଶୋଚନୀୟ। ଏହି ବନ୍ଧଗୁଡ଼ିକ ଉପରେ ପିଚୁ ରାସ୍ତା ତ କରାଯାଇଛି, ମାତ୍ର ବେଲମଲାରୁ ରାମେଶ୍ୱରପୁର ଗେଙ୍ଗୁଟି ବାମ ପାର୍ଶ୍ୱ ନଦୀବନ୍ଧ ପ୍ରାୟ ୧୦ ବର୍ଷ ପୂର୍ବେ ପିଚୁ ହେବା ପରଠାରୁ ଜଳସମ୍ପଦ ବିଭାଗ ଏହାକୁ ସମ୍ପୂର୍ଣ୍ଣ ଭୁଲିଯାଇଛି। ମରାମତି ଅଭାବରୁ ଏହି ବନ୍ଧ ରାସ୍ତା ଏବେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଏହି ରାସ୍ତା ଉପରେ ସୋଧ, କୋଳେଇପଦା, ଦୋବଲ, ଇଟୁଆ, ରାମେଶ୍ୱରପୁର ଓ କରଦା ଅଞ୍ଚଳର ହଜାର ହଜାର ଜନସାଧାରଣ ନିର୍ଭର କରୁଥିଲେ ସୁଦ୍ଧା ସେଥିପ୍ରତି ନା ଜଳସମ୍ପଦ ବିଭାଗର ନିଘା ଅଛି ନା ସ୍ଥାନୀୟ ରାଜନେତାଙ୍କର ଆନ୍ତରିକତା ଅଛି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗର ଏସ୍‌ଡିଓଙ୍କୁ ପଚାରିବାରୁ ସେ ନିଜ ସଫେଇରେ କହିଛନ୍ତି ଯେ, ବନ୍ୟା ହେଉଛି ଏକ ପ୍ରାକୃତିକ ଦୁର୍ବିପାକ। ଏହାର ସଠିକ୍ ଆକଳନ କରିବା ସହଜ ନୁହେଁ। ତେଣୁ ସରକାରୀ ବିଧି ବ୍ୟବସ୍ଥା ଅନୁଯାୟୀ ଆଗୁଆ ପ୍ରସ୍ତୁତି ସ୍ୱରୂପ ବାଲି ବସ୍ତା ଗଚ୍ଛିତ ରଖାଯାଇଛି। ମାତ୍ର ବିଭାଗର ଏହି ପ୍ରାକ୍ ପ୍ରସ୍ତୁତି ଆଳରେ ପ୍ରତିବର୍ଷ ଅର୍ଥ ଆତ୍ମସାତ୍ କରାଯାଉଥିବା ସ୍ପଷ୍ଟ ଜଣାପଡୁଛି। ସ୍ଥାୟୀ ନଦୀବନ୍ଧ ମରାମତିକୁ ଏଡ଼ାଇ ବାଲି ବସ୍ତା ଭଳି ଅସ୍ଥାୟୀ କାର୍ଯ୍ୟକ୍ରମ ପ୍ରଶାସନିକ ଉଦାସିନତା ଓ ଦୁର୍ନୀତିର ଜ୍ୱଳନ୍ତ ଉଦାହରଣ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## ବନ ବିଭାଗ ପକ୍ଷରୁ ବେଆଇନ କରତକଳ ଉପରେ ଚଢ଼ଉ

ଧାମନଗର,୮।୭(ସମିସ): ଧାମନଗର ଏନ୍‌ଏସି ଅଞ୍ଚଳରେ ବେଆଇନ କରତକଳ ଉପରେ ସକାଳୁ ସକାଳୁ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଭଦ୍ରକ ଡିଏଫ୍‌ଓ ଅରୁଣ କୁମାର ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ ବନ ସଂରକ୍ଷକ ସୁମିତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଧାମନଗର ବନାଞ୍ଚଳ ଅଧିକାରୀ ବବୁଲ ମଲ୍ଲିକ, ଧାମନଗର ପୁଲିସ ସହାୟତାରେ ଭଦ୍ରକ ଜିଲ୍ଲା ଧାମନଗର ରେଞ୍ଜ ଅଧୀନ



ମୂଲ୍ୟବାନ କାଠ ସହ ଯନ୍ତ୍ରାଂଶ ଜବତ

ଧାମନଗର ଫରେଷ୍ଟର ବସନ୍ତ ମାଝୀ, ମଧୁସ୍ମିତା ମହାନ୍ତି, ସୂର୍ଯ୍ୟକାନ୍ତ ପଣ୍ଡା, କୃଷ୍ଣ ଚନ୍ଦ୍ର ବାସ୍କେ, ଫରେଷ୍ଟ ଗାର୍ଡ ପୀତବାସ ଶଙ୍ଖୁଆ, ସୁହାସିନୀ ସ୍ୱାଇଁ, ଲିପିକା ଦାସ ପ୍ରମୁଖ ସାମିଲ୍ ଥିଲେ। ଜବତ କାଠ ଓ ଯନ୍ତ୍ରାଂଶର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ବନାଞ୍ଚଳ ଅଧିକାରୀଙ୍କ ସୂତ୍ରରୁ ଜଣାଯାଇଛି। ତେବେ ବେଆଇନ ଭାବେ ବିଭିନ୍ନ ସ୍ଥାନରେ ଚାଲୁଥିବା କରତକଳଗୁଡ଼ିକୁ ପର୍ଯ୍ୟାୟକ୍ରମେ

ଧାମନଗରସ୍ଥିତ ମୁଲଣାସାହିଠାରେ ବେଆଇନ ଭାବେ ଚାଲିଥିବା କରତକଳ ଉପରେ ବୁଧବାର ସକାଳୁ ସକାଳୁ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ବେଆଇନ କରତ କଳରୁ ପୁଣ୍ଟିଆ, ଜାମୁ, ଶିରିଶ, ବବୁରି, ଚାକୁଣ୍ଡା ଆଦି ବିଭିନ୍ନ କାଠ ସମେତ ଯନ୍ତ୍ରାଂଶ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି। ଗ୍ୟାସ କଟର ବ୍ୟବହାର କରି କରତକଳର ଯନ୍ତ୍ରପାତିଗୁଡ଼ିକ କଟାଯାଇଥିବା ଦେଖିବାକୁ ମିଳିଛି। ଏହି ଚଢ଼ଉରେ ଚଢ଼ଉ କରାଯିବ ବୋଲି ରେଞ୍ଜର ବବୁଲ ମଲିକ ସୂଚନା ଦେଇଛନ୍ତି। ତେବେ ସରକାର ଏବଂ ବିଭାଗୀୟ ଅଧିକାରୀଙ୍କ ମନମୁଖୀ ଭାବେ ଚଢ଼ଉକୁ ସାଧାରଣରେ ନାପସନ୍ଦ କରାଯାଇଛି। କାରଣ ଝିଅ ବିବାହର କାଠ ସାମଗ୍ରୀ ତିଆରି କରିବା ପାଇଁ ଦୂରରୁ କାଠ ସଂଗ୍ରହ କରି ବହୁ ଖର୍ଚ୍ଚ ଓ ସମସ୍ୟା ସୃଷ୍ଟି ହେଉଛି। ଏଥିପ୍ରତି ସରକାର ଓ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ବିଚାର କରନ୍ତୁ ନ ହେଲେ ଜନସାଧାରଣ ଆନ୍ଦୋଳନ ପନ୍ଥା ଗ୍ରହଣ ପାଇଁ ସୂଚନା ଦେଇଛନ୍ତି।

**● ପଦାରେ ପଡ଼ିଲା ପରିବହନ ବିଭାଗର ଦାୟିତ୍ୱହୀନତା**

## ଗାଡ଼ି ଅଛି ଭଦ୍ରକରେ; ଚାଲାଣ କଟିଲା ନୟାଗଡ଼ରୁ

ଭଦ୍ରକ,୮।୭(ସମିସ): ପଦାରେ ପଡ଼ିଛି ପରିବହନ ବିଭାଗର ଫାଇନ କାଟିବା ନିଶା। ଭଦ୍ରକରେ ଗାଡ଼ି ଅଛି କିନ୍ତୁ ଚାଲାଣ ଆସିଲା ନୟାଗଡ଼ରୁ। ଆହୁରି ପୁଣି ଚାରି ଚକିଆ ଗାଡ଼ି ନାଁରେ ଆସିଛି ଦୁଇ ଚକିଆ ଗାଡ଼ିର ଜରିମାନା। ବାଇକ୍ ଚଳାଇବା ବେଳେ ଫୋନ୍‌ରେ କଥା ହେବା ନିମନ୍ତେ ଆସିଛି ୫ ହଜାର ଟଙ୍କାର ଜରିମାନା।

**କାର୍ ନମ୍ବରରେ କଟିଛି ବାଇକ୍ ଚାଲାଣ**

ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଭଦ୍ରକ ସହର ଉପକଣ୍ଠ ଆରଡ଼ି ଛକ ନିବାସୀ କ୍ଷିତୀଶ ବେହେରାଙ୍କ ମୋବାଇଲ୍‌କୁ ନୟାଗଡ଼ ପରିବହନ ବିଭାଗ ତରଫରୁ ୫ ହଜାର ଟଙ୍କାର ଫାଇନ୍ ନୋଟିସ୍ ଆସିଥିଲା। ଓଡି୦୨ସିଏ ୧୭୪୨ ନମ୍ବର ବାଇକ୍ ଚଳାଉଥିବାବେଳେ ଫୋନ୍‌ରେ କଥା ହେବା ଅପରାଧ ପାଇଁ ପରିବହନ ବିଭାଗର ଏମ୍‌ଭି ଆକ୍ଟ ୧୮୪ (ସି) ଅନୁଯାୟୀ ଏହି ଫାଇନ କରାଯାଇଥିବା ନୋଟିସ୍ ଆସିଥିଲା। ତେବେ ଏହି ଚାଲାଣ କ୍ଷିତୀଶଙ୍କୁ ବେଶ୍ ଆଶ୍ଚର୍ଯ୍ୟ କରିଛି। ସମ୍ପୃକ୍ତ ଗାଡ଼ି ନମ୍ବର ହେଉଛି ନିଜ କାର୍‌ର ହୋଇଥିବାବେଳେ ଚାଲାଣ କଟିଥିବା ସମୟରେ ଗାଡ଼ି ଭଦ୍ରକରେ ଥିବା ସେ ଅଭିଯୋଗ କରିଛନ୍ତି। କାର୍‌ଟି ଭଦ୍ରକରେ ଥିବାବେଳେ ନୟାଗଡ଼ ଆର୍‌ଟିଓ କିପରି ସମ୍ପୃକ୍ତ ନମ୍ବରରେ ବାଇକ୍‌ର ଚାଲାଣ ପଠାଇଲା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି କ୍ଷିତୀଶ। କୌଣସି ଯାଞ୍ଚ ନ କରି ପରିବହନ ବିଭାଗର ଏପରି ଚାଲାଣ ପଠାଇବା ପଛରେ ଆର୍‌ଟିଓ ବିଭାଗର ଦାୟିତ୍ୱହୀନତାକୁ ସେ ଦାୟୀ କରିଛନ୍ତି। ତୁରନ୍ତ ଘଟଣାର ସମାଧାନ ପାଇଁ ସେ ଦାବି କରିଛନ୍ତି।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବନ୍ତ/ଆଗରପଡ଼ା,୮।୭(ସମିସ): ବନ୍ତ ବ୍ଲକ୍ ରାମକୃଷ୍ଣପୁର ପଞ୍ଚାୟତ ବାଲୁଙ୍କେଶ୍ୱର ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନସ୍ଥ ଟିକିରପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏକ ଭାବପୂର୍ଣ୍ଣ ପରିବେଶରେ ପ୍ରଧାନଶିକ୍ଷୟତ୍ରୀ ମିନତୀ ମଲ୍ଲିକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନରେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନ ଓ ପ୍ରାକ୍ତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁଧୀର କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ସରପଞ୍ଚ ହୀରେନ୍ଦ୍ର ଖିଲାର, ମୁଖ୍ୟବକ୍ତା ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକ ସୁକାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଶିକ୍ଷାବିତ୍ ଉର୍ମିଳା ପଣ୍ଡା, ଗଗନ ବିହାରୀ ଦାଶ, ସମାଜସେବୀ ଦୀନବନ୍ଧୁ ସାହୁ, ପ୍ରାକ୍ତନ ପରିଚାଳନା କମିଟି



ସଭାପତି ନବ କିଶୋର ବଳ, ବାଲୁଙ୍କେଶ୍ୱର ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନିରୁଦ୍ଧ ମଙ୍ଗଳ, ଶିକ୍ଷକ ପର୍ଶୁରାମ ନାୟକ, କୁଣ୍ଡୁଳା ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ କୁମାର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶୀଳ କୁମାର ଜେନା, ସନାତନ ଜେନା, ସମାଜସେବୀ ବଙ୍କିମ ସେଠୀ, ପ୍ରାକ୍ତନ ସରପଞ୍ଚ ମନୋଜ ବିଶ୍ୱାଳ, ପ୍ରାକ୍ତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରତିକାନ୍ତ ମଲ୍ଲିକ, ଶିକ୍ଷକ ପ୍ରକାଶ ଚନ୍ଦ୍ର ଜେନା, ଆନନ୍ଦ ଚନ୍ଦ୍ର ସାହୁ, ମନୋରଞ୍ଜନ ମଲ୍ଲିକ, ଦେବବ୍ରତ ପାଢ଼ୀ, ଦିବାକର ଭଞ୍ଜ, ଶାନ୍ତିଲତା ଦାସ, ରଞ୍ଜନ କୁମାର ମୁଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଧାନଶିକ୍ଷୟତ୍ରୀ ମିନତୀ ମଲ୍ଲିକଙ୍କୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ସୁନାମ ତଥା ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ କରିବାରେ ତାଙ୍କର ଭୂମିକା ଅତୁଳନୀୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

**ବିନା ବୀମାରେ ଚାଲିଛି ମ୍ୟୁନିସିପାଲିଟିର ସ୍ୱଚ୍ଛ ସବାରୀ**

## ଗାଡ଼ି ଧକ୍କାରେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

ବାସୁଦେବପୁର,୮।୭(ସମିସ): ବାସୁଦେବପୁର ପୌରପାଳିକାର ସ୍ୱଚ୍ଛ ସବାରୀ ଧକ୍କାରେ ରମାକାନ୍ତ ମଲ୍ଲିକ ନାମକ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଛି। ସରକାରଙ୍କ ନୀତି ନିୟମକୁ ଉଲ୍ଲଂଘନ କଲେ ସାଧାରଣ ଲୋକଙ୍କଠାରୁ ହଜାରେରୁ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ଫାଇନ୍ ଆଦାୟ ହେଉଛି। ସରକାରଙ୍କ କୌଣସି ବିଭାଗ ନିୟମକୁ ଉଲ୍ଲଂଘନ କଲେ ଆଇନର ଗଳା ବାଟଦେଇ ଖସିଯାଉଛନ୍ତି ବିଭାଗୀୟ ଅଧିକାରୀ। ବାସୁଦେବପୁର ପୌରପାଳିକାର ପ୍ରତି ୱାର୍ଡରେ ୧୦ଟି ସ୍ୱଚ୍ଛ ସବାରୀ ଗାଡ଼ି ଅଳିଆ ଆଣିବାକୁ ଯାଇଥା'ନ୍ତି। ବୁଧବାର ସକାଳେ ସ୍ୱଚ୍ଛ ସବାରୀ(ଓଡି ୨୨ଭି ୮୬୩୭) ଅଳିଆ ଆଣିବାକୁ ଭୈରବପୁର ରାସ୍ତାରେ ଯାଉଥିବାବେଳେ ଉଚ୍ଚଡିହା ଛକରେ ହଠାତ୍ ଗାଡ଼ିଟି ବାମରୁ ଡାହାଣକୁ ମାଡ଼ି ଆସିଥିଲା। ସେହି ରାସ୍ତାରେ ସାଇକଲ ଯୋଗେ ଦୋକାନ ଖୋଲିବାକୁ ଯାଉଥିବା ମଞ୍ଜି ବ୍ୟବସାୟୀ ରମାକାନ୍ତ ମଲ୍ଲିକଙ୍କ ସହ ଧକ୍କା ଦେବା ସହିତ ପାଖରେ ଥିବା ଦୋକାନକୁ ମାଡ଼ି ଯାଇଥିଲା। ରମାକାନ୍ତଙ୍କୁ ଗୁରୁତର ଅବସ୍ଥାରେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ କଟକ ରେଫର କରିଥିଲେ। ଅଧା ବାଟରେ ରମାକାନ୍ତଙ୍କର ମୃତ୍ୟୁ ହୋଇଥିଲା। ଏନେଇ ସ୍ଥାନୀୟ ଗ୍ରାମବାସୀ ପୌରପାଳିକା ଘେରଉ କରିଥିଲେ। ମୃତକଙ୍କ ପରିବାର ସଦସ୍ୟଙ୍କୁ ଆଉଟ୍‌ସୋର୍ସିଂରେ ଏକ ନିଯୁକ୍ତି ଦେବାକୁ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏଠାରେ କଥା ଉଠୁଛି ପୌରପାଳିକାର କାହିଁକି ବେଆଇନ ଭାବେ ଏହି ଗାଡ଼ିଗୁଡ଼ିକ





ବିନା ଇନ୍‌ସୁରାନ୍ସରେ ଚଳାଇଛନ୍ତି। କିଏ ଏହି ଦାୟିତ୍ୱରେ ଥିଲେ। ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଜୀବନ ହରାଇଥିବା ନିରିହ ଲୋକଙ୍କ ପରିବାର ଇନ୍‌ସୁରାନ୍ସ ପାଇବାରୁ ବଞ୍ଚିତ ହେବ। ଗାଡ଼ିର ବିନା ଇନ୍‌ସୁରାନ୍ସରେ ସାଧାରଣ ଲୋକଙ୍କର ଯଦି ଦୁର୍ଘଟଣା ଘଟାଇଥା'ନ୍ତା ସରକାରଙ୍କ ସବୁ ଆଇନ ଉଲ୍ଲଂଘନ ଦଫା ଲଗାଇ ଥାନାରେ ଗାଡ଼ି ଖତ ହୋଇ ପଡ଼ିଥା'ନ୍ତା।

**ପ୍ରଶାସନିକ ନାଲିଫିତା ଭିତରେ ବନ୍ଧା ୩୦ ହଜାର ଜନତାଙ୍କ ଭାଗ୍ୟ**

# ମନ୍ତ୍ରୀଙ୍କ ସମୀକ୍ଷା ପରେ ବି ଫଳପୁର ରାସ୍ତା କାମ ଶୂନ୍

ଦୋବଲ,୮।୭(ସମିସ)



"ବିକାଶର ଧାରା ଓଡ଼ିଶା ସାରା' ରାଜ୍ୟ ସରକାରଙ୍କ ଏହି ଡିଣ୍ଡିମ ପିଟା ନାରା ଯେମିତି ଧାମନଗରର ଫଳପୁର ରାସ୍ତାରେ ଆସି ସମ୍ପୂର୍ଣ୍ଣ ଅଟକି ଯାଇଛି। ଦୀର୍ଘ ବର୍ଷ ଧରି ଏହି ରାସ୍ତା ନିର୍ମାଣ ପାଇଁ ଜନସାଧାରଣ ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନିକ ଉଦାସିନତା ଯୋଗୁଁ ପଦ୍ମ ଘୁଞ୍ଚି ଘୁଞ୍ଚି ଗଲା ଭଳି ସ୍ଥିତି ସୃଷ୍ଟି ହୋଇଛି। ବର୍ତ୍ତମାନ ୭ କିଲୋମିଟର ଦୈର୍ଘ୍ୟର ଏହି ସମ୍ପୂର୍ଣ୍ଣ ରାସ୍ତାର ଅବସ୍ଥା ଦିନକୁ ଦିନ ଅତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ମରାମତି ଅଭାବରୁ ରାସ୍ତାରେ ୭୦ରୁ ଅଧିକ ମରଣଯନ୍ତା ଭଳି ଗାତ ସୃଷ୍ଟି ହୋଇଛି। ଧାମନଗର ମୁସଲିମ ବସ୍ତି ପାଖରୁ ଦଳାଙ୍ଗ ଗେଟ୍ ଯାଏ ରାସ୍ତା ଫାଟି ଖଣ୍ଡ ଖଣ୍ଡ କଂକ୍ରିଟ୍ ବି ଛାଡ଼ି ହୋଇ ପଡ଼ିଥିବାବେଳେ ବର୍ଷା ପାଣି ଜମି ରହିବା ଯୋଗୁଁ ଦଳାଙ୍ଗରୁ ବିରୁହାଁ ଛକ ପର୍ଯ୍ୟନ୍ତ ପିଚୁ ଉଠି ବେହାଲ ହୋଇପଡ଼ିଛି। ଚାରିଚକିଆ ଯାନ ଯିବା ତ ଦୂରର କଥା, ବାଇକ୍‌ରେ ଏହି ୭ କିମି ରାସ୍ତା ପାର୍ ହେବାକୁ ଅଧଘଣ୍ଟାରୁ ଅଧିକ ସମୟ ଲାଗୁଛି। ଏହି ସମସ୍ୟା ଦୀର୍ଘ ବର୍ଷର ପୁରୁଣା।

୨୦୦୭ ମସିହାରେ ଏହାକୁ ପକ୍କା ସଡ଼କ କରାଯାଇଥିଲେ ବି ବନ୍ୟା ଓ ଭାରୀଯାନ ଚଳାଚଳ ଯୋଗୁଁ ଏହା ପ୍ରତିବର୍ଷ ନଷ୍ଟ ହେଉଛି। କରଦା, ପଧାନି, ଦଳାଙ୍ଗ, ଅର୍ଜ୍ଜୁନପୁର, ଭଟ୍ଟସାହି ଓ ନଦୀଗାଁ ପଞ୍ଚାୟତର ପ୍ରାୟ ୩୦ ହଜାରରୁ ଅଧିକ ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଥିବାବେଳେ ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ିଟିଏ ଯିବା ସମ୍ଭବ ହେଉନାହିଁ। ପୂର୍ବରୁ ୨୦୨୦ ଫେବୃଆରୀ ବଜେଟ୍ ଅଧିବେଶନରେ ଦିବଂଗତ ବିଧାୟକ ବିଷ୍ଣୁ ଚରଣ ସେଠୀ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇବା ପରେ ମରାମତି ପାଇଁ ୧ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ଅତି ନିମ୍ନମାନର କାମ ଯୋଗୁଁ ତାହା ବର୍ଷକରେ ଉଭେଇ ଯାଇଥିଲା। ୨୦୨୫ ଜୁନ୍ ୧୫ରେ ପୂର୍ତ୍ତ ବିଭାଗ ପକ୍ଷରୁ ୨୯ କୋଟି ଟଙ୍କା ମଞ୍ଜୁର ହୋଇଥିବା ନେଇ ଭଦ୍ରକ ପ୍ରଶାସନ ଡେଙ୍ଗୁରା ପିଟିଥିଲା, ହେଲେ ଆଜି ବି ଡିପିଆର୍ ଓ ଟେଣ୍ଡର ନାଁରେ କାମ ଶୂନ୍। ବିଷ୍ଣୁ ସେଠୀଙ୍କ ପରେ ତାଙ୍କ ପୁଅ ତଥା ବର୍ତ୍ତମାନର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଇ ଟେଣ୍ଡର ପ୍ରକ୍ରିୟା ଆଗେଇଥିଲେ। ୨୦୨୬ ଫେବୃଆରୀ ୧୦ରେ ହସନାବାଦ କଲ୍ୟାଣ ମଣ୍ଡପ ଅଭିଯୋଗ ଶୁଣାଣି ସମୟରେ ଲୋକଙ୍କ ଦାବିକୁ ଗୁରୁତ୍ୱ ଦେଇ ମନ୍ତ୍ରୀ ପ୍ରଶାସନକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ୪ଟି ବକ୍ସେଲ କଲ୍‌ଭର୍ଟ ସହ ରାସ୍ତା ନିର୍ମାଣ ପାଇଁ ଗତ ମେ' ୨୭ରେ ସମୀକ୍ଷା ମଧ୍ୟ କରିଥିଲେ। ତେବେ ପ୍ରଶ୍ନ ଉଠୁଛି, ପ୍ରଶାସନିକ ଶିଥିଳତାରେ ଜନସାଧାରଣଙ୍କୁ ଆଉ କେତେ ଦିନ ହନ୍ତସନ୍ତ ହେବାକୁ ପଡ଼ିବ? କାଗଜପତ୍ରରେ ବିକାଶର ଗଙ୍ଗା ବୋହୁଥିବାବେଳେ ବାସ୍ତବରେ ଜନତା କାଦୁଅ-ଖାଲରେ ସନ୍ତୁଳି ହେଉଛନ୍ତି। ସରକାରଙ୍କ ଏଭଳି ପ୍ରତାରଣାପୂର୍ଣ୍ଣ ଆଭିମୁଖ୍ୟକୁ ଅଞ୍ଚଳବାସୀ ତୀବ୍ର ସମାଲୋଚନା କରିବା ସହ ତୁରନ୍ତ ସ୍ଥାୟୀ ପ୍ରତିକାର ପାଇଁ ଦାବି କରିଛନ୍ତି।

## ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ

ଆରଡ଼ି,୮।୭(ସମିସ): ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ମହତ୍ତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଚାନ୍ଦବାଲି ବ୍ଲକ୍ ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ମଙ୍ଗଳବାର ଉତ୍ସାହର ସହ ପାଳନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସର ଏବଂ ଆଖପାଖ ଅଞ୍ଚଳରେ ବିଭିନ୍ନ ପ୍ରଜାତିର ଫଳ, ଔଷଧୀୟ ଓ ଛାୟାପ୍ରଦ ବୃକ୍ଷର ଚାରାରୋପଣ କରାଯାଇଥିଲା। ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁ ସଭାପତି ଦୀପ୍ତି ରଞ୍ଜନ ନାୟକ, ସାମ୍ବାଦିକ ସ୍ୱାଧୀନ କୁମାର ଦାସ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଶୁଭାରମ୍ଭ ବିଦ୍ୟାଳୟର ପ୍ରଧାନଶିକ୍ଷକ ସକ୍ଲାଫାତୁ ସୋରେନଙ୍କ ଦ୍ୱାରା କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ବୃକ୍ଷରୋପଣ ସହ ପରିବେଶ ସଚେତନତା ଶୋଭାଯାତ୍ରା, ବକ୍ତୃତା ପ୍ରତିଯୋଗିତା, ଚିତ୍ରାଙ୍କନ ଓ ସ୍ଲୋଗାନ ପାଠ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ସମସ୍ତେ ପରିବେଶ ସୁରକ୍ଷା ପାଇଁ



ଅଧିକରୁ ଅଧିକ ବୃକ୍ଷରୋପଣ କରିବା ସହ ରୋପଣ କରାଯାଇଥିବା ଚାରାର ନିୟମିତ ଯତ୍ନ ନେବାକୁ ଶପଥ ଗ୍ରହଣ କରିଥିଲେ। ଶେଷରେ ପ୍ରଧାନଶିକ୍ଷକ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଜଣାଇ ବନ ମହୋତ୍ସବ ସପ୍ତାହକୁ କେବଳ ଔପଚାରିକତାରେ ସୀମିତ ନ ରଖି ବର୍ଷସାରା ବୃକ୍ଷ ସୁରକ୍ଷାରେ ସାମିଲ୍ ହେବାକୁ ଆହ୍ୱାନ ଜଣାଇଥିଲେ।

# କୁଡୁମି ସେନାର ସାରସକଣା ବ୍ଲକ୍ ଘେରଉ; ପ୍ରତିବାଦ ସଭା

## କୁଡୁମି ଭବନ ଉଦ୍‌ଘାଟନକୁ ନେଇ ବିବାଦ, ବିଧାୟକଙ୍କୁ ଚେତାବନୀ



ସାରସକଣା,୮।୭(ସମିସ): ସାରସକଣା କୁଡୁମି ସମାଜକୁ ଅଣଦେଖା କରାଯାଇଥିବା ଅଭିଯୋଗ ଆଣି ବ୍ଲକ୍ ଘେରଉ କରିଛି ଓଡ଼ିଶା କୁଡୁମି ସେନା ସଂଘ। କିଛିଦିନ ପୂର୍ବରୁ ସାରସକଣା ବ୍ଲକ୍ ଅନ୍ତର୍ଗତ ବଡ଼ଚାଟରା ପଡ଼ିଆରେ ଓଡ଼ିଶା ସରକାରଙ୍କ "ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅବସରରେ ନବନିର୍ମିତ କୁଡୁମି ଭବନର ଉଦ୍‌ଘାଟନ କରିଥିଲେ ସାରସକଣା ବିଧାୟକ ଭାଦବ ହାଁସଦା। ତେବେ ଉଦ୍‌ଘାଟନ ସମୟରେ କୁଡୁମି ସମାଜର ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ସଂଗଠନର କର୍ମକର୍ତ୍ତାଙ୍କୁ ନିମନ୍ତ୍ରଣ କରାଯାଇନଥିବା ଅଭିଯୋଗ ହୋଇଛି। ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରାଯାଇନଥିବା ଏବଂ ସମାଜର ପରମ୍ପରା ଅନୁଯାୟୀ ଗୋରମ୍ ଠାକୁରଙ୍କ ପୂଜା ନକରି ଭବନ ଉଦ୍‌ଘାଟନ କରାଯାଇଥିବା ଅଭିଯୋଗ କରିଛି ଓଡ଼ିଶା କୁଡୁମି ସେନା। ବିଜେଡି ସରକାର ସମୟରେ ରାଜ୍ୟସଭା ସାଂସଦ ମମତା ମାହାନ୍ତ ବିଜେପିରେ ମିଶିଥିଲେ। ପୁଣି ରାଜ୍ୟସଭା ଯିବା ନେଇ ଆଲୋଚନା ହେଉଥିଲା। ବିଜେପି ତାଙ୍କୁ ଶେଷ ସମୟରେ ରାଜ୍ୟସଭା ଟିକେଟ ଦେଇନଥିଲା। ବିଗତ ବିଜେଡି ସରକାର ସମୟରେ ସାଂସଦ ମମତା ମାହାନ୍ତ ତରଫରୁ କୁଡୁମୀ ସମାଜ ପାଇଁ ଏକ କୁଡୁମୀ ଭବନ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ହେଇଥିଲା। ତହା ସାରସକଣା ବ୍ଲକ୍ ଅନ୍ତର୍ଗତ ବଡ଼ଚାଟାରା ପାଡିଆରେ ହେବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ବିଜେପି ସରକାର ସମୟରେ ଉଦ୍‌ଘାଟନ ହୋଇଥିଲେ ମଧ୍ୟ ତାଙ୍କୁ ନିମନ୍ତ୍ରଣ କରାଯାଇନଥିଲା। ସେ ଯେ ହେତୁ ସ୍ଥାନୀୟ ନାରୀ ନେତ୍ରୀ ତାଙ୍କ ଘର ସାରସକଣା ବ୍ଲକ୍‌ରେ, ଏପରିକି ସେ ମଧ୍ୟ କୁଡୁମି ସମାଜର, ତାଙ୍କୁ ନିମନ୍ତ୍ରଣ କରାଯିବା କଥା, ହେଲେ ତାହା ହୋଇନଥିବାରୁ ସମାଜ ଏହାର ପ୍ରତିବାଦ କରିଛି।

ଏହି ପରିପ୍ରେକ୍ଷୀରେ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ସାରସକଣା ଜଗନ୍ନାଥ ମନ୍ଦିର ଠାରୁ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରତିବାଦକାରୀମାନେ ଅଭିଯୋଗ କରିଥିଲେ ଯେ, ସରକାରୀ କାର୍ଯ୍ୟକ୍ରମ ନାମରେ କୁଡୁମୀ ସମାଜର ସ୍ୱାଭିମାନ ଓ ପରମ୍ପରାକୁ ଅଣଦେଖା କରାଯାଇଛି। କୁଡୁମୀ ଭବନ କେବଳ ଏକ ସରକାରୀ ପ୍ରକଳ୍ପ ନୁହେଁ, ବରଂ ଏହା କୁଡୁମି ସମାଜର ଅସ୍ମିତା, ପରମ୍ପରା ଓ ସାଂସ୍କୃତିକ ପରିଚୟର ପ୍ରତୀକ। ସେହି ଭବନର ଉଦ୍‌ଘାଟନ ସମୟରେ ସମାଜର ରୀତିନୀତିକୁ ଅବହେଳା କରିବା ସହ ସମାଜର ପ୍ରତିନିଧିଙ୍କୁ ନିମନ୍ତ୍ରଣ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସାରସକଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସ୍ଥାନୀୟ ବିଧାୟକ ସର୍ବସମ୍ମୁଖରେ ନିଜ ଭୁଲ ସ୍ୱୀକାର କରି କୁଡୁମୀ ସମାଜଙ୍କୁ କ୍ଷମା ପ୍ରାର୍ଥନା କରନ୍ତୁ। ଯଦି ଏହି ଦାବି ପୂରଣ ନହୁଏ, ତେବେ ଆଗାମୀ ଦିନରେ ବ୍ଲକ୍‌ରୁ ଜିଲ୍ଲା ଏବଂ ଜିଲ୍ଲାରୁ ରାଜ୍ୟ ପର୍ଯ୍ୟନ୍ତ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସଂଗଠନ ଚେତାବନୀ ଦେଇଛି। ଆବଶ୍ୟକ ପଡ଼ିଲେ ରାସ୍ତାରୋକ, ଧାରଣା, ଗଣବିକ୍ଷୋଭ ଓ ଅନ୍ୟାନ୍ୟ ଗଣତାନ୍ତ୍ରିକ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ସେମାନେ କହିଛନ୍ତି। ସେମାନେ ସାରସକଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ସ୍ଥାନୀୟ ବିଧାୟକଙ୍କ ବିରୋଧରେ ସ୍ଲୋଗାନ ଦେଇ ଏଭଳି ଘଟଣାର ନିନ୍ଦା କରିଥିଲେ। ବିଡିଓ ଅନୁପସ୍ଥିତ ଥିବାରୁ ବ୍ଲକ୍‌ର ବଡ଼ ବାବୁ ମିଳନ କୁମାର ରାୟଙ୍କୁ ଦାବିପତ୍ର ଦେଇଥିଲେ। ତେବେ ଏହି ଅଭିଯୋଗ ଉପରେ ବ୍ଲକ ପ୍ରଶାସନ କିମ୍ବା ବିଧାୟକଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ। ଘେରାଉରେ ସମାଜର ରାଜ୍ୟ ସଭାପତି ଦିବ୍ୟ ସିଂହ ମହାନ୍ତ, ଅମିତ୍ ମାହାତୋ, କ୍ରାନ୍ତିକାରୀ ଯୁବ ପ୍ରତିଭା ଝାରଖଣ୍ଡ, ଦୁର୍ଗା ଚରଣ ମହାନ୍ତ, ସାଧାରଣ ସମ୍ପାଦକ, ବିପିନ୍ ବିହାରୀ ମହାନ୍ତ ରାଜ୍ୟ ପ୍ରବକ୍ତା, ଫଣ୍ଟୁସ୍ ମହାନ୍ତ ଜିଲ୍ଲା ସଭାପତି, ଅଶେଷ କୁମାର ମହାନ୍ତ ସମ୍ପାଦକ, ହୀରାଲାଲ ମହାନ୍ତ, ଜିଲ୍ଲା ଉପ ସଭାପତି, ପୂର୍ଣ୍ଣିମା ମହାନ୍ତ ଜିଲ୍ଲା ମହିଳା ସଭାନେତ୍ରୀ, ପ୍ରତିଭା ମହାନ୍ତ ବାମନଘାଟି ସଭାନେତ୍ରୀ, ଆରତୀ ମହାନ୍ତ ବିଶୋଇ ବ୍ଲକ ମହିଳା ସଭାନେତ୍ରୀ, ନିରୁପମା ମହାନ୍ତ ମହିଳା ଉପ ସଭାନେତ୍ରୀ, ମାନସ ମହାନ୍ତ ସାରସକଣା ବ୍ଲକ୍ ସଭାପତି, କାର୍ତ୍ତିକ ମହାନ୍ତ ଉପ ସଭାପତି, ସତ୍ୟଜିତ ମହାନ୍ତ ଯୁବ ନେତା , ମନୋଜ ମହାନ୍ତ , ଘନଶ୍ୟାମ ମହାନ୍ତ, ବାସନ୍ତୀ ମହାନ୍ତ ମହିଳା ସଭାନେତ୍ରୀ ସାରସକଣା, ଅମିତ୍ କୁମାର ମହାନ୍ତ ସଭାପତି ରରୁଆଁ ବ୍ଲକ୍, ଚିନ୍ମୟ କୁମାର ମହାନ୍ତ ଯୁବ ସଭାପତି ଯଶୀପୁର ବ୍ଲକ୍ ପ୍ରମୁଖ ଯୋଗ ଦେଇଥିଲେ।

### ଗ୍ରାମାଞ୍ଚଳରେ ଆଧୁନିକ କାରିଗରୀ

## ଆଦୃତ ହେଉଛି ସୁଶାନ୍ତଙ୍କ ପଲିରେଜିନ୍ ମୂର୍ତ୍ତି





ଆନନ୍ଦପୁର, ୮।୭(ସମିସ): ମୁମ୍ବାଇରେ ତାଲିମ ପରେ ଦେବଦେବୀଙ୍କ ଆକର୍ଷଣୀୟ ପଲିରେଜିନ ମୂର୍ତ୍ତି ନିର୍ମାଣରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି କାରିଗର ସୁଶାନ୍ତ ମହାରଣା। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଆଗର୍ଦ୍ଧା ଗ୍ରାମର ଯୁବ କାରିଗର ସୁଶାନ୍ତ ନିଜର ନିଖୁଣ କାରିଗରୀ ପାଇଁ ଆଜି ବେଶ ଚର୍ଚ୍ଚିତ। ପଲିରେଜିନ ଓ ମାର୍ବଲ ଡଷ୍ଟ ବ୍ୟବହାର କରି ସେ ବିଭିନ୍ନ ଦେବଦେବୀଙ୍କ ସୁନ୍ଦର, ଆକର୍ଷଣୀୟ ଓ ଜୀବନ୍ତ ମୂର୍ତ୍ତି ନିର୍ମାଣ କରୁଛନ୍ତି। ତାଙ୍କ ହାତରେ ତିଆରି ହେଉଥିବା ଗଣେଶ, ଲକ୍ଷ୍ମୀ, ସରସ୍ୱତୀ, ଜଗନ୍ନାଥ, ଶିବ-ପାର୍ବତୀ ଓ ଅନ୍ୟାନ୍ୟ ଦେବଦେବୀଙ୍କ ମୂର୍ତ୍ତି ସୌନ୍ଦର୍ଯ୍ୟ ଓ କଳାନୈପୁଣ୍ୟ ପାଇଁ ଗ୍ରାହକଙ୍କ ମନ ଜିତୁଛି। ସୁଶାନ୍ତ ପ୍ରାୟ ଦୁଇ ବର୍ଷ ଧରି ମୁମ୍ବାଇରେ ପଲିରେଜିନ ମୂର୍ତ୍ତି ନିର୍ମାଣର ଉନ୍ନତ ତାଲିମ ଗ୍ରହଣ କରିଥିଲେ। ତାଲିମ ସମାପ୍ତ କରି ନିଜ ଗାଁକୁ ଫେରିବା ପରେ ସେ ଏହି କଳାକୁ ଜୀବିକାର ମାଧ୍ୟମ ଭାବେ ଗ୍ରହଣ କରିଥିଲେ। ନିଜର ଅକ୍ଳାନ୍ତ ପରିଶ୍ରମ, ନିଷ୍ଠା ଓ ସୃଜନଶୀଳତା ବଳରେ ସେ ଆଜି ଜଣେ ସଫଳ ପଲିରେଜିନ ମୂର୍ତ୍ତି କାରିଗର ଭାବେ ପରିଚିତ ହୋଇପାରିଛନ୍ତି। କେବଳ ନିଜେ ସ୍ୱାବଲମ୍ବୀ ହୋଇ ରହିନାହାନ୍ତି, ବରଂ ନିଜ କାରଖାନାରେ ପ୍ରାୟ ୮ରୁ ୧୦ ଜଣ ଯୁବକଙ୍କୁ ନିୟମିତ ରୋଜଗାରର ସୁଯୋଗ ମଧ୍ୟ ସୃଷ୍ଟି କରିଛନ୍ତି। ତାଙ୍କ ନିର୍ମିତ ରଙ୍ଗବେରଙ୍ଗର ଚିତ୍ତାକର୍ଷକ ମୂର୍ତ୍ତିଗୁଡ଼ିକ କେବଳ କେନ୍ଦୁଝର କିମ୍ବା ଓଡ଼ିଶାରେ ସୀମିତ ନୁହେଁ; ରାଜ୍ୟର ବିଭିନ୍ନ ସ୍ଥାନ ସହିତ ପଡ଼ୋଶୀ ରାଜ୍ୟରୁ ମଧ୍ୟ ତାଙ୍କ ପାଖକୁ କାମ ଆସୁଛି। ମୂର୍ତ୍ତିର ସୂକ୍ଷ୍ମ କାରୁକାର୍ଯ୍ୟ, ଆକର୍ଷଣୀୟ ରଙ୍ଗର ସମନ୍ୱୟ ଓ ଉତ୍ତମ ଗୁଣବତ୍ତା ପାଇଁ ତାଙ୍କ କଳାକୃତି ବେଶ ପ୍ରଶଂସିତ ହେଉଛି। ଗ୍ରାମାଞ୍ଚଳରେ ରହି ଆଧୁନିକ କାରିଗରୀକୁ ଆପଣାଇ ସ୍ୱାବଲମ୍ବନର ଏକ ସଫଳ ଦୃଷ୍ଟାନ୍ତ ପାଲଟିଛନ୍ତି ସୁଶାନ୍ତ। ସରକାରୀ ସହଯୋଗ ଓ ଉନ୍ନତ ବଜାର ସୁବିଧା ମିଳିଲେ ସେ ନିଜ ଶିଳ୍ପକୁ ଆହୁରି ବିସ୍ତାର କରି ଅଧିକ ଲୋକଙ୍କୁ ରୋଜଗାର ଯୋଗାଇବା ସହିତ ଓଡ଼ିଶାର ଏହି କଳାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାର ଆଶା ରଖିଛନ୍ତି।

## ତାଲା ଭାଙ୍ଗି ଘରୁ ଚୋରି

କୁଆମରା,୮।୭(ସମିସ): ଖୁଣ୍ଟା ଥାନା ଅଞ୍ଚଳରେ ପୁଣି ଚୋର ସକ୍ରିୟ ହୋଇ ଉଠିଛନ୍ତି। ସପ୍ତାହ ତଳେ ଦୁଇଟି ସ୍ଥାନରୁ ଚୋରି ହୋଇଥିବା ବେଳେ ପୁଣି ମଙ୍ଗଳବାର ରାତିରେ ଖୁଣ୍ଟାସ୍ଥିତ ଚତୁର୍ଶିଳା ଗ୍ରାମର ବିଦ୍ୟୁତ କାର୍ଯ୍ୟାଳୟ ପଛପଟେ ପ୍ରଶାନ୍ତ କୁମାର ବେହେରାଙ୍କ ଘରେ ଦୁର୍ବୃତ୍ତ ତାଲାକାଟି ଘର ମଧ୍ୟରେ ଥିବା ବିଭିନ୍ନ ସାମଗ୍ରୀ ଲୁଟ୍ କରି ନେଇଥିବା ନେଇ ଥାନା ରେ ଅଭିଯୋଗ ହୋଇଛି। ପ୍ରଶାନ୍ତ ଙ୍କ ଅଭିଯୋଗ କ୍ରମେ ୧୬୯/୨୬ ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଏ ଏସ୍ ଆଇ ରତିକାନ୍ତ ଦାସ ତଦନ୍ତ ଚଳାଇଛନ୍ତି।

## ସ୍କୁଲରେ ସାପକାମୁଡ଼ାରେ ଛାତ୍ର ଗୁରୁତର, ଉତ୍ତେଜନା

ବାରିପଦା,୮।୭(ସମିସ): ବାରିପଦା ମ୍ୟୁନସିପାଲିଟି ଅନ୍ତର୍ଗତ ଭୁଗୁଡ଼ାକୋଠା ଉପ୍ରା ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରକୁ ବିଦ୍ୟାଳୟ ବାରଣ୍ଡାରେ ସାପ କାମୁଡ଼ି ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଛାତ୍ର ଜଣଙ୍କ ସ୍ଥାନୀୟ ଜୟକୃଷ୍ଣ ଭୂଜବଳଙ୍କ ପୁଅ ସ୍ୱସ୍ତିକ(୧୨)। ବିଦ୍ୟାଳୟରେ ଆଜି ପୋଷାକ ବଣ୍ଟନ କାର୍ଯ୍ୟ ଚାଲିଥିବା ବେଳେ ସ୍ୱସ୍ତିକ ପୋଷାକ ନେଇ ଶ୍ରେଣୀ ଗୃହକୁ ଯିବା ସମୟରେ ବାରଣ୍ଡାରେ ଏକ ବୋଡ଼ା ସାପ ଉପରେ ପାଦ ପଡ଼ିଯିବାରୁ ସାପଟି କାମୁଡ଼ି ଦେଇଥିଲା। ପରେ ସେ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିବା ବେଳେ ସେଠାରୁ ପିଆରଏମ୍ ଟିଚିଂ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବିଦ୍ୟାଳୟ ପରିସର ସଫାସୁତରା ହେଉନଥିବାରୁ ସାପଙ୍କ ବାସସ୍ଥଳୀ ପାଲଟିଛି। ପୂର୍ବରୁ ମଧ୍ୟ ବୋଡ଼ା ସାପ ଦେଖିବାକୁ ମିଳିଥିଲେ ହେଁ ପ୍ରଧାନ ଶିକ୍ଷୟିତ୍ରୀ ଗୁରୁତ୍ୱ ନଦେବା କାରଣରୁ ପୁଣି ଅଘଟଣ ଘଟିଥିବା ଅଭିଯୋଗ କରି ଅଭିଭାବକମାନେ ଉତ୍ତେଜିତ ହୋଇଥିଲେ। ରିପୋର୍ଟ ଲେଖା ଯିବା ବେଳକୁ ଛାତ୍ରଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ନହେବାରୁ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିବା କୁହାଯାଇଛି।

### ପ୍ରଶାସନିକ ଅବହେଳା ନା ରାଜନୈତିକ ଚାପ

## ପାଳନ ହୋଇନି ଆଦେଶ; ଅଟକିଛି ରିକଭରି

ବେତନଟୀ,୮।୭(ସମିସ): ମୟୂରଭଞ୍ଜ ଜିଲ୍ଲାର ଅଗ୍ରିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଏକ ବ୍ୟକ୍ତିଗତ ଫାର୍ମ ପଣ୍ଡ କାର୍ଯ୍ୟରେ ମେସିନ୍ ବ୍ୟବହାର, ଜାଲ୍ ମଷ୍ଟର ରୋଲ୍ ଏବଂ ନିୟମ ଉଲ୍ଲଙ୍ଘନ କରି ସରକାରୀ ଟଙ୍କା ଆତ୍ମସାତ ଅଭିଯୋଗରେ ଓମ୍ବୁଡସ୍ମ୍ୱର୍ସନ୍ (ଏମ୍‌ଜିଏନ୍‌ଆର୍‌ଇଜିଏ) ଦ୍ୱାରା ପ୍ରାୟ ଏକ ବର୍ଷ ପୂର୍ବେ ଦିଆ ହୋଇଥିବା ଆଦେଶ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ରିକଭରି ପାଇଁ ନିର୍ଦ୍ଦେଶ ଦେବା ସତ୍ତ୍ୱେ ପ୍ରଶାସନିକ ସ୍ତରରେ କୌଣସି ସ୍ପଷ୍ଟ କାର୍ଯ୍ୟାନୁଷ୍ଠାନ ନ ହେବା ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନ ଉଠୁଛି। ଓମ୍ବୁଡସ୍ମ୍ୱର୍ସନ୍ (ଏମ୍‌ଜିଏନ୍‌ଆର୍‌ଇଜିଏ), ମୟୂରଭଞ୍ଜଙ୍କ ଆଦେଶ ନମ୍ବର ୦୧/୨୦୨୫-୨୬ ଅନୁଯାୟୀ, ଏପ୍ରିଲ୍ ୮, ୨୦୨୫ ତାରିଖରେ ଦିଆ ହୋଇଥିଲା। ଏହି ଆଦେଶରେ ୱାଟରସେଡ୍ସ ପ୍ରୋଜେକ୍ଟ ଡାଇରେକ୍ଟର, ମୟୂରଭଞ୍ଜଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ କାର୍ଯ୍ୟ କୋଡ୍- ୨୪୦୪୦୪୮/ଆଇଏଫ୍/୧୦୮୨୭୭୧୧ ଅନ୍ତର୍ଗତ ଫାର୍ମ ପଣ୍ଡ କାର୍ଯ୍ୟରେ ଅନିୟମିତତା ପାଇଁ ଖର୍ଚ୍ଚ ହୋଇଥିବା ୧,୩୬,୯୯୫ ଟଙ୍କା ସହିତ ଜଡିତ କର୍ମଚାରୀଙ୍କଠାରୁ ଆଦାୟ କରି ଏସ୍‌ଇଜିଏଫ୍ ଖାତାକୁ ଜମା କରିବା, ପ୍ରଭାବିତ ଜମିକୁ ପୂର୍ବ ଅବସ୍ଥାକୁ ଫେରାଇ ଆଣିବା ଏବଂ ଜଡ଼ିତ ଅଧିକାରୀ-କର୍ମଚାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା। ଏହି ସମସ୍ତ କାର୍ଯ୍ୟ ତିନି ମାସ ଭିତରେ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଭିଯୋଗକାରୀ ଶିଶିର କୁମାର ଦାଶ ଏବଂ ଲାଭାର୍ଥୀ ବିନୋଦ କୁମାର ଶର୍ମାଙ୍କ ଅଭିଯୋଗ ଅନୁଯାୟୀ, କାର୍ଯ୍ୟସ୍ଥଳରେ ସୂଚନା ଫଳକ ନ ଲଗାଇବା, ପ୍ରଥମ ଜିଓ-ଟ୍ୟାଗିଙ୍ଗ୍ ନ କରିବା, କୁଶଳୀ ଶ୍ରମିକ, ଅଣକୁଶଳୀ ଶ୍ରମିକଙ୍କ ପରିବର୍ତ୍ତେ ମେସିନ୍ (ଜେସିବି) ବ୍ୟବହାର ଏବଂ ଜାଲ୍ ମଷ୍ଟର ରୋଲ୍ ମାଧ୍ୟମରେ ଟଙ୍କା ବଣ୍ଟନ କରାଯାଇଥିଲା। ଓମ୍ବୁଡସ୍ମ୍ୱର୍ସନ୍‌ଙ୍କ ଫିଲ୍ଡ ଯାଞ୍ଚରେ ଶ୍ରମିକଙ୍କ ସ୍ୱାକ୍ଷର ଜାଲିଆତି, ଅନୁମୋଦିତ ନକ୍ସା ଅନୁଯାୟୀ ପୋଖରୀ ନ ଖୋଳାଯିବା ଏବଂ ମେସିନ୍ ବ୍ୟବହାରର ପ୍ରମାଣ ମିଳିଥିଲା। ଏହି ଆଦେଶ ପ୍ରିନ୍ସିପାଲ୍ ସେକ୍ରେଟାରୀ, ପିଆର୍ ଓ ଡବ୍ଲୁ ବିଭାଗ, କଲେକ୍ଟର-କମ୍-ଡିପିସି ଏବଂ ସିଡିଓ-କମ୍-ଇଓ, ଜିଲ୍ଲା ପରିଷଦଙ୍କୁ ମଧ୍ୟ ପଠାଯାଇଥିଲା। ତଥାପି ଜୁଲାଇ ୨୦୨୬ ପର୍ଯ୍ୟନ୍ତ ରିକଭରି କାର୍ଯ୍ୟ ଆରମ୍ଭ ହୋଇନଥିବା ସୂଚନା ମିଳୁଛି। ପ୍ରଶାସନିକ ସ୍ତରରେ କେତେକ ଅଧିକାରୀଙ୍କ ଅବହେଳା ଏବଂ ସ୍ଥାନୀୟ ବିଧାୟକଙ୍କ ସମ୍ଭାବ୍ୟ ଚାପ ଯୋଗୁଁ ଏହି ପ୍ରକ୍ରିୟା ବିଳମ୍ବିତ ହେଉଛି ବୋଲି ଅଭିଯୋଗ ହେଉଛି। ଲାଭାର୍ଥୀ ବିନୋଦ କୁମାର ଶର୍ମା ଏବଂ ଅନ୍ୟ ଅଭିଯୋଗକାରୀମାନେ ପୁନର୍ବାର ଅଧିକାରୀଙ୍କ ଦ୍ୱାରସ୍ଥ ହେବାକୁ ସଜବାଜ ହେଉଥିବା ଜଣାପଡ଼ିଛି। ଓମ୍ବୁଡସ୍ମ୍ୱର୍ସନ୍‌ଙ୍କ ଆଦେଶ କାର୍ଯ୍ୟକାରୀ ନ ହେବା କେବଳ ଏକ ବ୍ୟକ୍ତିଗତ ଘଟଣା ନୁହେଁ, ବରଂ ସରକାରୀ ଯୋଜନାର ସଫଳତା ଏବଂ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଉଛି ବୋଲି ଅଭିଯୋଗ ହେଉଛି।


OFFICE OF THE OMBUDSPERSON (MGNREGS), MAYURBHANJ

## ଲକ୍ଷାଧିକ ଟଙ୍କାର ଶାଳ ଗଣ୍ଡି ଜବତ

ତୁରୁମୁଙ୍ଗା, ୮।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡା ସେକ୍ସନ ମାଛଗଡ଼ ଅଞ୍ଚଳରୁ ବୁଧବାର ଅପରାହ୍ନରେ ଲକ୍ଷାଧିକ ଟଙ୍କାର ଶାଳ ଗଣ୍ଡିକୁ ବନ ବିଭାଗ ଜବତ କରିଛି। ମାଫିଆମାନେ ଗଛ କାଟି ଚାଲାଣ ପାଇଁ ରଖିଥିବା ସମୟରେ ବନ ବିଭାଗ ସୂଚନା ପାଇ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ବିପୁଳ ଶାଳ ଗଣ୍ଡିକୁ ବନ ବିଭାଗ ଜବତ କରି ବନ କାର୍ଯ୍ୟାଳୟକୁ ଆଣିଛି। ସାହାରପଡା ବନପାଳ ଶ୍ରୀମନ୍ତ ବେହେରା ସମେତ ବନ କର୍ମଚାରୀ ଓ ପାରା ଷ୍ଟାଫ ସାମିଲ ଥିଲେ।

### ରାସଗୋବିନ୍ଦପୁର ବ୍ଲକ ବିଜେଡିର କର୍ମଶାଳା

## ପ୍ରଶିକ୍ଷଣ ଶିବିରରେ ଏସ୍‌ଆଇଆର୍ ସଚେତନତା ଉପରେ ଗୁରୁତ୍ୱ



ରାସଗୋବିନ୍ଦପୁର,୮।୭(ସମିସ):-ଏସ୍‌ଆଇଆର୍ ସଂକ୍ରାନ୍ତରେ ରାସଗୋବିନ୍ଦପୁର ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ସାଇ କ୍ରିଷ୍ଣା କଲ୍ୟାଣ ମଣ୍ଡପରେ ଏକ ପ୍ରଶିକ୍ଷଣ ଶିବିର ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଜଗନ୍ନାଥ ଦାଶଙ୍କ ଆବାହକତ୍ୱରେ ଆୟୋଜିତ ଏହି ସଭାରେ ପୂର୍ବତନ ବିଧାୟକ ରାଜକିଶୋର ଦାସ ମୁଖ୍ୟ ଅତିଥି ଏବଂ ପୂର୍ବତନ ବିଧାୟିକା ପ୍ରାର୍ଥୀନୀ ପ୍ରୀତିନନ୍ଦା କାନୁନଗୋ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବକ୍ତାମାନେ ସମସ୍ତ ବୁଥ୍ ଏଜେଣ୍ଟଙ୍କୁ ପରସ୍ପର ସହଯୋଗ ଓ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏସ୍‌ଆଇଆର୍ ପ୍ରକ୍ରିୟା ସମୟରେ ଭୁଲ ସୂଚନା ଆଧାରରେ ଅନେକ ଯୋଗ୍ୟ ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ ପଡ଼ିଥିବା ସୂଚନା ମିଳୁଥିବାରୁ ପ୍ରତ୍ୟେକ ବୁଥ୍ ସ୍ତରରେ ସତର୍କତାର ସହ କାର୍ଯ୍ୟ କରି ଯୋଗ୍ୟ ଭୋଟରଙ୍କ ଅଧିକାର ସୁରକ୍ଷିତ ରଖିବାକୁ ପରାମର୍ଶ ଦେଇଥିଲେ। ସଠିକ୍ ତଥ୍ୟ ସଂଗ୍ରହ, ଜନସଚେତନତା ଏବଂ ଭୋଟର ତାଲିକାରେ କୌଣସି ଯୋଗ୍ୟ ଭୋଟରଙ୍କ ନାମ ବାଦ ନ ପଡ଼ିବା ଦିଗରେ ସମସ୍ତ କର୍ମୀଙ୍କୁ ସକ୍ରିୟ ରହିବାକୁ ଆହ୍ୱାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକର ବହୁ ବୁଥ୍ ଏଜେଣ୍ଟ ଓ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ଶିବିର ମାଧ୍ୟମରେ ବୁଥ୍ ଏଜେଣ୍ଟମାନଙ୍କୁ ଏସ୍‌ଆଇଆର୍ ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଯାଇଥିଲା।

## ଦାମୋଦରପୁରରେ ଭଞ୍ଜସେନାର ମଶାଲ ଶୋଭାଯାତ୍ରା




ବାରିପଦା, ୮।୭(ସମିସ): ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ସହ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦର ଉପଯୋଗରେ ମୟୂରଭଞ୍ଜ ବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟ ନେଇ ଲୋକଙ୍କ ମଧ୍ୟରେ ସଚେତନତା ଆଣିବା ସହିତ ସରକାରଙ୍କୁ ଅବଗତ କରାଇବା ନିମନ୍ତେ 'ଦାଦନ ହଟିବ, ମୟୂରଭଞ୍ଜ ହସିବ' ସ୍ଲୋଗାନ ନେଇ ଗତ ମାସ ୧୭ ତାରିଖରୁ ଜୁଲାଇ ୧୨ତାରିଖ ମଧ୍ୟରେ ଜିଲ୍ଲା ତମାମ(ସମସ୍ତ ବ୍ଲକ/ମ୍ୟୁନିସିପାଲଟି/ଏନ୍‌ଏସି) ପର୍ଯ୍ୟାୟ କ୍ରମେ ଭଞ୍ଜସେନା ପକ୍ଷରୁ ମଶାଲ ରାଲି ଆୟୋଜନ ଚାଲିଛି। କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନକ୍ରମେ ସଂଗଠନ ପକ୍ଷରୁ ବାରିପଦା ବ୍ଲକ୍‌ର ଦାମୋଦରପୁର ଠାରେ ଅନୁଷ୍ଠିତ ହୋଇଥିଲା। ଯୁବ ଉପସଭାପତି ଦେବାଶିଷ ଦାସଙ୍କ ନେତୃତ୍ୱରେ ଶତାଧିକ ଯୁବକ, ଛାତ୍ର, ମହିଳା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଭଞ୍ଜସେନାର ଜିଲ୍ଲା କାର୍ଯ୍ୟକାରୀ ସଭାପତି ସାମନ୍ତ ଶେଖର ପାଲଙ୍କ ସମେତ, କୃପାସିନ୍ଧୁ ସେନାପତି, ସଞ୍ଜୟ ବେହେରା, ମିଳନ ମହାନ୍ତି, ଚନ୍ଦ୍ରଶେଖର ବାଗ, ମନୁ ମାଣ, ଏସ କେ ସାଜିଦ, ବିଶ୍ୱଜିତ ବିଶ୍ୱାଳ ପ୍ରମୁଖ ଯୋଗଦାନ କରିଥିଲେ।

## ବ୍ୟାଟେରୀ ଚୋର କୋର୍ଟ ଚାଲାଣ



ବଡ଼ସାହି,୮।୭(ସମିସ): ବଡ଼ସାହି ଥାନା ଅଧୀନ ବାଲିଯୋଡା ଛକ ନିକଟରେ ଥିବା ଏକ ଟାୱାରରୁ ବ୍ୟାଟେରୀ ଚୋରି କରୁଥିବାବେଳେ ସାଇରନ ବାଜିବାରୁ ଜଗୁଆଳି ଗାଁ ଲୋକଙ୍କ ସହାୟତାରେ ୨ ଜଣ ଯୁବକଙ୍କୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ୨ ଜଣ ହେଲେ ବାରିପଦା ତୁଳସୀ ଚଉରା ୱାର୍ଡ ନମ୍ବର-୧୪ର ଭିକି ମୁଖୀ(୧୯) ଓ ବିକ୍ରମ ମୁଖୀ(୨୧)। ସେମାନଙ୍କ ନିକଟରୁ ଏକ କାର, ଏକ ବାଇକ୍, ୧୨ଟି ବ୍ୟାଟେରୀ, ଶାବଳ, କଟର ମେସିନ ୨ଟି ଜବତ ହୋଇଥିବା ତଦନ୍ତକାରୀ ଅଫିସର ନିରଞ୍ଜନ ସେଠୀ ପ୍ରକାଶ କରିଛନ୍ତି।

### କେନ୍ଦୁଝର ଜିଲ୍ଲା ପରିଷଦର ଦଶମ ଅଧିବେଶନ

## ଜିଲ୍ଲାର ବିକାଶ ପ୍ରକଳ୍ପ ଓ ଜନହିତକର ଯୋଜନାର ଅଗ୍ରଗତି ସମୀକ୍ଷା

କେନ୍ଦୁଝର, ୮।୭(ସମିସ)



କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ଆଜି ଷଷ୍ଠ ଜିଲ୍ଲା ପରିଷଦର ଦଶମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ସାଂସଦ ଅନନ୍ତ ନାୟକ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଉପାଧ୍ୟକ୍ଷ ଜିଲ୍ଲା ପରିଷଦ ସୋମନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗାଭୂଷଣ ଅନ୍ତର୍ଗତ ବିଭିନ୍ନ ପ୍ରଗତିଶୀଳ ପ୍ରକଳ୍ପ ଓ ସରକାରୀ ଜନହିତକର ଯୋଜନାଗୁଡ଼ିକର କ୍ଷେତ୍ରସ୍ତରୀୟ ଅଗ୍ରଗତି ଅନୁଧ୍ୟାନ କରିବା ସହ ଏହାର ସଫଳ ରୂପାୟନ ଉପରେ ସବିଶେଷ ସମୀକ୍ଷା କରିଥିଲେ।

ଜିଲ୍ଲାରେ ଚାଲିଥିବା ଖଣି କାର୍ଯ୍ୟ ଏବଂ ଏହି ବର୍ଷ ପାଇଁ ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକର ବିବରଣୀ ପ୍ରସ୍ତୁତ କରିବା ଉପରେ ଆଲୋଚନା ହୋଇଥିଲା। ଚାଷୀମାନଙ୍କ ବ୍ୟାପକ ସୁବିଧା ଏବଂ ଚାଷଜମିକୁ ଜଳସେଚନ ସୁବିଧା ପ୍ରଦାନ କରିବା ଉଦ୍ଦେଶ୍ୟରେ, କୃଷକ ବିକାଶ ଯୋଜନା ଅଧୀନରେ ନୂତନ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ଓ ସମୀକ୍ଷା କରାଯାଇଥିଲା। ବାସୁଦେବପୁର ଗ୍ରାମରେ ଚାଲିଥିବା କାନପୁର ଜଳସେଚନ ପ୍ରକଳ୍ପ କାର୍ଯ୍ୟକୁ ଦ୍ରୁତଗତିରେ ଶେଷ କରିବା ପାଇଁ ଗୁରୁତ୍ୱ ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଜିଲ୍ଲାରେ ବିଭିନ୍ନ ନୂଆ ରାସ୍ତା ଓ ସେତୁ ତିଆରି ପାଇଁ ସରକାରୀ ପାଣ୍ଠିର ସଠିକ୍ ଉପଯୋଗ ଉପରେ ସମୀକ୍ଷା କରାଯାଇଥିଲା। କାଞ୍ଜିଅଶୂଳା-ତୁରୁମୁଙ୍ଗା ରାସ୍ତାର ନେଉଳଯୋଡି ନାଳ ଉପରେ ଚାଲିଥିବା ସେତୁ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ଏବଂ ଘଟଗାଁ ଅଞ୍ଚଳରେ କେତେକ ନୂଆ ଉନ୍ନୟନମୂଳକ କାମ ପାଇଁ ସରକାରୀ ପାଣ୍ଠି ଓ ମଞ୍ଜୁରୀ ମିଳିବା ସମ୍ପର୍କରେ ଆଲୋଚନା ହୋଇଥିଲା।

ଗ୍ରାମଗୁଡ଼ିକରେ ନଳକୂପ, ପାଇପ୍ ପ୍ରକଳ୍ପ ଏବଂ ସୋଲାର ସିଷ୍ଟମ୍ ମାଧ୍ୟମରେ ପାନୀୟ ଜଳ ଯୋଗାଇବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହାସହ ଅନେକ ଗ୍ରାମକୁ "ହର ଘର ଜଲ" ଗ୍ରାମ ଭାବେ ଘୋଷଣା କରିବାକୁ ନେଇ ମଧ୍ୟ ସମୀକ୍ଷା କରାଯାଇଥିଲା। ଦୁର୍ଗମ ଅଞ୍ଚଳରେ ମାତୃ ମୃତ୍ୟୁହାର କମାଇବା ଏବଂ ରୋଗୀଙ୍କୁ ମେଡିକାଲ ଆଣିବା ପାଇଁ 'ବାଇକ ଆମ୍ବୁଲାନ୍ସ' ସେବାକୁ ଅଧିକ ସକ୍ରିୟ, ଜିଲ୍ଲାର ପ୍ରମୁଖ ଘରୋଇ ମେଡିକାଲଗୁଡ଼ିକୁ 'ଆୟୁଷ୍ମାନ ଭାରତ' ଓ 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା'ରେ ସାମିଲ କରାଯାଇ ଲୋକଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଏବଂ କିଡନୀ ରୋଗୀଙ୍କ ପାଇଁ ବଡ଼ବିଲ, ଆନନ୍ଦପୁର ଏବଂ ଚମ୍ପୁଆ ମେଡିକାଲରେ ନୂଆ ଡାଏଲିସିସ ମେସିନ୍ ସବୁ ଚାଲୁ ରଖିବା ପାଇଁ ବିଶେଷ ଗୁରୁତ୍ୱାରୋପ କରାଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ ରହିବା ସହ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଏବଂ 'ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା'ରେ ଖାଦ୍ୟଶସ୍ୟ ଓ ରନ୍ଧନ ଖର୍ଚ୍ଚ ଯୋଗାଇ ଦିଆଯାଉଛି। ହାଇସ୍କୁଲ ପରୀକ୍ଷା ଫଳାଫଳ ଉତ୍ସାହଜନକ ରହିଛି ଏବଂ ନୂତନ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ସ୍ଥାପନ ପାଇଁ ମଞ୍ଜୁରୀ ମିଳିଛି। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଜୁଆଙ୍ଗ, ହୋ ଏବଂ ସାନ୍ତାଳି ଭାଷାରେ ବହୁଭାଷୀ ଶିକ୍ଷକଙ୍କ ଦ୍ୱାରା ଶିକ୍ଷା ପ୍ରଦାନ କରାଯାଉଛି। ଏହା ସହିତ ଏକ 'ଟ୍ରାଇବାଲ ରିସୋର୍ସ ସେଣ୍ଟର' ମଧ୍ୟ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରାଯାଇଛି।

### ବୈଠକରୁ ଉଠି ଆସିଲେ ସଦସ୍ୟ

କେନ୍ଦୁଝର, ୮।୭(ସମିସ): କେନ୍ଦୁଝର ଦରବାର ହଲ୍‌ଠାରେ ବୁଧବାର ଷଷ୍ଠ ଜିଲ୍ଲା ପରିଷଦର ୧୦ମ ଅଧିବେଶନ ପୂର୍ବରୁ ଏକ ଅଭାବନୀୟ ଘଟଣା ଦେଖାଯାଇଛି। ୬ ମାସ ପରେ ଆହୂତ ଏହି ଅଧିବେଶନ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସର ଦରବାର ହଲରେ ଦିନ ୧୦ଟାରେ ହୋଇଥିଲା। ଜିଲ୍ଲା ପରିଷଦ ଅଧ୍ୟକ୍ଷା, ସାଂସଦ, ବିଧାୟକ, ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା, ଜିଲ୍ଲା ପରିଷଦର ସଦସ୍ୟ/ସଦସ୍ୟାମାନେ ଅନେକ ସମୟ ଅପେକ୍ଷା କରିବା ପରେ ମଧ୍ୟ ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ବିଳମ୍ବରେ ପହଞ୍ଚିବାକୁ ନେଇ ଉପସ୍ଥିତ ନିର୍ବାଚିତ ପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିବା ସହିତ କକ୍ଷତ୍ୟାଗ କରି ବାହାରକୁ ଚାଲି ଆସିଥିଲେ। କ'ଣ ହେଲା କାହିଁକି ସମସ୍ତେ ବାହାରକୁ ଚାଲି ଆସିଲେ ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ଘେରିଯିବାରୁ ପୂର୍ବତନ ମନ୍ତ୍ରୀ ତଥା ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଗଣମାଧ୍ୟମକୁ ସୂଚନା ଦେଉଥିବା ସମୟରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡା ଫକିର ନାୟକ, ପାଟଣା ବିଧାୟକ ଅଖିଳ ନାୟକ, ଜିଲ୍ଲାପାଳ ବିଶାଳ ସିଂ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବାହାରକୁ ଆସି ସଦସ୍ୟଙ୍କୁ ବୁଝାସୁଝା କରି ଭିତରକୁ ଡାକି ନେଇଥିଲେ। ପରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲେ ମଧ ବିଳମ୍ବ ପର୍ଯ୍ୟନ୍ତ ଅଧିବେଶନ ଚାଲିଥିଲା।



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଶୁଭଫଳ ପ୍ରଦାନ କରିପାରେ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ପରିବାର ସଦସ୍ୟଙ୍କ ସହଯୋଗ ମିଳିପାରେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିପାରନ୍ତି। ପାରିବାରିକ ଜୀବନ ସୁଖମୟ ହେବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ଦାନ ଧର୍ମ କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ଚାକିରିରେ ନୂଆ ସୁଯୋଗ ଜୁଟିପାରେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ପୁରୁଣା ନିବେଶରୁ ଲାଭ ମିଳିବ। କାର୍ଯ୍ୟରେ ସଫଳତା ମିଳିପାରେ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ।

**କନ୍ୟା:** ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିପାରନ୍ତି।

**ତୁଳା:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେଇପାରନ୍ତି। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁ ମିଳନ ହେବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ମନ ଚଞ୍ଚଳ ରହିବ।

**ମକର:** ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ। ଧୈର୍ଯ୍ୟ ରଖି ଚାଲିବେ। ପରିଶ୍ରମର ଫଳ ମିଳିବ। ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିପାରନ୍ତି।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ଲାଭ ମିଳିବ।

## ଆଜିର ଇତିହାସ

- ୧୮୭୫- ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ଆରମ୍ଭ।
- ୧୯୨୫- ବଲିଉଡ୍‌ର ପ୍ରଖ୍ୟାତ ନିର୍ଦ୍ଦେଶକ ଗୁରୁଦତ୍ତଙ୍କ ଜନ୍ମ।
- ୧୯୫୧- ଭାରତରେ ପଞ୍ଚବାର୍ଷିକ ଯୋଜନାର ଆରମ୍ଭ ହେଲା।
- ୧୯୫୩- ପ୍ରଥମ ହେଲିକପ୍ଟର ଯାତ୍ରୀ ସେବା ନ୍ୟୁୟର୍କରେ ଆରମ୍ଭ ହେଲା।
- ୧୯୭୨- ସୋଭିଏତ୍ ସଂଘ ଭୂମିଗତ ପରମାଣୁ ପରୀକ୍ଷା କଲା।

## 'ବାରାଣସୀ' ସେଟ୍‌ରୁ ମହେଶ ବାବୁଙ୍କ ଫଟୋ ଲିକ୍



ଏସ୍. ଏସ୍. ରାଜାମୌଳିଙ୍କ ଫିଲ୍ମ 'ବାରାଣସୀ'ର ରିଲିଜ୍‌କୁ ଦର୍ଶକେ ଏବେ ଅପେକ୍ଷା କରି ରହିଛନ୍ତି। ସେଥିପାଇଁ ନିର୍ମାତା ଫିଲ୍ମ ସମ୍ପର୍କିତ ଅପଡେଟ୍ ଦର୍ଶକଙ୍କ ନିମନ୍ତେ ସାମାଜିକ ଗଣମାଧ୍ୟମରେ ସେୟାର୍ କରୁଛନ୍ତି। ନିକଟରେ ଫିଲ୍ମର ସୁଟିଂ ସେଟ୍‌ରୁ ଏକ ଫଟୋ ଭାଇରାଲ ହୋଇଛି। ଏହା ମହେଶବାବୁଙ୍କ ରାମ ଭୂମିକାର ଫଟୋ ବୋଲି କୁହାଯାଉଛି। ଭାଇରାଲ ଫଟୋରେ ମହେଶ ବାବୁ ହାତରେ ଧନୁ ଶର ଧରି ନଜର ଆସିଛନ୍ତି। ଏହି ସିନ୍ ରାମଙ୍କ ବନବାସ ସମୟର ବୋଲି କୁହାଯାଉଛି। ଫଟୋ ଭାଇରାଲ ହେବା ପରେ ସୋସିଆଲ ମିଡିଆ ୟୁଜର୍ସମାନେ ଏହାକୁ ରଣବୀର କପୁରଙ୍କ 'ରାମାୟଣ' ଲୁକ୍ ସହିତ ତୁଳନା କରିବା ଆରମ୍ଭ କରିଦେଇଛନ୍ତି। ଏଥିରେ କିଛି ଦର୍ଶକ ପ୍ରତିକ୍ରିୟା ଦେଇ ଲେଖିଛନ୍ତି, 'ନମିତ ଏବଂ ରଣବୀର ପ୍ରସ୍ତୁତ ରହିବା ଉଚିତ। ରାଜାମୌଳିଙ୍କ ୧୦ ମିନିଟ୍ ସମ୍ପୂର୍ଣ୍ଣ 'ରାମାୟଣ' ଚଳଚ୍ଚିତ୍ର ଉପରେ ଭାରୀ ପଡ଼ି ନ ଯାଉ, ଯେମିତି ସେ ଟିଜର୍ ସହିତ କରିଥିଲେ। ସେହିଭଳି ଆଉ କିଛି ଜଣ ଏହା ଏଆଇ ଦ୍ୱାରା ପ୍ରସ୍ତୁତ ଫଟୋ ବୋଲି କହୁଛନ୍ତି। ରାଜାମୌଳି ଗତ ବର୍ଷ ଏକ କାର୍ଯ୍ୟକ୍ରମରେ କହିଥିଲେ, 'ପ୍ରଥମ ଦିନ, ଯେତେବେଳେ ମହେଶ ବାବୁ ଫଟୋସୁଟ୍ ପାଇଁ ଭଗବାନ ରାମଙ୍କ ବେଶରେ ଆସିଲେ, ସେତେବେଳେ ମୋ ମଧ୍ୟରେ ଏକ ଅଦ୍ଭୁତ ଶିହରଣ ସୃଷ୍ଟି ହୋଇଥିଲା। ମୁଁ ଦ୍ୱନ୍ଦ୍ୱରେ ଥିଲି। ମହେଶଙ୍କଠାରେ କୃଷ୍ଣଙ୍କ ଭଳି ଆକର୍ଷଣ ଓ ରାମଙ୍କ ଭଳି ଶାନ୍ତି ମୋତେ ଅନୁଭୂତ ହୋଇଥିଲା। ମୁଁ ସେହି ଫଟୋଟିକୁ ନିଜ ୱାଲପେପର୍ ମଧ୍ୟ କରିଥିଲି ଏବଂ କେହି ଏହାକୁ ଦେଖିଦେବେ ଆଶଙ୍କା କରି ହଟାଇ ଦେଇଥିଲି। ମହେଶବାବୁଙ୍କ ବ୍ୟତୀତ ଏହି ଚଳଚ୍ଚିତ୍ରରେ ପ୍ରିୟଙ୍କା ଚୋପ୍ରା ଏବଂ ପୃଥ୍ୱୀରାଜ ସୁକୁମାରନ୍ ଲିଡ୍ ରୋଲରେ ନଜର ଆସିବେ। ଏଥିରେ ପୃଥ୍ୱୀରାଜ କୁମ୍ଭକର୍ଣ୍ଣ ଭୂମିକାରେ ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏହି ଚଳଚ୍ଚିତ୍ରଟି ୭ ଅପ୍ରେଲ, ୨୦୨୭ ରେ ମୁକ୍ତିଲାଭ କରିବ।

## ନିଆରା ସେବା

## ଘରୋଇ କାର୍ଯ୍ୟଠୁ ଆରମ୍ଭ କରି ଏକାକୀତ୍ୱ ଦୂରେଉଛନ୍ତି ଜେଜେମା

ଏକାକୀତ୍ୱ ମଣିଷକୁ ଭିତରୁ ଦୁର୍ବଳ ଏବଂ ନିଃସଙ୍ଗ କରିଦିଏ। ଏକାକୀତ୍ୱର ଭାବନା ଅତ୍ୟଧିକ ବଢ଼ିଗଲେ ଏହା ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରଭାବ ପକାଏ। ଆଜିର ବ୍ୟସ୍ତବହୁଳ ଜୀବନରେ ଏକୁଟିଆ ଅନୁଭବ କରିବା ସାଧାରଣ କଥା। ଲୋକଙ୍କର ଏହି ସମସ୍ୟା ଦୂର କରିବାକୁ ଟୋକିଓସ୍ଥିତ କମ୍ପାନି 'କ୍ଲାଏଣ୍ଟ ପାର୍ଟନର' 'ଓକେ ଗ୍ରାଣ୍ଡମା' ନାମକ ଏକ ସ୍ୱତନ୍ତ୍ର ସେବା ଆରମ୍ଭ କରିଛନ୍ତି। ଏହି ସେବାରେ ଲୋକେ ଘଣ୍ଟା ପ୍ରତି ଏକ ନିର୍ଦ୍ଦିଷ୍ଟ ମୂଲ୍ୟ ଦେଇ ଜଣେ ଆଈ କିମ୍ବା ଜେଜେମା'ଙ୍କୁ ଭଡ଼ାରେ ନେଇପାରିବେ। 'କ୍ଲାଏଣ୍ଟ ପାର୍ଟନର୍ସ' ସଂସ୍ଥା ଦ୍ୱାରା ୨୦୧୧-୧୨ ମସିହାରୁ ଏହି ସେବା ଆରମ୍ଭ କରାଯାଇଛି, ଯାହା ବର୍ତ୍ତମାନ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି।

ଜାପାନରେ ବଢୁଥିବା ଏକାକୀତ୍ୱ ସମସ୍ୟାକୁ ଦୂର କରିବା ଏବଂ ବୟସ୍କ ମହିଳାମାନଙ୍କୁ ସମାଜରେ ପୁଣିଥରେ ସକ୍ରିୟ କରି ରୋଜଗାରକ୍ଷମ କରିବା ଏହି ସେବାର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ୬୦ ରୁ ୯୪ ବର୍ଷ ବୟସର ଅଭିଜ୍ଞ ମହିଳାମାନଙ୍କୁ ଏଥିରେ ନିଯୁକ୍ତ କରାଯାଏ। ଏହି ଆଈ ବା ଜେଜେମାମାନେ ଗ୍ରାହକଙ୍କ ଘରକୁ ଯାଇ ପାରମ୍ପରିକ ସ୍ୱାଦିଷ୍ଟ ଖାଦ୍ୟ ରୋଷେଇ କରିବା, ଘର ସଫାସୁତୁରା କରିବା ଏବଂ ଛୋଟ ପିଲାଙ୍କ ଦେଖାଶୁଣା କରନ୍ତି। ଅନେକ ସମୟରେ ଯୁବପିଢ଼ି ନିଜର ବ୍ୟକ୍ତିଗତ ସମସ୍ୟା, ସମ୍ପର୍କର ତିକ୍ତତା କିମ୍ବା ମାନସିକ ଚାପରୁ ମୁକ୍ତି ପାଇବା ପାଇଁ ମଧ୍ୟ ସେମାନଙ୍କ ପରାମର୍ଶ ଲୋଡ଼ିଥାନ୍ତି। କେତେକ ଗ୍ରାହକ କୌଣସି ପାରିବାରିକ ବିବାଦ ସମାଧାନ କରିବା, ପରିବାର ପ୍ରାୟୋଜିତ କାର୍ଯ୍ୟକ୍ରମ କିମ୍ବା ବିବାହ ଉତ୍ସବରେ ଜେଜେମା' ଭାବରେ ସାମିଲ ହେବା ପାଇଁ ମଧ୍ୟ ଏମାନଙ୍କୁ ଭଡ଼ାରେ ନେଇଥାନ୍ତି। ଏହି ସେବା ପାଇଁ ଗ୍ରାହକଙ୍କୁ ପ୍ରତି ଘଣ୍ଟା ହିସାବରେ ଜେଜେମାଙ୍କୁ ଭାରତୀୟ ମୁଦ୍ରାରେ ୧୯୧୭.୦୭ ଟଙ୍କା ଦେବାକୁ ପଡ଼ିଥାଏ। ଏହାସହ ଯାତାୟାତ ଖର୍ଚ୍ଚ ଅଲଗା ଦେବାକୁ ପଡ଼େ। ଏହି ସେବା କେବଳ ଏକାକୀ ରହୁଥିବା ଯୁବକଯୁବତୀଙ୍କୁ ପାରିବାରିକ ସ୍ନେହ ଓ ଆଶ୍ୱାସନା ପ୍ରଦାନ କରୁନାହିଁ, ବରଂ ଅବସର ପରେ ବୟସ୍କ ମହିଳାମାନଙ୍କୁ ଏକ ସ୍ୱାଧୀନ ଓ ସମ୍ମାନଜନକ ଜୀବନ ଜୀଇଁବାର ସୁଯୋଗ ଦେଉଛି। ସାମାଜିକ ଗଣମାଧ୍ୟମରେ ଏହି ସେବା ବିଷୟରେ ଭାଇରାଲ ହେବା ପରେ ଏହାକୁ ଅନେକ ପ୍ରଶଂସା କରିଛନ୍ତି।



## ଆଜି ଆସିଥିଲେ

## ବାଣୀକଣ୍ଠ ନିମାଇଁ ହରିଚନ୍ଦନ



ଓଡ଼ିଶାର ପ୍ରଥମ ପେଶାଦାର କଣ୍ଠଶିଳ୍ପୀ ରୂପେ ନିମାଇଁ ଚରଣ ହରିଚନ୍ଦନଙ୍କୁ ଜଣାଯାଏ। ଓଡ଼ିଶୀ ସଙ୍ଗୀତର ବିଭିନ୍ନ ବିଭାଗ ଯେମିତିକି ଓଡ଼ିଶୀ ବା ଓଡ଼ିଶୀ ସଙ୍ଗୀତର ବିଭିନ୍ନ ବିଭାଗ ଯେମିତିକି ଓଡ଼ିଶୀ ବା ଚୌପଦୀ, ଛାନ୍ଦ, ଚମ୍ପୁ, ଚଉତିଶା, ଭଜନ, ଜଣାଣ, ପାରମ୍ପରିକ ସଙ୍ଗୀତ ପଲ୍ଲୀଗୀତ ଗାୟନରେ ସେ ବେଶ୍ ପ୍ରବୀଣ ଥିଲେ। ଏହାବାଦ୍ ବୈଦେହୀଶ ବିଳାସ, ବିଦଗ୍ଧ ଚିନ୍ତାମଣି, ବିଚିତ୍ର ରାମାୟଣ, ମଥୁରା ମଙ୍ଗଳ, ଗୋପୀଭାଷା, କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ପରି କାବ୍ୟ କୃତି ବି ତାଙ୍କ କଣ୍ଠରେ ରେକର୍ଡ ହୋଇଛି। ଏମିତିକି ବିଭିନ୍ନ ନୀତିଶିକ୍ଷା ଓ ସରକାରୀ ଉଦ୍ଦେଶ୍ୟରେ ଜନ ସଚେତନତା ଧର୍ମୀ ଗୀତ ମଧ୍ୟ ଗାଇଛନ୍ତି। ନିମାଇଁ ଗାଇଥିବା ଭଜନଗୁଡ଼ିକ ମୁଖ୍ୟତଃ ଜଗନ୍ନାଥଙ୍କ ଉପରେ ହିଁ ଆଧାରିତ। ତାଙ୍କର ଭାବପୂର୍ଣ୍ଣ ଏବଂ ସୁମଧୁର କଣ୍ଠସ୍ୱର ପାଇଁ ତାଙ୍କୁ 'ବାଣୀକଣ୍ଠ' ଉପାଧିରେ ଭୂଷିତ କରାଯାଇଥିଲା। ଏହି ପ୍ରଥିତଯଶା ସାରସ୍ୱତ ସାଧକଙ୍କ ଜନ୍ମ କେନ୍ଦ୍ରାପଡ଼ାରେ ୧୯୦୧ ମସିହା ଆଜିର ଦିନରେ ହୋଇଥିଲା। ତାଙ୍କ ପିତା ବୃନ୍ଦାବନ ଚନ୍ଦ୍ର ହରିଚନ୍ଦନ ଓ ମାତା ଇନ୍ଦ୍ରମଣି ଦେବୀ। ପିଲାଦିନୁ ସଙ୍ଗୀତ ପ୍ରତି ତାଙ୍କର ଅନୁରାଗ ଥିଲା। ନିମାଇଁଙ୍କ କକା ଗୋକୁଳ ଶ୍ରୀଚନ୍ଦନ ତାଙ୍କୁ ସଙ୍ଗୀତ ଜଗତରେ ପ୍ରବେଶ କରାଇଥିଲେ। ରାସଲୀଳାର ଅନ୍ୟତମ ପ୍ରବର୍ତ୍ତକ ନୟାଗଡ଼ ରାଜବଂଶୀୟ ଗୋବିନ୍ଦ ଚନ୍ଦ୍ର ଶୂରଦେଓଙ୍କ ରାସ ଦଳରେ ୧୬ବର୍ଷ ବୟସରେ ସେ ଯୋଗ ଦେଇଥିଲେ। ହିନ୍ଦୁସ୍ତାନୀ ସଙ୍ଗୀତର ଓସ୍ତାଦ୍ ମାଧୋରାଓଙ୍କଠାରୁ ଏହାପରେ ସଙ୍ଗୀତ ଶିକ୍ଷାଲାଭ କଲେ। ସେ ଆଦ୍ୟ ଯୌବନରୁ ସଙ୍ଗୀତ ପ୍ରତି ଆକୃଷ୍ଟହୋଇ ସଙ୍ଗୀତ ସାଧନାରେ ମଗ୍ନ ରହିଥିଲେ। ୧୯୩୩ ମସିହାରେ ତାଙ୍କ ସୁମଧୁର ସଙ୍ଗୀତଗୁଡ଼ିକ ଏଚ୍‌ଏମ୍‌ଭି କମ୍ପାନି ରେକର୍ଡିଂ କରି ଓଡ଼ିଶାର ପୁରପଲ୍ଲୀରେ ପହଞ୍ଚାଇ ଦେଲା ଓ ସେ ହୋଇଗଲେ ବାଣୀକଣ୍ଠ ନିମାଇଁ ହରିଚନ୍ଦନ। ବିଶେଷକରି ତାଙ୍କର ଅନନ୍ୟ କଣ୍ଠସ୍ୱର ଓ ଗାୟନ ଶୈଳୀ ତାଙ୍କୁ ଖୁବ୍ ଲୋକପ୍ରିୟତା ଆଣି ଦେଇଥିଲା। ଏହି ବିପୁଳଯଶା କଣ୍ଠଶିଳ୍ପୀଙ୍କ କଣ୍ଠରୁ ନିସୃତ 'ଥକାମନ ଚାଲଯିବା', 'ଚକାଡୋଳା କିମ୍ପା ଡାକ ନ ଶୁଣ', 'ନୀଳସିନ୍ଧୁ ତୀରେ',' କହଇ ମନ ଆରେ ମୋ ବୋଲ କର' ଆଦି ସଙ୍ଗୀତଗୁଡ଼ିକ ବେଶ୍ ଶ୍ରୁତିମଧୁର ଓ ମର୍ମସ୍ପର୍ଶୀ। ୧୯୩୪ରେ କଲିକତା ରେଡିଓ ଷ୍ଟେସନର ଆଗଧାଡ଼ିର କଳାକାର ହୋଇଗଲେ ବାଣୀକଣ୍ଠ। ୧୯୩୮ ରେ ଶ୍ରେଷ୍ଠ ଓଡ଼ିଶୀ ସଙ୍ଗୀତ ଗାନ ପାଇଁ ତାଙ୍କୁ ମିଳିଥିଲା ଉତ୍କଳ ସଙ୍ଗୀତ ସମାଜ ସ୍ୱର୍ଣ୍ଣ ପଦକ ଓ ଆଠଗଡ଼ ରାଜଦରବାର ସ୍ୱର୍ଣ୍ଣପଦକ। ୧୯୪୭ ଡିସେମ୍ବର ୨୮ ତାରିଖରେ ପ୍ରଥମ ଥର ପାଇଁ ଆକାଶବାଣୀ କଟକ କେନ୍ଦ୍ରରୁ ତାଙ୍କ ସଙ୍ଗୀତର ମୂର୍ଚ୍ଛନା ଶୁଣିବାକୁ ମିଳିଲା। ୧୯୫୪ରେ ଦିଲ୍ଲୀର ଐତିହାସିକ ଲାଲକିଲ୍ଲାରେ ସଙ୍ଗୀତ ନାଟକ ଏକାଡେମୀ ନିମନ୍ତ୍ରଣ କ୍ରମେ ସେ ସଙ୍ଗୀତ ଗାନ କରି ସମଗ୍ର ଦେଶରେ ଓଡ଼ିଶୀ ସଙ୍ଗୀତ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ଆଣି ଦେଇଥିଲେ। ୧୯୭୬ ମସିହାରେ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ଏଥିସହ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ୧୯୭୮ ମସିହାରେ ସେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ହୋଇଥିଲେ। ପୁରୀର ଗଜପତି ମହାରାଜା, ନିମାଇଁ ହରିଚନ୍ଦନଙ୍କୁ ଶ୍ରୀମନ୍ଦିରରେ ଚାମର ସେବା ପ୍ରଦାନ କରିଥିଲେ। ୧୯୭୦ ମସିହାଠାରୁ, ସେ ପୁରୀରେ ରହି ମନ୍ଦିରରେ ଚାମର ସେବା କରୁଥିଲେ ଓ ଜଣାଣ ଗାଉଥିଲେ। ୧୯୮୩ ଜୁଲାଇ ୨୦ ତାରିଖ, ବାହୁଡ଼ାଯାତ୍ରା ଦିନ ଶ୍ରୀକ୍ଷେତ୍ରରେ ତାଙ୍କର ପରଲୋକ ହୋଇଥିଲା।

## ମୃତ୍ତିକାଶିଳ୍ପର ରାଣୀ ସୋନାବାଈ





ଜଣେ କଳାକାର ଅନେକ ପାରିପାର୍ଶ୍ୱିକ ସ୍ଥିତି ଦେଇ ଗତି କଲେ ମଧ୍ୟ, କଳାପ୍ରତି ଥିବା ନିଷ୍ଠା, ଉତ୍ସାହ ଦ୍ୱାରା ସେ ନିଜର ପରିଚୟ ସୃଷ୍ଟି କରିଥାଏ। ସେମିତି ଜଣେ କଳାକାର ହେଲେ, ଛତିଶଗଡ଼ର ସୋନାବାଈ ରାଜୱାର। ଯେ କି ୧୫ ବର୍ଷ ଗୃହବନ୍ଦୀ, ଏକଲାପଣ ଏବଂ ଅବସାଦ ପରେ ମଧ୍ୟ ଭାଙ୍ଗି ନ ଥିଲେ। ପିଲାବେଳୁ ଶିଖିଥିବା ଲୋକକଳାକୁ ସେ ନିଜର ଅସ୍ତ୍ର କରିଥିଲେ। ମାଟିରେ ଭଳିକି ଭଳି କଳାକୃତି କରି ନିଜ ଘରକୁ ସେ ଏକ ମ୍ୟୁଜିୟମର ରୂପ ଦେଇଥିଲେ।

### ଝରକା ବିହିନ ଘରେ ୧୫ ବର୍ଷ ବନ୍ଦୀ

ସୋନାବାଈ ୧୯୩୦ ମସିହାରେ ଛତିଶଗଡ଼ ସରଗୁଜା ଜିଲ୍ଲାର ପୁହପୁଟରା ଗାଁରେ ଜନ୍ମ ହୋଇଥିଲେ। ମାତ୍ର ୧୪ ବର୍ଷ ବୟସରେ ସେ ବିବାହ କରିଥିଲେ। ପ୍ରାରମ୍ଭରେ ଜୀବନ ସହଜ ଥିଲା, ହେଲେ ପରିବାର ଭାଗବଣ୍ଟା ପରେ ତାଙ୍କ ଜୀବନରେ କଳାବାଦଲ ଛାଇ ଯାଇଥିଲା। ସେ ଏକଲାପଣର ଶିକାର ହୋଇଥିଲେ। ପୁଅ ଜନ୍ମ ପରେ ତାଙ୍କ ସ୍ୱାମୀ ତାଙ୍କୁ ଏକ ଝରକା ବିହୀନ ଘରେ ବନ୍ଦୀ କରି ରଖିଥିଲେ। ପୁଅ ସହ ଏକୁଟିଆ ଅନ୍ଧାର, ଗରମ କୋଠରୀରେ ସେ ରହୁଥିଲେ। ସେଠାରେ ପୁଅର ମନ ଭୁଲାଇବା ଏବଂ ନିଜର ଏକଲାପଣ ଦୂରେଇବା ପାଇଁ ସେ ମାଟିରେ ଖେଳଣା ପ୍ରସ୍ତୁତି କଲେ।

### ପାରମ୍ପରିକ ଭିତ୍ତିକଳା

ସେ କାନ୍ଥ ଏବଂ ଭୂଇଁରୁ ମାଟି ଖୋଳି ସେଥିରେ ଭଳିକି ଭଳି ଭିତ୍ତି କଳାକୃତି କରୁଥିଲେ। ଏହା ପ୍ରାଚୀନ ଲୋକକଳା ଭାବେ ପରିଚିତ। କାନ୍ଥରେ ମଣିଷ, ପଶୁପକ୍ଷୀ, ଦେବଦେବୀଙ୍କ ସମେତ, ଛାତ ଏବଂ ଅଗଣା ମଧ୍ୟ କଳାକୃତିରେ ପୂର୍ଣ୍ଣ କରିଥିଲେ। ଏଥିସହ ଗରମରୁ ସୁରକ୍ଷା ପାଇଁ ବାଉଁଶ ତାଟିରୁ ଜାଲି ପ୍ରସ୍ତୁତ କରି ମାଟିନେସି ରଙ୍ଗ ଦେଇଥିଲେ। ଏଥିରେ ପବନ ଏବଂ ସୂର୍ଯ୍ୟାଲୋକ ଆସୁଥିଲା। ଏହା ଦେଖିବାକୁ ମଧ୍ୟ ଖୁବ୍ ଆକର୍ଷଣୀୟ ଥିଲା।

### ଗୃହରୁ ସଂଗ୍ରହାଳୟ

୧୯୮୩ ମସିହାରେ ଭୋପାଳର ଏକ ଗବେଷଣା ଟିମ୍ ତାଙ୍କ ଗାଁରେ ପହଞ୍ଚିଥିଲେ। ସୋନାବାଈଙ୍କ ଘର ଏବଂ ଅଦ୍ଭୁତ ଚିତ୍ରକଳା ଦେଖି ସେମାନେ ବିସ୍ମିତ ହୋଇଥିଲେ। ଚିତ୍ରକଳା ପାଇଁ ସେ ରାଷ୍ଟ୍ରୀୟ ସମ୍ମାନ ଏବଂ ଶିଳ୍ପଗୁରୁ ଭଳି ସର୍ବୋଚ୍ଚ ସମ୍ମାନ ପାଇଥିଲେ। ୨୦୦୭ ରେ ସୋନାବାଈଙ୍କ ନିଧନ ପରେ ତାଙ୍କ ଘରକୁ ସଂଗ୍ରହାଳୟ ଭାବେ ସଂରକ୍ଷିତ କରାଯାଇଛି। ପ୍ରତିବର୍ଷ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏହା ଦେଖିବାକୁ ଆସନ୍ତି।

## ସୁଶ୍ରୀ

### ହଜି ଯାଉଥିବା ସ୍ୱାଦ

## ମୁଗ ଖାସି ମାଂସ



**ଆବଶ୍ୟକ ସାମଗ୍ରୀ**

ଖାସି ମାଂସ – ୩୦୦ ଗ୍ରାମ୍, ମୁଗ – ଏକ କପ୍, କଟା ପିଆଜ – ଏକ କପ୍, ଟମୋଟୋ – ଏକ କପ୍, ଅଦା ରସୁଣ ପେଷ୍ଟ – ଅଳ୍ପ, ହଳଦୀଗୁଣ୍ଡ –ଏକ ଚାମଚ, ଲଙ୍କା ଗୁଣ୍ଡ- ଏକ ଚାମଚ, ଧନିଆ ଗୁଣ୍ଡ- ଏକ ଚାମଚ, ଗରମ ମସଲା - ଏକ ଚାମଚ, ଲୁଣ - ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ମୁଗକୁ ଦୁଇ ତିନିଘଣ୍ଟା ପାଣିରେ ବତୁରାଇ ରଖନ୍ତୁ। ଏହାପରେ ମଟନକୁ ଧୋଇ ସେଥିରେ ଆବଶ୍ୟକ ମୁତାବକ ଲୁଣ ହଳଦୀ ଦେଇ ଗୋଳାନ୍ତୁ। ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ତେଲ ଦିଅନ୍ତୁ। ପରେ ପିଆଜ ପକାଇ ଭାଜନ୍ତୁ। ପିଆଜ ନାଲି ହୋଇଗଲେ ସେଥିରେ ଅଦାରସୁଣ ଏବଂ ଟମାଟୋ ଦେଇ ଭାଜନ୍ତୁ। ଟମାଟୋ ନରମ ହୋଇଆସିଲେ, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ ଗରମମସଲା ଦେଇ କଷନ୍ତୁ। ଏହାପରେ ମଟନକୁ ଦେଇ କଷନ୍ତୁ। ମଟନ କଷି ହୋଇଆସିଲେ ସେଥିରେ ବତୁରା ମୁଗ ଦିଅନ୍ତୁ। ଏହାପରେ ଅଳ୍ପ ପାଣି ଦେଇ ୩୦ ମିନିଟ୍ ଘୋଡ଼ାନ୍ତୁ। ଢାଙ୍କୁଣି ଖୋଲି ଧନିଆ ପତ୍ର ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମୁଗ ଖାସି ମାଂସ'।

## ବର୍ଷାରେ କେଶ ଭିଜି ଗନ୍ଧାଉଥିଲେ



**ସାଧାରଣତଃ ବର୍ଷାଦିନେ କେଶ ବାରମ୍ବାର ଓଦା ହୋଇଥାଏ। ଫଳରେ ଚିପ୍‌ଚିପା, କେଶଝଡ଼ା ସହ ଦୁର୍ଗନ୍ଧ ଆସିଥାଏ। ବର୍ଷାପାଣି, ପ୍ରଦୂଷଣ ଏବଂ ଗୁଳୁଗୁଳି ସଂସ୍ପର୍ଶରେ ଆସି କେଶମୂଳକୁ କ୍ଷତି ପହଞ୍ଚାଏ। ଏହାକୁ ଦୂରେଇ ଦେବା ପାଇଁ କିଛି ସରଳ ଉପାୟ ଆପଣାଇ କେଶର ଯତ୍ନ ନେଇପାରିବେ।**

### ଓଦା ପରେ କେଶ ଧୁଅନ୍ତୁ

ବର୍ଷାପାଣି ଆଖିକୁ ସ୍ୱଚ୍ଛ ଏବଂ ନିର୍ମଳ ଦିଶିଲେ ମଧ୍ୟ ଏଥିରେ ଧୂଳି, ପ୍ରଦୂଷଣ ସମେତ କ୍ଷତିକାରକ ତତ୍ତ୍ୱ ଥାଏ। ତେଣୁ ବର୍ଷାରେ ଭିଜିଥିଲେ କେଶକୁ ସଙ୍ଗେ ସଙ୍ଗେ ଧୋଇ ଶୁଖାନ୍ତୁ।

### ଓଦା କେଶ କୁଣ୍ଡାନ୍ତୁନି

ଓଦାକେଶ ଖୁବ୍ ଦୁର୍ବଳ ହୋଇଥାଏ। ଏହି ସମୟରେ କୁଣ୍ଡାଇଲେ, କେଶ ଛିଣ୍ଡିବାର ସମ୍ଭାବନା ଥାଏ। ଏଥିପାଇଁ କେଶକୁ ତଉଲିଆରେ ପୋଛି ଶୁଖାନ୍ତୁ। ଏହାପରେ ମୋଟାଦାନ୍ତ ପାନିଆରେ କେଶ କୁଣ୍ଡାନ୍ତୁ।

### ମୁକୁଳା ନ କରି ବାନ୍ଧନ୍ତୁ

ବର୍ଷା, ପବନରେ ଖୋଲା କେଶ ଶୀଘ୍ର ଜଟ ହୋଇଯାଏ। ତେଣୁ ବାହାରକୁ ଯିବା ସମୟରେ କେଶକୁ ବାନ୍ଧି ଦିଅନ୍ତୁ ନଚେତ୍ ବେଣୀ କରନ୍ତୁ। ଏପରି କଲେ କେଶ ସୁରକ୍ଷିତ ରହିଥାଏ।

## ସୁସ୍ଥ ନିଦ୍ରାରୁ ତ୍ୱଚା ଦିଶିବ ଆକର୍ଷଣୀୟ

ସୁନିଦ୍ରା ତ୍ୱଚାରେ ଚମକ ଆଣିବା ସହ ସତେଜ ଅନୁଭୂତି ଦେଇଥାଏ। ହେଲେ ନିଦ ପୂରା ନ ହେଲେ ଆଖିତଳ କଳାପଡ଼ିବା ସହ, ଚେହେରାରେ ଥକ୍କାପଣ ଏବଂ ତ୍ୱଚାର ଚମକ ନଷ୍ଟ ହୋଇଯାଏ। ତେଣୁ ସୁନିଦ୍ରା ପାଇଁ କେତେଘଣ୍ଟା ଶୋଇବେ ଜାଣି ରଖନ୍ତୁ।

- ଶୋଇବା ସମୟରେ ତ୍ୱଚା ରିପାୟର ମୋଡ୍‌ରେ ଥାଏ। ଏହି ସମୟରେ ନୂଆ ସ୍କିନ୍ ସେଲ୍‌ସ ତିଆରି ହେବା ସହ କ୍ଷତିଗ୍ରସ୍ତ କୋଷର ମରାମତି ହୋଇଥାଏ। ତେଣୁ ସୁସ୍ଥ ନିଦ୍ରା ସୁନ୍ଦରତା ବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଭାବେ ଜଣାଯାଏ।
- ବିୟୁଟି ସ୍ଲିପ୍ ତ୍ୱଚା ଏବଂ କେଶକୁ ସୁସ୍ଥ କରିବାରେ ସହାୟକ ହୋଇଥାଏ। ଏହା ଶରୀରର ପ୍ରାକୃତିକ ସୁନ୍ଦରତାକୁ ଦ୍ୱିଗୁଣା କରିଥାଏ।
- ନିଦ୍ରାଭାବ ହେଲେ ଏହାର ପ୍ରଭାବ ପ୍ରଥମେ ତ୍ୱଚାରେ ଦେଖିବାକୁ ମିଳିଥାଏ। ଆଖିତଳ କଳାଦାଗ ପଡ଼ିବା ସହ ତ୍ୱଚା ରୁକ୍ଷ ଏବଂ ଶୁଷ୍କ ହୋଇଯାଏ।

## ଆଇସ୍ୟାଡୋ ଷ୍ଟିକ୍

ଆଇସ୍ୟାଡୋ ପାଉଡର ଏବଂ କ୍ରିମ୍ ସେଡ୍‌ରେ ଆସିଥାଏ। ଏହାକୁ ହାତ ଏବଂ ବ୍ରଶ୍‌ରେ ଲଗାଇ ବ୍ଲେଣ୍ଡ କରାଯାଏ। ଏହି ପ୍ରକ୍ରିୟା ସାମାନ୍ୟ କଷ୍ଟକର ହୋଇଥାଏ। ହେଲେ ଏହାକୁ ସହଜ କରିବା ପାଇଁ ଏବେ ଆଇସ୍ୟାଡୋ ଷ୍ଟିକ୍ ମଧ୍ୟ ଉପଲବ୍ଧ। ଏହା ନେସି ହେବା ସମସ୍ୟାକୁ ଦୂର କରି ପରଫେକ୍ଟ ସ୍ମୋକୀ ଏବଂ ସିମରିଂ ମେକ୍‌ଅପ୍ ଲୁକ୍ ଦେଇଥାଏ।

- ଏହାକୁ କଳା ଭଳି ସିଧାସଳଖ ଆଖିପତାରେ ଲଗାଇ ସ୍ୱାଇପ୍ କରିପାରିବେ। ଏହା ଲଗାଇବା ମଧ୍ୟ ଖୁବ୍ ସହଜ ହୋଇଥାଏ।
- ଏହା ଖୁବ୍ ଛୋଟ ଏବଂ ଟ୍ରାଭେଲ ଫ୍ରେଣ୍ଡଲି ହୋଇଥାଏ। ଏହାକୁ ବ୍ୟାଗ୍‌ରେ ରଖି ଯେ କୌଣସି ସମୟରେ ବ୍ୟବହାର କରିପାରିବେ।
- ସେହିପରି କେତେକ ଆଇସ୍ୟାଡୋ ଷ୍ଟିକ୍ ସ୍ମଜ୍ ପ୍ରୁଫ୍ ଏବଂ ୱାଟର୍‌ପ୍ରୁଫ୍ ମଧ୍ୟ ହୋଇଥାଏ। ଫଳରେ ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ।






# କାନ୍ଦିଲେ ଲିଓନେଲ ମେସି

ଆଟଲାଣ୍ଟା,୮।୭(ଏଜେନ୍ସି): ଇଜିପ୍ଟକୁ ୩-୨ ଗୋଲରେ ହରାଇ କ୍ୱାର୍ଟରରେ ପ୍ରବେଶ କରିଥିବା ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଟାଇଟଲ ବଜାୟ ରଖିବା ଆଶା ଉଜ୍ଜୀବିତ ରଖିଛି। ପ୍ରି-କ୍ୱାର୍ଟର ମୁକାବିଲାରେ ଇଜିପ୍ଟ ପ୍ରଥମେ ୨ଟି ଗୋଲ ଦେଇ ୭୮ ମିନିଟ୍ ପର୍ଯ୍ୟନ୍ତ ୨-୦ରେ ଅଗ୍ରଣୀ ରହିଥିଲା। ଏହି ସମୟରେ ପ୍ରଥମାର୍ଦ୍ଧ ଖେଳରେ ଆର୍ଜେଣ୍ଟିନା ପାଇଥିବା ପେନାଲ୍ଟିକୁ ଗୋଲରେ ପରିଣତ କରି ପାରି ନ ଥିଲେ ସୁପରଷ୍ଟାର ଲିଓନେଲ ମେସି। ଏହି ମ୍ୟାଚ୍‌ରେ ଇଜିପ୍ଟର ଗୋଲ ଶୁଝାଇବାକୁ ଆର୍ଜେଣ୍ଟିନା ନାକେଦମ ହୋଇଥିଲା। ବଦଳ ଖେଳାଳି ଭାବେ ମାର୍ଟିନେଜ୍ ଖେଳିବାକୁ ଆସିବା ପରେ ଶେଷ ୧୩ ମିନିଟ୍‌ରେ ୩ଟି ଗୋଲ ଦେଇ ନାଟକୀୟ ଭାବେ ମ୍ୟାଚ୍‌କୁ ଜିତିନେଇଥିଲା। ମେସି ମଧ୍ୟ ଏହା ମଧ୍ୟରେ ଗୋଟିଏ ଗୋଲ ଦେଇଥିଲେ। ଚଳିତ ବିଶ୍ୱକପ୍‌ରେ ମେସିଙ୍କର ଏହା ୮ମ ତଥା ସମସ୍ତ ବିଶ୍ୱକପ୍‌ରେ ସର୍ବାଧିକ ୨୧ଟି ଗୋଲ ସ୍କୋର କରିଛନ୍ତି। କିନ୍ତୁ ସେ ପ୍ରଥମ ଖେଳାଳି ଯିଏକି ଗୋଟିଏ ବିଶ୍ୱକପ୍‌ରେ ୨ଥର ପେନାଲ୍ଟି ମିସ୍ କରିଛନ୍ତି। ମ୍ୟାଚ୍ ପରେ ତାଙ୍କ କାନ୍ଦିବାର କାରଣ ହେଲା ପେନାଲ୍ଟି ମିସ୍ କରିବା। ପେନାଲ୍ଟିରୁ ଯଦି ଗୋଲ ହୋଇଥାନ୍ତା ତେବେ ଫଳାଫଳ ଭିନ୍ନ ହୋଇଥାନ୍ତା ବୋଲି ମେସି ତାଙ୍କ ପ୍ରତିକ୍ରିୟାରେ କହିଥିଲେ।

# ୭୨ ବର୍ଷ ପରେ କ୍ୱାର୍ଟରରେ ସ୍ୱିଜରଲାଣ୍ଡ



ଭାଙ୍କୋଭର,୮।୭(ଏଜେନ୍ସି): ଫିଫା ବିଶ୍ୱକପ୍ ପ୍ରି-କ୍ୱାର୍ଟର ଫାଇନାଲର ଶେଷ ମୁକାବିଲାରେ ସ୍ୱିଜରଲାଣ୍ଡ ୪-୩ ପେନାଲ୍ଟି ସୁଟ୍‌ଆଉଟରେ କଲମ୍ବିଆକୁ ପରାସ୍ତ କରିଛି। ଫଳରେ ଆସନ୍ତା ୧୨ ତାରିଖ ସକାଳେ ଖେଳାଯିବାକୁ ଥିବା ଶେଷ କ୍ୱାର୍ଟର ଫାଇନାଲରେ ସ୍ୱିଜରଲାଣ୍ଡ ସହ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନାର ମୁକାବିଲା ହେବ। ୟୁରୋପ ମହାଦେଶରୁ ୬ଷ୍ଠ ଦଳ ଭାବେ ସ୍ୱିଜରଲାଣ୍ଡ ଶେଷ ୮ଟି ଦଳ ମଧ୍ୟରେ ସ୍ଥାନ ପାଇଛି। ସେହିପରି ସ୍ୱିଜରଲାଣ୍ଡ ମଧ୍ୟ ୧୯୫୪ ପରେ ପ୍ରଥମଥର କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏଠାରେ ଖେଳାଯାଇଥିବା ପ୍ରି-କ୍ୱାର୍ଟରଫାଇନାଲ ମୁକାବିଲାର ନିର୍ଦ୍ଧାରିତ ଓ ଅତିରିକ୍ତ ସମୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ପେନାଲ୍ଟି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ସ୍ୱିଜରଲାଣ୍ଡ ୪-୩ ପେନାଲ୍ଟି ଗୋଲରେ ବିଜୟୀ ହୋଇଥିଲା। ମଙ୍ଗଳବାର ଆର୍ଜେଣ୍ଟିନା ଓ ଇଜିପ୍ଟ ମୁକାବିଲାରୁ ଚଳିତ ବିଶ୍ୱକପ୍‌ର ଶ୍ରେଷ୍ଠ ମ୍ୟାଚ୍ ଭାବେ ବିବେଚନା କରାଯାଉଥିଲାବେଳେ ସ୍ୱିଜରଲାଣ୍ଡ ବନାମ କଲମ୍ବିଆ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାକୁ ନିକୃଷ୍ଟ ମ୍ୟାଚ୍ ବୋଲି କୁହାଯାଉଛି।

## ଫିଫା ବିଶ୍ୱକପ୍: ଆଜିଠାରୁ କ୍ୱାର୍ଟର ଲଢ଼େଇ

# ସେମିଫାଇନାଲ ଲକ୍ଷ୍ୟରେ ଫ୍ରାନ୍ସ-ମରୋକ୍କୋ

ଫକ୍ସବରୋ,୮।୭(ଏଜେନ୍ସି):

ଚଳିତ ଫିଫା ବିଶ୍ୱକପ୍‌ର ଦୁଇଟି ନକ୍‌ଆଉଟ ପର୍ଯ୍ୟାୟ ମୁକାବିଲା ଶେଷ ହୋଇଛି। ପ୍ରଥମଥର ୪୮ଟି ଦେଶ ବିଶ୍ୱକପରେ ଅଂଶଗ୍ରହଣ କରିଥିଲାବେଳେ ମୋଟ ୧୦୪ଟି ମ୍ୟାଚ୍ ଖେଳାଯିବାର ରହିଥିଲା। ଏହାମଧ୍ୟରେ ୪୦ଟି ଦେଶ ପ୍ରତିଯୋଗିତାରୁ ବିଦା ହୋଇସାରିଛନ୍ତି। ସେହିଭଳି ଆଉ ମାତ୍ର ୮ଟି ମ୍ୟାଚ୍ ଖେଳାଯିବାକୁ ବାକି ରହିଛି। ଏହା ମଧ୍ୟରେ ଗୁରୁବାରଠାରୁ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଆରମ୍ଭ ହେବାକୁଯାଉଛି। ୟୁରୋପ ମହାଦେଶରୁ ସର୍ବାଧିକ ୬ଟି, ଦକ୍ଷିଣ ଆମେରିକାରୁ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା, ଆଫ୍ରିକା ମହାଦେଶରୁ ମରୋକ୍କୋ କ୍ୱାର୍ଟର ଫାଇନାଲରେ ସେମାନଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ। ୟୁରୋପୀୟ ଦଳ ଭାବେ ଗତ ସଂସ୍କରଣର ରନର୍ସଅପ୍ ଫ୍ରାନ୍ସ, ସ୍ପେନ, ବେଲଜିୟମ, ଇଂଲଣ୍ଡ, ନରୱେ ଓ ସ୍ୱିଜରଲାଣ୍ଡ ତିଷ୍ଠି ରହିଛନ୍ତି। ଫକ୍ସବରୋରେ ଗୁରୁବାର ରାତିରେ ଫ୍ରାନ୍ସ ଓ ମରୋକ୍କୋ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ଖେଳାଯିବ।

### ଏମ୍‌ବାପେଙ୍କ ଟିମ୍ ଫେବରାଇଟ

ରେକର୍ଡ ଦେଖିଲେ ଡିଡିୟର ଡେସ୍‌ଚାମ୍ପଙ୍କ ପ୍ରଶିକ୍ଷଣ ଓ କିଲିଆନ୍ ଏମ୍‌ବାପେଙ୍କ ନେତୃତ୍ୱରେ ଗଠିତ ଫ୍ରାନ୍ସ ଏହି ମୁକାବିଲାରେ ଫେବରାଇଟ୍ ବୋଲି ବିବେଚନା କରାଯାଉଛି। ଏଯାବତ ବିଶ୍ୱକପ ଜିତିଥିବା ୬ଟି ଦେଶ ମଧ୍ୟରେ ଫ୍ରାନ୍ସ ରହିଛି। ଫ୍ରାନ୍ସ ୧୯୯୮ ଓ ୨୦୧୮ରେ ୨ଥର ଟାଇଟଲ ବିଜୟୀ ହୋଇଛି। ଗତଥର ଆର୍ଜେଣ୍ଟିନା ନିକଟରୁ ଫାଇନାଲରେ ପରାଜିତ ହୋଇ ଫ୍ରାନ୍ସ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏହି ଟିମ୍‌ର ରେକର୍ଡ ଆଗରେ ମରୋକ୍କୋ ବହୁ ପଛରେ ରହିଛି। ଚଳିତ ବିଶ୍ୱକପ୍‌ରେ ଫ୍ରାନ୍ସ ତାହାର ସମସ୍ତ ୫ଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇଛି। ଲିଗ୍ ପର୍ଯ୍ୟାୟରେ ଫ୍ରାନ୍ସ ୩-୧ରେ ସେନେଗାଲକୁ, ୩-୦ରେ ଇରାକକୁ ଓ ୪-୧ରେ ନରୱେକୁ ପରାସ୍ତ କରିଥିଲା। ରାଉଣ୍ଡ ଅଫ୍ ୩୨ରେ ସ୍ୱିଡେନକୁ ୩-୦ରେ ହରାଇଥିବା ଫ୍ରାନ୍ସକୁ ରାଉଣ୍ଡ ଅଫ୍ ୧୬ରେ ପାରାଗୁଏକୁ ହରାଇବା ଲାଗି ପେନାଲ୍ଟିର ସହାୟତା ନେବାକୁ ପଡ଼ିଥିଲା। ଦଳ ଏଯାଏ ୧୪ଟି ଗୋଲ ଦେଇଥିଲାବେଳେ ୨ଟି ଗୋଲ ବରଣ କରିଛି। ଅଧିନାୟକ ଏମବାପେ ସର୍ବାଧିକ ୭ଟି ଗୋଲ ସ୍କୋର କରଛନ୍ତି। ଚଳିତବର୍ଷ ବିଶ୍ୱର ଶ୍ରେଷ୍ଠ ଖେଳାଳି ବିବେଚିତ ଓଉସାନେ ଡେମ୍ବେଲେ ୪ଟି ଗୋଲ ଦେଇସାରିଛନ୍ତି। ଦଳର ରକ୍ଷଣଭାଗ, ମଧ୍ୟଭାଗ ଓ ଅଗ୍ରଭାଗରେ ପ୍ରତିଷ୍ଠିତ ଖେଳାଳିମାନେ ଖେଳୁଛନ୍ତି ଓ ଜବରଦସ୍ତ ଫର୍ମରେ ଅଛନ୍ତି। ଏଣୁ ମରୋକ୍କୋ ଏହି ମ୍ୟାଚ୍‌ରେ ଲଢ଼େଇ କରିପାରେ, କିନ୍ତୁ ଫଳାଫଳ ନିଜ ସପକ୍ଷରେ ନେବା ଏଥର ଯଦି ଫ୍ରାନ୍ସ ଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୁଏ, ତେବେ ବିଶ୍ୱର ପ୍ରଥମ ଦଳ ଭାବେ କ୍ରମାଗତ ୩ଟି ବିଶ୍ୱକପ୍‌ରେ ଫାଇନାଲ ଖେଳିବାର ରେକର୍ଡ କରିବ। ଅପରପକ୍ଷରେ ଆଫ୍ରିକା ଦେଶ ମରୋକ୍କୋ କ୍ରମାଗତ ଦ୍ୱିତୀୟଥର ଲାଗି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଗତଥର ମରୋକ୍କୋ ସେମିଫାଇନାଲରେ ପ୍ରବେଶ କରି ଚତୁର୍ଥ ସ୍ଥାନରେ ରହିଥିଲା।



### ବିଶ୍ୱକପ୍-୨୦୨୬ର ଅବଶିଷ୍ଟ ଖେଳସୂଚୀ


| ମ୍ୟାଚ୍ | ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|---|
| କ୍ୱାର୍ଟର ଫାଇନାଲ-୪ | | | | |
| ୧ | ଜୁଲାଇ ୯ | ଫ୍ରାନ୍ସ-ମରୋକ୍କୋ | ବୋଷ୍ଟନ | ଗୁରୁବାର ରାତି ୧ଟା।୩୦ |
| ୨ | ଜୁଲାଇ ୧୦ | ସ୍ପେନ୍-ବେଲଜିୟମ | ଲସ୍ ଏଞ୍ଜେଲ୍ସ | ଶୁକ୍ରବାର ରାତି ୧୨ଟା।୩୦ |
| ୩ | ଜୁଲାଇ ୧୧ | ଇଂଲଣ୍ଡ-ନରୱେ | ମିଆମି | ଶନିବାର ରାତି ୨ଟା।୩୦ |
| ୪ | ଜୁଲାଇ ୧୨ | ଆର୍ଜେଂଟିନା-ସ୍ୱିଜରଲାଣ୍ଡ | କାନ୍‌ସାସ୍ ସିଟି | ରବିବାର ସକାଳ ୬ଟା।୩୦ |
| ସେମି ଫାଇନାଲ-୨ | | | | |
| ମ୍ୟାଚ୍ | ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
| ୫ | ଜୁଲାଇ ୧୪ | ମ୍ୟାଚ୍ ୧ ଓ ୨ର ବିଜେତା | ଆର୍ଲିଙ୍ଗଟନ | ବୁଧବାର ରାତି ୧୨ଟା।୩୦ |
| ୬ | ଜୁଲାଇ ୧୫ | ମ୍ୟାଚ୍ ୩ ଓ ୪ରୁ ବିଜେତା | ଆଟଲାଣ୍ଟା | ଗୁରୁବାର ରାତି ୧୨ଟା।୩୦ |
| ତୃତୀୟ ସ୍ଥାନ ଲାଗି | | | | |
| ୭ | ଜୁଲାଇ ୧୮ | ମ୍ୟାଚ୍ ୫ଓ ୬ର ପରାଜିତ | ମିଆମି | ଶନିବାର ରାତି ୨ଟା ୩୦ |
| ଗ୍ରାଣ୍ଡ ଫାଇନାଲ | | | | |
| ୮ | ଜୁଲାଇ ୧୯ | ମ୍ୟାଚ୍ ୫ଓ ୬ର ବିଜେତା | ନ୍ୟୁଜର୍ସୀ | ରବିବାର ରାତି ୨ଟା ୩୦ |

### ୨୦୨୨ ସେମିରେ ହାରିଥିଲା ମରୋକ୍କୋ

୨୦୨୨ ବିଶ୍ୱକପ୍ ସେମିଫାଇନାଲରେ ଫ୍ରାନ୍ସ ଓ ମରୋକ୍କୋ ମଧ୍ୟରେ ମୁକାବିଲା ହୋଇଥିଲା। ଏହି ମୁକାବିଲାରେ ଫ୍ରାନ୍ସ ୨-୦ ଗୋଲରେ ବିଜୟୀ ହୋଇଥିଲା। ୪ ବର୍ଷ ପରେ ଉଭୟ ଦଳ ସମାନ ନକ୍‌ଆଉଟ୍‌ରେ ପୁଣିଥରେ ମୁହାଁମୁହିଁ ହୋଇଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ଉଭୟ ଦଳ ମଧ୍ୟରେ ଏଯାଏ ୬ଥର ମୁକାବିଲା ହୋଇଛି। ଏହା ମଧ୍ୟରୁ ଫ୍ରାନ୍ସ ୪ଥର ବିଜୟୀ ହୋଇଥିଲାବେଳେ ୨ଟି ମ୍ୟାଚ୍ ଡ୍ର ରହିଛି।

# ରେଫରୀଙ୍କ ବିରୋଧରେ ଅଭିଯୋଗ ଆଣିଲା ଇଜିପ୍ଟ

ଆଟଲାଣ୍ଟା,୮।୭(ଏଜେନ୍ସି): ଆର୍ଜେଣ୍ଟିନା ବିପକ୍ଷ ପ୍ରି-କ୍ୱାର୍ଟର ଫାଇନାଲରେ ଆମେ ରେଫରୀଙ୍କ ଯୋଗୁଁ ହାରିଲୁ। ରେଫରୀଙ୍କ ଏଭଳି ପକ୍ଷପାତିତା ଏବଂ ତ୍ରୁଟିଯୁକ୍ତ ନିଷ୍ପତ୍ତି ଯୋଗୁଁ ଇଜିପ୍ଟ ଏବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ବଦଳରେ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛି। ଏଥିଲାଗି ଏହି ମ୍ୟାଚ୍ ପରିଚାଳନା କରୁଥିବା ଫ୍ରାନ୍ସ ରେଫରି ଫ୍ରାଙ୍କୋଇସ୍ ଲେଟେଜିୟର ଓ ତାଙ୍କ ପୂରା ଟିମ୍‌କୁ ବିଶ୍ୱକପ୍‌ରୁ ବହିଷ୍କାର କରିବାକୁ ଫିଫା ନିକଟରେ ଅଭିଯୋଗ କରିଛୁ ବୋଲି ଇଜିପ୍ଟ ଫୁଟବଲ ସଂଘ ସଭାପତି ହାନି ଆବୁରିଡା ଏହା କହିଛନ୍ତି। ଏହି ଘଟଣାର ତୁରନ୍ତ ତଦନ୍ତ କରାଯାଉ ଓ ରେଫରୀଙ୍କ



ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଆବୁରିଡା ଦାବି କରିଛନ୍ତି। ତାଙ୍କ ଅଭିଯୋଗ ହେଲା ଗୋଲପୋଷ୍ଟ ଏରିଆରେ ଇଜିପ୍ଟର ହାମଦି ପାଥୀଙ୍କୁ ଆର୍ଜେଣ୍ଟିନାର ଆଲେକ୍ସିସ୍ ମ୍ୟାକ୍ ଆଲିଷ୍ଟର ଟାଣି ତଳେ ପକାଇଦେଇଥିଲେ। ରେଫରିଙ୍କୁ କିନ୍ତୁ ଦେଖାଗଲାନାହିଁ। ଆମ ଖେଳାଳିମାନେ ରେଫରିଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣିଲେନି। ଏହି ଘଟଣାରେ ଆମକୁ ପେନାଲ୍ଟି ମିଳିବା କଥା। କିନ୍ତୁ ଏହା ହୋଇ ନ ଥିଲା। ପୂର୍ବରୁ ମୋସ୍ତାଫା ଜିକୋ ଦେଇଥିବା ଏକ ଗୋଲକୁ ଭିଏଆର ନାକଚ କରିଦେଇଥିଲେ। ଅଭିଯୋଗ ସମାନ ଥିଲା। ଖେଳ ପରେ ଇଜିପ୍ଟ ହେଡ୍ କୋଚ୍ କ୍ରସ୍ ଚିହ୍ନ ଦେଖାଇ ଏହାକୁ ବିରୋଧ କରିଥିଲେ। ତାଙ୍କ ମତରେ ରେଫରି ମେସି ଓ ଆର୍ଜେଣ୍ଟିନାଙ୍କ ପ୍ରତି ଆରମ୍ଭରୁ ଅହେତୁକ ସହାୟତା ଦେଉଥିଲେ। ଯେପରି କି ଆର୍ଜେଣ୍ଟିନା ବିଜୟୀ ହେଉ। ସୂଚନାଯୋଗ୍ୟ ୭୯ ମିନିଟ୍ ଯାଏ ଇଜିପ୍ଟ ୨-୦ ଗୋଲରେ ଆଗୁଆ ରହିଥିଲା। ଏହି ସମୟରେ ୧୩ ମିନିଟ୍ ଖେଳରେ ୩ଟି ଗୋଲ ଦେଇ ଏହି ମୁକାବିଲାକୁ ଆର୍ଜେଣ୍ଟିନା ୩-୨ ଗୋଲରେ ନାଟକୀୟ ଭାବେ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।

# ଆଇସିସି ହଲ୍ ଅଫ୍ ଫେମ୍‌ରେ ଗାଙ୍ଗୁଲି

ହାଇଦରାବାଦ, ୮।୭ (ଏଜେନ୍ସି): ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ବୁଧବାର ୫୪ତମ ଜନ୍ମଦିବସ ପାଳନ କରିଛନ୍ତି। ଏହି ଅବସରରେ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ଗାଙ୍ଗୁଲିଙ୍କୁ ଏକ ସ୍ୱତନ୍ତ୍ର ଉପହାର ଦିଆଯାଇଥିଲା। 'ଆଇସିସି ହଲ୍ ଅଫ୍ ଫେମ'ରେ ଗାଙ୍ଗୁଲିଙ୍କୁ ସାମିଲ କରାଯାଇଛି। ଏହି ମାନ୍ୟତା ପାଇଁ ଗାଙ୍ଗୁଲି ଆଇସିସି ସଭାପତି ଜୟ ଶାହଙ୍କୁ ଧନ୍ୟବାଦ ଜଣାଇଥିଲେ। 'ଆଇସିସି ହଲ୍ ଅଫ୍ ଫେମ୍'ରେ ସ୍ଥାନ ପାଇବାରେ ଗାଙ୍ଗୁଲି ୧୦ ଭାରତୀୟ ପୁରୁଷ କ୍ରିକେଟର ହୋଇଛନ୍ତି। ପୂର୍ବରୁ ବିଶନ



ସିଂହ ବେଦୀ, କପିଳ ଦେବ, ସୁନିଲ ଗାଭାସ୍କର, ଅନିଲ କୁମ୍ବଲେ, ରାହୁଲ ଦ୍ରାବିଡ, ସଚିନ ତେନ୍ଦୁଲକର, ଭିନୁ ମଙ୍କଡ, ବୀରେନ୍ଦ୍ର ସେହୱାଗ ଏବଂ ମହେନ୍ଦ୍ର ସିଂ ଧୋନିଙ୍କ ନାମ ଏହି ସମ୍ମାନଜନକ ତାଲିକାରେ ରହିଛି। ସେହିଭଳି ଏହି ତାଲିକାରେ ଦୁଇ ଭାରତୀୟ ମହିଳା କ୍ରିକେଟର ଡାଏନା ଏଡୁଲଜି ଏବଂ ନୀତୁ ଡେଭିଡ ମଧ୍ୟ ସାମିଲ ରହିଛନ୍ତି।

# ତେଲଙ୍ଗାନାରେ ହେବ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

ହାଇଦରାବାଦ, ୮।୭ (ଏଜେନ୍ସି): ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ (କେଆଇୱାଜି)ର ୮ମ ସଂସ୍କରଣ ଚଳିତ ବର୍ଷ ନଭେମ୍ବରରେ ତେଲଙ୍ଗାନାରେ ଅନୁଷ୍ଠିତ ହେବ। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ ବୁଧବାର ଏହି ସୂଚନା ଦେଇଛନ୍ତି। 'ଜାତୀୟ କ୍ରୀଡ଼ା ଇଭେଣ୍ଟଗୁଡ଼ିକୁ ଦେଶର ସମସ୍ତ ଅଞ୍ଚଳରେ ଆୟୋଜନ କରିବାକୁ ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟ ରହିଛି। ଏହି ଦୃଷ୍ଟିରୁ ତେଲଙ୍ଗାନାକୁ ଏହି ସମ୍ମାନଜନକ ପ୍ରତିଯୋଗିତା ଆୟୋଜନ କରିବାର ଅଧିକାର ମିଳିଛି। ପାଖାପାଖି ୮ ହଜାର କ୍ରୀଡ଼ାବିତ୍ ଓ ସପୋର୍ଟ ଷ୍ଟାଫ୍ ଏହି ସଂସ୍କରଣରେ ଅଂଶଗ୍ରହଣ କରିବେ' ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, କେଆଇୱାଜି'ର ଗତ ସଂସ୍କରଣ ଗତବର୍ଷ ମେ ମାସରେ ବିହାରରେ ଅନୁଷ୍ଠିତ ହୋଇଥିଲା।

**ଆଜି ଚତୁର୍ଥ ଟି-୨୦**

# ସିରିଜ୍ ବଞ୍ଚାଇବା ଲକ୍ଷ୍ୟରେ ଭାରତ

ବ୍ରିଷ୍ଟଲ,୮।୭(ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଚଳିତ ଟି-୨୦ ସିରିଜର ଚତୁର୍ଥ ମ୍ୟାଚ ଗୁରୁବାର ଖେଳାଯିବ। ହ୍ୟାରୀ ବ୍ରୁକଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ସିରିଜରେ ୨-୦ ଅଗ୍ରଣୀ ରହିଛି। ଯଦି ଗୁରୁବାର ମ୍ୟାଚରେ ବିଜୟୀ ହୁଏ ତେବେ ଗୋଟିଏ ମ୍ୟାଚ୍ ବାକିଥାଇ ଦଳ ଆଗୁଆ ସିରିଜ କବଜା କରିନେବ। ତେଣୁ ଭ୍ରମଣକାରୀ ଭାରତୀୟ କ୍ରିକେଟ ଦଳ କିପରି ଘରୋଇ ଦଳକୁ ମୁକାବିଲା କରିବ ତାହାକୁ ନେଇ ଚିନ୍ତାରେ ପଡ଼ିଛି। ଭାରତୀୟ ଦଳର ଏଭଳି ସ୍ଥିତି ପୂର୍ବରୁ କେବେ ହୋଇ ନ ଥିଲା। ବିଶେଷ କରି ଟ୍ରେଣ୍ଟବ୍ରିଜ୍‌ରେ ଖେଳାଯାଇଥିବା ତୃତୀୟ ମ୍ୟାଚ୍‌ରେ ଭାରତୀୟ ବ୍ୟାଟର ଇଂଲଣ୍ଡର ସୁଇଂ, ସର୍ଟପିଚ୍ ଓ ଷ୍ଟମ୍ପ୍ ଉପରେ ରହୁଥିବା ବଲର ଆଦୌ ମୁକାବିଲା କରି ପାରି ନ ଥିଲେ। ଫଳରେ ଦଳ ମାତ୍ର ୭୬ ରନ୍‌ରେ ଅଲଆଉଟ ହୋଇ ୧୨୫ ରନରେ ଲଜ୍ଜାଜନକ ପରାଜୟ ବରଣ କରିବାକୁ ପଡ଼ିଥିଲା। ଟି-୨୦ରେ ଭାରତର ଏହା ସର୍ବବୃହତ୍ ପରାଜୟ। ଏଣୁ ଭାରତ ଏବେ କିପରି ଇଂଲଣ୍ଡ ପରିବେଶରେ ସେମାନଙ୍କ ବୋଲରଙ୍କୁ ମୁକାବିଲା କରିବ ତାହାକୁ ନେଇ ନିଦ ହଜିଯାଇଛି। କୋଚ୍ ଗୌତମ ଗମ୍ଭୀର ହୁଅନ୍ତୁ କିମ୍ବା ଅଧିନାୟକ ଶ୍ରେୟସ ଆୟର, ସମସ୍ତେ ଚିନ୍ତାରେ ପଡ଼ିଛନ୍ତି। ଇଂଲଣ୍ଡ ବିପକ୍ଷ ସିରିଜ୍ ବଞ୍ଚାଇବାକୁ ହେଲେ ଚତୁର୍ଥ ମ୍ୟାଚ୍‌କୁ ଜିତିବା ଜରୁରୀ ହୋଇପଡ଼ିଛି। ଯଦି ଭାରତ ପରାଜୟବରଣ କରେ ତେବେ କ୍ରମାଗତ ଦୁଇଟି ଟି-୨୦ ସିରିଜ ହାରିବ। ଏଥିପୂର୍ବରୁ ଗତ ମାସ ଶେଷ ସପ୍ତାହରେ ଘରୋଇ ଆୟର୍ଲାଣ୍ଡ ନିକଟରୁ ଭାରତ ଲଜ୍ଜାଜନକ ଭାବେ ୨-୦ରେ ସିରିଜ ପରାସ୍ତ ହୋଇଥିଲା।


# ବ୍ୟୁମଣ୍ଟଙ୍କ ଅବସର

ଲଣ୍ଡନ, ୮।୭ (ଏଜେନ୍ସି): ଇଂଲଣ୍ଡ ମହିଳା କ୍ରିକେଟ୍ ଦଳର ବରିଷ୍ଠ ବ୍ୟାଟର୍ ତାମୀ ବ୍ୟୁମଣ୍ଟ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି।



ଶୁକ୍ରବାରଠାରୁ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଭାରତ ବିପକ୍ଷରେ ଆରମ୍ଭ ହେବାକୁ ଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍ ତାଙ୍କ କ୍ୟାରିୟରର ଅନ୍ତିମ ମୁକାବିଲା ହେବ। ୩୫ ବର୍ଷୀୟା ବ୍ୟୁମଣ୍ଟ ଅଦ୍ୟାବଧି ଇଂଲଣ୍ଡ ପାଇଁ ୧୧ ଟେଷ୍ଟ, ୧୪୦ ଦିନିକିଆ ଓ ୧୦୯ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୬୧୨, ୪୭୩୮ ଓ ୧୯୭୫ ରନ ସଂଗ୍ରହ କରିଛନ୍ତି। ହେଥର ନାଇଟ୍‌ଙ୍କ ପରେ ଦ୍ୱିତୀୟ ଇଂଲଣ୍ଡ ମହିଳା କ୍ରିକେଟର୍ ଭାବେ ସେ ତିନୋଟି ଯାକ ଫର୍ମାଟ୍‌ରେ ଶତକ ମାରିବାର ସୌଭାଗ୍ୟ ଲାଭ କରିଛନ୍ତି।

# ୱିମ୍ବଲଡନ: ସେମିରେ ନୋଭାକ୍, ନୋସ୍କୋଭା



ଲଣ୍ଡନ, ୮।୭ (ଏଜେନ୍ସି):

ସର୍ବିୟା ତାରକା ନୋଭାକ ଜୋକୋଭିଚ୍ ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏକ କଷ୍ଟସାଧ୍ୟ କ୍ୱାର୍ଟର ଫାଇନାଲ ମୁକାବିଲାରେ ୭ମ ସିଡ୍ ଜୋକୋଭିଚ୍ ୭-୬ (୧୨/୧୦), ୩-୬, ୬-୩, ୬-୭ (୪/୭), ୭-୬ (୧୦/୪) ସେଟରେ କାନାଡାର ଫେଲିକ୍ସ ଆଗୁଏର-ଆଲିଆସିମେଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍ ଜିତିବାକୁ ଜୋକୋଭିଚଙ୍କୁ ୫ ଘଣ୍ଟା ୧୫ ମିନିଟ୍ ସମୟ ଲାଗିଥିଲା। ୱିମ୍ବଲଡନ ଇତିହାସର ଏହା ସର୍ବାଧିକ ସମୟ ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍ ହୋଇଛି। ଯେଉଁଥିରେ ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ଜୋକୋଭିଚ୍ ଅଳ୍ପକେ ପରାଜୟରୁ ବର୍ତ୍ତିଯାଇଛନ୍ତି। ଗୁରୁବାର ଖେଳାଯିବାକୁ ଥିବା ସେମିଫାଇନାଲରେ ଜୋକୋଭିଚ୍‌ଙ୍କ ମୁକାବିଲା ଡିଫେଣ୍ଡିଂ ଚାମ୍ପିଅନ ତଥା ଟପ୍ ସିଡ୍ ଜାନିକ ସିନ୍ନରଙ୍କ ସହ ହେବ। ସିନ୍ନର ଓ ଜୋକୋଭିଚ୍‌ଙ୍କ ମଧ୍ୟରେ ମୋଟ୍ ଉପରେ ୧୧ଥର ଲଢ଼େଇ ହୋଇଛି। ଯେଉଁଥିରେ ଜୋକୋଭିଚ ୫ଟି ମ୍ୟାଚରେ ବିଜୟ ସ୍ୱାଦ ଚାଖିଛନ୍ତି।

ଅପରପକ୍ଷରେ ମହିଳା ବିଭାଗରେ ଚେକ ଗଣରାଜ୍ୟର ଲିଣ୍ଡା ନୋସ୍କୋଭା ଏଠାରେ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ୯ମ ସିଡ୍ ନୋସ୍କୋଭା ୬-୩, ୭-୫ ସିଧାସଳଖ ସେଟରେ ବେଲ୍‌ଜିୟମର ଏଲିସେ ମର୍ଟେନ୍ସଙ୍କୁ ହରାଇଥିଲେ। ଫଳରେ ନୋସ୍କୋଭା କ୍ୟାରିୟରର ପ୍ରଥମଥର ଲାଗି କୌଣସି ଗ୍ରାଣ୍ଡସ୍ଲାମ ସେମିଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ୨୧ ବର୍ଷୀୟା ନୋସ୍କୋଭା ଗୁରୁବାର ସେମିଫାଇନାଲରେ ୟୁକ୍ରେନର ମାର୍ଟା କୋସ୍ତ୍ୟୁକଙ୍କୁ ଭେଟିବେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS